DIGITAL EDITION

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୯ Vol. 22 No-19 19 APRIL 2025 SATURDAY BHUBANESWAR ଶନିବାର, ୧୯ ଏପ୍ରିଲ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦






ସୁହାଗ ଚଳଚ୍ଚିତ୍ରକୁ ପ୍ରଶଂସା | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ରଜନୀକାନ୍ତଙ୍କ 'କୁଲି'ରେ ଅମୀରଙ୍କ ଏଣ୍ଟ୍ରି | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୯ | Vol. 22 No-19 | 19 APRIL 2025 SATURDAY BHUBANESWAR | ଶନିବାର, ୧୯ ଏପ୍ରିଲ୍ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ଓଡ଼ିଶାରେ ପ୍ରଧାନମନ୍ତ୍ରୀଙ୍କ ଦୁଇ ପ୍ରମୁଖ ସଚିବ

ଭୁବନେଶ୍ୱର,୧୮।୪(ଭାସ୍କର ନ୍ୟୁଜ): ଓଡ଼ିଶାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇ ପ୍ରମୁଖ ସଚିବ । ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ-୨ ଶକ୍ତିକାନ୍ତ ଦାସ ଭୁବନେଶ୍ୱରରେ ପହଞ୍ଚିଥିବାବେଳେ ଶୁକ୍ରବାର ଅପରାହ୍ନରେ ପହଞ୍ଚିଛନ୍ତି ପ୍ରମୁଖ ସଚିବ ପି.କେ.ମିଶ୍ର। ସୂଚନା ଅନୁଯାୟୀ ଏହି ଦୁଇ ପ୍ରମୁଖ ସଚିବ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଶ୍ରୀ ଦାସ ଶନିବାର ଘଟଗାଁ ତାରିଣୀ ପୀଠକୁ ଯାଇ ମା ତାରିଣୀଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ● ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ରୀୟ ଡେପୁଟେସନରେ ଯିବେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ

ଭୁବନେଶ୍ୱର,୧୮।୪(ଭାସ୍କର ନ୍ୟୁଜ): ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅତିରିକ୍ତ ମୁଖ୍ୟ ଶାସନସଚିବ ଭାବେ କାର୍ଯ୍ୟରତ ନିକୁଞ୍ଜ ବିହାରୀ ଧଳ କେନ୍ଦ୍ରୀୟ ଡେପୁଟେସନରେ ଯିବେ। ୧୯୯୩ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଶ୍ରୀ ଧଳଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଆସନ୍ତା ଜୁଲାଇ ୧ ତାରିଖରେ କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ରାଜ୍ୟରେ ସରକାର ବଦଳିବା ପରେ ଶ୍ରୀ ଧଳଙ୍କୁ ଗତବର୍ଷ ଜୁନ୍ ମାସରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନସଚିବ ଭାବେ ନିଯୁକ୍ତି ଦିଆଯାଇଥିଲା। ● ପୃଷ୍ଠା ୫ ଦେଖନ୍ତୁ

## କାଳ ସାଜିଛି କାଳବୈଶାଖୀ

# ବର୍ଷିଲା, ଭାଙ୍ଗିଲା, ଉଡ଼େଇଲା





- ଦକ୍ଷିଣ, ଉତ୍ତର ଓଡ଼ିଶାରେ ସ୍ଥିତି ସଙ୍ଗୀନ
- ଉପକୂଳର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି
- ଗଛ ଭାଙ୍ଗି ରାସ୍ତା ଅବରୋଧ
- ବିଦ୍ୟୁତ ଖୁଣ୍ଟ ଉପୁଡ଼ି ହସ୍ପିଟାଲ ଅନ୍ଧାର
- ଭୁବନେଶ୍ୱରରେ ମଧ୍ୟ ପବନ ସହ ବର୍ଷା
- ବଜ୍ରପାତରେ ୨ଜଣଙ୍କର ମୃତ୍ୟୁ
- ଆହୁରି ତିନିଦିନ ଜାରି ରହିବ କାଳବୈଶାଖୀ

ଭୁବନେଶ୍ୱର,୧୮।୪(ଭାସ୍କର ନ୍ୟୁଜ): କାଳ ପାଲଟିଛି କାଳବୈଶାଖୀ। ଗତ ଦୁଇଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଲାଗି ରହିଥିବାବେଳେ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ସୂଚନା ମିଳିଛି। ଦକ୍ଷିଣ, ଉତ୍ତର ଓଡ଼ିଶା ସହ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ତାଣ୍ଡବ ରଚିଛି। ଶୁକ୍ରବାର ଅପରାହ୍ନରେ ଗଜପତି ଜିଲ୍ଲା ମୋହନା ଓ ଆର.ଉଦୟଗିରିରେ କାଳବୈଶାଖୀ ବର୍ଷା ସହ କୁଆପଥର ମାଡ଼ ହୋଇଥିବା ସୂଚନା ମିଳିଛି। ଆର.ଉଦୟଗିରିରେ ପ୍ରବଳ ପବନ ବୋହିବାରୁ ରାମଗିରିଠାରେ ଥିବା ଯୁବକସଂଘର ଘର ସମେତ ବହୁ ଆଜବେଷ୍ଟସ୍ ଓ ଟିଣ ଛପର ଘର ଉଡିଯାଇଛି। ସେହିପରି ମୋହନା ବ୍ଲକର ଲିଲିଗଡ଼ ପଞ୍ଚାୟତ ଡେଙ୍ଗାଆମ୍ବ ଗାଁରେ କାଳବୈଶାଖୀ ବ୍ୟାପକ କ୍ଷୟକ୍ଷତି ଘଟାଇଛି। କୋରାପୁଟର ଲକ୍ଷ୍ମୀପୁର ବ୍ଲକରେ ମଧ୍ୟ କାଳବୈଶାଖୀ ବର୍ଷା ଓ ପବନ ଯୋଗୁ ଗଛ ଉପୁଡ଼ିବା ସହ ଲକ୍ଷ୍ମୀପୁରରେ ମୁତ୍ୟାଲୋମାଙ୍କ ଘଣ୍ଟଯାତ୍ରା ପାଇଁ ପଡ଼ିଥିବା ମୀନାବଜାର ସଂପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ସେହିପରି ନବରଙ୍ଗପୁର ଜିଲ୍ଲା ଝରିଗାଁରେ ମଧ୍ୟ କାଳବୈଶାଖୀ ତାଣ୍ଡବ ରଚିଛି। ଝରିଗାଁ ସଦରମହକୁମା ଶିରିଗୁଡ଼ା ସାହିଠାରେ ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ଦୀର୍ଘ ସମୟଧରି ଗାଡ଼ି ଚଳାଚଳ ମଧ୍ୟ ଠପ୍ ହୋଇଯାଇଥିଲା। ସେହିପରି ଜଗନ୍ନାଥ ମନ୍ଦିର ନିକଟରେ ମଧ୍ୟ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିବା ସୂଚନା ମିଳିଛି। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇରେ କାଳବୈଶାଖୀ ପବନ ଯୋଗୁ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିବାରୁ ସମଗ୍ର ଅଞ୍ଚଳ ସହ ହସ୍ପିଟାଲ ଅନ୍ଧାରରେ ରହିଛି। ବଜ୍ରପାତରେ ଦୁଇଜଣଙ୍କର ମୃତ୍ୟୁ ଘଟିଛି। ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ କେତକୀପାଟଣା ● ପୃଷ୍ଠା ୫ ଦେଖନ୍ତୁ

## ମସ୍କଙ୍କ ସହ କଥା ହେଲେ ମୋଦୀ

# ଟେକ୍ନୋଲୋଜି, ଇନୋଭେସନ କ୍ଷେତ୍ରକୁ ଗୁରୁତ୍ୱ

ନୂଆଦିଲ୍ଲୀ,୧୮।୪: ଟେସ୍‌ଲା ଏବଂ 'ସ୍ପେସ୍ ଏକ୍ସ'ର ସିଇଓ ଏଲନ ମସ୍କଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋଚନା କରିଛନ୍ତି। ଶୁକ୍ରବାର ହୋଇଥିବା ଏହି ଆଲୋଚନାରେ ଉଭୟପକ୍ଷ ମଧ୍ୟରେ ଟେକ୍ନୋଲୋଜି ଏବଂ ଇନୋଭେସନ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଥିବା ସୂଚନା ମିଳିଛି। ଆଲୋଚନା ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଭାରତ ଓ ଆମେରିକା ମଧ୍ୟରେ ସହଯୋଗକୁ ସୁଦୃଢ କରିବା ପାଇଁ ପରସ୍ପର ମଧ୍ୟରେ ବେଶ୍ ଆଗ୍ରହ ରହିଛି। ଗୋଟିଏ ପଟେ ଟେସ୍‌ଲା ● ପୃଷ୍ଠା ୫ ଦେଖନ୍ତୁ




# ଭଗବତ୍ ଗୀତା, ନାଟ୍ୟଶାସ୍ତ୍ରକୁ ମିଳିଲା ୟୁନେସ୍କୋ ମାନ୍ୟତା

ନୂଆଦିଲ୍ଲୀ,୧୮।୪ : ଭାରତର ସାଂସ୍କୃତିକ ଓ ଦାର୍ଶନିକ ଐତିହ୍ୟକୁ ଏକ ଐତିହାସିକ ସ୍ୱୀକୃତି ଭାବେ ଭଗବଦ୍ ଗୀତା ଏବଂ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ୟୁନେସ୍କୋର ମେମୋରୀ ଅଫ୍ ଦି ୱାର୍ଲଡ ରେଜିଷ୍ଟରରେ ସ୍ଥାନ ପାଇଛି। ଏହି ଘୋଷଣାକୁ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଅଟେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ "ବିଶ୍ୱର ପ୍ରତ୍ୟେକ ଭାରତୀୟ ପାଇଁ ଗର୍ବର ମୁହୂର୍ତ୍ତ" ବୋଲି ଅଭିହିତ କରିଛନ୍ତି। ଗୀତା ଏବଂ ନାଟ୍ୟଶାସ୍ତ୍ରର ୟୁନେସ୍କୋର ମେମୋରୀ ଅଫ୍ ଦି ୱାର୍ଲଡ ରେଜିଷ୍ଟରରେ ସାମିଲ ହେବା

**ଗର୍ବର ମୁହୂର୍ତ୍ତ କହିଲେ ପ୍ରଧାନମନ୍ତ୍ରୀ**

ଆମର ଅନନ୍ତ ଜ୍ଞାନ ଓ ସମୃଦ୍ଧ ସଂସ୍କୃତିର ବିଶ୍ୱବ୍ୟାପୀ ସ୍ୱୀକୃତି। ଭଗବଦ୍ ଗୀତା ଏବଂ ନାଟ୍ୟଶାସ୍ତ୍ର ଶତାବ୍ଦୀ ଧରି ସଭ୍ୟତା ଓ ଚେତନାକୁ ପୋଷଣ କରିଆସୁଛି। ଏହାର ଅନ୍ତର୍ଦୃଷ୍ଟି ବିଶ୍ୱକୁ ପ୍ରେରଣା ଦେଉଛି," ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କେନ୍ଦ୍ରୀୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କ ଏକ ପୋଷ୍ଟକୁ ରିଟ୍ୱିଟ କରିଛନ୍ତି, ଯିଏ ପ୍ରଥମେ ଏହି ସମ୍ମାନର ଖବର ସେୟାରର କରିଥିଲେ। ଶେଖାୱତ ଏହି ଘଟଣାକୁ "ଭାରତର ସାଭ୍ୟତା ଐତିହ୍ୟ ପାଇଁ ● ପୃଷ୍ଠା ୫ ଦେଖନ୍ତୁ







ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କୁଜଙ୍ଗ(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପଗଡ ଗ୍ରାମ ପଞ୍ଚାୟତରେ ଥିବା ୧୧ ଗୋଟି ରାଜସ୍ୱ ଗ୍ରାମରେ ସମସ୍ତ ରେସନ କାର୍ଡ ହିତାଧୀକାରୀଙ୍କୁ ଆୟୁଷ୍ମାନ ଭାରତ ଯୋଜନା କାର୍ଡ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ସର୍ସ୍ମିତା ବେହେରା ଯୋଗଦେଇ ଆୟୁଷ୍ମାନ ଭାରତ କାର୍ଡ ରେ ମିଳିବାକୁ ଥିବା ସୁବିଧା, ସୁଯୋଗ ସଂମ୍ପର୍କରେ ହିତାଧୀକାରୀ ମାନଙ୍କୁ ବୁଝାଇଥିଲେ ଓ ପରେ ପରେ ଉପସ୍ଥିତ ଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଜନସେବା କେନ୍ଦ୍ରର ପରିଚାଳକ ସରୋଜ କୁମାର ସାହୁ ଓ ତପନ କୁମାର ମହାପାତ୍ର, ଆଶାକର୍ମୀ ଲତିକା ବେହେରା, ବିଚିତ୍ର ପ୍ରଧାନ, ୱାର୍ଡ ସଭ୍ୟା ରେବତୀ ସ୍ୱାଇଁ, ଗୋଲାପି ବେହେରା, ହେମଲତା ଖଟୁଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



# ଟାଟା ଷ୍ଟିଲ୍ ମେଡିକାର ନୂତନ ସିଟି ସେଣ୍ଟର ଉଦ୍‌ଘାଟିତ

## ଆତ୍ୟାଧୁନିକ ଚିକିତ୍ସା ସୁବିଧା ପାଇବେ ସ୍ଥାନୀୟ ଲୋକେ




ବ୍ୟାସନଗର(ଭାସ୍କର ନ୍ୟୁଜ୍): ଯାଜପୁର ରୋଡ୍‌ର କନ୍ହେଇପୁର ଠାରେ 'ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲର ନୂତନ ସିଟି ସେଣ୍ଟର'ର ଉଦଘାଟନ ସହ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ ନିଜର ସେବା ପରିସର ବିସ୍ତାର କରିଛି। ଏହି ନୂତନ ସେଣ୍ଟର ସ୍ଥାନୀୟ ଲୋକଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପ୍ରଦାନ କରିବାରେ ସହାୟକ ହେବ। ଟାଟା ଷ୍ଟିଲର କର୍ପୋରେଟ୍ ସର୍ଭିସେସ୍ ଉପାଧ୍ୟକ୍ଷ ତଥା ମେଡିକା ଟିଏସ୍ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ଚାଣକ୍ୟ ଚୌଧୁରୀ ଏହି ସିଟି ସେଣ୍ଟରକୁ ଉଦଘାଟନ କରିଥିଲେ। ଏହି ଅବସରରେ ନୀଳାଚଳ ଇସ୍ପାତ ନିଗମର ଏମ୍‌ଡି ତଥା ସିଇଓ ସୁଧୀର କୁମାର ମେହେଟ୍ଟା, ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ)ର ମେକାନିକାଲ ମେଣ୍ଟେନାନ୍ସ ମୁଖ୍ୟ ଶଙ୍କର ବିଶ୍ୱାସ, ଟିଏସକେର କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ଦେବଦୂତ ମହାନ୍ତି ଓ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲର ସିଇଓ ଡାକ୍ତର ସନ୍ତୋଷ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ବରିଷ୍ଠ ଅଧିକାରୀ ଓ ଟାଟା ଷ୍ଟିଲ ମେଡିକା ହସ୍ପିଟାଲର ଡାକ୍ତରମାନେ ମଧ୍ୟ ଉପସ୍ଥିତ ଥିଲେ। ଟାଟା ଷ୍ଟିଲ ମେଡିକା ସିଟି ସେଣ୍ଟରରେ କ୍ରିଟିକାଲ କେୟାର ମେଡିସିନ, ଜେନେରାଲ ମେଡିସିନ, ଜେନେରାଲ ଆଣ୍ଡ ଜିଆଇ ସର୍ଜରୀ, ପ୍ଲାଷ୍ଟିକ ସର୍ଜରୀ, ପ୍ରସୂତି ଓ ସ୍ତ୍ରୀ ରୋଗ, ଶିଶୁ ରୋଗ, ନ୍ୟୁରୋ ସାଇନ୍ସ, ଅର୍ଥୋପେଡିକ୍ସ, ନେଫ୍ରୋଲୋଜି, ଡେଣ୍ଟିଷ୍ଟ୍ରି, ଇଏନଟି, ରେଡିଓଲୋଜି, ପାଥୋଲୋଜି ସମେତ ଏକ ଫାର୍ମାସି ସମେତ ବ୍ୟାପକ ଚିକିତ୍ସା ସୁବିଧା ପାଇପାରିବେ। ୨୦୨୫ ମେ ପହିଲାରୁ ଏହି ସେଣ୍ଟର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏପ୍ରିଲ ୨୫ ରୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ରୋଗୀଙ୍କୁ ମାଗଣା ଡାକ୍ତରୀ ପରାମର୍ଶ ଯୋଗାଇ ଦିଆଯିବ। ସିଟି ସେଣ୍ଟର କଳିଙ୍ଗନଗରରେ ସ୍ଥାପିତ ଟାଟା ଷ୍ଟିଲ ମେଡିକା ହସ୍ପିଟାଲର ଏକ ସମ୍ପ୍ରସାରଣ, ଯାହା ଗୁଣାତ୍ମକ ଚିକିତ୍ସା ସୁବିଧା ଏବଂ ରୋଗୀ-କେନ୍ଦ୍ରୀତ ଆଭିମୁଖ୍ୟ ଉପରେ ଅତୁଟ ଧ୍ୟାନ ଦେବାରେ ଏକ ଖ୍ୟାତି ଅର୍ଜନ କରିଛି। ଉନ୍ନତ ଅସ୍ତ୍ରୋପଚାର ପଦ୍ଧତି ଏବଂ ବ୍ୟାପକ ନିଦାନ ସେବାକୁ ଅନ୍ତର୍ଭୁକ୍ତ କରି ଏହି ହସ୍ପିଟାଲ ସାମଗ୍ରିକ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ବେଶ ଜଣାଶୁଣା। ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ୍ ଅତୁଳନୀୟ ଚିକିତ୍ସା ସେବା ପ୍ରଦାନ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଗତି ଆଣିବା ଓ ସାଧାରଣ ଲୋକଙ୍କୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଅଛି, ଯାହା ରୋଗୀ ଓ ସମ୍ପୂର୍ଣ୍ଣ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବ।

# କାହା ସ୍ୱାର୍ଥରେ ଆବର୍ଜନା କୁଣ୍ଡ ?

## ବୋଲଗଡରେ ଫେଲ୍ ମାରିଛି ସ୍ୱଚ୍ଛ ଭାରତ ମିଶନ



ବୋଲଗଡ(ଭାସ୍କର ନ୍ୟୁଜ୍): ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ପ୍ରତି ପଞ୍ଚାୟତରେ ନିର୍ମାଣ ହୋଇଥିବା ଆବର୍ଜନା କୁଣ୍ଡ ସଫା ନ ହେବା ଫଳରେ କୁଢ଼ କୁଢ଼ ଅଳିଆ ଓ ଆବର୍ଜନା ଫୁଲ ହୋଇ କୁଣ୍ଡ ଚାରି ପାର୍ଶ୍ୱର ଏଣେ ତେଣେ ପଡି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହିତ ସଂକ୍ରମିତ ରୋଗ ହେବାର ଆଶଙ୍କା ଦେଖାଦେଇଛି। ଆଉ କିଛି ଆବର୍ଜନା କୁଣ୍ଡ ନିମ୍ନମାନ ନିର୍ମାଣ କାର୍ଯ୍ୟ ଯୋଗୁଁ ମାଟିରେ ମିଶିଲାଣି। ଗ୍ରାମାଞ୍ଚଳମାନଙ୍କରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ଗାଁ ଗାଁରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ଆବର୍ଜନା କୁଣ୍ଡ ଗୃହ ନିର୍ମାଣ କରାଯାଇଛି। ପ୍ରତ୍ୟେକ ସାହି ବା ଗ୍ରାମରୁ ଆବର୍ଜନା ସଂଗ୍ରହ କରିବା ପାଇଁ ପ୍ରତି ପଞ୍ଚାୟତକୁ ଆବର୍ଜନା ସଂଗ୍ରହ ଟ୍ରଲି ଯୋଗାଇ ଦିଆଯାଇଛି। ଟ୍ରଲି ବ୍ୟବହାର ନ ହୋଇ ନଷ୍ଟ ହେବାକୁ ଲାଗିଲାଣି। ହେଲେ ଏହି ଯୋଜନା ବୋଲଗଡ଼ ବ୍ଲକରେ ଫେଲ୍ ମାରିଛି। ଏହାର ବ୍ୟତିକ୍ରମ ନେଇ ପଞ୍ଚାୟତରେ ଆବର୍ଜନା ସଂଗ୍ରହ କରାଯାଉ ନଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀଙ୍କ ମନମାନୀ ଯୋଗୁଁ ରକ୍ଷଣାବେକ୍ଷଣ ଅଭାବକୁ ନେଇ ଆବର୍ଜନା ସଂଗ୍ରହ ଓ ପୃଥକୀକରଣ ନିମନ୍ତେ ବିଭିନ୍ନ ସ୍ଥାନରେ ନିର୍ମାଣଧୀନ ଗୃହ ଗୁଡ଼ିକ ବ୍ୟବହାର ପୂର୍ବରୁ ଏବେ ମାଟିରେ ମିଶିଲାଣି। ପୂର୍ବରୁ ନିର୍ମାଣ ହୋଇଥିବା ଘରର ଲୁହା ଯାଙ୍ଗେଲ ଓ ଆଜବେଷ୍ଟସ ଛପର ଗୁଡ଼ିକୁ ଭାଙ୍ଗି ଖୋଲି ନିଆଗଲାଣି। । ଏହି ଗୃହ ନିର୍ମାଣ ନିମନ୍ତେ ଦେଢ଼ ଲକ୍ଷ ଟଙ୍କା ଅନୁଦାନ ରହୁଛି। ଯାହାଦ୍ୱାରା କେନ୍ଦ୍ର ସରକାରଙ୍କ ଏଭଳି ଲୋକାଭିମୁଖୀ ଯୋଜନା ଫେଲ୍ ମାରିଥିବା ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ଏହି ଆବର୍ଜନା କୁଣ୍ଡ ଗୁଡ଼ିକ ଏବେ ଭାଙ୍ଗିରୁଜି ମାଟିରେ ମିଶୁଥିବା ବେଳେ ବାସ୍ତବରେ ଏହି ଯୋଜନା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭାଗୀୟ ବ୍ଲକ କନିଷ୍ଠ ଯନ୍ତ୍ରୀ ଶାଶ୍ୱତି ଜେନା ଦୀର୍ଘ ୧୦ ବର୍ଷ ରୁ ଅଧିକ ଗାଦୀ ମାଡି ବସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଥିବା ବେଳେ ମନମାନୀ କାର୍ଯ୍ୟ ଏବେ ପାଦରେ ପଡିଛି। ଏଥି ପ୍ରତି ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ମାନେ ଅନୁରୋଧ କରିଅଛନ୍ତି ।

## ମଝି ଚିଲିକାରେ ଅଟକିଲା ଯାତ୍ରୀବାହୀ ଡ଼ଙ୍ଗା

କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ଦେଉଳପଡ଼ାଳ ଠାରେ ଚାଲିଥିବା ପଣାଯାତ୍ରା ଦେଖିବା ପାଇଁ ଡ଼ଙ୍ଗାରେ ଖଚାଖଚ ଭିଡ଼। ସାତପଡା ଠାରୁ ଜହ୍ନିକୁଦା ପାରାହେବାକୁ ଆଠ କିଲୋମିଟର ଚିଲିକା ପାର ହେବାକୁ ବିପଦ ସଂକୁଳ ଭାବେ ଗୋଟିଏ ଡ଼ଙ୍ଗାରେ ସତୁରି ଜଣ ଯାତ୍ରୀ



ସାଙ୍ଗକୁ ତିରିଶ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଯାତ୍ରୀବାହୀ ଡ଼ଙ୍ଗାଟି ଦୁଇ ଘଣ୍ଟା ଧରି ଚିଲିକା ମଝିରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଟକିଥିଲା। କାହା ପାଖରେ ଲାଇଫ ଜ୍ୟାକେଟ ନଥିବାବେଳେ ବିପଦ ସଂକୁଳରେ ଜୀବନକୁ ବାଜି ଲଗାଇ ଚିଲିକାରେ ଯାତ୍ରା କରୁଛନ୍ତି ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବିହେଉଛି ।

# ୪୨ ମୌଜାରେ ପ୍ରସ୍ତାବିତ ଦମକଳ କେନ୍ଦ୍ର ଖୋଲାଯିବା ପାଇଁ ବୈଠକ




ଫୁଲନଖରା(ଭାସ୍କର ନ୍ୟୁଜ୍): ୪୨ମୌଜା ଅଞ୍ଚଳବାସୀଙ୍କ ପକ୍ଷରୁ ତଥା ରାଜ୍ୟ ସରକାରଙ୍କ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଗତ ୨୩ ମେ ୨୦୨୩ରେ ବେଣ୍ଟକାର ଗ୍ରାମ ପଞ୍ଚାୟତ ଅଫିସ୍ ପ୍ରାଙ୍ଗଣରେ ୪୨ମୌଜାରେ ଦମକଳ କେନ୍ଦ୍ର ଖୋଲାଯିବା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କଟକ ସହରରୁ ୪୨ମୌଜାକୁ ସଂଯୋଗ ହୋଇଥିବା ବ୍ରିଜକୁ ମିଶାଇ ସର୍ବମୋଟ ଚାରିଗୋଟି ବ୍ରିଜ୍ ଚତୁର୍ପାଶ୍ୱକୁ ସଂଯୋଗ ହୋଇଅଛି। ୪୨ ମୌଜାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ହେଲେ ୪୨ ମୌଜାର ୬ ଗୋଟି ପଞ୍ଚାୟତର ୫୦ହଜାରରୁ ଉର୍ଦ୍ଧ୍ୱ ଅଧିବାସୀ ଉପକୃତ ହେବାସହ ଚାରି ଗୋଟି ବ୍ରିଜ ଥିବାରୁ ଚତଃପାର୍ଶ୍ୱରେ ଥିବା ଅଞ୍ଚଳବାସୀ ବିଶେଷ ଉପକୃତ ହେବେବୋଲି ଉପସ୍ଥିତ ଅଧିକାରୀ ମାନେ ହୃଦୟଙ୍ଗମ କରିଥିଲେ। ବୈଠକରେ କଟକ ଜିଲ୍ଲା ଉପ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର, ଚାଉଳିଆଗଞ୍ଜ ଦମକଳ କେନ୍ଦ୍ର ଅଧିକାରୀ ବିକାଶ ଚନ୍ଦ୍ର ସାହୁଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଛଅ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା, ଛଅ ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସମାଜସେବୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତା ଓ ସାମ୍ବାଦିକ ବନ୍ଧୁମାନେ ଉପସ୍ଥିତ ଥିଲେ। ଦମକଳ କେନ୍ଦ୍ର ସ୍ଥାନ ନିରୂପଣ ପାଇଁ ବିଭିନ୍ନ କ୍ଷେତ୍ର ପରିଦର୍ଶନ ପରେ ବେଣ୍ଟକାର ଛକର ନିକଟରେ ପ୍ରସ୍ତାବିତ ଦମକଳ କେନ୍ଦ୍ରପାଇଁ ଆବଶ୍ୟକୀୟ ସଂରକ୍ଷିତ ଭିତ୍ତିଭୂମି ଥିବା ସ୍ଥାନକୁ ବିଭାଗୀୟ ଅଧିକାରୀ ମାନେ ବିହିତ ତନଖି କରିବା ପରେ ସନ୍ତୋଷ ପ୍ରକାଶ କରି ଚିହ୍ନଟ କରିଥିଲେ। ତଦନ୍ତ ସମୟରେ ୪୨ମୌଜା ଥାନା ଅଧିକାରୀଙ୍କ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ୪୨ ମୌଜା ଅଞ୍ଚଳବାସୀଙ୍କ ବହୁ ପ୍ରତିକ୍ଷିତ ଦମକଳ କେନ୍ଦ୍ର ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବ୍ରହ୍ମପୁର ସରପଞ୍ଚ ରବି ନାରାୟଣ ପ୍ରଧାନ, ଦଧିବାମନପୁର ସରପଞ୍ଚ ସୁମିତ୍ରା ଗୋଚ୍ଛାୟତ, ବେଣ୍ଟକାର ସରପଞ୍ଚ ଶିବ ଶଙ୍କର ମଲ୍ଲିକ, ଝାରକଟା ସରପଞ୍ଚ ଶିଶିର ରାଉତ, କଳପଡ଼ା ସରପଞ୍ଚ ସବିତା ମାଝୀ, କୁଳସରିଚୁଆଁ ସରପଞ୍ଚ ବନମାଳି ବିହାରୀ, ୬ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ସସ୍ମିତା ମହାର୍ଥା, ୪୨ମୌଜା ବିକାଶ ପରିଷଦ ସଭାପତି ଆଡଭୋକେଟ୍ କେଶବ ଚନ୍ଦ୍ର କର, ଶାନ୍ତି କମିଟି ସଭାପତି ଶରତ ଚନ୍ଦ୍ର ରାୟ, ପୂର୍ବତନ ସରପଞ୍ଚ ବିଦ୍ୟାଧର ପାତ୍ର, ବିକ୍ରମ କେଶରୀ ଆଚାର୍ଯ୍ୟ, ତ୍ରିଲୋଚନ ଦଳାଇ, ପ୍ରବେଶ ରାଉତ, ଯାଦବ ମହାସଭା ସଭାପତି ବରିଷ୍ଠ ସାମ୍ବାଦିକ ବୁଲେଇ ବେହେରା, ପ୍ରକୃତି ବନ୍ଧୁ ନବ କିଶୋର ପଣ୍ଡା, ପ୍ରାଧାପକ ଡ଼ଃ ସେକ୍ କଲିମୁଲା, ଦଳିତ ମହାସଂଘ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ, ଶିକ୍ଷାବିତ୍ ଗଣେଶ୍ୱର ଦାଶ, ସମାଜସେବୀ ସନ୍ତୋଷ କୁମାର ପତି, ବସନ୍ତ କୁମାର ପଣ୍ଡା, ଅନିଲ କୁମାର ଦାସ, ପୀୟୂଷ ରଞ୍ଜନ ପରିଡ଼ା, ଦୁର୍ଗା ଚରଣ ପ୍ରଧାନ, ସୁଧାଂଶୁ ମୋହନ ଦାସ, ଭଗବତି ପ୍ରସାଦ ପତି, ବିନୋଦ ବେହେରା, ପ୍ରଭାତ କୁମାର ଖଟୁଆ , ବାବାଜୀ ମହାନ୍ତି, ନାରାୟଣ ଚନ୍ଦ୍ର ମହାନ୍ତି, ପଦ୍ମଲାଭ ଗୋଚ୍ଛାୟତ, ଦୁଷ୍ମନ୍ତ କୁମାର ନନ୍ଦ, ଦୀପକ କୁମାର ଆଚାର୍ଯ୍ୟ, ରୁଦ୍ର ନାରାୟଣ ଦାସ, ଅସୀମ ଦାସ, ସୁକାନ୍ତ କୁମାର ବେଉରା, ନିରଞ୍ଜନ ଆଚାର୍ଯ୍ୟ, ଦୀପ୍ତି ରଞ୍ଜନ ଶତପଥି, ଅଜୟ କୁମାର ଦଳାଇ, ଅଶୋକ କୁମାର ପତି, ସୁଧୀର କୁମାର ଶତପଥୀ, ସୁମିତ୍ରା ଦେବତା ବିଷ୍ଣୁ ଚରଣ ଦାଶ, ପ୍ରସନ୍ନ ବେହେରା, ଶୁଭନ୍ୟାସ ମହାନ୍ତି, ମାନଗୋବିନ୍ଦ ପଣ୍ଡା, ବାଉରୀ ବନ୍ଧୁ ସ୍ୱାଇଁ, ରବୀନ୍ଦ୍ର କୁମାର ଦେବତା ଓ ଚିତ୍ରସେନ ଦାସ ପ୍ରଭୃତି ସହସ୍ରାଧିକ ଅଞ୍ଚଳବାସୀ ଦୃଢ଼ ଦାବି ଜଣାଇଛନ୍ତି ।

# ବରିଷ୍ଠ କଂଗ୍ରେସ ନେତ୍ରୀଙ୍କ ଦେହାନ୍ତରେ ଶୋକ

ଢେଙ୍କାନାଳ (ଭାସ୍କର ନ୍ୟୁଜ) ସ୍ଥାନୀୟ ଟାଉନ୍ ହଲ୍ ନିକଟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଶାନ୍ତାବାଳାଜୀ ଙ୍କ ଦେହାନ୍ତରେ ଜିଲ୍ଲା କଂଗ୍ରେସ ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସ କମିଟି ତରଫରୁ ସଭାପତି ସୁନୀଲ ଦାଶଙ୍କ ସଭାପତିତ୍ୱରେ ଏକ ଶୋକସଭା ଆୟୋଜିତ ହୋଇଥିଲା । କଂଗ୍ରେସ ତରଫରୁ ସୁନୀଲ ଦାଶ ଏବଂ ଅନ୍ୟ ସଦସ୍ୟଗଣ ଶାନ୍ତାବାଳାଙ୍କ କାମାକ୍ଷାନଗରସ୍ଥିତ ବାସଭବନରେ ପହଞ୍ଚି ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ । ସଂଧ୍ୟାରେ ଆୟୋଜିତ ଶୋକସଭାରେ ଦିବଂଗତ ଆତ୍ମାର ସଦଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ଓ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଶାନ୍ତାବାଳାଙ୍କର ବଳିଷ୍ଠ ନେତୃତ୍ୱ, ସାଙ୍ଗଠନିକ ଦକ୍ଷତା, ପ୍ରଭାବଶାଳୀ ଭାଷଣ ଆଦି ଥିବା ପ୍ରତିଭା ସମ୍ପର୍କରେ ସଭାସଦ୍ ବର୍ଣ୍ଣନା କରିଥିଲେ । ସେ ୧୯ ନିର୍ବାଚନରେ କଂଗ୍ରେସର କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରୁ ବିଧାନସଭା ପ୍ରାର୍ଥୀ ହୋଇଥିଲେ । ତାଙ୍କର ଦେହାନ୍ତ ଜିଲ୍ଲା କଂଗ୍ରେସ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କଂଗ୍ରେସ ଗଣମାଧ୍ୟମକୁ ଜଣାଇଛି । ସଭାରେ ବରିଷ୍ଠ ନେତା ବିପ୍ରଚରଣ ସାହୁ , ଡାକ୍ତର ତୁଷାର କାନ୍ତି ନାୟକ, ବେଣୁଧର ସାହୁ, ବିନୟ କୁମାର ସାହୁ, ସମସୀଦା ତାଏବ୍, ଶିଳ୍ପୀ ଶ୍ରୀ ହରିଚନ୍ଦନ , ସୁଶାନ୍ତ କୁମାର ଧଳ , ଜିତେନ୍ଦ୍ର ସାହୁ , ଅଖିଳ ମହାପାତ୍ର , ସରୋଜ ସତପଥି , ଉର୍ମିଳା ଦାଶ , ସ୍ମିତାରାଣୀ ସାମଲ , ରୁମେନା ବେଗମ୍, ପ୍ରମୁଖ ଯୋଗଦେଇ ଦିବଂଗତ ନେତ୍ରୀଙ୍କର ସ୍ମୃତଚାରଣ କରିଥିଲେ।

# ଶୁଭ ଶୁକ୍ରବାର ପାଳିତ



ବାଲିମେଳା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ବିଭିନ୍ନ ଚର୍ଚ୍ଚ ଗୁଡିକରେ ଧୂମଧାମରେ ଶୁଭ ଶୁକ୍ରବାର ପାଳିତ ହୋଇଯାଇଛି। ଆଜି ବାଲିମେଳା ସହରରେ ସମସ୍ତ ଚର୍ଚ୍ଚ ଗୁଡିକରେ ସାମୂହିକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରାର୍ଥନା ସଭାରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ବିଶ୍ୱାସୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଚର୍ଚ୍ଚ ଗୁଡିକରେ ପାଷ୍ଟର ମାନେ ଯୀଶୁଖ୍ରୀଷ୍ଟଙ୍କ କ୍ରୁଶ ଉପରେ ଦେଇଥିବା ଶେଷ ସାତଟି ବାଣୀ ଉପରେ ଶ୍ରଦ୍ଧାଳୁ ବୁଝାଇଥିଲେ। ଏଥିସହିତ ମାନବ ଜାତିକୁ ପ୍ରେମ, ତ୍ୟାଗ, ଭାତୃତ୍ୱ ଓ କ୍ଷମା ଆଦି ବାର୍ତା ପ୍ରଦାନ କରିଥିଲେ। ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ମାନେ ଆସନ୍ତା ରବିବାର ଦିନକୁ ଧୂମଧାମରେ ପାଳନ କରିବା ନିମନ୍ତେ ନିଜ ନିଜର ପ୍ରିୟଜନଙ୍କ କବର ଗୁଡ଼ିକ ଲିପାପୋଛା କରିବାରେ ଲାଗିପଡିଛନ୍ତି।

## ଦୁର୍ଘଟଣାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ୍): ହରିଦାସପୁର-ପାରାଦ୍ୱୀପ ଫାଟକ ବିହିନ ରେଳ ପଥର ମହିପୁର ଗ୍ରାମ ନିକଟରେ ରେଳ ଧାରଣାରେ ଜଣେ ଅଜଣା ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକଙ୍କର ଆନୁମାନିକ ବୟସ ୫୦ ରୁ ୫୫ ବର୍ଷ ହେବ। ଆଜି ସକାଳୁ ରେଳ ଧାରଣା ପାର୍ଶ୍ୱରେ ଉକ୍ତ ବ୍ୟକ୍ତିଙ୍କର ଦୁଇ ଗୋଡ଼ ନଥିବା ଅଙ୍ଗ ପଡ଼ିଥିବା ବେଳେ ରେଳ ଧାରଣା ମଝିରେ ତାଙ୍କର ଗୋଡ଼ ପଡ଼ିଥିବା ସକାଳୁ ସକାଳୁ ସ୍ଥାନୀୟ ଲୋକେ ଦେଖି ରେଳବାଇ ପୋଲିସକୁ ଖବର ଦେଇଥିଲେ। ଜି.ଆର.ପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମର ଶରୀରକୁ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ନେଇଥିଲେ। ତେବେ ମୃତକଙ୍କ କୌଣସି ପରିଚୟ ମିଳିପାରିନଥିବା ବେଳେ ମହିପୁର ଗ୍ରାମର ଲୋକଙ୍କ କହିବା ମୁତାବକ ଉକ୍ତ ବ୍ୟକ୍ତି ଜଣଙ୍କ ମାନସିକ ବିକାରଗ୍ରସ୍ତ ପରି ଜଣାପଡୁଥିବା ବେଳେ ଦୁଇ ତିନି ଦିନ ହେବ ଏଠାରେ ବୁଲାବୁଲି କରୁଥିବା ତାଙ୍କୁ ଦେଖିବାକୁ ମିଳିଥିଲା।

# ଏସ୍‌ଏଚ୍‌ଜି ଗ୍ରୁପର ପୁନର୍ଗଠନକୁ ବିରୋଧ କରି ବିକ୍ଷୋଭ




ଶୁଳିଆପଦା(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ଆଜି ଏସଏଚଜି ଶତାଧିକ ଗ୍ରୁପର ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପ୍ରଥମେ କଣ୍ଟିସାହି ପଞ୍ଚାୟତ ଛକ ଠାରୁ ଏକ ରାଲି ମାଧ୍ୟମରେ ସରକାରଙ୍କ ଦୋଷ ଦୁର୍ବଳତାକୁ ସ୍ଲୋଗାନ ଦେଇ ଏସଏଚଜି ଗ୍ରୁପର ମହିଳାମାନେ ବ୍ଲକ ପର୍ଯ୍ୟନ୍ତ ଆସିଥିଲେ । ପରେ ବ୍ଲକ ଗେଟ ସମ୍ମୁଖରୁ ତାଲା ପକାଇ ଧାରଣାର ବସିଥିଲେ । ଚାରି ଦଫା ଦାବିର ଏକ ଦାବିପତ୍ର ଶୁଳିଆପଦା ବିଡ଼ିଓଙ୍କୁ ଦେଇଥିଲେ। ଶୁଳିଆପଦା ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ନୂତନ ସରକାର ଯେଉଁ ନୂଆ ନିୟମ ଲାଗୁ କରିଛନ୍ତି ତାହା ଜୋର ଜବରଦସ୍ତ ଆମ୍ଭମାନଙ୍କ ଉପରେ ଲଦି ଦିଆଯାଉଛି। ସ୍ୱୟଂ ସହାୟକ ଗୋଷ୍ଠୀର ନେତୃତ୍ୱ ପରିବର୍ତ୍ତନ ପୁନର୍ଗଠନ ଏଥିରେ ଆମ୍ଭେ ସମସ୍ତେ ମା'ମାନେ ଦୁଃଖିତ ହୋଇପଡିଛୁ । ୧୦ ଜଣ ସଭ୍ୟ ମଧ୍ୟରୁ ଯେଉଁ ୨ଜଣ ସଭ୍ୟ ସଭାପତି ଓ ସଂପାଦକ ଅଛନ୍ତି ତାହା ଆମେ ନିଜ ଇଚ୍ଛାରେ ଚୟନ କରିଛୁ ତେଣୁ ସଭାପତି ସଂପାଦକ ଆମ୍ଭେ ବଦଳ କରିବୁନାହିଁ ଯଦି ସରକାର ଆମ୍ଭମାନଙ୍କ ଉପରେ ଚାପ ପ୍ରୟୋଗ କରନ୍ତି ଆମ୍ଭେମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଭାଙ୍ଗି ଦେବୁ ଯାହା ସରକାରଙ୍କୁ ମହଙ୍ଗା ପଡ଼ିବ ଏଭଳି ମନ୍ତବ୍ୟ ପ୍ରକାଶ କରି ସରକାରକୁ ଖୋଲା ଖୋଲି ଚାଲେଞ୍ଜ କରିଛନ୍ତି ଶୁଳିଆପଦା ବ୍ଲକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ । ଦାବିପତ୍ରରେ ଉଲ୍ଲେଖ ଅଛି ଯେ ଦାବି ସ୍ୱୟଂ ସହାୟକ ଗୋଷ୍ଠୀର ପରିବର୍ତନ କି ପୁନର୍ଗଠନ ବନ୍ଦ କରାଯାଉ, ନିର୍ବାଚନ ସମୟରେ ନୂତନ ସରକାର ଇସ୍ତାହାରରେ କହିଥିଲେ ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନଙ୍କୁ ପ୍ରତ୍ୟେକ ମାସକୁ ଏକ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବୁ, ତାହା ମହିଳା ସଂଘ (ଏସ,ଏଚ,ଜି ) ପୁନର୍ଗଠନରୁ ନିବୃତ ରହିବା, ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଭ୍ୟଙ୍କୁ ମାସକୁ ଏକ ହଜାର ପ୍ରଦାନ କରାଯାଉ, ସମସ୍ତ ଗୋଷ୍ଠୀ ବ୍ୟାଙ୍କରୁ ନେଇଥିବା ଋଣ ଅର୍ଥ ପରିଶୋଧ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ, ଆମ ବ୍ଲକରେ ଥିବା ଇସି ମେମ୍ବର ମା ମାନେ ତାଙ୍କର ସୋସାଇଟି ଋଣ ପରିଶୋଧ ପର୍ଯ୍ୟନ୍ତ ଅପେକ୍ଷା କରାଯାଉ। ଏବାବଦରେ ବିଡିଓ ଅନୁପମା ଘୋଷ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ନୂଆ ସରକାର ନୂଆ ନିୟମ ଆଣିଛନ୍ତି ସରକାରଙ୍କ ନିୟମକୁ ସମ୍ମାନ ଦେଇ ଆମେ ବିପିଏମ ଓ ସିଡ଼ିପିଓଙ୍କ ମାଧ୍ୟମରେ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ଡାକି ବୁଝାଇଛୁ ଏବଂ ଏହି ପ୍ରକ୍ରିୟା ଆରମ୍ଭହୋଇଯାଇଛି। ଶୁଳିଆପଦା ବ୍ଲକରେ ୧୭୬୮ ଟି ଗ୍ରୁପ ଥିବାବେଳେ ୧୭ହଜାର ୬୮୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ଜଡ଼ିତ। ଯଦି ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହା ଚାହୁଁ ଥିବେ ତାହା ହେଲେ ଆଗକୁ ପଞ୍ଚାୟତ ନିର୍ବାଚନରେ ଏହାର ପ୍ରଭାବ ପଡ଼ିପାରେ ବୋଲି ଆଲୋଚନା ହେଉଛି ।

# ଜେସିବି ମେସିନ୍ ସହ ୨ ଟ୍ରାକ୍ଟର ଜବତ




ଶୁଳିଆପଦା(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ତହସିଲ ଅଞ୍ଚଳରେ ବେଆଇନ ମୋରମ ଚାଲାଣ ବେଳେ ଶୁଳିଆପଦା ପୋଲିସ ଚଢ଼ାଉ କରି ଦୁଇଟି ଟ୍ରାକ୍ଟର ଜବତ କରିବା ସହିତ ଏକ ଜେସିବି ମେସିନକୁ ଜବତ କରିଛି। ଏନେଇ ଥାନାରେ ୬୮/୨୫ରେ ଏକ ମାମଲା ରୁଜୁ ହୋଇଛି । ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କ ସୂଚନା ଅନୁଯାୟୀ ଗତକାଲି ରାତି ୯ ଟା ୩୦ ମିନିଟ ସମୟରେ ଏଏସଆଇ ରସାନନ୍ଦ ମହାନ୍ତି ତାଙ୍କର ସହ - କର୍ମୀଙ୍କ ସହିତ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଭୁସକୁଣ୍ଡା ଗ୍ରାମର ଏକ ସରକାରୀ ଜାଗାରୁ ଜେସିବି ମେସିନ ସାହାଯ୍ୟରେ ବେଆଇନ ଭାବେ ମୋରମ ଉତ୍ତୋଳନ ହୋଇ ଟ୍ରାକ୍ଟର ଯୋଗେ ଚାଲାଣ ହେଉଥିବାର କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରି ଏକ ଜେସିବି ମେସିନ( ଓଡି-୦୨ ସିପି -୫୨୧୫) ଏବଂ ଦୁଇଟି ଟ୍ରାକ୍ଟର ( ଓଡି – ୧୧ ଜି - ୪୪୦୮ ଏବଂ ଓଡି-୧ ୧ ୱାଇ ୮୨୮୮ )କୁ ଜବତ କରି ଥାନାକୁ ଆଣିଥିଲେ । ତେବେ ଘଟଣାସ୍ଥଳରୁ ଟ୍ରାକ୍ଟର ଏବଂ ଜେସିବି ଡ୍ରାଇଭର ଫେରାର ହୋଇଯାଇଥିଲେ।

# କାଳବୈଶାଖୀରେ ଭାଙ୍ଗିଲା ଅର୍ଦ୍ଧ ନିର୍ମିତ ଶିବଙ୍କ ମୂର୍ତ୍ତି



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅଧୀନସ୍ଥ ମାନ୍ୟମକୋଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟଗରକୋଟା ଗାଁ ର ଗୋଟିଏ ବିରାଟ ବଡ଼ ପଥର ଉପରେ କାଲିମେଳା ପଞ୍ଚାୟତ ସମିତି ପକ୍ଷରୁ ପର୍ଯ୍ୟଟନ ସ୍ଥଳୀ କରିବା ଉଦ୍ଦେଶ୍ୟ ରେ ଉକ୍ତ ପଥର ଉପରେ ବାହାରୁ କାରିଗର ଡକାଯାଇ ତାଙ୍କ ଦ୍ୱାରା ଶିବ ଙ୍କ ମୂର୍ତ୍ତି ନିର୍ମାଣ କାମ ଚାଲିଥିଲା ଏବଂ ତା ମଧ୍ୟ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ ଆଜିକୁ ଦୀର୍ଘ ତିନି ବର୍ଷ ରୁ ଉର୍ଦ୍ଧ୍ୱ ସମୟ ହେବ ଅର୍ଦ୍ଧନିର୍ମିତ ଅବସ୍ଥାରେ ପରିତ୍ୟକ୍ତ ଅବସ୍ଥାରେ ଏହି ଅର୍ଦ୍ଧ ନିର୍ମିତ ଶିବ ଠାକୁର ଙ୍କ ମୂର୍ତ୍ତି ସେମିତି ପଡି ରହିଥିଲା । ହେଲେ ଗତ ଦୁଇଦିନ ଧରି ଏ ଅଂଚଳରେ ଲାଗି ରହିଥିବା କାଳ ବୈଶାଖୀ ଯୋଗୁଁ ପାଣି ପବନ ଜୋରରେ ହେବାରୁ ଉକ୍ତ ମୂର୍ତ୍ତି ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଛି। ଏହି ମୂର୍ତ୍ତି କାମ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ ବ୍ୟୟ ରେ ୨୦୨୧ ମସିହାରେ କାଲିମେଳା ବ୍ଲକ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା ଏବଂ ୨୦୨୨ ମସିହା ଫେବୃଆରୀ ମାସ ବେଳଠୁ ଏହି ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଅର୍ଦ୍ଧ ନିର୍ମିତ ଅବସ୍ଥା ରେ ବନ୍ଦ ହୋଇ ରହିଥିଲା ବର୍ତ୍ତମାନ କାଳବୈଶାଖୀ ଝଡ଼ ତୋଫାନ ଯୋଗୁଁ ଭାଙ୍ଗି ତଳେ ପଡିଛି। ଅନ୍ୟପଟେ ଏହି ବିରାଟକାୟ ଉଚ୍ଚ ପଥର ଉପରେ ଚଢ଼ିକି ଯିବା ପାଇଁ ଉକ୍ତ ପଥରର ଦୁଇ ପାର୍ଶ୍ୱରେ ପ୍ରଥମେ ତଳୁ ଉପରକୁ ଯା'ଆସ କରିବା ନିମନ୍ତେ ସିଡ଼ି ନିର୍ମାଣ କରାଗଲା । ତାପରେ ଉକ୍ତ ପଥର ଉପରେ ପର୍ଯ୍ୟଟନ ସ୍ଥଳୀକୁ ଦୃଷ୍ଟି ରଖି ଶିବ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଲକ୍ଷାଧିକ ବ୍ୟୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ଉକ୍ତ ଅର୍ଦ୍ଧ ନିର୍ମିତ ଶିବ ମୂର୍ତ୍ତି ଭାଙ୍ଗି ତଳେ ପଡିଛି। ଏଥିରେ ନିୟୋଜିତ ହୋଇଥିବା ଲକ୍ଷାଧିକ ଟଙ୍କା ପାଣିରେ ପଡିଲା ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଚର୍ଚ୍ଚା ହେଉଥିବା ବେଳେ ଏହାର ସଠିକ୍ ତଦନ୍ତ ଜିଲ୍ଲା ପ୍ରଶାସନ କରିବାକୁ ଦାବି ହୋଇଛି।



ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଯୋଗ ସହର ଋଷିକେଶରୁ ତପୋ ସହର କର୍ଣ୍ଣପ୍ରୟାଗ ଯାତ୍ରା ଏବେ ମାତ୍ର ଦୁଇ ଘଂଟାରେ ସମାପ୍ତ ହେବାକୁ ଯାଉଛି । ଦେବଭୂମିରେ 'ଶିବ' ଏବଂ 'ଶକ୍ତି'ଙ୍କ ଆଶୀର୍ବାଦରେ ଭାରତୀୟ ରେଳବାଇ ଦେଶର ସବୁଠାରୁ ଦୀର୍ଘ ରେଳ ସୁଡ଼ଙ୍ଗ ନିର୍ମାଣରେ ଏକ ସଫଳ ସଫଳତା ହାସଲ କରିଛି । ୧୨୫ କିଲୋମିଟରରୁ ଅଧିକ ଲମ୍ବ ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ଉତରାଖଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ, ତୀର୍ଥସ୍ଥଳ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱକୁ ପୁନଃପରିଭାଷିତ କରିବାକୁ ଯାଉଛି । ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ଯମୁନେତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥ ଦର୍ଶନ ପାଇଁ ତୀର୍ଥଯାତ୍ରାରେ ଯାଆନ୍ତି । କିନ୍ତୁ ଭୌଗୋଳିକ ଗଠନ ଏବଂ ସୀମିତ ସଂଯୋଗୀକରଣ ସର୍ବଦା ଯାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ଚ୍ୟାଲେଞ୍ଜ ଗୁଡ଼ିକୁ ଦୂର କରିବା ଏବଂ ଉତରାଖଣ୍ଡର ଦୁର୍ଗମ ଅଞ୍ଚଳଗୁଡ଼ିକୁ ରେଳ ନେଟୱାର୍କ ସହିତ ସଂଯୋଗ କରିବା ପାଇଁ ଭାରତୀୟ ରେଳବାଇ ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ଆରମ୍ଭ କରିଥିଲା। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ସହିତ, କୋଟି କୋଟି ଭକ୍ତଙ୍କ ଚାରିଧାମ ଦର୍ଶନ କରିବାର ଇଚ୍ଛା ପୂରଣ ହେବ । ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ଉତରାଖଣ୍ଡରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାକୁ ଯାଉଛି। ଚାରିଧାମ ଯାତ୍ରା ବ୍ୟତୀତ, ଉତରାଖଣ୍ଡର ଋଷିକେଶ, ହରିଦ୍ୱାର ଏବଂ ଆଉଲି ଭଳି ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳୀରେ ପହଞ୍ଚିବା ସହଜ ହୋଇଯିବ। ଏହା ସ୍ଥାନୀୟ ବାଣିଜ୍ୟ, ହୋଟେଲ ଶିଳ୍ପ ଏବଂ ପରିବହନ ସେବାକୁ ପ୍ରୋତ୍ସାହିତ କରିବ ଏବଂ ଉତରାଖଣ୍ଡର ଦୁର୍ଗମ ଅଂଚଳରେ ନୂତନ ବ୍ୟବସାୟ କେନ୍ଦ୍ରର ବିକାଶକୁ ପ୍ରୋତ୍ସାହିତ କରିବ । ଦେବପ୍ରୟାଗ, ଶ୍ରୀନଗର, ରୁଦ୍ରପ୍ରୟାଗ ଏବଂ ଗୌଚର ଭଳି ସହରରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ଯାହା ଫଳରେ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

# ରାଜଧାନୀରେ କାଳବୈଶାଖୀ ତାଣ୍ଡବ: ଝଡ଼ତୋଫାନ ସହ ପ୍ରବଳ ବର୍ଷା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରେ କାଳବୈଶାଖୀର ତାଣ୍ଡବ ପ୍ରାୟ ଏକ ଘଣ୍ଟା ହୋଇଥିଲା । ଶୁକ୍ରବାର ସକାଳ ପାଖାପାଖି ୯ଟା ହେବ । ଠିକ୍ ଏହି ସମୟରେ ଆକାଶରେ କଳାବାଦଲ ଢାଙ୍କି ଆସିଥିଲା । ପରେ ପରେ ଆରମ୍ଭ ହୋଇଯାଇଥିଲା ଝଡ଼ତୋଫାନ । ପବନର ବେଗ ଘଣ୍ଟାପ୍ରତି ପ୍ରାୟ ୪୦ରୁ ୫୦ କିମି ବେଗରେ ବହିଥିଲା । ରାଜଧାନୀରେ ବହୁ ଗଛ ରାସ୍ତା କଡ଼ରେ ଭାଙ୍ଗି ପଡ଼ିଥିଲା । ଠିକ୍ ଏହି ସମୟରେ ଆରମ୍ଭ ହୋଇଯାଇଥିଲା ବର୍ଷା । ଏହି କାଳବୈଶାଖୀ ପ୍ରାୟ ଏକଘଣ୍ଟା ଧରି ରାଜଧାନୀରେ କାୟାବିସ୍ତାର କରିଥିଲା । ଯାହାଫଳରେ ରାଜଧାନୀବାସୀ ଭୟଭୀତ ହୋଇପଡ଼ିଥିଲେ । ବର୍ଷାର ମାତ୍ରା ଏପରି ଥିଲା ଯେ, ଇସ୍କନ ମନ୍ଦିର ସମ୍ମୁଖରେ ଆଣ୍ଠୁଏ ପାଣିର ସୁଅ ଛୁଟିଥିଲା । ଫଳରେ ଯାତାୟାତ କିଛି ସମୟ ପାଇଁ ଠପ୍ ହୋଇପଡ଼ିଥିଲା । ସେହିପରି ରାଜଧାନୀର ତଳିଆ ଅଞ୍ଚଳଗୁଡ଼ିକରେ ବର୍ଷାଜଳ ପ୍ରବେଶ କରି ଜନଜୀବନକୁ ଅସ୍ତବ୍ୟସ୍ତ କରିଥିଲା । ଏକଘଣ୍ଟା ପରେ କାଳବୈଶାଖୀର ପ୍ରଭାବ କମିଥିବା ବେଳେ ପରିସ୍ଥିତି ସ୍ୱାଭାବିକ ଢଙ୍ଗକୁ ଆସିଥିଲା । ଏହି କାଳବୈଶାଖୀରେ ସାମାନ୍ୟ କ୍ଷୟକ୍ଷତି ହୋଇଥିବା ବେଳେ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ରାସ୍ତାକଡ଼ରୁ ଭାଙ୍ଗି ପଡ଼ିଥିବା ଗଛଗୁଡିକୁ ହଟାଇ ଚଳପ୍ରଚଳକୁ ସ୍ୱାଭାବିକ କରିଥିଲା । ପରେ ଦିନତମାମ ଗ୍ରୀଷ୍ମର ପ୍ରଭାବ ପରିଲକ୍ଷିତ ହୋଇଥିଲା । ଏପରିକି ମଧ୍ୟାହ୍ନ ସମୟରେ ଅସହ୍ୟ ଗରମ ଅନୁଭୂତ ହୋଇଥିଲା । ହେଲେ ସନ୍ଧ୍ୟାବେଳେ ପରିସ୍ଥିତି ପୁଣି ଏକ ଭିନ୍ନ ରୂପ ନେଇଥିଲା । ରାତି ପ୍ରାୟ ୧୦ଟା ବେଳେ ମାଡ଼ି ଆସିଥିଲା କାଳବୈଶାଖୀ । ଘଡଘଡ଼ି ସାଙ୍ଗକୁ ଝଡ଼ତୋଫାନ କିଛି ସମୟ ପାଇଁ ରାଜଧାନୀବାସୀଙ୍କୁ ଭୟଭୀତ କରାଇଥିଲା । ଏହି ସମୟରେ ସମସ୍ତେ ସହରରେ ରହିଥିବା ବେଳେ ରାଜଧାନୀବାସୀ ଘରକୁ ଫେରିବାକୁ ବ୍ୟାକୁଳ ହୋଇଥିଲେ । ହେଲେ ମୂଷଳଧାରାରେ ବର୍ଷା ହେବାରୁ ସହରବାସୀ ଅଧାରାସ୍ତାରେ ଅଟକି ରହି ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଠିକ୍ ଏହି ସମୟରେ ରାଜଧାନୀରେ ବିଭିନ୍ନ ମଣ୍ଡରେ ବିବାହ ଉତ୍ସବ ଆୟୋଜନ ହେଉଥିବା ବେଳେ ଅଧାରାସ୍ତାରେ ବରଯାତ୍ରୀମାନେ କନିଆ ଘର ଅଭିମୁଖେ ଯାତ୍ରା କରୁଥିବା ବେଳେ କାଳବୈଶାଖୀ ସେମାନଙ୍କ ସବୁ ଖୁସିକୁ ଉଡ଼ାଇ ନେଇଥିଲା । ଯାହାଫଳରେ ବରଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି ।

## ପୋଲିସ କମିଶନରେଟ୍ ପକ୍ଷରୁ ଓଡ଼ିଆ ପକ୍ଷ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟ ପ୍ରତି ନୂତନ ପିଢ଼ିର ଆଗ୍ରହ ବଢ଼ାଇବା ଉଦ୍ଦେଶ୍ୟରେ, ଓଡ଼ିଆ ପକ୍ଷ ୨୦୨୫ ଅବସରରେ ଗତ ୧୨ରେ ପୋଲିସ ସେବା ଭବନ ପରିସରରେ କମିଶନରେଟ୍ ପୋଲିସ, ଭୁବନେଶ୍ୱର-କଟକ ତରଫରୁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ଲିଖନ, ସାଧାରଣଜ୍ଞାନ, ଚିତ୍ରକଳା ଏବଂ କବିତା ଆବୃତ୍ତି ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏଥିରେ ଭୁବନେଶ୍ୱରର ଶତାଧିକ ବିଦ୍ୟାଳୟ/ମହାବିଦ୍ୟାଳୟରୁ ୪୩୫ ଛାତ୍ରଛାତ୍ରୀ ଶିକ୍ଷାନୁଷ୍ଠାନର ପ୍ରତିନିଧି ଏବଂ ଅଭିଭାବକଙ୍କ ସହ ଅଂଶଗ୍ରହଣ କରିଥିଲେ । ପ୍ରତିଭାର ସଠିକ୍ ମୂଲ୍ୟାୟନ ନିମନ୍ତେ ବିଚାରକ ରୂପରେ ପଞ୍ଚାନନ ସାମଲ, ପ୍ରିନ୍ସିପାଲ, ଧଉଳି ଚାରୁକଳା ମହାବିଦ୍ୟାଳୟ(ଚିତ୍ରାଙ୍କନ), ସୁଜାତା ଦାସ, ଶିକ୍ଷୟିତ୍ରୀ, ସତ୍ୟସାଇ ଉଚ୍ଚବିଦ୍ୟାଳୟ, ଗିରିଶ ପ୍ରସାଦ ସ୍ୱାଇଁ, ବିଶିଷ୍ଟ ବକ୍ତା ଯୋଗଦାନ କରିଥିବା ବେଳେ ସୀମନ୍ତ ମହାନ୍ତି କୁଇଜ୍ ମାଷ୍ଟର ଭାବେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ସର୍ବମୋଟ ୫୫ ପ୍ରତିଯୋଗୀଙ୍କୁ ଶୁକ୍ରବାର ଏକ ସ୍ୱତନ୍ତ ପୁରସ୍କାର ବିତରଣ ଉତ୍ସବରେ ଆରକ୍ଷୀ ଆୟୁକ୍ତ ଡ.ସୁରେଶ ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ଆୟୁକ୍ତ ନରସିଂହ ଭୋଲ, ଉପ ଆରକ୍ଷୀ ଆୟୁକ୍ତ, ଭୁବନେଶ୍ୱର ଜଗମୋହନ ମୀନା ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଆରକ୍ଷୀ ଆୟୁକ୍ତ ଡ.ସିଂ ଭାରତର ଐତିହ୍ୟ, ସଂସ୍କୃତି ବିଷୟରେ ଛାତ୍ରଛାତ୍ରୀଙ୍କ ଉତ୍ସାହକୁ ପ୍ରଶଂସା କରିବା ସହ ଟ୍ରାଫିକ୍ ପରିଚାଳନା ଭଳି ସମସ୍ୟା ଉପରେ ଆଲୋକପାତ କରିଥିଲେ । କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱରାଜ ଦେବତା, ଅତିରିକ୍ତ ଉପ ଆରକ୍ଷୀ ଆୟୁକ୍ତ ଉପାସନା ପାଢ଼ୀ, ସହକାରୀ ଆରକ୍ଷୀ ଆୟୁକ୍ତ ଏବଂ ସୁଚିସ୍ମିତା ଦାସ, ସହକାରୀ ଆରକ୍ଷୀ ଆୟୁକ୍ତ ଏହି ଉତ୍ସବକୁ ପରିଚାଳନା କରିଥିଲେ ।

### ମାଲେସିଆ ଗସ୍ତରେ ଓଡ଼ିଶାର କୃଷକ ଓ ଅଧିକାରୀ

## ବିଦେଶକୁ ଫଳ ଓ ପନିପରିବା ରପ୍ତାନୀରେ ଓଡ଼ିଶା ହେବ ଅଗ୍ରଣୀ ରାଜ୍ୟ: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଓଡ଼ିଶା ଜଳବାୟୁ ସହନଶୀଳ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ ଅଧୀନରେ ୨୮ ଜଣିଆ କୃଷକ ଏବଂ ଅଧିକାରୀଙ୍କ ପ୍ରଶିକ୍ଷଣ ଭିତିକ ମାଲେସିଆ ଗସ୍ତକୁ କୃଷି ଭବନ ଅଡିଟୋରିଅମ୍ ଠାରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି, ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ୧୪ ଜଣ କୃଷକଙ୍କ ସମେତ ୧୪ ଜଣ ଅଧିକାରୀଙ୍କୁ ନେଇ ଗଠିତ ଏହି ୨୮ ଜଣିଆ ଟିମ କାଲିଠାରୁ ସପ୍ତାହବ୍ୟାପୀ ମାଲେସିଆ ଗସ୍ତରେ ଯାଇ କୃଷିଭିତିକ ପ୍ରଶିକ୍ଷଣ ନେବେ । ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା, ଲକ୍ଷ୍ନୌ ସ୍ଥିତ ବ୍ୟାଙ୍କର୍ସ ଇନଷ୍ଟିଚ୍ୟୁଟ ଅଫ୍ ରୁରାଲ ଡେଭଲପମେଣ୍ଟ ଏବଂ ନାବାର୍ଡ଼ର ମିଳିତ ଆୟୋଜନରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହେଉଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଭୟ କୃଷକ ଓ ଅଧିକାରୀଙ୍କୁ ମାଲେସିଆ ଗସ୍ତ ନିମନ୍ତେ ଶୁଭେଚ୍ଛା ପ୍ରଦାନ କରି ପାରମ୍ପରିକ କୃଷି ସହିତ ବୈଜ୍ଞାନିକ ପଦ୍ଧତି ତଥା ଯନ୍ତ୍ରପାତିର ବ୍ୟବହାର ଇତ୍ୟାଦି ସମ୍ବନ୍ଧରେ ଶିଖିବା ପାଇଁ ଉତ୍ସାହିତ କରିଥିଲେ। ଶ୍ରୀ ସିଂହଦେଓ କହିଥିଲେ ଯେ, ଆଜିର ସମୟରେ ବିଦେଶକୁ ଫଳ ଓ ପନିପରିବା ରପ୍ତାନୀରେ ଓଡ଼ିଶା ସମ୍ମାନଜନକ ସ୍ଥିତିରେ ରହିଛି । ପ୍ରଶିକ୍ଷାର୍ଥୀମାନେ ଗସ୍ତରୁ ଯାହା ଶିଖିବେ ତାହାକୁ ପ୍ରତିଦିନ ରିପୋର୍ଟ ଆକାରରେ ଲିପିବଦ୍ଧ କରି ବିଭାଗକୁ ପ୍ରଦାନ କରନ୍ତୁ । ଉନ୍ନତ କୌଶଳକୁ ଶିଖି ନିଜ ଅଂଚଳରେ ତାହାକୁ କାର୍ଯ୍ୟକାରୀ କରନ୍ତୁ । ଏହା ଆମ ଚାଷୀ ଭଉଣୀଙ୍କ ଆୟକୁ ଦୁଇଗୁଣା କରିବାରେ ସହାୟକ ହେବ। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରିବା ସହିତ ଓଡ଼ିଶାରେ କୃଷିର କ୍ରମବିକାଶ ଉପରେ ଆଲୋକପାତ କରିଥିଲେ । ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ବାର୍ଡ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ନିରୂପମ ମେହେରୋତ୍ରା, ନାବାର୍ଡ ସିଜିଏମ୍ ଡ଼ ସୁଧାଂଶୁ ମିଶ୍ର, ଓପିକ୍ରା ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି କୃଷକ ଏବଂ ଅଧିକାରୀଙ୍କୁ ଉତ୍ସାହିତ କରିଥିଲେ ।

## ମଧୁବାବୁଙ୍କ ଉପଯୁକ୍ତ ସ୍ମୃତିରକ୍ଷା ପାଇଁ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଯେଉଁ ମହାନ୍ ଉତ୍କଳୀୟଙ୍କ ନେତୃତ୍ୱରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା ରାଜଧାନୀରେ ତାଙ୍କ ନାମରେ ଗୋଟିଏ ଭବନ, ପାର୍କ ବା ସାରଣୀ ନାହିଁ । ତାଙ୍କ ପ୍ରତିକୃତି ରାଜଧାନୀର ଦର୍ଶନୀୟ ସ୍ଥାନରେ ନାହିଁ । ତାଙ୍କର ଉପଯୁକ୍ତ ସ୍ମୃତିରକ୍ଷା ପାଇଁ ଶତାୟୁ ଜନସେବୀ ପଦ୍ମଚରଣ ନାୟକ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରିଛନ୍ତି । ସେ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ରରେ ଲେଖିଛନ୍ତି ଯେ, ନିକଟରେ ତାଙ୍କ ଜନ୍ମଭୂମି ସତ୍ୟଭାମାପୁର ଯାଇ ମୁଖ୍ୟମନ୍ତ୍ରୀ ତାଙ୍କ ଜନ୍ମପୀଠକୁ ଅଧିକ ଆକର୍ଷଣୀୟ କରିବା ଲାଗି କିଛି ଯୋଜନା କରିଛନ୍ତି । କିନ୍ତୁ ଖୋଦ୍ ରାଜଧାନୀରେ ତାଙ୍କ ସ୍ମୃତି ପ୍ରତି ଅବଜ୍ଞା ପ୍ରକାଶ ହୋଇଆସିଛି । ଗୁଜରାଟର ରାଜଧାନୀ ଅହମ୍ମଦାବାଦର ଏକ ବଡ଼ ଅଞ୍ଚଳର ନାମ ଦେଶର ଜନକଙ୍କ ନାମରେ ଗାନ୍ଧିନଗର ଦିଆଯାଇଛି । ସେହିଭଳି ବିହାରର ରାଜଧାନୀ ପାଟନାର ଏକ ଅଞ୍ଚଳ ରାଜେନ୍ଦ୍ର ନଗର ଭାବରେ ନାମିତ ଓ ପଶ୍ଚିମବଙ୍ଗର ରାଜଧାନୀ କଲିକତାର ସଲ୍ଟ-ଲେକ୍ ଉପରେ ଗଢ଼ି ଉଠିଥିବା ଏକ ଅଞ୍ଚଳକୁ ବିଧାନନଗର ଭାବରେ ନାମିତ ହୋଇଛି । ରେଳ ରାସ୍ତାର ପଶ୍ଚିମ ଓ ଜାତୀୟ ରାଜପଥ ପୂର୍ବ ଏବଂ ଉତ୍ତରେ ତ୍ରିଶୁଳିଆ ଏବଂ ଦକ୍ଷିଣରେ ପାତ୍ରପଡାକୁ ସୀମା ଭଳି ନେଇ ଗଢ଼ି ଉଠିଥିବା ଅଞ୍ଚଳର ନାମ ମଧୁନଗର ଦିଆଯାଇପାରନ୍ତା ନାହିଁ ? ଏହାଛଡ଼ା ଲୋକସେବା ଭବନକୁ ବି ମଧୁଭବନ ନାମ ଦିଆଯାଇପାରିବ । ଏହାଫଳରେ ଅତୀତର ସବୁ ଶାସନକର୍ତ୍ତାମାନଙ୍କ ମଧୁବାବୁଙ୍କ ପ୍ରତି ହୋଇଥିବା ଅବଜ୍ଞାର ମାର୍ଜନା ହୋଇଯାଆନ୍ତା । ମଧୁବାବୁଙ୍କ ଜୟନ୍ତୀ(ଏପ୍ରିଲ ୨୮ ତାରିଖ) ପୂର୍ବରୁ ସରକାର ଏହି ସହଜ କାମଟି ଉପରେ ନିଷତ୍ତି ନେଇ ବିନା ବ୍ୟୟରେ, ଏକ ଗୌରବମୟ କାର୍ଯ୍ୟ କରିପାରନ୍ତେ ବୋଲି ଶ୍ରୀ ନାୟକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ।

## ନ୍ୟାସନାଲ ହେରାଲ୍ଡ ଦୁର୍ନୀତି ବିରୋଧରେ ଯୁବମୋର୍ଚ୍ଚାର ବିକ୍ଷୋଭ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ନ୍ୟାସନାଲ ହେରାଲ୍ଡ ଦୁର୍ନୀତି ମାମଲାରେ ମାଷ୍ଟର କ୍ୟାଣ୍ଟିନ୍ ଛକରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଏହି ଅବସରରେ ଭାରତୀୟ ଜନତାପାର୍ଟି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା କହିଛନ୍ତି ଯେ, ଧାରଣା ଦେବାର ଅଧିକାର ସମସ୍ତଙ୍କର ଅଛି, କିନ୍ତୁ ଦେଶର ସମ୍ପତି, ଜମି ଓ ଧନ ଲୁଟ୍ କରିବାର ଅଧିକାର କାହାକୁ ଦିଆଯାଇନାହିଁ। ଧାରଣା ଦେଇ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଅତ୍ୟନ୍ତ ନିର୍ଲଜ କାମ କରୁଛି କଂଗ୍ରେସ ଦଳ। ଗତ ୪ବର୍ଷ ଧରି ନ୍ୟାସନାଲ ହେରାଲ୍ଡ ମାମଲା ସୁପ୍ରିମକୋର୍ଟରେ ଚାଲିଛି।

## ଶୃଙ୍ଖଳିତ ରଥଯାତ୍ରା ପାଇଁ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଚଳିତ ବର୍ଷ ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ନରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରଥଯାତ୍ରା ପ୍ରସ୍ତୁତିରେ ଯେପରି କୌଣସି ପ୍ରକାର ତ୍ରୁଟି ନ ହୁଏ, ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ମୁଖ୍ୟ ସଚିବ ପୋଲିସ ପ୍ରଶାସନ ଓ ସମ୍ପୃକ୍ତ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସହିତ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢ଼ୀ, ରାଜ୍ୟ ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ପଦାଧିକାରୀ ତଥା ପୁଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ, ଜିଲ୍ଲାପାଳ, ପୁରୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ପୁରୀ ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ବୈଠକରେ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବା ପାଇଁ ଟ୍ରାଫିକ ପରିଚାଳନା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ, ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସଂଖ୍ୟକ ପୁଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ ତଥା ରଥଯାତ୍ରା ପରିଚାଳନା ପାଇଁ ବିଭିନ୍ନ ବିଭାଗର ସେବା ପ୍ରଦାନକୁ ସମନ୍ୱିତ କରିବା ପାଇଁ ଇଂଟିଗ୍ରେଟେଡ଼ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର, ଯାନବାହନ ପାଇଁ ପାର୍କିଂ ବ୍ୟବସ୍ଥା, ରଥ ନିର୍ମାଣ ପ୍ରସ୍ତୁତି, ରଥଟଣା ସୁବ୍ୟବସ୍ଥା, ବଡଦାଣ୍ଡର ପ୍ରସ୍ତୁତି, ବିଶିଷ୍ଟ ଅତିଥିଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

## ନାବାଳକର ଛାତିରେ ପଶିଗଲା ଲୁହା ରଡ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅସାବଧାନତା ଯୋଗୁଁ ଛାତରୁ ଖସିପଡ଼ିଥିବା ଜଣେ ଛାତ୍ରର ଶରୀରରେ ଲୁହା ରଡ୍ ପଶିଯାଇଛି। ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ଗୁରୁତର ଛାତ୍ରର ନାମ ସୋହନ ଦିଗାଲ (୧୩)। ସୂଚନା ଅନୁସାରେ ୧୩ ବର୍ଷ ବୟସର ସୋହନ ଦିଗାଲ ଆଇଆରସି ଭିଲେଜରେ ଥିବା ଘର ଛାତ ଉପରକୁ ଯାଇଥିଲା। ସେ ସ୍କୁଲ ୟୁନିଫର୍ମ ଆଣିବାକୁ ଚେଷ୍ଟା କରୁଥିବା ବେଳେ ଅସାବଧାନତା ଯୋଗୁଁ ତଳେ ପଡ଼ି ଯାଇଥିଲା। ଛାତରୁ ଖସି ଲୁହା ଗ୍ରିଲ ଉପରେ ପଡିଯାଇଥିଲେ। ସେଥିରେ ଲାଗିଥିବା ଏକ ଲୁହା ରଡ୍ ସୋହନର ଛାତିରେ ପଶି ଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ପହଞ୍ଚିଥିଲେ। ସକାଳେ କାଳବୈଶାଖୀ ଯୋଗୁଁ ଭାଙ୍ଗି ପଡ଼ିଥିବା ଗଛ ହଟାଇବା ପାଇଁ ଅଞ୍ଚଳରେ ଥିବା ଅଗ୍ନିଶମ କର୍ମଚାରୀ ଏକ କଟିଂ ମେସିନ ସାହାଯ୍ୟରେ ସୋହନକୁ ମୁକୁଳାଇ ଥିଲେ। ପରେ ସୋହନଙ୍କୁ ତୁରନ୍ତ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ରିପୋର୍ଟ ଲେଖାଯିବା ବେଳକୁ ସୋହନ୍‌ର ଅପରେସନ୍ ଶେଷ ହୋଇଥିବା ବେଳେ ତାକୁ ଶିଶୁ ବିଭାଗର ଆଇସିୟୁରେ ଭର୍ତ୍ତି କରାଯାଇଛି।

DSPL-18
POSHAN Abhiyaan
PM's Overarching Scheme for Holistic Nourishment
सही पोषण - देश रोशन
ସୁଭଦ୍ରା


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ରାଜ୍ୟସ୍ତରୀୟ
ପୋଷଣ ପକ୍ଷ- ୨୦୨୫
ପାଳନ ସମାରୋହ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ନୂତନ ପ୍ରଶିକ୍ଷାର୍ଥୀ ନିବାସ,
ତାଲିମ୍ ଗୃହ ଏବଂ ପାଠାଗାରର
ଶୁଭ ଉଦ୍‌ଘାଟନ
ଗରିମାମୟ ଉପସ୍ଥିତି
ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ ମୁଖ୍ୟମନ୍ତ୍ରୀ
ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନୀ
ଅଦରକାରୀ ବସ୍ତୁରୁ ତିଆରି ଖେଳଣା ପ୍ରଦର୍ଶନୀ
୧୯ ଏପ୍ରିଲ୍ ୨୦୨୫
ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ, ଭୁବନେଶ୍ୱର

ପୋଷଣ ପକ୍ଷ - ୨୦୨୫
ପାଳନ ମାଧ୍ୟମରେ ପ୍ରମୁଖ ବିଷୟବସ୍ତୁ
ଉପରେ ସମୂହ ସଚେତନତା ସୃଷ୍ଟି
ଶିଶୁର ପ୍ରଥମ ୧୦୦୦ ଦିନର ଗୁରୁତ୍ୱ
CMAM ପ୍ରୋଟୋକଲ୍ ମାଧ୍ୟମରେ କୁପୋଷଣ ଦୂରକରିବା
ଶିଶୁ ମାନଙ୍କ ମେଦବହୁଳତା ରୋକିବା ପାଇଁ ସୁସ୍ଥ ଜୀବନଶୈଳୀ
ବେନିଫିସିଆରୀ ମଡ୍ୟୁଲକୁ ଲୋକପ୍ରିୟ କରାଇବା
https://www.poshantracker.in/beneficiaryLogin



OIPR 33001/13/0084/2526
ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"
-ମୁନ୍‌ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"
-ଡକ୍ଟର ରାଧାକ୍ରିଷ୍ଣନ୍



### ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

## ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଚିନ୍ତାଜନକ ତଥ୍ୟ

ଅତୀତରେ ଆମ ଦେଶରେ ପୁରୁଷ ପ୍ରଧାନ ସମାଜ ବ୍ୟବସ୍ଥାରେ ମହିଳାମାନଙ୍କୁ ଦୁର୍ବଳ ଅବଳା ଭାବରେ ବିଚାର କରାଯାଇ ଘରର ଚାରିକାନ୍ଥ ଭିତରେ ସେମାନଙ୍କୁ ଆବଦ୍ଧ ରଖାଯାଉଥିଲା । ମାତ୍ର ଯୁଗ ବଦଳିବା ସହିତ ମହିଳାମାନେ ଅଧିକ ସଚେତନ ହେବା ସଙ୍ଗେ ସଙ୍ଗେ ଆଜି ସବୁ କ୍ଷେତ୍ରରେ ପୁରୁଷଙ୍କ ସମକକ୍ଷ ହୋଇଛନ୍ତି । ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ମହିଳାମାନେ ପୁରୁଷଙ୍କୁ ପଛରେ ପକାଇ ଅଧିକ କୃତିତ୍ୱ ହାସଲ କରୁଥିବା ବେଳେ ବିମାନ ଚାଳନା, ସେନାବାହିନୀରେ ଯୋଗଦାନ, ମହାକାଶ ବିଜ୍ଞାନ ଗବେଷଣା କ୍ଷେତ୍ରରେ ଅଂଶଗ୍ରହଣ କରି ସେମାନେ କମ୍ ସଫଳତା ଅର୍ଜନ କରୁନାହାନ୍ତି । ସମଗ୍ର ନାରୀ ସମାଜ ଆଜି ଆତ୍ମନିର୍ଭରଶୀଳତା ପଥରେ ଅଗ୍ରସର ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ । ମାତ୍ର ମାତୃଶକ୍ତିର ଏହି ଜୟଯାତ୍ରା ସମୟରେ କିଛିମାସ ପୂର୍ବେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏକ ରିପୋର୍ଟ ଚିନ୍ତାଜନକ ତଥ୍ୟ ପ୍ରଦାନ କରିଛି । ଖୋଦ୍ ସରକାର ସ୍ୱୀକାରୋକ୍ତି ଅନୁଯାୟୀ ଆମ ଦେଶରେ ଗତ ୨୦୧୯ରୁ ୨୦୨୧ ମସିହା ମଧ୍ୟରେ ୧୩ଲକ୍ଷ ୧୩ ହଜାରରୁ ଅଧିକ ମହିଳା ନିଖୋଜ ହୋଇଛନ୍ତି, ଯେଉଁମାନଙ୍କର ଆଦୌ ପତ୍ତା ମିଳୁନାହିଁ । ମଧ୍ୟପ୍ରଦେଶରୁ ସର୍ବାଧିକ ମହିଳା ନିଖୋଜ ଥିବା ସ୍ଥଳେ ଦ୍ୱିତୀୟ ସ୍ଥାନରେ ପଶ୍ଚିମବଙ୍ଗ, ତୃତୀୟ ସ୍ଥାନରେ ମହାରାଷ୍ଟ୍ର ଥିବାର ରିପୋର୍ଟରେ ଉଲ୍ଲେଖ ରହିଛି । ଆମ ରାଜ୍ୟ ଓଡ଼ିଶା ମଧ୍ୟ ଏ କ୍ଷେତ୍ରରେ ଚତୁର୍ଥ ସ୍ଥାନରେ ରହିଛି । ଆଲୋଚ୍ୟ ଦୁଇବର୍ଷ ଭିତରେ ୧୮ବର୍ଷରୁ ଅଧିକ ବୟସର ୧୦ଲକ୍ଷ ୬୧ହଜାର ୬୪୮ ମହିଳା ଏବଂ ଏହାଠାରୁ କମ୍ ବୟସର ୨ଲକ୍ଷ ୫୧ ହଜାର ୪୩୦ଝିଅଙ୍କର କୌଣସି ଖୋଜ ଖବର ମିଳୁନାହିଁ । ସେମାନେ କୁଆଡ଼େ ଗଲେ ତାହା ମଧ୍ୟ କେହି କହିପାରୁନାହାନ୍ତି । ଏହି ଦୁଇବର୍ଷ ମଧ୍ୟରେ ମଧ୍ୟପ୍ରଦେଶରୁ ୧ଲକ୍ଷ ୬୦ ହଜାର ୧୮୦ଜଣ ଅଠର ବର୍ଷରୁ ଅଧିକ ବୟସର ମହିଳା ଓ ୩୮ ହଜାର ୨୩୪ କମ୍ ବୟସର ଝିଅ ନିରୁଦ୍ଦିଷ୍ଟ ହୋଇଛନ୍ତି । ପଶ୍ଚିମବଙ୍ଗରେ ୧ଲକ୍ଷ ୫୬ ହଜାର ୯୦୫ଜଣ ମହିଳା ଓ ୩୬ ହଜାର ୩୦୬ କମ୍ ବୟସର ଝିଅଙ୍କ ପତ୍ତା ମିଳୁନାହିଁ । ସେହିପରି ମହାରାଷ୍ଟ୍ରରେ ୧ଲକ୍ଷ ୭୮ ହଜାର ୪୦୦ ମହିଳା ନିଖୋଜ ଥିବାସ୍ଥଳେ ଅଠର ବର୍ଷରୁ କମ୍ ବୟସର ୧୩ ହଜାର ୩୩୩ଝିଅଙ୍କ କୌଣସି ସନ୍ଧାନ ମିଳୁନାହିଁ । ଓଡ଼ିଶାରେ ୨୦୧୯ରୁ ୨୦୨୧ ମସିହା ଦୁଇବର୍ଷ ଭିତରେ ୭୦ହଜାର ୨୨୨ମହିଳା ଓ ୧୬ ହଜାର ୬୪୯ କମ୍ ବୟସର ଝିଅ ନିଖୋଜ ହେବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରିପୋର୍ଟରେ ଦର୍ଶାଯାଇଛି । ତେବେ ପ୍ରଶ୍ନ ଉଠୁଛି, ଦୁଇବର୍ଷ ଭିତରେ ଏତେ ସଂଖ୍ୟକ ମହିଳା ଗଲେ କୁଆଡ଼େ, ସେମାନଙ୍କୁ କିଏ ନିଖୋଜ କରିଛି, ନିଖୋଜ ପଛର କାରଣ କ'ଣ ହୋଇପାରେ । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟକୁ ଭିତ୍ତିକରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ରିପୋର୍ଟ ପ୍ରସ୍ତୁତ କରିଛି । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ର ସରକାର ନିଜର ବୟାନ ରଖିଛନ୍ତି ଏବଂ ମହିଳାଙ୍କ ସୁରକ୍ଷା ନିମନ୍ତେ ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି । ଦେଶରେ ଯୌନ ଅପରାଧ ରୋକିବାକୁ ଅପରାଧିକ ଆଇନ (ସଂଶୋଧନ) ଅଧିନିୟମ-୨୦୧୩ ରହିଥିବାବେଳେ ୧୨ବର୍ଷରୁ କମ୍ ବୟସର ଝିଅଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେବା ଲାଗି ମଧ୍ୟ ୨୦୧୮ ମସିହାର ଆଇନରେ ବ୍ୟବସ୍ଥା ହୋଇଛି । ଏହାଛଡ଼ା ସରକାର ଜରୁରିକାଳୀନ ଅଭିଯୋଗ ଶୁଣିବାକୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି । ସ୍ମାର୍ଟ ପୁଲିସ ବ୍ୟବସ୍ଥା ଏବଂ ସୁରକ୍ଷା ସଂସ୍ଥାକୁ ବୈଷୟିକ ଜ୍ଞାନ ସମ୍ପନ୍ନ କରାଯାଇ ଅପରାଧ ରୋକିବାକୁ ଅନେକ ଯୋଜନା ହାତକୁ ନିଆଯାଇଛି । ଏସବୁ ସତ୍ତ୍ୱେ ଦୁଇବର୍ଷରେ ଲକ୍ଷ ଲକ୍ଷ ମହିଳା ନିଖୋଜ ହେବା ଘଟଣା ଆଇନ ଶୃଙ୍ଖଳା ସ୍ଥିତି ଉପରେ ନିଶ୍ଚିତ ଭାବରେ ପ୍ରଶ୍ନଚିହ୍ନ ଆଙ୍କୁଛି ।

### ନୀତିବାଣୀ

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥

**ଭାବାର୍ଥ :** ସବୁଧର୍ମର ଆଶ୍ରୟ ଛାଡ଼ି ତୁମେ କେବଳ ମୋର ଶରଣକୁ ଆସିଯାଅ। ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି। ଚିନ୍ତା କରନାହିଁ।

# ଦେଶରେ ମାତୃ ମୃତ୍ୟୁ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଦେଶରେ ୨୦୦୦ରୁ ୨୦୨୩ ମାତୃ ମୃତ୍ୟୁହାର ଟ୍ରେଣ୍ଡ ନେଇ ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ୨୦୨୩ ମସିହାରେ ଭାରତରେ କେବଳ ୧୯,୦୦୦ ମାତୃ ମୃତ୍ୟୁ ଘଟିଥିଲା, ଯାହାକି ଆନ୍ତର୍ଜାତିକ ମୃତ୍ୟୁ ହାରର ୭.୨ ପ୍ରତିଶତ। ସେହିପରି ମାତୃ ମୃତ୍ୟୁ କ୍ଷେତ୍ରରେ ନାଇଜେରିଆ ପ୍ରଥମ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହା କେବଳ ସ୍ୱାସ୍ଥ୍ୟ ପ୍ରସଙ୍ଗ ନୁହେଁ ମାତୃ ସୁରକ୍ଷା କ୍ଷେତ୍ରରେ ଭାରତରେ ବ୍ୟବସ୍ଥାଗତ ବିଫଳତାକୁ ଦର୍ଶାଉଛି ବୋଲି କୁହାଯାଇପାରେ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ମାତୃ ମୃତ୍ୟୁହାର (ଏମଏମଆଇ) ହ୍ରାସ କରିବାରେ ଭାରତ ଅଦଭୂତପୂର୍ବ ସଫଳତା ହାସଲ କରିଛି। ଯାହାକି ୨୦୦୦ରେ ପ୍ରତି ୧,୦୦,୦୦୦ ପ୍ରସବରେ ମାତୃମୃତ୍ୟୁ ୩୮୪ ଥିବାବେଳେ ୨୦୦୩ରେ ତାହା ମାତ୍ର ୨୦୩କୁ ହ୍ରାସ ପାଇଛି। କେରଳ, ତାମିଲନାଡୁ ଭଳି ରାଜ୍ୟରେ ମାତୃ ମୃତ୍ୟୁହାର ଏକକ ସଂଖ୍ୟାକୁ ହ୍ରାସ ପାଇଥିବାବେଳେ ଉତ୍ତରପ୍ରଦେଶ, ବିହାର ପରି ରାଜ୍ୟରେ ଏବେ ଗମ୍ଭୀର ପର୍ଯ୍ୟାୟରେ ରହିଛି। ଏହି ତଥ୍ୟ ଆଞ୍ଚଳିକ ସ୍ତରରେ ନୀତି ନିର୍ଦ୍ଧାରଣରେ ଥିବା ପାର୍ଥକ୍ୟକୁ ପ୍ରତିପାଦନ କରୁଛି। କହିବା ବାହୁଲ୍ୟ ଯେ, ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ବା ଜାତୀୟ ପରିବାର ନିୟୋଜନ କାର୍ଯ୍ୟକ୍ରମକୁ ଅତ୍ୟନ୍ତ ସଫଳତାର ସହ କାର୍ଯ୍ୟକାରୀ କରିବାରେ ଉଭୟ କେରଳ ଓ ତାମିଲନାଡୁ ତାଲିକାର ସର୍ବାଗ୍ରେ ରହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନାଇଜେରିଆ ସହ ଭାରତର ତୁଳନାକୁ ଦୃଢ ଭାବେ ଅଗ୍ରାହ୍ୟ କରିଛି, ଯାହାକି ଯଥାର୍ଥତା ବହନ କରେ। ଯାହାର କାରଣ ସ୍ୱରୁପ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେଶର ଜନସଂଖ୍ୟାକୁ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତ ଏବେ ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ଭାବେ ଚୀନ୍‌କୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇ ପ୍ରଥମ ସ୍ଥାନ ଅଧିକାର କରିଛି। ଜନସଂଖ୍ୟା ଦୃଷ୍ଟିରୁ ଭାରତରେ ମାତୃମୃତ୍ୟୁ ହାର ଅନ୍ୟ ରାଷ୍ଟ୍ରଗୁଡିକ ତୁଳନାରେ ଅଧିକ ରହିବା ସ୍ୱାଭାବିକ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦର୍ଶାଇଛି। ଏବେ ବି ଦେଶରେ ପରିବାରଗୁଡିକ ଦୈନିକ ୫୨ଜଣ ନବ ପ୍ରସବା ମହିଳାଙ୍କର ମୃତ୍ୟୁ ଘଟୁଥିବା ସାଂପ୍ରତିକ ଆକଳନ ସୂଚନା ଦେଇଛି। ଏହା ନିଃସନ୍ଦେହ ଯେ, ଏହି ସମସ୍ୟା କେବଳ ସ୍ୱାସ୍ଥ୍ୟଯନ୍ତ୍ର ଭିତିଭୂମି ଉପରେ ନୁହେଁ, ସାମାଜିକ ଆବଶ୍ୟକତା ତଥା ପୁଷ୍ଟିକର ଖାଦ୍ୟ, ଶିକ୍ଷା, ବାଲ୍ୟ ବିବାହ ଏବଂ ଗର୍ଭବତୀ ସମୟରେ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଅଭାବ ଯୋଗୁଁ ଘଟୁଛି। ଦେଶରେ ବାଲ୍ୟ ବିବାହ ପରି କୁସଂସ୍କାର ଏବେ ଚିନ୍ତାଜନକ ସ୍ଥିତିରେ ରହିଛି। ସେହିପରି ଗର୍ଭବତୀ ଅବସ୍ଥାରେ କୁପୋଷଣ ବା ପୁଷ୍ଟିର ଅଭାବ ଗୁରୁତର ସମସ୍ୟା ସୃଷ୍ଟି କରିଛି। ଏହା ସତ୍ୟ ଯେ, ଦେଶରେ ମାତୃ ଓ ଶିଶୁ ସୁରକ୍ଷା ପାଇଁ ସରକାର କେନ୍ଦ୍ର ଓ ରାଜ୍ୟ ସ୍ତରରେ ସରକାର ବହୁବିଧ ଯୋଜନା ତଥା ଜନନୀ ସୁରକ୍ଷା ଯୋଜନା, ଶକ୍ତି ମାତୃତ୍ୱ ଆଶ୍ୱାସନା (ଏସ୍‌ୟୁଏମ୍‌ଏନ୍‌ଏ), ବେଟି ବଚାଓ, ବେଟି ପଢାଓ, ମମତା, ଆଦି ଯୋଜନା କାର୍ଯ୍ୟକାରୀ କରୁଥିଲେ, ତାହା ସଫଳ ହୋଇପାରିନାହିଁ। ବିଶେଷ କରି ଦୁର୍ଗମ ଅଞ୍ଚଳରେ ଏହି ଯୋଜନାଗୁଡିକ ସାତ ସପନ ହୋଇଛି। ଏଥିଲାଗି କେନ୍ଦ୍ର ଓ ରାଜ୍ୟ ସରକାରମାନେ ଅଗ୍ରାଧିକାର ଭିତିରେ କାର୍ଯ୍ୟ କରିବା ଜରୁରୀ। ସେହିପରି ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା, ଦୁର୍ଗମ ଅଞ୍ଚଳରେ ସେବା ବିଭିନ୍ନ ଜନନୀ ସୁରକ୍ଷା ଯୋଜନାକୁ ପହଞ୍ଚାଇବା, ଯୋଜନାକୁ କାର୍ଯ୍ୟକାରୀ କରୁଥିବା କ୍ଷେତ୍ରୀୟ ଅଧିକାରୀମାନଙ୍କୁ ଉତରଦାୟୀ କରିବା ଏବଂ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ସମ୍ପ୍ରଦାୟକୁ ଯୋଜନାରେ ସାମିଲ କରିବା ପାଇଁ ସଚେତନତା କରିବା ଆବଶ୍ୟକତା ରହିଛି, ଯାହାକି ମାତୃ ମୃତ୍ୟୁକୁ ରୋକିପାରିବ। ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତି ଏବଂ ସମନ୍ୱୟଭିତ୍ତିକ କ୍ରୀୟାନୁଷ୍ଠାନର ଆବଶ୍ୟକତା ରହିଛି। କୌଣସି ମହିଳାଙ୍କୁ ମୃତ୍ୟୁବରଣ କରିବାକୁ ଦିଆଯିବା ଆଦୌ ଉଚିତ୍ ନୁହେଁ, ଯେତେବେଳେ ସେ ନୂତନ ଜୀବଦାନ ଦେଇଥାନ୍ତି, ଏହା ହିଁ ସରକାରଙ୍କ ନିଶାଣ ହେବା ସାଂପ୍ରତିକ ସମୟର ଜରୁରି ଆବଶ୍ୟକତା।

# ଜଗନ୍ନାଥ ଚରିତାମୃତରେ ଓଡ଼ିଆ ଶବ୍ଦ ସମ୍ଭାର



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ଗଙ୍ଗା ନଦୀ ଠାରୁ ଗୋଦାବରୀ ପର୍ଯ୍ୟନ୍ତ କଳିଙ୍ଗର ସୀମାରେଖା ଥିବା କଥା ପ୍ରାଚୀନ ପୁରାଣ, ଇତିହାସ, ଧର୍ମଶାସ୍ତ୍ର ଓ ବିଭିନ୍ନ ଗ୍ରନ୍ଥମାନଙ୍କରେ ଥିବାର ସମସ୍ତେ ସମସ୍ୱରରେ ସ୍ୱୀକାର କରନ୍ତି। ପରବର୍ତ୍ତୀ କାଳରେ ଏହାର କେତେକାଂଶ ମିଶାଣ ଓ ଫେଡ଼ାଣ ହୋଇ ଏବର 'ଓଡ଼ିଶା' ଭାବେ ପରିଚିତ ହୋଇଆସୁଛି। ପୂର୍ବରୁ କିନ୍ତୁ କଳିଙ୍ଗ ଆଗଙ୍ଗା ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ଏହି କଳିଙ୍ଗରେ ଭାରତର ଆଦିମ ଅଧିବାସୀମାନେ ବାସକରି ରହିଥିଲେ। ସେମାନଙ୍କୁ ନିଷାଦ ଶବର, ବନ୍ଦୁ, ବନଗୁ, କଳି ଓ ବଳି ପ୍ରଭୃତି ନାମରେ ନାମିତ କରାଯାଇଥିଲା। ସେ ମଧ୍ୟରୁ 'କଳି' ନାମ ଏକ ଶବର ଗୋଷ୍ଠୀର ଅଧ୍ୟୁଷିତ ଅଞ୍ଚଳ ଥିଲା। ତେଣୁ ଏହାକୁ କଳିଙ୍ଗ କୁହାଯାଉଥିଲା। ବାସସ୍ଥାନ ଭେଦରେ ଏଠାର ଶବର ମାନେ ତ୍ରିବିଧ ଥିବା କଥା ତଦ୍‌ବିଦ୍‌ମାନେ କହନ୍ତି। ସୁଉଚ୍ଚ ପର୍ବତ ଶିଖରରେ ଯେଉଁମାନଙ୍କର ଅଧିଷ୍ଠାନ ଥିଲା ସେମାନେ 'ପାର୍ବତ୍ୟ', ଯେଉଁମାନେ ଅରଣ୍ୟର ଉଚ୍ଚାବଚ ଭୂମିରେ ବାସକରି ରହିଥିଲେ ସେମାନେ ଆରଣ୍ୟକ ଏବଂ ଉପକୂଳବର୍ତ୍ତୀ ସମତଳ ଭୂଭାଗରେ ବସବାସ କରି ରହିଥିବା ଶ୍ରେଣୀ 'ଓଡ଼ ଶବର' ଭାବରେ ପରିଚିତ ଥିଲେ। ଏମାନଙ୍କୁ ଓଡ଼ କହିବାର କାରଣ ସେମାନେ ଥିଲେ କୃଷିଜୀବୀ ଶବର ବା ସୌରା ଭାଷାରେ ଓଡ଼ କହିଲେ 'ଋଷ'। ସେହିଥିରୁ ଓଡ଼ିଆ ଶବ୍ଦର ଉତ୍ପତ୍ତି ଏବଂ ସେମାନଙ୍କ ବାସସ୍ଥଳୀ ଓଡ଼ିଶା ନାମରେ ପରିଚିତ। ବାସ୍ତବରେ ସେମାନଙ୍କ ଭାଷା ଥିଲା 'ଶାବରୀ'। ମାର୍କଣ୍ଡେୟ ମିଶ୍ର ଷୋଡ଼ଶ ଶତାବ୍ଦୀରେ ତାଙ୍କର 'ପ୍ରାକୃତ ସର୍ବସ୍ୱ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି। ତାଙ୍କ ମତରେ -

"ଶାବର୍ଯ୍ୟାମେ ବୌଡ୍ରୀ ଯୋଗାଉଦ୍ଦେଶ୍ୟ
ସୌରସେନ୍ୟା ଦେଃ"।

ଅର୍ଥାତ୍, ଶାବରୀ ଭାଷାରେ ସୌର ସେନ୍ୟାଦି ଦେଶ୍ୟ ଶବ୍ଦ ଯୋଗରେ 'ଓଡ୍ରୀ' ଭାଷା ଉତ୍ପନ୍ନ। ବର୍ତ୍ତମାନର ଓଡ଼ିଆ ଭାଷା ବିଶ୍ଳେଷଣ କାଳରେ ଏହାର ସତ୍ୟତା ଜଣାପଡ଼େ। ଭାଷାବିତମାନଙ୍କ ମତରେ ଓଡ଼ିଆ ଭାଷାରେ ଋରି ପ୍ରକାର ଶବ୍ଦ ପରିଦୃଷ୍ଟ, ସେଗୁଡ଼ିକ ହେଲା 'ତତ୍ସମ', 'ତଦ୍‌ଭାବ', 'ଅନ୍ୟାଗତ' ଓ 'ଦେଶ୍ୟ'। ସଂସ୍କୃତ ଭାଷା ମଧ୍ୟ ଏହାର ସମାନ ଶବ୍ଦାବଳୀ। ଯଥା- ମସ୍ତକ, ହସ୍ତ, ମେଘ, ରକ୍ତ, ସ୍ୱର୍ଣ୍ଣ ପ୍ରଭୃତି ଶବ୍ଦ ତତ୍ସମ - ମଥା, ହାତ, ସୁନା, ପୁଅ, ଭଉଣୀ ପ୍ରଭୃତି ତଦ୍‌ଭବ ; - ମୋହରିର, ସ୍କୁଲ, ଦସ୍ତାବେଜ, ଓକିଲ, ଡାକ୍ତର ଓ ଚୌକି ପ୍ରଭୃତି ଅନ୍ୟାଗତ, ତା'ଛଡ଼ା ଗିନା, ତାଟିଆ, ତୋରାଣି, ପେଜ, ଉଧାଣି ପ୍ରଭୃତି ଶବ୍ଦ 'ଦେଶ୍ୟ' ନାମରେ ଅଭିହିତ। ମାତ୍ର ଏହା ସ୍ପଷ୍ଟ ଅନୁମେୟ ହୁଏ ଯେ 'ତତ୍ସମ', ତଦ୍‌ଭବ ଓ ଅନ୍ୟାଗତ ଯେପରି ସହଜରେ ବାରି ହୋଇଯାଏ। ଦେଶ୍ୟ ଶବ୍ଦ ସହଜରେ ବାରି ହୋଇପାରେ ନାହିଁ। ତେଣୁ ସେଗୁଡ଼ିକୁ 'ଅବ୍ୟୁତ୍ପନ୍ନ' ରୂପେ ପରିଗଣିତ କରାଯାଇଛି। ପ୍ରାକୃତର ଅନୁପ୍ରବେଶ ଦ୍ୱାରା ଓଡ଼ିଆ ଭାଷାର ସୃଷ୍ଟି ହୋଇଥିବା ଅନେକ ଭାଷାକାର ମତପ୍ରଦାନ କରିଥାନ୍ତି।

ଏହାର ପ୍ରାମାଣିକତା ଜଗନ୍ନାଥ ସଂସ୍କୃତିରୁ ପରିଲକ୍ଷିତ ହୁଏ, ଓଡ଼ିଶାର ଆରାଧ୍ୟ 'ଜଗନ୍ନାଥ' ଆଦିମ ଯୁଗର ଶବରଙ୍କ ଦ୍ୱାରା ଉପାସିତ ହୋଇ ଆସୁଥିଲେ। ସେତେବେଳେ ସେଥିଲେ ଏକ ମହିମାବନ୍ତ ଦାରୁ। ଦାରୁ ଏକ ଆଦିବାସୀ ଶବ୍ଦ। ଏହାର ଅର୍ଥ କାଠ। ଆଦିବାସୀ ଶବରଙ୍କ ଦେବତା ହେବାଯୋଗୁ ବୋଧହୁଏ ତାଙ୍କରି ଭାଷାରେ ନାମକରଣ ହୋଇ "ଦାରୁ ଦେବତା" ରଖାଯାଇଥିଲା। ଯେହେତୁ ସେଥିଲେ କାଷ୍ଠ ସ୍ୱରୂପ। ଦାରୁ ପରବର୍ତ୍ତୀ ଯୁଗରେ ବୈଦିକ ଗ୍ରନ୍ଥରେ ସ୍ଥାନପାଇ "ଦାରୁ" ସହିତ "ବ୍ରହ୍ମ" ଶବ୍ଦ ଯୋଗକରି ତାଙ୍କୁ ଦାରୁବ୍ରହ୍ମ ବା ବ୍ରହ୍ମଦାରୁ ରୂପେ ପରିଚିତ କରାଯାଇ ସମ୍ବୋଧନ କରାଯାଉଥିଲା। ଯାହା ଓଡ଼ଶବରଙ୍କ ଭାଷା 'ଓଡ଼ିଆ'। ଏହିପରି ଏକ 'ଦାରୁ' ଶବ୍ଦ ନୁହେଁ ଦାରୁ ଦେବତାଙ୍କ ଚଳଣିରେ ଅନେକ ଅବ୍ୟୁତ୍ପନ୍ନ ଶବ୍ଦ ଯଥା - ଖେଇ, ବାନା, ପହଣ୍ଡି, ବାହୁଡ଼ା, ମଣୋହି, ତଡ଼ପ, ହଡ଼ପ, ଖଟଣି, ଦଉଡ଼ି, ଚାଟି, କୋପ, ସତଆଳ ଖୁଣ୍ଟିଆ, ସତ୍ୟୁତ, ପାଳି ଇତ୍ୟାଦି। ଏସବୁ ଖାଣ୍ଟି ଓଡ଼ିଆ ଅବ୍ୟୁତ୍ପନ୍ନ ଶବ୍ଦ, ଯଦିଓ ଅନେକ ଭାଷାବିତ୍ ଏ ସବୁରୁ କେତେକକୁ ଟାଣି ଓଟାରି ଅନ୍ୟଭାଷାରୁ ଆଗତ ବୋଲି କହୁଛନ୍ତି। ପ୍ରକୃତରେ ତାହା ଯଦି ସଂସ୍କୃତ ବା ଅନ୍ୟକୌଣସି ଭାଷାର ହୋଇଥାଆନ୍ତା। ତେବେ ସେ ସବୁ ଅବିକୃତ ଭାବେ ପ୍ରଯୁକ୍ତ ହେବାର କୌଣସି ପ୍ରତିବନ୍ଧକ ନଥିଲା। ସେହି ଧରଣର ଶବ୍ଦମାନ ଠାକୁରଙ୍କ ଚଳଣୀରେ ସନ୍ନିବିଷ୍ଟ ନହୋଇଛି ନୁହେଁ। ଯଥା- ଅବକାଶ, ନିଯୋଗ, ପ୍ରସାଦ, ପାଟିଲ, ମଣ୍ଡପ, କପଡ଼ କୋଇଲି, ଆଳତି, ଭୋଗ ଭଣ୍ଡାର ପଣ୍ଡା ପ୍ରଭୃତି ଏହାର ଦୃଷ୍ଟାନ୍ତ।

ଏଣୁ ଉପରଲିଖିତ ଉଦାହରଣ ମାନଙ୍କରୁ ସ୍ପଷ୍ଟ ଅନୁମିତ ହୁଏ ଯେ, ଦାରୁ ଦେବତାଙ୍କ ଉପାସନା କାଳରେ ଓଡ଼ ଶବର ସମାଜରେ ପ୍ରଚଳିତ ଖାଣ୍ଟି ଓଡ଼ିଆ ଦେଶ୍ୟ ଶବ୍ଦାବଳୀ ଦ୍ୱାରା ବିଭିନ୍ନ ପଦାର୍ଥ ସେବା ପୂଜା ବିଧିମାନ ସଂଗଠିତ ହୋଇ ଆସୁଥିଲା। ଉତ୍ତରକନ୍ଦରେ ଦେବତାଙ୍କ ପୂଜା କାର୍ଯ୍ୟରେ ଶବରଙ୍କ ପ୍ରାଧାନ୍ୟ କ୍ଷୁର୍ଣ୍ଣ ହୋଇ ବୈଷ୍ଣବତ ପ୍ରବେଶ କରିବା ସଙ୍ଗେ ସଙ୍ଗେ ବଳିଷ୍ଠ ସଂସ୍କୃତ ତଥା ଅନ୍ୟଭାଷାର ଶବ୍ଦମାନ ସେଥିରେ ଗ୍ରଥିତ ହୋଇପଡ଼େ ଏବଂ ଅପେକ୍ଷାକୃତ ଦୁର୍ବଳ ଓଡ଼ିଆ ଶବ୍ଦ ଗୁଡ଼ିକ ଗୌଣ ହୋଇପଡ଼ନ୍ତି। ତଥା ଆଦିମ ଅବସ୍ଥାରୁ ପାରମ୍ପରିକ ରୀତିରେ ଚଳିଆସୁଥିବା ହେତୁ ସେଗୁଡ଼ିକ ଉପେକ୍ଷା କରିବା ଅଦ୍ୟାବଧି ସମ୍ଭବ ହୋଇପାରିନାହିଁ। ସେହି କାରଣରୁ ଆଜି ଜଗନ୍ନାଥଙ୍କ ସେବାରେ ଯେତେ ଧର୍ମ ବା ସମ୍ପ୍ରଦାୟର ପ୍ରଲେପ ଦେଲେ ସୁଦ୍ଧା ତାହା ଅବିକୃତ ରହି କୌଣସି ପରିବର୍ତ୍ତନ ଘଟିନାହିଁ। ଅନେକ ସେଥିରେ ଗର୍ବ ଅନୁଭବ କରି ମଧ୍ୟ ମୂଳ ଉପାସନାରେ କୌଣସି ଭାଷାର ବିକୃତ ଘଟାଇ ନପାରି ଆଜି ମଧ୍ୟ ଜଗନ୍ନାଥେ ଦାରୁଦେବତା ହୋଇ ରହିଛନ୍ତି।

# ସମ୍ମାନ ରକ୍ଷା ଆଳରେ ବର୍ବରତା !



ଶ୍ରୁତକୀର୍ତ୍ତି ତ୍ରିପାଠୀ
ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

ସାମ୍ପ୍ରତିକ ପରିସ୍ଥିତିରେ ଆତ୍ମହତ୍ୟା କିମ୍ବା ସ୍ୱାଭାବିକ ମୃତ୍ୟୁ ବୋଲି ଅନୁମାନ କରାଯାଉଥିବା ଅନେକ ଘଟଣା ଗୁଡିକର ତଦନ୍ତ ପରେ ଏଭଳି ତଥ୍ୟ ସାମ୍ନାକୁ ଆସୁଛି ଯାହା ବିଷୟରେ ଜାଣିଲେ ହୃଦୟ ଥରି ଉଠିବ। ଏଭଳି ହତ୍ୟା ଗୁଡ଼ିକ ପଛରେ ପରିବାର ଲୋକଙ୍କ ଦ୍ୱାରା ସୁପରିକଳ୍ପିତ ହତ୍ୟାକାଣ୍ଡ ବା 'ଅନର କିଲିଂ' ନାମକ ଷଡ଼ଯନ୍ତ୍ର ଥିବା ପ୍ରମାଣ ମିଳୁଛି। ଏଭଳି ଘଟଣା ଗୁଡ଼ିକରେ ପରିବାରର ସମ୍ମାନ ରକ୍ଷା କରିବା ପାଇଁ ପରିବାରର ସଦସ୍ୟ ଓ ଆତ୍ମୀୟମାନେ ନିଜର ସନ୍ତାନମାନଙ୍କୁ ହିଁ ହତ୍ୟା କରିବା ପାଇଁ ତିଳେ ହେଲେ ଦ୍ୱିଧା ପ୍ରକାଶ କରିନଥାନ୍ତି।

ହତ୍ୟା ଏକ ଜଘନ୍ୟ ଅପରାଧ। କିନ୍ତୁ ନିଜ ଆତ୍ମୀୟ ସ୍ୱଜନ ଏପରିକି ନିଜର ଅତି ନିକଟ ସମ୍ପର୍କୀୟମାନେ ଚକ୍ରାନ୍ତ କରି ପରିବାରର ସଦସ୍ୟ ମାନଙ୍କୁ ହତ୍ୟା କରିବା ବା କାହା ଦ୍ୱାରା କରେଇବା ଏକ ଅକ୍ଷମଣୀୟ ଏବଂ ଲଜ୍ୟାଜନକ ଅପରାଧ। ଲୋକ ଦେଖାଣିଆ ସମ୍ମାନ, ବଂଶଗତ ପ୍ରତିପତ୍ତିକୁ ବଞ୍ଚେଇ ରଖିବା ଆଳରେ ନିଜ ପରିବାର, ବଂଶ ତଥା ସମୁଦାୟର କୌଣସି ସଦସ୍ୟର ହତ୍ୟା ଉଦ୍ୟମକୁ ଅନର୍ କିଲିଂ କୁହାଯାଏ। ସେମାନଙ୍କର ଧାରଣା ଯେ ଏଭଳି ସନ୍ତାନ, ଯେଉଁମାନେ ତାଙ୍କ ଜାତି ଏବଂ କୂଳ ପାଇଁ ନିନ୍ଦା, ଅପବାଦ ଆଣନ୍ତି; ସେମାନେ ବଞ୍ଚିବା ଅପେକ୍ଷା ତାଙ୍କୁ ମାରି ଦିଆଯିବା ଶ୍ରେୟସ୍କର। ସମଗ୍ର ବିଶ୍ୱରେ ପ୍ରତିବର୍ଷ ୫୦୦୦ ହତ୍ୟା, କେବଳ ଅନର୍ କିଲିଂ ଯୋଗୁଁ ହୋଇଥାଏ। ଏନ୍.ସି.ଆର.ବି ରିପୋର୍ଟ ଅନୁଯାୟୀ ଉତ୍ତର ପ୍ରଦେଶରେ ଏହିଭଳି ଘଟଣା ଅଧିକ ଦେଖିବାକୁ ମିଳେ ବୋଲି ତଥ୍ୟ ପ୍ରକାଶ ପାଇଛି। ମାତ୍ର ତଥ୍ୟ ବାହାରେ ଅନେକ ଘଟଣା ଲୋକଲୋଚନକୁ ମଧ୍ୟ ଆସୁନାହିଁ। ଅନର କିଲିଂ ଭାରତୀୟ ସମ୍ବିଧାନର ଧାରା ୧୪, ଧାରା ୧୫, ଧାରା ୧୯, ଧାରା ୨୧ ଓ ଧାରା ୩୯ର ନିୟମଗୁଡିକୁ ଉଲ୍ଲଙ୍ଘନ କରେ। ଦେଖିବାକୁ ଗଲେ ଏହା କୌଣସି ବ୍ୟକ୍ତି ସହ ହୋଇଥିବା ଅପରାଧ ନୁହେଁ ବରଂ ସମଗ୍ର ମାନବ ସମାଜ ପ୍ରତି ହୋଇଥିବା ଏକ ଅପରାଧ ବୋଲି କହିଲେ ଠିକ୍ ହେବ। ଏଥିରୁ ଜଣାପଡୁଛି ବିଗତ ୭୮ ବର୍ଷର ସ୍ୱାଧୀନତା ପରେ ମଧ୍ୟ ଭାରତରେ ଜାତିପ୍ରଥାର ବିଲୋପ ହୋଇନାହିଁ।

ଏଭଳି କାଣ୍ଡ ପଛରେ କାରଣ, ପରିବାରର ସଦସ୍ୟମାନଙ୍କର ଏହି ମାନସିକତା ଯେ ତାଙ୍କ ସନ୍ତାନମାନେ ତାଙ୍କ ଇଚ୍ଛା ବିରୁଦ୍ଧରେ ଜୀବନସାଥୀ ଚୟନ କରୁଛନ୍ତି ଏବଂ ତାଙ୍କ ସହ ଜୀବନ ବିତେଇବା ପାଇଁ ଘର ଛାଡିବା ଦ୍ୱାରା ତାଙ୍କ ମାନ ସମ୍ମାନକୁ ଆଘାତ ଦେଉଛନ୍ତି। ବିବାହିତ ଜୀବନ ବଞ୍ଚିବା ପାଇଁ ସେମାନେ ପରିବାର ଠାରୁ କିଛି ସାହାଯ୍ୟ ଓ ସହଯୋଗ ଆବଶ୍ୟକ ନକଲେ ମଧ୍ୟ ଜାତି, ଗୋତ୍ର ଓ ସମ୍ପ୍ରଦାୟର ଯଶ ହାନି ଦୋଷରେ ସେମାନଙ୍କୁ ହତ୍ୟା କରିଦିଆଯାଉଛି। ବେଳେବେଳେ ଜାତି ଓ ସମ୍ପ୍ରଦାୟ ନୁହେଁ କେବଳ ପ୍ରେମ ବିବାହ ହିଁ ଅନର କିଲିଂର କାରଣ ସାଜିଥାଏ । ଆଉ କିଛି କାରଣ ଯେପରିକି, ପୁଅ ଏବଂ ଝିଅଙ୍କ ସମାନ ଗୋତ୍ରରେ ବିବାହ, ବିବାହ ପୂର୍ବରୁ କିମ୍ବା ପରେ ପୁରୁଷ/ମହିଳା ଅନ୍ୟ କାହା ସହିତ ଅବୈଧ ସମ୍ପର୍କ ସ୍ଥାପନ, ସମଲିଙ୍ଗୀ ଆଚରଣ, ସ୍ୱାମୀ ଠାରୁ ଛାଡ଼ପତ୍ର ପାଇଁ ଇଚ୍ଛା ପୋଷଣ ଏହା ପାଇଁ ଦାୟୀ ହୋଇଥାଏ।

"ଆମ ଘରର ମାନ ସମ୍ମାନ ତଳେ ପକେଇଦେଲା", ଏହି ଧାଡ଼ିକ ହିଁ ଅନର୍ କିଲିଂ ଭଳି ଏକ ଗୁରୁତର ଅପରାଧକୁ ବୁଝେଇବା ପାଇଁ ଯଥେଷ୍ଟ। କିଛି ପରିବାରରେ ଝିଅମାନଙ୍କୁ ପାଠପଢ଼ା ବ୍ୟତୀତ ଅନ୍ୟ କୌଣସି କାମ ପାଇଁ ଘରୁ ବାହାରକୁ ଯିବାର ଅନୁମତି ନଥାଏ। ପୁରୁଷ ବନ୍ଧୁ ତିଆରି କରିବା ସେହି ପରିବାରର ମହିଳାଙ୍କ ପାଇଁ ପାପ ବୋଲି ଧରି ନିଆଯାଏ। ବିବାହକୁ ନେଇ ଝିଅର ଇଚ୍ଛାକୁ ଗୁରୁତ୍ୱ ନଦେଇ ପରିବାରର ଇଚ୍ଛା ଯେଉଁଠି ହୁଏ, ସେଠି ଜୋର କରି ବିବାହ କରେଇ ଦିଆଯାଏ। ତାଙ୍କୁ ପିଲାଦିନରୁ ଏହା କୁହାଯାଇ ନିୟନ୍ତ୍ରଣ କରାଯାଏ ଯେ, "ବାହାଘର ପରେ ଯାହା ଇଚ୍ଛା କରିବୁ"! ସତେ ଯେମିତି ବିବାହ ହିଁ ଝିଅମାନଙ୍କ ସ୍ୱାଧୀନତା ପାଇଁ ଏକ ଚାବିକାଠି ବୋଲି ଧରିନିଆଯାଏ।

ନିଜ ଔରସରୁ ଜନ୍ମଦେଇ ଏବଂ ସ୍ନେହରେ ଲାଳନ ପାଳନ କରିଥିଲେ ବି କ୍ଷଣିକ ରାଗ, ପରିବାରର ଗୌରବ ପାଇଁ ସେମାନେ ତାଙ୍କୁ ଜଳାଞ୍ଜଳି ଦେବାକୁ ପଛେଇ ନଥାନ୍ତି। ନିଜ ସନ୍ତାନମାନେ ପସନ୍ଦ କରିଥିବା ଜୀବନସାଥୀକୁ ଜୀବନରୁ ମାରିଦେବା ତାଙ୍କ ପାଇଁ ଅତି ସହଜ। ବେଳେବେଳେ ସଙ୍ଗେ ସଙ୍ଗେ ନହେଲେ ବି କିଛି ବର୍ଷର ବ୍ୟବଧାନ ପରେ ପୁରା ପରିବାରକୁ କ୍ଷତି ପହଞ୍ଚେଇବା ପାଇଁ ସେମାନଙ୍କର ଦ୍ୱିଧା ନଥାଏ। ପ୍ରତିପତ୍ତି, କ୍ଷମତା ଓ ଧନୀକ ଗୋଷ୍ଠୀରେ ହିଁ ଏହି ସମସ୍ୟା ଅଧିକ। ନିଜର ପିଲାଙ୍କ ଖୁସି ଠାରୁ ଜାତି, କୂଳର ସମ୍ମାନ ସେମାନଙ୍କୁ ବେଶି ପ୍ରିୟ। ଦୁଃଖର ବିଷୟ ଏଭଳି ଘଟଣା ଘଟିଗଲା ପରେ ପରିବାର ଲୋକ ହିଁ କଥାଟିକୁ ଭିତରେ ଲୁଚେଇ ଦିଅନ୍ତି। କେମିତି କେଉଁଠି ସେମାନଙ୍କୁ ହତ୍ୟା କରି ରାସ୍ତାରୁ ହଟେଇ ଦିଆଯାଏ ତା'ର ଟେର ବି କେହି ପାଇପାରନ୍ତି ନାହିଁ। ସେଥିପାଇଁ ପୋଲିସ ଏବଂ ପ୍ରଶାସନ ମଧ୍ୟ ଏ ଦିଗରେ କିଛି ସାହାଯ୍ୟ କରିପାରନ୍ତି ନାହିଁ।


'ଅନର୍' ବା ' ସମ୍ମାନ' ହାନିର ପ୍ରକୃତ ଅର୍ଥ ସେଇ ହତ୍ୟାକାରୀମାନଙ୍କ ହିସାବରେ ନିଜ ସନ୍ତାନମାନଙ୍କ ଉପରେ ସଶକ୍ତ ନିୟନ୍ତ୍ରଣ। ସେମାନଙ୍କୁ ନିଜର ସାଥୀ ଚୟନ କରିବା ପାଇଁ ସ୍ୱାଧୀନତା ଏବଂ ଅଧିକାର ନଦେବା। କୌଣସି ମହିଳା/ପୁରୁଷ ଯଦି ନିଜ ଇଚ୍ଛା ଅନୁଯାୟୀ ଏପରି କରିବାକୁ ଇଚ୍ଛା କରେ ତେବେ ତାଙ୍କୁ ହିଂସା, ଶୋଷଣ, ଅପମାନ ଶେଷରେ ମୃତ୍ୟୁମୁଖକୁ ଠେଲି ଦିଆଯାଏ। ଯୁଗ ବଦଳିଛି ହେଲେ ଏମାନଙ୍କର ମାନସିକତାରେ ଏପର୍ଯ୍ୟନ୍ତ ପରିବର୍ତ୍ତନ ଆସିନାହିଁ। ଏବେ ବି ଅନର କିଲିଂର ବହୁତ ଉଦାହରଣ ସମାଜରେ ଦେଖାଯାଉଛି। ମଧ୍ୟପ୍ରଦେଶର ମୋରେନା ଜିଲ୍ଲାର ରତନବସାଇ ଗାଁର ୧୮ ବର୍ଷୀୟା ଶିବାନୀ ଓ ୨୧ ବର୍ଷୀୟ ରାଧେଶ୍ୟାମଙ୍କୁ ଚମ୍ବଲ ନଦୀର କୁମ୍ଭୀର ଉପଦ୍ରବ ଅଞ୍ଚଳରେ ମାରି ଫୋପାଡ଼ି ଦିଆଯାଇଯିବା ପଛରେ କାରଣ ଏମାନଙ୍କର ପରିବାର ବିରୁଦ୍ଧରେ ଯାଇ ପ୍ରେମ କରିବା ଥିଲା। ଗତ ମେ, ୨୦୨୩ରେ ପଞ୍ଜାବରେ ୨୫ ବର୍ଷୀୟା ମନପ୍ରିତ ଏବଂ ତା'ର ପ୍ରେମିକ ଗୁରୁଦୀପ ସିଂହଙ୍କ ମୃତ୍ୟୁ ପଛରେ ଝିଅର ବାପା ଓ ଭାଇର ହାତ ଥିବା କଥା ପୋଲିସ ଅନୁସନ୍ଧାନରୁ ଜଣାପଡିଥିଲା। ସତ୍ୟତା ହେଉଛି ଯେତେ ଘଟଣା ଆଖି ଆଗକୁ ଆସେ, ତା' ଠାରୁ କେଇ ଗୁଣା ଅଧିକ ଘଟଣାକୁ ଦବେଇ ଦିଆଯାଏ।

ପରୀକ୍ଷଣ କଲେ ଜଣାପଡିବ ପ୍ରତିବର୍ଷ ଅନର୍ କିଲିଂରେ ଯେତେ ଜଣ ମୃତ୍ୟୁବରଣ କରୁଛନ୍ତି ତାହା ସୀମାରେ କିମ୍ବା କୌଣସି ମହାମାରୀ ଜନିତ ମୃତ୍ୟହାର ଠାରୁ ମଧ୍ୟେ ଅଧିକ ! କହିବା ବାହୁଲ୍ୟ ଯେ ଏଭଳି ଘୃଣ୍ୟ କାମ କରୁଥିବା ବ୍ୟକ୍ତିମାନେ ପରିବାର, ଜାତି, ବଂଶର ସମ୍ମାନକୁ ପ୍ରତିଷ୍ଠିତ କରିବାର ଭୁଲ୍ ରାସ୍ତାକୁ ଆପଣେଇ ନେଇଛନ୍ତି । ପରିବାରର ସଦସ୍ୟଙ୍କୁ କିମ୍ବା ତା'ର ଜୀବନସାଥୀ ଏବଂ ସନ୍ତାନକୁ ନୃଶଂସ ଭାବରେ ହତ୍ୟା କରିବାରେ ବଂଶର କି ସମ୍ମାନ? ପରିବାର ତ ସେଇମାନଙ୍କୁ ନେଇ କି! ଜୀବନ ଦେଇ ନିଜ ପିଲାଙ୍କୁ ଭଲ ପାଇବା ପରେ ମଧ୍ୟ ସେମାନଙ୍କର ହତ୍ୟା, ହତ୍ୟାକାରୀ ମାନଙ୍କର କ୍ରୂରତା, ଅହଙ୍କାର, ସ୍ୱାର୍ଥପରତା ଏବଂ ବିକୃତ ମାନସିକତାର ପରିଚୟ ଦିଏ। ମୁଁ ଏତିକି ବୁଝିପାରେନାହିଁ, ଯେ ଯଦି ତୁମେ ସେମାନଙ୍କୁ ଗ୍ରହଣ କରିବାରେ ଲଜ୍ୟାବୋଧ କରୁଛ, ସେମାନଙ୍କୁ ତାଙ୍କ ଜୀବନ ବଞ୍ଚିବା ପାଇଁ ଛାଡିଦିଅ! ପରେ ସେମାନଙ୍କୁ ଖୋଜି ଖୋଜି ଯାଇ ହତ୍ୟା କରିବାର ଷଡ଼ଯନ୍ତ୍ର କାହିଁକି? ସେମାନଙ୍କର ମୃତ୍ୟୁ କ'ଣ ତୁମ ପରିବାର ଉପରେ ଲାଗିଥିବା ଅପମାନକୁ ଲିଭେଇ ଦେଇପାରିବ? ପ୍ରତିଶୋଧର ଜ୍ୱାଳା ନିର୍ବାପନ ପାଇଁ ହତ୍ୟା ହିଁ କ'ଣ ଶେଷ ମାର୍ଗ ବୋଲି ସେମାନେ ସ୍ଥିର କରିସାରିଛନ୍ତି!

ଏବେ ସମୟ ଆସିଯାଇଛି ଆମ ଆଇନ ବ୍ୟବସ୍ଥାରେ ଏହା ପାଇଁ କିଛି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍। କଠୋର ଦଣ୍ଡ ବିଧାନ ହିଁ ଏଥିରେ ସହାୟକ ହେବ। ନିଜ ମନମୁଖୀ ବିଚାରରେ ପରିବାର ଲୋକଙ୍କ ହତ୍ୟାକୁ ରୋକିବା ପାଇଁ ଆମ ସମ୍ବିଧାନରେ ନୂତନ ଆଇନ ପ୍ରଣୟନ କରିବାର ନିହାତି ଆବଶ୍ୟକ। କାହିଁ କେଉଁ ଦିନରୁ ଚାଲି ଆସୁଥିବା ଏବଂ କ୍ରମେ ବଢିଚାଲିଥିବା ଏହି ଜଘନ୍ୟ ହତ୍ୟାକାଣ୍ଡ ପାଇଁ ମାନ୍ୟବର ନ୍ୟାୟାଳୟ ଯେତେ ଶୀଘ୍ର କିଛି ପଦକ୍ଷେପ ନେବେ ସମାଜରେ ଅନର କିଲିଂ ରୂପକ ବ୍ୟାଧି ସେତେ ଶୀଘ୍ର ଦୁର୍ବଳ ହେବ ବୋଲି ଆଶା କରାଯାଏ।

ଏଭଳି ପରିସ୍ଥିତିରେ ଆବଶ୍ୟକତା ରହିଛି ନିଜ ପରିବାର ଲୋକଙ୍କୁ ନିଃସ୍ୱାର୍ଥପର ଭାବରେ ଭଲପାଇବା। ବ୍ୟକ୍ତି ନିଜ ପରିବାରକୁ ଭଲ ପାଇଲେ ତା'ପ୍ରତି ହିଂସା, ଅପରାଧ ଭଳି ଘୃଣ୍ୟ କାମ କରିବାରୁ ବିରତ ରହିବ। ପାରସ୍ପରିକ ପ୍ରେମ ହିଁ ମନୁଷ୍ୟକୃତ ଜାତି, ଗୋତ୍ର ପ୍ରଭେଦକୁ ଦୂର କରି ସମସ୍ତଙ୍କୁ ଏକାଠି ରଖିବାର ଏକ କ୍ଷୀଣ ଆଶା ବୋଲି କୁହାଯାଇ ପାରେ।

# ଜଙ୍ଗଲ ଓ ପର୍ଯ୍ୟଟନର ଅନାଲୋଚିତ ଦିଗ



ଇଂ ସତ୍ୟନାରାୟଣ ମାଝୀ
ଏକତାଳୀ, ଯଶିପୁର, ମୟୂରଭଞ୍ଜ
ମୋ: ୯୪୩୮୫୩୭୦୧୩

ସାଧାରଣତଃ ପ୍ରକୃତିର ମନ ଓ ପ୍ରାଣଭରା ଦୃଶ୍ୟରାଜିକୁ ସୃଷ୍ଟିର ପ୍ରତ୍ୟେକଟି ପ୍ରାଣୀ ମନଭରି ଉପଭୋଗ କରିଥାଏ। ପ୍ରକୃତିର ଅବିକଳ ନୈସର୍ଗିକ ରୂପ ଜଙ୍ଗଲ, ନଦୀ ଓ ସର୍ବତ୍ର ରହିଥାଏ।ବିଶେଷତଃ ବୃକ୍ଷଲତା, ଉଦ୍ଭିଦ, ଜୀବଜନ୍ତୁ, ନଦୀନାଳ ଓ ସମୁଦ୍ର ଭଳି ପ୍ରାକୃତିକ ସମ୍ପଦରେ ଭରପୂର ଜଙ୍ଗଲର ପରିବେଶ ହେଉଛି ପ୍ରକୃତିର ଅନନ୍ୟ ଅବଦାନ। ପୃଥିବୀର ପ୍ରାୟ ସବୁ ଜଙ୍ଗଲ ପର୍ଯ୍ୟଟନ ସହିତ ଓତପ୍ରୋତ ଭାବେ ଜଡିତ। କାରଣ ଅରଣ୍ୟାନି ପରିବେଷ୍ଟିତ ନିଘଞ୍ଚ ନିଶବ୍ଦ ଜଙ୍ଗଲରେ ପଶୁପକ୍ଷୀଙ୍କର ସ୍ୱର ପ୍ରାକୃତିକ ପରିବେଶକୁ ଆହୁରି ରୂପଶ୍ରୀ ବିମଣ୍ଡିତ କରିଥାଏ। ମୂଲ୍ୟବାନ ଔଷଧୀୟ ଗୁଣରେ ଭରା ବୃକ୍ଷଲତାର ବାସ୍ନା ମଣିଷର ଚିନ୍ତା ଓ ଚେତନାରେ ଦୁର୍ବାର ଆକର୍ଷଣ ଭରିଦେଇଥାଏ। ଜଙ୍ଗଲରେ ସଂଜୀବନ ଶକ୍ତି ଉଛୁଳି ପଡିଥାଏ। ଯେହେତୁ ମଣିଷ ଶରୀର ପଞ୍ଚତତ୍ତ୍ୱରେ ଗଠିତ ବା ସୃଷ୍ଟି ହୋଇଛି, ତେଣୁ ତା'ର ପ୍ରକୃତି ସହିତ ସମ୍ପର୍କ ଅତି ଆତ୍ମୀୟ। ପ୍ରାଣପ୍ରାଚୁର୍ଯ୍ୟ ଭରପୂର ଜଙ୍ଗଲ ଏବେ କିନ୍ତୁ ମଣିଷ ବସ୍ତୁବାଦୀ, ଡିଜିଟାଲ ତଥା ଆଧୁନିକ ଯୁଗରେ ପ୍ରବେଶ କରିଯାଇଥିବାରୁ ଜଙ୍ଗଲର ଢେଉ ବି ଘୁଞ୍ଚି ଘୁଞ୍ଚି ଗଲାଣି। କିନ୍ତୁ ପର୍ଯ୍ୟଟନ ତା'ର ଆଧିପତ୍ୟ ବିସ୍ତାର କରିଚାଲିଛି। ଜଙ୍ଗଲ ହିଁ ନଦୀ, ଝରଣା, ଜଳପ୍ରପାତର ଆଦି ସୃଷ୍ଟି। ଆଉ ସେଇ ଜଙ୍ଗଲରେ ବସବାସ କରନ୍ତି ଲକ୍ଷ ଲକ୍ଷ ପ୍ରକାର ସ୍ୱଚରାଚର ପ୍ରାଣୀ। ସାରା ଭାରତରେ ପ୍ରାୟତଃ ଜଙ୍ଗଲ ସବୁ ରାଜ୍ୟରେ ହିଁ ରହିଛି। ପର୍ଯ୍ୟଟନ ତ ବହୁ କ୍ଷେତ୍ରରେ ସମ୍ଭବପର ହୋଇପାରିଛି ଯେମିତିକି କୃତିମ ଉଦ୍ୟାନ, ବଡ଼ ବଡ଼ କଂକ୍ରିଟ୍ ପ୍ରକଳ୍ପ ଭଳି ବହୁ ପ୍ରକାରର ମନୁଷ୍ୟକୃତ ଭିତ୍ତିଭୂମି ରହିଛି। କିନ୍ତୁ ଜଙ୍ଗଲର ପରିବେଶରେ ପର୍ଯ୍ୟଟନ ନିଆରା ଏବଂ ଗୁରୁତ୍ୱପୂର୍ଣ୍ଣ। ଯାହାକୁ ଆମେ ଇକୋଟୁରିଜିମ୍ ବୋଲି କହୁଛେ। ପ୍ରାକୃତିକ ପରିବେଶରେ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି ହେବା ବେଶ୍ ଗୁରୁତ୍ୱପୂର୍ଣ୍ଣ ବହନ କରିଥାଏ ସ୍ଥାନୀୟ ଲୋକଙ୍କ ଅଭିବୃଦ୍ଧି କ୍ଷେତ୍ରରେ।

ମୋର ଏହି ପ୍ରସଙ୍ଗରେ ଲେଖିବା ଆଭିମୁଖ୍ୟ ହେଲା ଯେ ପର୍ଯ୍ୟଟନରୁ ଜଙ୍ଗଲରେ ପଡୁଥିବା କୁପ୍ରଭାବ ଉପରେ। କାହିଁକି ନା ପର୍ଯ୍ୟଟନ ଜଙ୍ଗଲରେ ରହୁଥିବା ପଶୁପକ୍ଷୀ, ତା'ର ପ୍ରାକୃତିକ ପରିବେଶ ତଥା ସ୍ଥାନୀୟ ଲୋକଙ୍କ ଉପରେ ପ୍ରଭାବ ପକାଇଥାଏ। ବନ୍ୟଜନ୍ତୁ ଶିକାର, ପ୍ରାକୃତିକ ପରିବେଶକୁ ନଷ୍ଟ କରିବା, ମୂଲ୍ୟବାନ ଗଛ କାଟିବା, ସ୍ଥାନୀୟ ଲୋକଙ୍କୁ ବିଭ୍ରାନ୍ତ କରାଇବା ଆଦି ଅନେକ ସମସ୍ୟା ରହିଛି। ଅନେକ ସମୟରେ ପର୍ଯ୍ୟଟକ ସାଜି ବନ୍ୟଜନ୍ତୁ ଶିକାର କରୁଛନ୍ତି। ପର୍ଯ୍ୟଟନର ଫାଇଦା ନେଇ ବହୁ କାଠ ମାଫିଆ ଜଙ୍ଗଲର ମୂଲ୍ୟବାନ୍ ଗଛ କାଟୁଛନ୍ତି। ଜଙ୍ଗଲରେ ବଣଭୋଜି କରିବାକୁ ଯାଇ ଉଚ୍ଚଶବ୍ଦରେ ଡିଜେ ବଜାଇ ଶବ୍ଦ ପ୍ରଦୂଷଣ କରୁଛନ୍ତି। ବହୁ ପର୍ଯ୍ୟଟକ ପ୍ଲାଷ୍ଟିକ ବ୍ୟବହାର କରି ଜଙ୍ଗଲରେ ଫିଙ୍ଗି ଦେବା ଆଦି ଜିନିଷ ରହିଛି। ଯେମିତିକି ଏବେ ନଜରକୁ ଆସିଛି ଜଙ୍ଗଲ ଭିତରେ ଏବଂ ପାଦଦେଶରେ ରହୁଥିବା ଲୋକଙ୍କୁ ଦିଗଭ୍ରଷ୍ଟ କରାଯାଉଛି। ଦୁର୍ଗମର ଫାଇଦା ନେଇ ସ୍ଥାନୀୟ ଲୋକଙ୍କୁ ଅଫିମ ଭଳି ବେଆଇନ୍ ଚାଷରେ ଲିପ୍ତ କରାଯାଉଛି। ରାଜ୍ୟବାହାରୁ ତଥା ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ଧର୍ମାନ୍ତରୀକରଣ କରୁଥିବା ମଧ୍ୟ ଦୃଷ୍ଟିଗୋଚର ହୋଇଛି। ଏପ୍ରକାରର କାର୍ଯ୍ୟ ନୂଆ ନୁହେଁ କି ପ୍ରଥମ ନୁହେ ନୁହେଁ, ବିଗତ ଅତୀତରେ ମଧ୍ୟ ବହୁ ଶ୍ୱାପଦ ସଂକୁଳ ଅଞ୍ଚଳର ଲୋକେ ଧର୍ମାନ୍ତରୀକରଣର ଶିକାର ହୋଇସାରିଛନ୍ତି। ପ୍ରକୃତିକୁ ପୂଜା କରୁଥିବା ଲୋକ ଯଦି ବିଦେଶୀ ସଭ୍ୟତାକୁ ଆପଣେଇବ ତା'ହେଲେ ପ୍ରକୃତିକୁ ବଞ୍ଚାଇବ କିଏ? ପ୍ରକୃତିକୁ ରକ୍ଷା କରିବ କିଏ? ଏଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଯେ କେବଳ ସରକାରୀ ସ୍ତରରେ ସମାଧାନ ହୋଇପାରିବ ତାହା ମୋ ମତରେ ଭୁଲ୍ କଥା। କାରଣ ସାମାଜିକ ଅଙ୍ଗୀକାରବଦ୍ଧତା, ପ୍ରତିବଦ୍ଧତା ଓ ସୁରକ୍ଷାର ଅଭାବ ହେଲେ ଜଙ୍ଗଲର ସୁରକ୍ଷାରେ ମଧ୍ୟ ଅବହେଳା ସ୍ୱାଭାବିକ। ପ୍ରକୃତିକୁ ବଞ୍ଚାଇବାକୁ ହେଲେ ସେ ଅଞ୍ଚଳବାସୀଙ୍କର ମାନସିକତା ଓ ବୌଦ୍ଧିକତାର ବିକାଶ ଏକାନ୍ତ ଜରୁରି। ସର୍ବପରି ସେଭଳି ଦୁର୍ଗମ ଅଞ୍ଚଳରେ କେବଳ ଲୋକଙ୍କୁ ଉପଯୁକ୍ତ ଜୀବିକା ଓ ସୁଶିକ୍ଷାର ଆବଶ୍ୟକତା ରହିଛି। ଲୋକେ ପ୍ରକୃତ ଜୀବିକା ଅବଲମ୍ବନ କରିପାରୁ ନଥିବାରୁ ଅଫିମ ଭଳି ଚାଷରେ ପ୍ରବୃତ୍ତି ହେଉଛନ୍ତି। ଶିକ୍ଷାର ସ୍ପର୍ଶ ତାଙ୍କ ନିକଟରେ ଉପଯୁକ୍ତ ସମୟରେ ପହଞ୍ଚୁ ନଥିବାରୁ ସେମାନେ ନିଜର ଧର୍ମାନ୍ତରଣ ଘଟୁଛି। ଆଜିର ପରିସ୍ଥିତିରେ ମୋର ମନେହୁଏ ଯେ ଜଙ୍ଗଲ ଓ ପର୍ଯ୍ୟଟନର ସୁରକ୍ଷାର ଦାୟିତ୍ୱ ସରକାରଙ୍କ ସହିତ ସାମାଜିକ ଅନୁଷ୍ଠାନ ତଥା ବ୍ୟକ୍ତିସ୍ତରରେ ହେବା ଜରୁରି। କାରଣ ଜଙ୍ଗଲ ସହିତ ଆମ ଶରୀରର ସବୁ ତତ୍ତ୍ୱ ଜଡିତ ରହିଛି। ବିଜ୍ଞାନ, ସଂସ୍କୃତି, ସାମାଜିକ ଏବଂ ସବୁଠୁ ବଡ଼ ହେଉଛି ପୃଥିବୀରେ ତିଷ୍ଟି ରହିବାର ହିସାବ ନିକାଶ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତ ଅଧିନ କୃଷ୍ଣପୁର ଶାସନରେ ଆଦର୍ଶ ଶିକ୍ଷୟିତ୍ରୀ ସରୋଜିନୀ ମିଶ୍ରଙ୍କ ବିୟୋଗରେ ଦ୍ୱାଦଶହରେ ଏକ ସ୍ମୃତିଚାରଣ ସଭା ଦାମୋଦର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବଡ଼ଚଣା ବିଧାୟକ ଅମର ନାୟକ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି ଯୋଗଦେଇ ଆଦର୍ଶ ଶିକ୍ଷୟିତ୍ରୀ ସରୋଜିନୀ ମିଶ୍ରଙ୍କ ମହାନ୍ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ଶିକ୍ଷକ ଜୀବନର ବହୁବିଧ କାର୍ଯ୍ୟାବଳୀର ପ୍ରଶଂସା କରି ତାଙ୍କ ପ୍ରତି ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। ବଡ଼ଚଣା ବ୍ଲକ ଶିକ୍ଷକ ସଂଘ ସଭାପତି ସନ୍ତୋଷ କୁମାର ଜେନା, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଉପସଭାପତି ପ୍ରଭାତ କୁମାର ସାମଲ, ଅନ୍ୟତମ ଉପସଭାପତି ପ୍ରିୟତମା ଜେନା, କୋଷାଧ୍ୟକ୍ଷ ନାରାୟଣ ପତି, ବଡ଼ଚଣା ଶିକ୍ଷକ କଲ୍ୟାଣ ପାଣ୍ଠି ସଭାପତି ବଳରାମ ଶଣା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, କୃଷ୍ଣପୁରଶାସନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରାଜେନ୍ଦ୍ର ସାହୁ, ଓଷ୍ଟାର ସମ୍ପାଦକ ଅଜିତ୍ କୁମାର ମହାନ୍ତି, ସମ୍ପାଦକ ଦୟାନିଧି ସାମଲ, ରସୁଲପୁର ବ୍ଲକ ଏବି.ଇଓ ଡ଼ଃ ପ୍ରଭଞ୍ଜନ ପତି, ଶିକ୍ଷକ ସର୍ବଶ୍ରୀ ସଂଜୟ କୁମାର ସିଂହ, ଶଶିଭୂଷଣ ମିଶ୍ର, ପ୍ରଶାନ୍ତ କୁମାର ଦାଶ, ପ୍ରଶାନ୍ତ କୁମାର ସାମନ୍ତରାୟ, ଶିକ୍ଷକ ପ୍ରମୋଦ କୁମାର ଦାସ, ଗୟାଧର ମହାପାତ୍ର, ଝାଙ୍କ ଯଶୋବନ୍ତ ପଣ୍ଡା, ସାମ୍ବାଦିକ ଅମରେନ୍ଦ୍ର ସିଂହ, ସାମ୍ବାଦିକ ପ୍ରବାସ କୁମାର ଦାଶ, ସାମ୍ବାଦିକ ଏକାଦଶୀ ସେଠୀ, ପ୍ରଦୀପ୍ତ କୁମାର ପୃଷ୍ଟି, ଉତ୍କଳ କେଶରୀ ସାମଲ, ସଂଜିତ୍ କୁମାର ସାମଲ, ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ପ୍ରେସ୍‌କ୍ଲବ ବାଲିଚନ୍ଦ୍ରପୁରର ସଭାପତି ପ୍ରକାଶ ଚନ୍ଦ୍ର ସାମଲ, ବାଲିଚନ୍ଦ୍ରପୁର ପ୍ରେସ୍‌କ୍ଲବର ସଭାପତି ଆଲୋକ ପ୍ରଧାନ, ତୁଷାର ରଞ୍ଜନ ଜେନା, ପ୍ରତାପ ସେନାପତି, ପ୍ରତାପ ନାୟକ, ମନୋଜ କୁମାର ମହାରଣା ଓ ବହୁ ବିଶିଷ୍ଟ ବ୍ୟକ୍ତି ଦିବଂଗତ ଶିକ୍ଷୟିତ୍ରୀ ସ୍ୱର୍ଗତା ମିଶ୍ରଙ୍କ ଭକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ପାରାଦୀପରେ ବିଶାଳ ଶ୍ରମିକ ସୁରକ୍ଷା ସମାବେଶ

# ନିଜ ହକ୍ ପାଇଁ ଏକାଠି ହେବାକୁ ପ୍ରକାଶଙ୍କ ଆହ୍ୱାନ



ପାରାଦୀପ(ଭାସ୍କର ନ୍ୟୁଜ): ଜୟଦେବ ସଦନ ସମ୍ମୁଖ ପଡିଆରେ ଶୁକ୍ରବାର ସନ୍ଧ୍ୟାରେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ବିଶାଳ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ପାରାଦୀପ ବନ୍ଦରରେ କାର୍ଯ୍ୟରତ କର୍ମଚାରୀ, ଡିଏଲଆର ଠିକା କର୍ମଚାରୀଙ୍କ ସମେତ ପାରାଦୀପରେ ଗଢି ଉଠିଥିବା ପିପିଏଲ, ଇଫକୋ, ଆଇଓସିଏଲ, ଏଏମଏନଏସ, ପିଆଇସିଟି ଆଦି ଛୋଟବଡ଼ ଶିଳ୍ପ ସଂସ୍ଥାରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ବହୁସଂଖ୍ୟାରେ ଯୋଗ ଦେଇଥିଲେ। ଯାହା ପାରାଦୀପରେ ଥିବା ବିଭିନ୍ନ ଶ୍ରମିକ ସଂଘ ନେତାମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ସମାବେଶର ଅବ୍ୟବହିତ ପୂର୍ବରୁ ଦୋଛକି ନିକଟରୁ ଏକ ବିରାଟ ମଟରସାଇକେଲ ଶୋଭାଯାତ୍ରାରେ ହଜାର ହଜାର ଶ୍ରମିକ ନେତାଙ୍କୁ ସଭାସ୍ଥଳୀ ନିକଟକୁ ପାଛୋଟି ନେଇଥିଲେ। ପାରାଦୀପ ପୋର୍ଟ ମଜଦୁର ସଙ୍ଘ ଓ ପୂର୍ବ ଉପକୂଳ ଶ୍ରମିକ ସଙ୍ଘ ମିଳିତ ଆନୁକୂଲ୍ୟରେ ଜୟଦେବ ସଦନ ସମ୍ମୁଖ ପଡିଆରେ ଆୟୋଜିତ ଏହି ସମାବେଶକୁ ସମ୍ବୋଧିତ କରି ଉଭୟ ସଂଘର ସଭାପତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ କହିଥିଲେ ଯେ ପାରାଦୀପ ମୋର ଜନ୍ମ ଓ କର୍ମ ଭୂମି। ହେତୁ ପାଇବା ଦିନରୁ ମୁଁ ପାରାଦୀପରେ ବିଭିନ୍ନ ଶ୍ରମିକ ସଂଘ ନେତାଙ୍କ କାର୍ଯ୍ୟ ଶୈଳୀ ଓ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଲଢେଇକୁ ଅତି ନିକଟରୁ ଦେଖିଆସିଛି। ସେଥିରୁ ହାସଲ କରିଥିବା ଅଭିଜ୍ଞତା ହିଁ ମୋତେ ଶ୍ରମିକଙ୍କ ପାଇଁ ଲଢେଇ କରିବାକୁ ପ୍ରେରଣା ଯୋଗାଇଛି। ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ ସମୟଧରି ଶ୍ରମିକଙ୍କ ପାଇଁ ସାଲିସବିହୀନ ସଂଘର୍ଷ ଜାରି ରଖିଛି। ବିଭିନ୍ନ ଶିଳ୍ପ ସଂସ୍ଥାରେ ନିର୍ଯ୍ୟାତିତ ଓ ଶୋଷିତ ହୋଇଆସୁଥିବା ଶ୍ରମିକଙ୍କ ପାଇଁ ଲଢେଇ କରି ସେମାନଙ୍କୁ ନ୍ୟାୟ ଦେବାରେ ସଫଳ ହୋଇପାରିଛି, ଯାହା ମୋର ଆତ୍ମବିଶ୍ୱାସ ଯେ ବୃଦ୍ଧି କରିଛି ତାହା ନୁହେଁ ବରଂ ପାରାଦୀପର ବିଭିନ୍ନ ଶ୍ରମିକ ସଂଗଠନ ଛାଡି ଆମ ସଂଘରେ ସାମିଲ ହେବା ପ୍ରକ୍ରିୟା ଜାରି ରହିଛି। ତେବେ ଶ୍ରମିକ ଭାଇମାନେ ଏକଜୁଟ ହୋଇ ରହିବା ପାଇଁ ସଂକଳ୍ପ ନେବାର ଆବଶ୍ୟକତା ରହିଛି। ଏକତା ବିନା ଶ୍ରମିକମାନେ ନିଜର ହକ ହାସଲ କରିବା ସମ୍ଭବ ନୁହେଁ। ବଳିଷ୍ଠ ନେତୃତ୍ୱ ଓ ଶ୍ରମିକଙ୍କ ଏକତା ଯେକୌଣସି ଅସମ୍ଭବକୁ ସମ୍ଭବ କରିପାରେ। ତେଣୁ କାହାରି କାନକୁହା କଥା କିମ୍ବା ପ୍ରଲୋଭନର ବଶବର୍ତ୍ତୀ ନହୋଇ ଶ୍ରମିକ ଭାଇମାନେ ଏକାଠି ରହିବା ପାଇଁ ଶ୍ରମିକ ନେତା ଶ୍ରୀ ତ୍ରିପାଠୀ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ସଂଘର କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ସାଧାରଣ ସମ୍ପାଦକ ପରେଶ ମୁର୍ମୁ, ଉପସଭାପତି ସୁବ୍ରତ ପ୍ରଧାନ ଓ ରତ୍ନାକର ଜେନା, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ ପ୍ରମୁଖ ଶ୍ରମିକ ସ୍ୱାର୍ଥ ରକ୍ଷା ଦିଗରେ ନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ। ତେବେ ପୂର୍ବରୁ ଦୀର୍ଘ ବର୍ଷ ହେବ ଶ୍ରମିକଙ୍କୁ କିଛି ଛଦ୍ମବେଶୀ ଶ୍ରମିକ ନେତା ଓ କମ୍ପାନୀ କର୍ତ୍ତୃପକ୍ଷ ଭାଗ ଭାଗ କରି ସେମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଆସୁଥିବା ବେଳେ ଶ୍ରମିକ ନେତାଙ୍କ ନେତୃତ୍ୱରେ ଶ୍ରମିକମାନେ ଏକଜୁଟ ହୋଇ ନିଜ ନ୍ୟାର୍ଯ୍ୟ ହକ ପାଇଁ ସଂଗ୍ରାମ ଆରମ୍ଭ କରି ପ୍ରାରମ୍ଭରେ ସଫଳତା ପାଇ ଚାଲିଛନ୍ତି। ଏହି ଘଟଣାକୁ ନେଇ ଏବେ ଶୋଷଣକାରୀ ନେତା ଓ କମ୍ପାନୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହେଲାଣି ବୋଲି ଚର୍ଚ୍ଚା ଜୋର ଧରିଲାଣି।

### ସମସ୍ୟା ଘେରରେ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ବଦଳିଲା ଭିତ୍ତିଭୂମି, ସୁଧୁରିଲାନି ସ୍ୱାସ୍ଥ୍ୟସେବା




କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ବାଙ୍ଗୁରିଗାଁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ ଲୋକ ନିର୍ଭର କରିଥାନ୍ତି। ପ୍ରାଥମିକ ଚିକିତ୍ସା ନିମନ୍ତେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବାବେଳେ ଏଠାରେ ଚିକିତ୍ସାର ଅବହେଳା ପରିଲିକ୍ଷିତ ହେଉଅଛି ଯାହା ଦ୍ୱାରା ଲୋକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି ତ ଆଉ କେତେବେଳେ ସାଧାରଣ ଜୀବନ ଚାଲିଯାଉଛି। ପୂର୍ବ ସରକାରଙ୍କ ମୋ ହସ୍ପିଟାଲ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ନୂତନ ବର୍ହି ବିଭାଗ, ପଞ୍ଜିକରଣ କକ୍ଷ, ନିରାମୟ ଔଷଧ ବିତରଣ କେନ୍ଦ୍ର ଇତ୍ୟାଦି ନିର୍ମାଣ ହେବା ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ସରସ ସୁନ୍ଦର ହୋଇଛି, କିନ୍ତୁ ତାହା କାର୍ଯ୍ୟକାରୀ ହୋଇ ପାରୁନି। ଏଠାରେ ମନମୁଖୀରେ ଚାଲିଛି ସ୍ୱାସ୍ଥ୍ୟସେବା। ପାଳିରେ ଚାଲିଛି ଡାକ୍ତରୀ ସେବା। କେଉଁ ଦିନ କେଉଁ ଡାକ୍ତର ଅଛନ୍ତି ତାର କାହା ପାଖରେ ହିସାବ ନାହିଁ। କେହି ଜରୁରୀ ଚିକିତ୍ସା ନିମନ୍ତେ ଆସିଲେ ଡାକ୍ତରଙ୍କ ଠାରୁ ଆରମ୍ଭ କରି ନର୍ସ ପର୍ଯ୍ୟନ୍ତ ସମସ୍ତଙ୍କୁ ରୋଗୀ ସମ୍ପର୍କୀୟଙ୍କୁ ଖୋଜିବାକୁ ପଡେ। ରାତିରେ ଆହୁରି ଦୟନୀୟ ଅବସ୍ଥା। ବିଗତ ଦିନରେ ଅବହେଳା ଜନିତ ମୃତ୍ୟୁ ନିମନ୍ତେ ରୋଗୀ ସମ୍ପର୍କୀୟ ଅଭିଯୋଗ ହେବାରୁ ଆଉ ବାବୁମାନେ ରୋଗୀଙ୍କୁ ଚିକିତ୍ସା କରିବେ କଣ ସାଙ୍ଗେ ସାଙ୍ଗେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର। ରୋଗୀ ରହିଲେ ସିନା ସମସ୍ୟା। ରୋଗୀ ପହଁଚିଲା ମାତ୍ରେ ସମ୍ପର୍କୀୟଙ୍କୁ ୧୦୮କୁ ଯୋଗାଯୋଗ କରିବାକୁ ପରାମର୍ଶ। ଏଠାରେ ସମସ୍ତ ଡାକ୍ତର ଓ କର୍ମୀଙ୍କ ଡିଉଟି ଚାଲିଛି ପାଳିରେ। ନୂତନ ଭାବେ ନିଯୁକ୍ତି ପାଇଥିବା ମୁଖ୍ୟ ଅଧିକାରୀଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖିବାକୁ ମିଳୁନି। କିଛି ସମସ୍ୟା ନିମନ୍ତେ ରୋଗୀ କିମ୍ବା ରୋଗୀ ସମ୍ପର୍କୀୟ ଯୋଗାଯୋଗ କଲେ ଲିଖିତ ଅଭିଯୋଗ କରନ୍ତୁ କହି ଫୋନ କାଟି ଦେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାମୟ ଯୋଜନା, ପରିଷ୍କାର, ପରିଛନ୍ନ ରକ୍ଷଣ ବ୍ୟକ୍ଷଣ ନିମନ୍ତେ ହଜାର ହଜାର ଟଙ୍କା ଆସୁଥିଲେ ମଧ ତାହାର ସ୍ୱାସ୍ଥ୍ୟ କେନ୍ଦ୍ରର ପାରିପାର୍ଶ୍ୱିକ ଅବସ୍ଥା ଦେଖିଲେ ବୁଝିହେବ। ବିଗତ ଦିନରେ ସମସ୍ତଙ୍କ ଆସ୍ଥାଭାଜନ କରୁଥିବା ଡାକ୍ତରଖାନା ଆଜି ସମସ୍ୟା ଘେରରେ। ଏଠାରେ ପାଳିରେ ଚାଲୁଥିବା ସେବାର ସମାଧାନ, ଲୋକଙ୍କୁ ସାଧାରଣ କଥାରେ ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରର ସ୍ଥାୟୀ ସମାଧାନ ନିମନ୍ତେ କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ ତଥା ଅଞ୍ଚଳବାସୀଙ୍କ ତରଫରୁ ଜିଲ୍ଲା ଅଧିକାରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

## କାଡା କାମରେ ଦୁର୍ନୀତି: ଯନ୍ତ୍ରୀ ସାଜିଛନ୍ତି ଠିକାଦାର



କଣ୍ଟାପଡ଼ା(ଭାସ୍କର ନ୍ୟୁଜ): କଣ୍ଟାପଡ଼ା ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତରେ ଲକ୍ଷାଧୀକ ଟଙ୍କା ଖର୍ଚ୍ଚ କରାଯାଇ ଗ୍ରାମରେ ଖେତକୁ ପାଣି ଯିବା ନିମନ୍ତେ ନିର୍ମାଣ ହେଉଛି। ଏହି କାଡ଼ା କାମଟିକୁ ତଦାରଖ ନିମନ୍ତେ ବିଭାଗୀୟ ଜେଇ, ଏସ୍‌ଡିଓ ଯାଉନାହାଁନ୍ତି। କାରଣ ନାମକୁ ମାତ୍ର କାମ ଚାଲିଛି। କାରଣ ଉଭୟ ଠିକାଦାର ଅଞ୍ଚଳର ଜଣେ ଦୁଇ ଯୁବକଙ୍କୁ ରଖି ନିମ୍ନମାନର କାମ କରିବାରେ ସହଯୋଗ କରୁଛନ୍ତି। ଯେଉଁ କାଡ଼ା ନିର୍ମାଣ ହୋଇଛି ତାହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। କାଡ଼ାଟି ବିଲ ମଝିରେ ହେଉଥିବାରୁ ସାଧାରଣ ଲୋକମାନେ ଏହାକୁ ଦେଖିପାରୁନାହାଁନ୍ତି। ବିଭାଗୀୟ ଏସ୍‌ଡିଓ ପ୍ରଫୁଲ୍ଲ ଦାସ ଓ ଜେଇ ତାପଶି ମହାପାତ୍ର ମାସକୁ ବେଆଇନ ଭାବରେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ତାଙ୍କ ନାମରେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିବେ ବୋଲି ସମାଜସେବୀ ତୁଷାର ମହାନ୍ତି କହିଛନ୍ତି। ଗତ ୧୫ ତାରିଖରେ କଣ୍ଟାପଡ଼ା ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଉକ୍ତ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ରହିନଥିଲେ। ଅଭିଯୋଗ ଆସିଥିବା ବେଳେ ଉପଜିଲ୍ଲାପାଳ ବିରକ୍ତି ପ୍ରକାଶ କରିଥିଲେ। ଗୋବିନ୍ଦପୁରରେ ପାଣି ପଞ୍ଚାୟତ ବିଭାଗ କାଡା କାମ କରୁଛି ବୋଲି। କାଗଜପତ୍ରରେ ଦର୍ଶାଯାଉଛି କିନ୍ତୁ ବାସ୍ତବରେ ଏସ୍‌ଡିଓ, ଜେଇ ଠିକାଦାର ସାଜିଛନ୍ତି। ଘଟଣାର ବିଧିବଦ୍ଧ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ପୁଣି ମିଳିଲା ଲିଖିତ ପ୍ରତିଶ୍ରୁତି, ଜରଡା କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ ସ୍ଥଗିତ



କଣିହାଁ(ଭାସ୍କର ନ୍ୟୁଜ): କଣିହାଁ ଖୋଲାମୁହଁ କୋଇଲା ଖଣିସ୍ଥିତ ଜରଡା ମୁଖ୍ୟ ଫାଟକରେ ୮ ଦଫା ଦାବୀ ନେଇ ଗତ ବୁଧବାରାରୁ ଆନ୍ଦୋଳନ ଚାଲିଥିଲା। ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଶୁକ୍ରବାର ଅପରାହ୍ଣ ୫ଟାରେ ଆନ୍ଦୋଳନ ସ୍ଥଗିତ ହୋଇଯାଇଛି। ପ୍ରଶାସନିକ ଅଧିକାରୀ ଓ ଖଣି କର୍ତ୍ତୃପକ୍ଷଙ୍କ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଜରଡା କ୍ଷତିଗ୍ରସ୍ତ ପ୍ରଜା ଆନ୍ଦୋଳନକୁ ସ୍ଥଗିତ କରିଥିବା ଜଣାପଡିଛି। ଆଜି ଆନ୍ଦୋଳନସ୍ଥଳରେ କଣିହାଁ ଖଣି ମହାପ୍ରବନ୍ଧକ ନରେଶ ସିଂ, କଣିହାଁ ତହସିଲଦାର ଚିନ୍ମୟ କୁମାର ଦାସ, ପାଲଲହଡା ଉପଖଣ୍ଡ ପୋଲିସ୍ ଅଧିକାରୀ କୈଳାଶ ସେଠି, କଣିହାଁ ଥାନା ଆଇଆଇସି ରମଣୀ ରଂଜନ ଦଳେଇ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ପରେ ପ୍ରଶାସନ ଓ ଖଣି ମହାପ୍ରବନ୍ଧକଙ୍କ ପକ୍ଷରୁ ଆସନ୍ତା ୧୫-୦୫-୨୦୨୫ସୁଧା ଜରଡା କ୍ଷତିଗ୍ରସ୍ତ ୩୧ ପରିବାରକୁ କଣିହାଁ ତହସିଲ ଅନ୍ତର୍ଗତ ଏମସିଏଲ୍ ପକ୍ଷରୁ ନିର୍ଦ୍ଧାରିତ ପଥରମୁଣ୍ଡା ରକ୍ବା ପ୍ଲଟ୍ ହସ୍ତାନ୍ତର କରାଯିବ। ଏହି ପ୍ରକ୍ରିୟା ଆସନ୍ତା ଦୁଇମାସ ମଧ୍ୟରେ ଶେଷ ହେବା ନେଇ ନିର୍ଭର ପ୍ରତିଶ୍ରୁତି ଲିଖିତ ଭାବରେ ଦେବା ପରେ ଆନ୍ଦୋଳନକାରୀ ଧାରଣାକୁ ସ୍ଥଗିତ କରିଥିବା ଜଣାପଡିଛି। ଜରଡା ଗ୍ରାମ୍ୟ କମିଟି ସଭାପତି ସଚ୍ଚିଦାନନ୍ଦ ଦେହୁରୀଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଥିଲା। ପଥରମୁଣ୍ଡା ରକବାର ପ୍ଲଟ୍ ଉପରେ ଜରଡାବାସୀଙ୍କୁ ବାସ୍ତବିକ ଦଖଲ ଦେବା ସହିତ ପାଚେରୀ, ରାସ୍ତା ଉନ୍ନତି ମୂଳକକାର୍ଯ୍ୟ ସମ୍ପାଦନ କରିବା, ବଳକା ନିଯୁକ୍ତି, କ୍ଷତିପୂରଣ ଆଦି ଦାବି ନେଇ ଆନ୍ଦୋଳନ ଚାଲିଥିଲା। ସମସ୍ୟା ସମାଧାନ ପାଇଁ ଖଣି ଓ ପ୍ରଶାସନିକ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି, ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ଓ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଜମିହରାଙ୍କୁ ଯାତନା ଦେବା ନେଇ ଆନ୍ଦୋଳନକାରୀଙ୍କ ସୂତ୍ରରୁ ପ୍ରକାଶ।

## ରଘୁନାଥପୁରରେ ନିର୍ବାଚନ ମଣ୍ଡଳୀସ୍ତରୀୟ ସକ୍ରିୟ ସଦସ୍ୟ ସମ୍ମିଳନୀ



ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁରରେ ଶୁକ୍ରବାର ନିର୍ବାଚନ ମଣ୍ଡଳୀ ସ୍ତରୀୟ ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବଜାର ର ଥାନାନିକଟରେ ରଘୁନାଥପୁର ବିଜେପିର ଏକ ନୂତନ କାର୍ଯ୍ୟାଳୟ ଉଦଘାଟନ କରାଯାଇଛି। ଶହ ଶହ ବିଜେପି କର୍ମୀ ଓ ନେତା ସ୍ଥାନୀୟ ମଦନମୋହନ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ନୂତନ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଅତିଥିମାନେ ଫିତା କାଟି ନୂତନ କାର୍ଯ୍ୟାଳୟକୁ ଉଦଘାଟନ କରିବା ସହିତ ରଘୁନାଥପୁର ସ୍ଥିତ ଜଗନ୍ନାଥ ମନ୍ଦିର ମଣ୍ଡପରେ ଆୟୋଜିତ ସମ୍ମିଳନୀରେ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ପ୍ରଫୁଲ୍ଲ ମିଶ୍ର ଯୋଗ ଦେଇ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ଆଇନଜୀବୀ ରାଜକିଶୋର ବେହେରା ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଜିଲ୍ଲା ସାଧାରଣ ସମ୍ପାଦକ ସୁବାସ ଜେନା, ଜିଲ୍ଲା ସମ୍ପାଦକ ଆଇନଜୀବୀ ଗଗନ ଚନ୍ଦ୍ର ଦାସ, ବନ୍ଧ ସଭାପତି ଦାମୋଦର ରାଉତ, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଉପ ସଭାପତି ସତ୍ୟବ୍ରତ ପଣ୍ଡା, ୩ ଗୋଟି ବ୍ଲକର ୬ଜଣ ମଣ୍ଡଳ ସଭାପତି, ଯୁବନେତା ପ୍ରକାଶ ଦଳାଇ, ଜଗନ୍ନାଥ ସ୍ୱାଇଁ, ମନୋଜ ସାହୁଙ୍କ ସମେତ ଶହଶହ ସଂଖ୍ୟା ଦଳୀୟ କର୍ମୀ ଓ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ସଭା ପରିଚାଳନା କରିଥିଲେ ପୂର୍ବତନ ମଣ୍ଡଳ ସଭାପତି ତରୁଣ କୁମାର ଦାସ ଓ ଧନ୍ୟବାଦ ଅର୍ପଣ କରିଥିଲେ ରଘୁନାଥପୁର ମଣ୍ଡଳ ସଭାପତି ସ୍ୱରାଜ ସାମଲ।

## ପୁଟୁଳି ବୈଶ୍ୟ ଜାତିକୁ ପଛୁଆବର୍ଗରେ ସାମିଲ ପାଇଁ ଦାବି



ଯାଜପୁର(ଭାସ୍କର ନ୍ୟୁଜ): ହିନ୍ଦୁ ଧର୍ମରେ ପୁଟୁଳି ବୈଶ୍ୟ ସମାଜର ବିଶେଷ ଗୁରୁତ୍ୱ ରହିଛି। ଆୟୁର୍ବେଦ ଚିକିତ୍ସା ବ୍ୟବସ୍ଥାରେ ଏହି ଜାତି କେବଳ ଯେ ଗୁରୁତ୍ୱ ରଖେ ତାହା ନୁହେଁ ପୁରାତନ କାଳରେ ନୌବାଣିଜ୍ୟରେ ଏହି ସମ୍ପ୍ରଦାୟ ଜାଭା ସୁମାତ୍ରା ବାଲି ଇଣ୍ଡୋନେସିଆ ପ୍ରଭୃତି ଦେଶକୁ ଯାଉଥିଲେ। ଏବେ କିନ୍ତୁ ଏହି ଜାତିର ୯୦ ଭାଗ ଲୋକଙ୍କ ଆର୍ଥିକ ଅବସ୍ଥା ଶେଷ ଦୁର୍ବଳ। ଅନେକ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ନିର୍ବାହ କରୁଛନ୍ତି। ଏମାନଙ୍କୁ ଉଚ୍ଚ ଜାତି କୁହାଯାଉଥିଲେ ହେଁ ଆର୍ଥିକ ଦୃଷ୍ଟିକୋଣରୁ ଏମାନେ ବହୁ ଦୁର୍ବଳ। ଦିନ ମଜୁରିଆ ଓ ଛୋଟ ଛୋଟ ବ୍ୟବସାୟ କରି ସେମାନେ ଗୁଜୁରାଣ ମେଣ୍ଟାଉଥିବା ବେଳେ ଏହି ପୁଟୁଳି ବୈଶ୍ୟ ଜାତିକୁ ପଛୁଆବର୍ଗରେ ସାମିଲ କରାଯିବାକୁ ଦାବି ହୋଇଛି। ଶୁକ୍ରବାର ଦିନ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଯାଜପୁର ଜିଲ୍ଲା ପୁଟୁଳି ବୈଶ୍ୟ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଥିବା ବେଳେ ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ ଦାସ ଯୋଗଦେଇ ଆପଣଙ୍କ ଉକ୍ତ ଯଥାର୍ଥ ଦାବିକୁ ବିଧାନସଭାରେ ଉଠାଇବେ ବୋଲି କହିଥିବା ବେଳେ ସହିତ ଦେଶ ଗଠନରେ ସେମାନଙ୍କ ଅବଦାନ ରହିଥିବା ପୁଟୁଳି ବୈଶ୍ୟ ଜାତିର ଦାବି ଓ ସମସ୍ୟା ଗୁଡ଼ିକରେ ବାସ୍ତବତା ରହିଥିବା କହିଥିଲେ। ସଙ୍ଘର ଜିଲ୍ଲା ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତା କ୍ରମେ ଅନ୍ୟତମ ଅତିଥି ଭାବେ ନିଖିଳ ଉତ୍କଳ ପୁଟୁଳି ବୈଶ୍ୟ ସମାଜର ରାଜ୍ୟ ଉପସଭାପତି ରଶ୍ମିକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ରାଜ୍ୟ ସମ୍ପାଦକ ନୃସିଂହ ପ୍ରସାଦ ଦାସ, ସମ୍ମାନୀତ ଅତିଥି ଭାବେ ଦିଗମ୍ବର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସଦାଶିବ ପୃଷ୍ଟି ସ୍ୱାଗତ ଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଙ୍ଘର ସ୍ଥାୟୀ ପୃଷ୍ଠପୋଷକ ରାଧାକାନ୍ତ ସାହୁ, ରାଜ୍ୟ କୋଷାଧ୍ୟକ୍ଷ ପ୍ରମୋଦ କୁମାର ସାହୁ, ବରିଷ୍ଠ କର୍ମକର୍ତ୍ତା ଅଶୋକ କୁମାର ସାହୁ, ଲକ୍ଷ୍ମୀ ନାରାୟଣ ବୈଶ୍ୟ ସମାଜର ସଂଗଠନ ସମ୍ପାଦକ ସୁଶାନ୍ତ କୁମାର ପୃଷ୍ଟି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଜାତି ସମାଜର ବିଭିନ୍ନ ସମସ୍ୟା ଏବଂ ଆଶଙ୍କାକୁ ଦୂର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଆୟୁର୍ବେଦ ଗବେଷକ ଓ ଚିକିତ୍ସକ ଅନନ୍ତ ଦେବଦାସଙ୍କୁ ସେବାଶ୍ରୀ ଜ୍ୟୋତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶିକ୍ଷାବିତ ପ୍ରଫୁଲ୍ଲ କୁମାର ପୃଷ୍ଟି, ବିଜୟ ସାହୁ, ଅର୍ଜୁନ ସାହୁ ଓ ରଘୁନାଥ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମ୍ମିଳନୀକୁ ସୁସଂଗଠକ ଭାବେ ଜଗନ୍ନାଥ ସାହୁ, ଜଗତ ସାହୁ, ସନ୍ତୋଷ ସାହୁ ଓ ରଘୁନାଥ ସାହୁଙ୍କୁ ସମ୍ମାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା କମିଟିର ପ୍ରଶାନ୍ତ ନାୟକ, ଅଜିତ ନାୟକ, ସୁଶାନ୍ତ ପୃଷ୍ଟି, ନୀଳକଣ୍ଠ ନାୟକ, ବିଭୂପ୍ରସାଦ ପୃଷ୍ଟି, ଜ୍ୟୋତି ପ୍ରକାଶ ନାୟକ, ଗଜେନ୍ଦ୍ର ସାହୁ, ମଦନମୋହନ ସେନାପତି, ତପନ ମହାନ୍ତି, ଭିକାରୀ ନାୟକ, ଅଶୋକ ନାୟକ, ଅଭିମନ୍ୟୁ ସେନାପତି, ସୋମନାଥ ନାୟକ, ସ୍ମୃତିପ୍ରଜ୍ଞା ଘଡୁଆରୀ, ସୁମିତ୍ରା ଘଡୁଆରୀ, ସ୍ୱର୍ଣ୍ଣ ଲକ୍ଷ୍ମୀ ନାୟକ, ରାଜ କିଶୋର ସାହୁ, ସ୍ମୃତି ରଞ୍ଜନ ସାହୁ, ପ୍ରଦୀପ ସାହୁ, ସନ୍ତୋଷ ସାହୁ, ଅମରେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ ସଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ତଳକାଁପଡ଼ା ଗାଁରେ ବୋମାମାଡ଼ ଘଟଣା

# ୩୦ଜଣଙ୍କ ନାଁରେ ୩ ମାମଲା ରୁଜୁ, ଲୁଚିଛନ୍ତି ଅଭିଯୁକ୍ତ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ଥାନା କାଁପଡ଼ା ପଞ୍ଚାୟତ ଅଧୀନ ତଳକାଁପଡ଼ା ଗ୍ରାମର ବୋମାମାଡ଼ ଘଟଣାରେ ୩୦ଜଣଙ୍କ ନାମରେ ୩ଟି ପୃଥକ ପୃଥକ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ଗିରଫ ଭୟରେ ଉଭୟପକ୍ଷର ଅଭିଯୁକ୍ତମାନେ ଗାଁ ଛାଡ଼ି ପଳାଇ ଯାଇଛନ୍ତି। ଯେକୌଣସି ମୁହୂର୍ତ୍ତରେ ପୋଲିସ ଉଠାଇନେବାର ଭୟରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା କୁହାଯାଉଛି। କାଁପଡ଼ା ପଞ୍ଚାୟତ ଅଧୀନ ତଳକାଁପଡ଼ା ଗାଁରେ କିଛି ବର୍ଷ ହେଲା ବିଜେପି ଓ ବିଜେଡ଼ି ମଧ୍ୟରେ ଶତ୍ରୁତା ଲାଗିରହିଛି। ଏପରିକି ବିଭିନ୍ନ ସମୟରେ ଗଣ୍ଡଗୋଳ ଉପୁଜି ଥାନା ପର୍ଯ୍ୟନ୍ତ କଥା ଯାଇଛି। ତେବେ ଏହି ଶତ୍ରୁତା ବୁଧବାର ରାତିରେ ଉଗ୍ର ରୂପ ଧାରଣ କରିଥିଲା। ଯାହାର ପରିଣାମ ସ୍ୱରୂପ ଉଭୟ ଦଳର ସାମର୍ଥକମାନଙ୍କ ମଧ୍ୟରେ ସଂଘର୍ଷ ଉପୁଜିଥିଲା। ବିଭିନ୍ନ ମାରଣାସ୍ତ୍ର ସହାୟତାରେ ଆକ୍ରମଣ ଓ ପ୍ରତିଆକ୍ରମଣ ଚାଲିଥିବା ବେଳେ ହଠାତ ବୋମାମାଡ଼ ହୋଇଥିଲା। ଯାହାଫଳରେ ଉଭୟ ପକ୍ଷର ୧୪ଜଣ ଆହତ ହୋଇଥିଲେ। ତେବେ ବିଜେଡ଼ିର ୮ଜଣ ସମର୍ଥକ ଗୁରୁତର ହୋଇଥିବା ବେଳେ ବିଜେପିର ୬ଜଣ ଆହତ ହୋଇଥିବା ଜଣାଯାଇଥିଲା। ଉଭୟ ପକ୍ଷର ଏତଲା କ୍ରମେ ୩୦ଜଣଙ୍କ ନାମରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ନିଜ ତରଫରୁ ମଧ୍ୟ ଅନ୍ୟ ଏକ ମାମଲା ରୁଜୁ କରିଛି। ତେବେ ଏହି ଘଟଣାକୁ ନେଇ ବିଜେଡ଼ି ପକ୍ଷରୁ ମୁକ୍ତିକାନ୍ତ ଦାସ ଦେଇଥିବା ଏତଲା କ୍ରମେ ଶୁକଦେବ ମଳିକ, ସୁରେନ୍ଦ୍ର ମଳିକ, କାଶିନାଥ ମଳିକ, ସନାତନ ମଳିକ, ଦୀନବନ୍ଧୁ ଦାସ, ସଂଜୟ ଦାସ, ଦୀପେନ୍ଦ୍ର ଦାସ, ବାସୁଦେବ ଦାସ, ସବାଖିଆ ଦାସ, ମେଘନାଦ ଦାସ, ଅଭୟ ଦାସ, ଜଗା ଦାସ, ଅନୁ ଦାସ, ପ୍ରତାପ ଦାସ, ସୁଦାମ ଦାସ, ରାଜୀବ ଦାସ, ଅମରେଶ ମଳିଙ୍କ ନାମରେ ପୁଲିସ ୧୪୬/୨୫ ଏକ ମକଦ୍ଦମା ରୁଜୁ କରିଛି। ସେହିପରି ଭାଜପା ପକ୍ଷରୁ ରେବତୀ ଦାସ ଦେଇଥିବା ଏତଲା କ୍ରମେ ପ୍ରଫୁଲ୍ଲ ଦାସ, ପ୍ରକାଶ ଦାସ, ପ୍ରତାପ ଦାସ, ବିକି ଦାସ, ସିପୁ ଦାସ, ରେଖା ଦାସ, ବୀର ଦାସ, କୃଷ୍ଣ ଦାସ, ଅରୁଣ ଦାସ, ଗୋପବନ୍ଧୁ ଦାସ, ବୁଲୁ ଦାସ, ଚୌଧୁରୀ ଦାସ, ସୁବୁଦିଆ ଦାସ, ଦାମୋଦର ଦାସ, ପିଣ୍ଟୁ ଦାସ, ବିଶୁ ଦାସ, ସମୀର ଦାସ, ନିଲୁ ଦାସ, ନିରଂଜନ ଦାସ, ରମେଶ ଦାସ, ରବିନ୍ଦ୍ର ଦାସ, ସୁବାସ ଦାସଙ୍କ ନାମରେ ଅନ୍ୟ ଏକ ମକଦ୍ଦମା ୧୪୭/୨୫ ରୁଜୁ ହୋଇଛି। ଅପରପକ୍ଷେ ତିହିଡ଼ି ଥାନା ଏଏସଆଇ ଚିତ୍ତରଞ୍ଜନ ବାରିକଙ୍କ ଅଭିଯୋଗ କ୍ରମେ ୧୪୫/୨୫ରେ ମଧ ଏକ ମକଦ୍ଦମା ରୁଜୁ ହୋଇଥିଲା। ତେବେ ମୁକ୍ତିକାନ୍ତ ଓ ରେବତୀଙ୍କ ଅଭିଯୋଗରେ ବୋମାମାଡ଼ ନେଇ ପରସ୍ପରକୁ ଦୋଷାରୋପ କରାଯାଇଛି। ତେବେ ବୋମାମାଡ଼ର ପ୍ରକୃତ ଅପରାଧୀ କିଏ ତାହା ଜାଣିବାକୁ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏସପି ମଡ଼କର ସନ୍ଦୀପ ସମ୍ପଦ ଗୁରୁବାର ତଳକାଁପଡ଼ା ଗାଁରେ ତଦନ୍ତ କରି ଫେରିବା ପରେ ଏସଡିପିଓ ତ୍ରିଲୋଚନ ସେଠୀ ଓ ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ସହ ଆଲୋଚନା କରିଥିଲେ। ତେବେ ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଗିରଫ କରିବା ସମ୍ଭବ ହୋଇପାରିନି ବୋଲି ଆଇଆଇସି ଗ୍ରହାଚାର୍ଯ୍ୟ କହିଛନ୍ତି।


# ମହଙ୍ଗା ପଡିଲା କମେଣ୍ଟ ଦେବା, ଯୁବକ କୋର୍ଟଚାଲାଣ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ସାମାଜିକ ଗଣମାଧ୍ୟମ ଫେସବୁକ୍‌ରେ କମେଣ୍ଟ ଦେବା ଯୁବକଙ୍କୁ ମହଙ୍ଗା ପଡିଲା। ଫେସବୁକରେ ଯୁବକ ଜଣଙ୍କ କମେଣ୍ଟ ଦେଇଥିଲେ। ପୁରୀ ସାଇବର ପୁଲିସ ଯୁବକ ଙ୍କୁ ଧରି ଅଦାଲତ ଚାଲାଣ କରିଛି। ସୂଚନା ଅନୁଯାୟୀ,ନ୍ତଲକ୍ଷପତି ଦିଦିରେ ଓଡିଶା ଏକ ନମ୍ବର କାକଟପୁର ରେ ଶକ୍ତି ସମାରୋହ ଓ ସେବା କେନ୍ଦ୍ରକୁ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ୧୦ ମାସରେ ସାରା ଭାରତରେ ଲକ୍ଷପତି ସୃଷ୍ଟି କରିବାରେ ଓଡିଶା ଏକ ନମ୍ବର ବୋଲି କହିଥିଲେ ଉପମୁଖ୍ୟମନ୍ତ୍ରୀ। ଯାହାକି ଏକ ଘରୋଇ ଟିଭି ଚ୍ୟାନେଲର ଫେସବୁକରେ ଅପଲୋଡ଼ ହୋଇଥିଲା। ମନୋଜ ମୁଦୁଲି ନାମକ ଯୁବକ ଜଣକ ଫେସବୁକ କମେଣ୍ଟ ବକ୍ସରେ ଅଶାଳିନ ମନ୍ତବ୍ୟ ଦେଇଥିଲେ। ଏ ନେଇ ସାଇବର ଥାନାରେ କାର୍ଯ୍ୟରତ ସବଇନିସ୍ପେକ୍ଟର ଯୋଗମାୟା ସାହୁଙ୍କ ଅଭିଯୋଗ କ୍ରମେ ପୁରୀ ସାଇବର ପୁଲିସ ଓ ଅସ୍ତରଙ୍ଗ ଥାନା ପୁଲିସ ମିଳିତ ଉଦ୍ୟମ ଅସ୍ତରଙ୍ଗ ଥାନା ଅଞ୍ଚଳର ଯୁବକ ମନୋଜ ମୁଦୁଲିଙ୍କୁ ଗୁରୁବାର ବିଳମ୍ବିତ ରାତ୍ରରେ ଗିରଫ କରିବା ସହ ସାଇବର ଥାନା କେଶ ନମ୍ବର ୧୨/୨୫ରେ ମାମଲା ରୁଜୁ ସହ ଭାରତୀୟ ନ୍ୟାୟ ସଂହିତା ଧାରା ୨୯୪(୨)(ଇ), ୩୫୩(୨), ୩୫୬(୨)ରେ ଅଭିଯୁକ୍ତକୁ ଅଦାଲତ ଚାଲାଣ କରାଯାଇଛି। ଯାହାକି ସୂଚନା ଦେଇଛନ୍ତି ସାଇବର ଥାନାଅଧିକାରିଣୀ ସଙ୍ଘମିତ୍ରା ନାୟକ।

## ବିଦ୍ୟାଳୟ ଛୁଟି, କାଗଜକଲମରେ ମଧ୍ୟାହ୍ନଭୋଜନ ପ୍ରଦାନ ରିପୋର୍ଟ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରାଇବା ନିମନ୍ତେ ସରକାର ରାଜ୍ୟରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ବିଦ୍ୟାଳୟରେ କିପରି ସରକାରୀ କାଗଜକଲମରେ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଇ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରାଯାଉଛି ତାହାର ଏକ ନଗ୍ନ ନମୂନା ଦେଖିବାକୁ ମିଳିଛି। ଏହାର ତଦନ୍ତ ଦାବି ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ସରକାରୀ ପ୍ରାଥମିକ, ଉଚ୍ଚପ୍ରାଥମିକ ଏପରିକି ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟକୁ ଗୁଡଫ୍ରାଇଡେ ଅବସରରେ ଛୁଟି ଘୋଷଣା କରାଯାଇଛି। ସରକାରଙ୍କ ନିର୍ଦ୍ଦେଶକୁ ଉପଯୁକ୍ତ ସମ୍ମାନ ଜଣାଇ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଏପରିକି ଉର୍ଦ୍ଧ୍ୱ ବିଦ୍ୟାଳୟ ଛୁଟି ଦୃଷ୍ଟିକୋଣରୁ ବନ୍ଦ ରହିଥିଲା। ଏପରିସ୍ଥଳେ କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ଗ୍ରାମପଂଚାୟତ ବାରିମୂଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨୨ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିବା ସରକାରୀ କାଗଜକଲମରେ ଦର୍ଶାଯାଇଥିବାର ଜଣାଯାଇଛି। ଏହି ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।ଏହାର ତଦନ୍ତ ଦାବି ହୋଇଛି। ତେବେ ବ୍ଲକର ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ବନ୍ଦ ରହିଥିଲା ବେଳେ ଏହି ବିଦ୍ୟାଳୟରେ କିଭଳି ଭାବେ ମଧ୍ୟାହ୍ନଭୋଜନ ପ୍ରଦାନ କରାଗଲା ତାହା ନେଇ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷରେ ମଣ୍ଡଳ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟରେ କର୍ମଚାରୀ ଶୁନ୍ୟ ଥିବା ସୁଯୋଗ ନେଇ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସିଆରସିସି ମଧ୍ୟାହ୍ନଭୋଜନ ପ୍ରଦାନରେ ବ୍ୟାପକ ଚଂଚକତା ଓ ଅନିୟମିତତା କରିବା ସହ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମତାମତ ନେବା ନିମନ୍ତେ ଆମ ପ୍ରତିନିଧି ସିଆରସିସି ହିମାଂଶୁ ଶେଖର ସିଂଙ୍କୁ ପଚାରିବାରୁ ଏସମ୍ପର୍କରେ ତାଙ୍କ ନିକଟରେ କୌଣସି ତଥ୍ୟ ନାହିଁ। ସେ ତଦନ୍ତ କରି ସତ୍ୟାସତ୍ୟ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ବରାଳଙ୍କୁ ପଚାରିବାରୁ ତାଙ୍କ ବିଦ୍ୟାଳୟରେ ୨୨ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇଥିବାର ପ୍ରକାଶ କରିଥିଲେ। ତେବେ ଘଟଣାର ତଦନ୍ତ କରାଗଲେ ନିଶ୍ଚିନ୍ତକୋଇଲି ବ୍ଲକରେ ମଧ୍ୟାହ୍ନ ଭୋଜନରେ ଚାଲିଥିବା ଘୋଟଲାର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ସ୍ୱପ୍ନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ



ଧର୍ମଶାଳା(ଭାସ୍କର ନ୍ୟୁଜ): ଧର୍ମଶାଳା ବ୍ଲକ ମହିଶରା ପଞ୍ଚାୟତ ବାଟିଜୋଡ଼ସ୍ଥିତ ସ୍ୱପ୍ନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଫକିରମୋହନ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ଼. କୁମରବର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରି ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଓ ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଆଶାତରୁ ନାୟକ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟକ ଡ଼. ଦାସ କହିଲେ ଯେ, ଶିକ୍ଷା ଅନେକ ଛାତ୍ରଙ୍କୁ ଗଢ଼ିତୋଳି ଥାଏ। ଜଣେ ଆଦର୍ଶ ଶିକ୍ଷକ ଚାହିଁଲେ ଅନେକ ଉତ୍ତମ ଓ ମେଧାବୀ ଛାତ୍ର ଗଢ଼ି ତୋଳିପାରିବେ। ମୁଖ୍ୟବକ୍ତା ଧର୍ମଶାଳା ମଣ୍ଡଳ ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରା ଯୋଗ ଦେଇ କହିଲେ ଯେ, ଏହି ଶିକ୍ଷା ଅନୁଷ୍ଠାନ ୫୦ ବର୍ଷ ମଧ୍ୟରେ ଅନେକ ସୁନାଗରିକ ଗଢ଼ିବା ସହିତ କୃତୀଛାତ୍ର ଗଠନ କରିବାରେ ସହାୟକ ହୋଇଛି। ସୁବର୍ଣ୍ଣ ଜୟନ୍ତୀ କମିଟିର ଉପଦେଷ୍ଟା ବିଶ୍ୱନାଥ ସାମଲ ଓ ସୁବର୍ଣ୍ଣ ଜୟନ୍ତୀ କମିଟି ସଭ୍ୟ ଡ଼. ଭାଗ୍ୟଧର ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଶିକ୍ଷୟିତ୍ରୀ ଦୀପାଳୀ ମହାରଣା ବେଦପାଠ କରିଥିବା ବେଳେ ଅତିଥିମାନେ ସୁବର୍ଣ୍ଣ ଜୟନ୍ତୀ ପତାକା ଉତ୍ତୋଳନ ସହ ସମ୍ବତ୍ସର ଫଳକ ଉନ୍ମୋଚନ କରିଥିଲେ। ସହସମ୍ପାଦକ ଅଲେଖ ପ୍ରସାଦ ନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଦିବଂଗତ ଶିକ୍ଷୟିତ୍ରୀ ପୁରାତନ ଛାତ୍ରୀଛାତ୍ର ଓ ପରିଚାଳନା କମିଟିର ସଭ୍ୟସଭ୍ୟାଙ୍କ ବିୟୋଗରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ଶିକ୍ଷୟିତ୍ରୀ, ଶିକ୍ଷକ ଓ ପ୍ରତିଷ୍ଠାତାଙ୍କୁ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ମନୋରଞ୍ଜନ ସେଠୀ ସମ୍ବର୍ଦ୍ଧିତ କରିଥିଲେ। ସିନେତାରକା ପୁପିନ୍ଦର ମଞ୍ଚପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ସଂଧ୍ୟାରେ ସିଂଗମ୍ ଡ୍ୟାନ୍ସଗ୍ରୁପ୍ ପକ୍ଷରୁ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ଅତିଥିଙ୍କୁ ସ୍ୱାଗତ ଜଣାଇଥିବା ବେଳେ ପୁରାତନ ଛାତ୍ର ରଞ୍ଜନ କୁମାର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଆସନ୍ତାକାଲି ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଶା ରୋଡ଼ୀ, ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯସ୍ ପ୍ରତାପ ଶ୍ରୀମାଲ, ଧର୍ମଶାଳା ବିଡ଼ିଓ ଜ୍ୟୋତମୟ କର ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପୁରାତନ ଛାତ୍ର ସଂସଦ ସମ୍ପାଦକ ଅଲେଖ ପ୍ରସାଦ ନାୟକ ସୂଚନା ଦେଇଛନ୍ତି।

### ବିଧାନସଭାସ୍ତରୀୟ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

# ଭାଜପା ସରକାରରେ ଚାଷୀ ଓ ମା’କୁ ସମ୍ମାନ ମିଳିଲା: ମନମୋହନ



ଚାନ୍ଦବାଲି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ଚାନ୍ଦବାଲି ବିଜୁ ସ୍ମୃତି ଭବନଠାରେ ଶୁକ୍ରବାର ଅପରାହ୍ନରେ ଭାଜପାର ବିଧାନସଭାସ୍ତରୀୟ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସଭାପତି ତଥା ଚାନ୍ଦବାଲି ବିଧାନସଭା ନେତା ମନମୋହନ ସାମଲ ଯୋଗଦେଇ କହିଥିଲେ ମୁଁ ହାରିଛି ମୋ ଦୋଷରୁ ମୁଁ ରାଜ୍ୟ ସାରା ବୁଲିଲି କିନ୍ତୁ ମୋ ନିର୍ବାଚନ ମଣ୍ଡଳୀରେ ସମୟ ଦେଇପାରିଲିନି ବୋଲି ହାରିଲି କିନ୍ତୁ ତୁମକୁ ମୁଁ ଦୋଷ ଦେଉନି ତଥାପି ଆମେ ସଂଘଠନ କରିବା, ଆଉ କିଛିଦିନ ପରେ ଚାନ୍ଦବାଲିର ସବୁ ଗାଁରେ ମୁଁ ବୁଲିବି ସଂଘଠନ କରିବି। ଭାଜପା ସରକାର ଓଡିଶାରେ ହେବା ରାଜ୍ୟରେ ପରେ ମା ମାନଙ୍କୁ ସୁଭଦ୍ରା ଯୋଜନାରେ ଦୁଇ କିସ୍ତିରେ ଦଶ ହଜାର ଟଙ୍କା ପ୍ରଦାନ, ଚାଷୀମାନଙ୍କୁ ଧାନର ମୂଲ୍ୟ ୩୧୦୦ ଟଙ୍କା ପ୍ରଦାନ କରି ଉପଯୁକ୍ତ ସଂମାନ ଦେଇଛନ୍ତି ରାଜ୍ୟ ସରକାର। ଓଡିଶାରେ ଭାଜପା ଆହୁରି ତିରିଶ ବର୍ଷ ଶାସନ କରିବ ଏଥିରେ ସନ୍ଦେହ ନାହିଁ। ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ ଜନହିତାକର ଯୋଜନା କରୁଛନ୍ତି। ଆୟୁଷ୍ମାନ ଯୋଜନାରେ ପାଇ ଆମ ରାଜ୍ୟରେ ଲୋକ ବେଶୀ ଖୁସି ହୋଇଛନ୍ତି। କର୍ମୀମାନଙ୍କୁ ତଳ ଷ୍ଟରକୁ ଯାଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ଭଗବାନ ପଣ୍ଡା ଯୋଗଦେଇ ଦଳକୁ ତୃଣମୂଳସ୍ତରରୁ ମଜବୁତ କରିବା ପାଇଁ ସକ୍ରିୟ ସଦସ୍ୟ ମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏଥିରେ ଚାନ୍ଦବାଲି ବିଧାନସଭା କ୍ଷେତ୍ରରୁ ଏକହଜାର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର କୁମାର ରାଉଳ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ, ଆରଡ଼ି ମଣ୍ଡଳ ସଭାପତି ସନ୍ଦୀପ ନାୟକ, ଏନ ଏସସୀ ସଭାପତି ବିକାଶ କୁମାର ବେହେରା, ଧାମରା ମଣ୍ଡଳ ସଭାପତି ତ୍ରିଦୀବେଶ ପ୍ରଧାନ, ଗଜଲକ୍ଷ୍ମୀ ମଣ୍ଡଳ ସଭାପତି ଚନ୍ଦନ ବଳ, କିଶ୍ୱର ନାୟକ, ଦେବେନ୍ଦ୍ର ନାୟକ, ମା’ କାଳୀ ମଣ୍ଡଳ ସଭାପତି ପ୍ରବୀର ରାଉତ, ଲଙ୍କେଶ୍ୱରୀ ମଣ୍ଡଳ ସଭାପତି ଅଜୟ ମହାନ୍ତି, ଅଜୟ ନାୟକ, ସଂଗ୍ରାମ ମହାନ୍ତି, ମିତ୍ରଭାନୁ ଦାସ, ରାଜାରାମ ମହାକୁଡ଼, ସ୍ତମ୍ଭକାର ଅଭୟ ଦିବେଦୀ ପ୍ରମୁଖ ମଞ୍ଚାସିନ ଥିବା ବେଳେ ସରପଞ୍ଚ ଭାରତୀ ବିଶ୍ୱାଳ, ସୁଶାନ୍ତ ପୁହାଣ, ଅଭୟ ବଳ, ମୀନକେତନ ବିଶ୍ୱାଳ, ଅଭୟ ବଳ, ଯୁବନେତା ଅଞ୍ଜନ ଦାସ, ସୁଶାନ୍ତ ମହାନ୍ତି, ବିଜୟ କୁମାର ବେହେରା, ଅଭିମନ୍ୟୁ ଦାସ, ବିଟୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱ-ରୋଜଗାର ଓ ସମୃଦ୍ଧି ପଥରେ ଜିଲ୍ଲାର ବିକାଶ ହେଉ କିନ୍ତୁ ଶିମିଳିପାଳ ସୁରକ୍ଷିତ ରହୁ: ଭଞ୍ଜସେନା



ବାରିପଦା(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲାର ଏକମାତ୍ର ସଂଗ୍ରାମୀ ଯୁବଛାତ୍ର ସଂଗଠନ ଭଞ୍ଜସେନା ପକ୍ଷରୁ ଦୀର୍ଘ ଦିନର ଆନ୍ଦୋଳନ ଫଳସ୍ୱରୂପ ବର୍ତ୍ତମାନର ରାଜ୍ୟ ସରକାର, କାରିଗରିର ମାଟି ମୟୂରଭଞ୍ଜରେ ୧୦ଟି ଉଦ୍ୟୋଗ ସୃଷ୍ଟି ନିମନ୍ତେ ଖୋଦ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ବାରିପଦା ଗସ୍ତ ଅବସରରେ ଯେଉଁ ଘୋଷଣା ତାହା ସ୍ୱାଗତଯୋଗ୍ୟ ତାସହିତ ଜଙ୍ଗଲଜାତ ଦ୍ରବ୍ୟକୁ ବିନିଯୋଗ କରି ଅନେକ କୁଟୀର ଶିଳ୍ପ ପ୍ରତିଷ୍ଠାର ଯୋଉ ଘୋଷଣା ମଧ କରିଛନ୍ତି ଯଦି ପ୍ରକୃତରେ ତାହାର କାର୍ଯ୍ୟକାରୀ ହୁଏ ତେବେ ଜିଲ୍ଲାର ବହୁମାତ୍ରାରେ ବିକାଶ ହୋଇପାରିବ ଏବଂ ଏହାଦ୍ୱାରା ଆଦିବାସୀ ଓ ଅଧିବାସୀଙ୍କ ଜୀବନଜୀବିକାରେ ମଧ ଉନ୍ନତି ଆସିପାରିବ। ତାସହିତ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟରେ ଆଉ ଏକ ପ୍ରସଙ୍ଗ ଶୁଣିବାକୁ ଖୁସି ସହିତ ମନକୁ କ୍ଷୋଭ ଆସିବା ଭଳି କଥା ଲାଗିଲା। ତାଙ୍କ ଭାଷଣରେ ଶିମିଳିପାଳରେ ପଶ୍ଚିମବଙ୍ଗର ସୋନାର ବାଙ୍ଗଲା ହୋଟେଲ ସଂସ୍ଥା ପକ୍ଷରୁ ଏକ ତାରକା ହୋଟେଲ ଖୋଲାଯିବ ନିଶ୍ଚିତ ଭାବରେ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ହେଲେ କିଛିଦିନ ପୁର୍ବରୁ ଏକ ସୂଚନା ମିଳିଥିଲା କି ସରକାରୀ ପ୍ରହୋତ୍ସନ ସହିତ ଏକାଧିକ ତାରକା ହୋଟେଲ ମୟୂରଭଞ୍ଜ ତଥା ଶିମିଳିପାଳରେ ନିଜ ବ୍ୟବସାୟ ସ୍ଥାପିତ କରିବା ଲାଗି ଇଚ୍ଛାପ୍ରକାଶ କରିଛନ୍ତି। ତେବେ ଏ ବାବଦରେ ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ମାଗିବାରୁ ଯେଉଁ ତଥ୍ୟ ମିଳିଲା ତାହା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ସମ୍ପୂର୍ଣ୍ଣ ଭାବରେ ବିପରୀତ। କାରଣ ଶ୍ୟାମାଖୁଣ୍ଟା ତହସିଲର ରିପୋର୍ଟ ଅନୁସାରେ ସେହି ନିର୍ଦ୍ଦିଷ୍ଟ ଜମିରେ ଜଙ୍ଗଲ ଓ ରାଜସ୍ୱ ବିଭାଗର ସମସ୍ତ ଆଇନ କାନୁନ୍ ସେଠାରେ ହୋଟେଲ ଖୋଲିବାକୁ ଅନୁମତି ଦେଇ ପାରିବା କଥା ନୁହେଁ। ହେଲେ ଖୋଲା ମଞ୍ଚରେ ଯେଭଳି ଭାବରେ ମୁଖ୍ୟମନ୍ତ୍ରୀ ଘୋଷଣା କରି ଦେଇ ଗଲେ, ଯଦି ସେହିଭଳି କିସମର ଜମି ହୋଟେଲ ସଂସ୍ଥାକୁ ଯୋଗାଇ ଦେବାକୁ ଯୋଜନା କରାଯାଉଛି ତେବେ ତାଙ୍କ ଭାଷଣ ହୁଏତ ସମ୍ପୂର୍ଣ୍ଣ ମିଛ କିମ୍ବା ମୟୂରଭଞ୍ଜ ତଥା ଶିମିଳିପାଳର ଅସୁମାରୀ ଖଣିଜ ସଂପଦକୁ ସରକାରୀ ଯୋଜନାର ଢାଲ ତଳେ ଅକ୍ତିଆର କରିବାର ଏକ ବଡ ଷଡ଼ଯନ୍ତ୍ରର ଆରମ୍ଭ। ଏ ବାବଦରେ ଏକାଧିକ ଆରଟିଆଇ ତଥ୍ୟ ପାଇବା ପରେ ଭଞ୍ଜସେନା ଭବିଷ୍ୟତରେ ପରିବେଶ ଜନିତ ବିପଦର ଆଶଂକା କରି ଶିମିଳିପାଳକୁ ସୁରକ୍ଷିତ ରଖିବା ଲାଗି ନେସନାଲ ଗ୍ରୀନ ଟ୍ରିବ୍ୟୁନାଲକୁ ବିଧିବଦ୍ଧ ଭାବରେ ଅବଗତ କରିଛି। ଯେଉଁ ସରକାର ଥାଉ ନା କାହିଁକି ପର୍ଯ୍ୟଟନର ଉନ୍ନତି ସହିତ କ୍ଷୁଦ୍ର ଓ କୁଟୀର ଶିଳ୍ପ ଦ୍ୱାରା ବନ୍ୟଜାତ ଦ୍ରବ୍ୟର ଉଚିତ୍ ବ୍ୟବସାୟକରଣକୁ ସଦାସର୍ବଦା ଭାଞ୍ଜସେନା ସ୍ୱାଗତ କରି ଆସିଛି। ହେଲେ ଶିମିଳିପାଳ ମୌଳିକତା ଓ ଜିଲ୍ଲାର ପରିବେଶର ସୁରକ୍ଷା କଥାରେ କୌଣସି ପ୍ରକାରର ସାଲିସ୍ ବା କୌଣସି ପ୍ରକାରର ପ୍ରଶ୍ରୟ ଭଂଜସେନା କାହାରିକୁ ଦେବ ନାହିଁ ଏହା ଦୃଢ଼ ନିଶ୍ଚିତ। ସାମ୍ବାଦିକ ସମ୍ମିଳନି ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ସଂଜୀବ ରାଉତ, ଉପାଧ୍ୟକ୍ଷ ନିମାୟ ତ୍ରିପାଠୀ, ଜିତେନ୍ଦ୍ର ହେମ୍ବ୍ରମ, ଦକ୍ଷିଣା ମହାନ୍ତ, କନିକା ବୋଷ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଆବାହକ ରାକେଶ ବେହେରା, କାର୍ଯ୍ୟକାରୀ ସଭାପତି ରବୀନ ମହାନ୍ତି, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବ ଶାଖା ସଭାପତି ଏସ କେ ରାଜାଖାନ, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, କପ୍ତିପଦା ଉପଖଣ୍ଡ ସଭାପତି ରାକେଶ ପଣ୍ଡା, କ୍ରୀଡା ସଂଯୋଜିକା ସୁଭଦ୍ରା ହେମ୍ବ୍ରମ ପ୍ରମୁଖ ପଦାଧିକାରୀ ଉପସ୍ଥିତ ଥିଲେ।



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍) : ମଞ୍ଜୁରୀରୋଡ ଡା. କଲଚରାଲ ଏକାଡେମୀ ଆନୁକୂଲ୍ୟରେ ବିଷୁବ ମିଳନ ଅନୁଷ୍ଠିତ ହୋଇଯାଇଛି । ଏକାଡେମୀ ସଭାପତି ପଦ୍ମଲୋଚନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଏକାଡେମୀ ନିର୍ଦ୍ଦେଶକ ଡା. ସୁଶୀଲ କୁମାର ଘୋଷ, କବି ବିଜୟ କୁମାର ସ୍ୱାଇଁ, ଶିକ୍ଷାବିତ ହରିଶ୍ଚନ୍ଦ୍ର ଜେନା, କିଶୋର ଚନ୍ଦ୍ର ଦାସ, ଅଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା, ରାଜେଶ କୁମାର ବିଶ୍ୱାଳ, ବ୍ୟଙ୍ଗ କବି ବିନୋଦ ବାରିକ, ଏକାଡେମୀ ସମ୍ପାଦକ ବିଶ୍ୱନାଥ ବାରିକ ଓଡ଼ିଆ ସଂସ୍କୃତିରେ ବିଷୁବ ପର୍ବର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଜାତି, ଧର୍ମ, ସମ୍ପ୍ରଦାୟ ଭଳି ସଂକୀର୍ଣ୍ଣତା ଠାରୁ ଊର୍ଦ୍ଧ୍ୱରେ ରହି ପରସ୍ପର ମଧ୍ୟରେ ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିପାରିଲେ ଜୀବନ ଆନନ୍ଦଦାୟକ ହୋଇପାରିବ ବୋଲି ମତ ପୋଷଣ କରିଥିଲେ । କବି ଶ୍ରୀ ସ୍ୱାଇଁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ସୁବୀର କୁମାର ଘୋଷ ।

# ଋଣଗ୍ରହୀତାଙ୍କ ଉପରେ ଜୁଲମ୍‌କୁ ବିରୋଧ



ରଘୁନାଥପୁରା (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ କୁଆମଙ୍ଗା ଗ୍ରାମର ମୋବିନ ବେଗମ (୭୦)ଙ୍କ ବାସଗୃହକୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରଘୁନାଥପୁର ଶାଖା ପକ୍ଷରୁ ଗୁରୁବାର କୋରଖି ଅଭିଯାନକୁ ଗ୍ରାମବାସୀ ଓ ଅଞ୍ଚଳ ପକ୍ଷରୁ ତୀବ୍ର ବିରୋଧର କରାଯିବା ସହ ଏହାକୁ ପ୍ରତିରୋଧ କରିବା ପାଇଁ ଶହଶହ ଜନସାଧାରଣ ରୁଣ୍ଡ ହୋଇଥିଲେ । ଜଣେ ଗରିବ ମହିଳାଙ୍କ ପ୍ରତି ବ୍ୟାଙ୍କର ମନମାନୀ ଓ ଜୁଲମକୁ ବିରୋଧ କରାଯାଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏହି ଘଟଣାର ମାନ୍ୟବର ଅଦାଲତରେ ମାମଲାର ଚାଲୁ ରହିଥିବା ବେଳେ ବ୍ୟାଙ୍କର ଏଭଳି କାର୍ଯ୍ୟକଳାପ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମୋବିନଙ୍କ ପୁଅ ଜାହାଙ୍ଗୀର ବେଗ୍ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି, ୨୦୧୮ ମସିହାରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ମୋବିନ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ରଘୁନାଥପୁର ଶାଖାରୁ ମଇଁଷୀ ଫାର୍ମ ପାଇଁ ୨୫ଲକ୍ଷ ଟଙ୍କା ଋଣ କରିଥିଲେ । ଏହି ଋଣ ବ୍ୟାଙ୍କ ପକ୍ଷରୁ ବିଳମ୍ବରେ ୨୦୨୦ମସିହାରେ ମଞ୍ଜୁର କରାଯାଇଥିଲା । ତେବେ ୨୦୧୮ ମସିହାରେ ଫାର୍ମ ପାଇଁ ଯେଉଁ ବ୍ୟୟ ଅଟକଳ କରାଯାଇଥିଲା ୨୦୨୦ ମସିହାରେ ଋଣ ମଳିଲା ବେଳକୁ ବଜାର ଦର ବଢିବାରୁ ତାହା ଅଧିକ ଖର୍ଚ୍ଚ ବଢ଼ି ଯାଇଥିଲା । ଯାହାଫଳରେ ଫାର୍ମଟିକୁ ସଂପୂର୍ଣ୍ଣ କରିବା ପାଇଁ ସମସ୍ତ ଟଙ୍କା ଖର୍ଚ୍ଚ ହୋଇ ଯାଇଥିବା ବେଳେ ମଇଁଷୀ କିଣିବାକୁ ହିତାଧିକାରୀଙ୍କ ନିକଟରେ ଆଉ କୌଣସି ଅର୍ଥ ନଥିଲା । ବାଧ୍ୟ ହୋଇ ହିତାଧିକାରୀ ହାତ ଉଧାରୀ କରି ବହୁ କଷ୍ଟରେ ଫାର୍ମଟିକୁ ଚଳାଇ ୩୦ମାସ ଧରି ବ୍ୟାଙ୍କ କିସ୍ତି ଶୁଝି ଚାଲିଥିଲେ । ହେଲେ ତାଙ୍କୁ ବ୍ୟାଙ୍କ ପକ୍ଷରୁ କୌଣସି ସବସିଡ ବା ସହାନୁଭୂତି ମିଳିପାରି ନଥିଲା । ଏହି ଯୋଜନାରେ ତାଙ୍କର ମାତ୍ରାଧିକ କ୍ଷତି ହେଉଥିବାରୁ ବ୍ୟାଙ୍କ ସହିତ ଆପୋଷ ବୁଝାମଣାରେ ଏକକାଳୀନ ଲୋନ ସୁଝିବା ପାଇଁ ଗତ୨୦୨୨ମସିହାରେ ସେ ବ୍ୟାଙ୍କରେ ଏକ ଲିଖିତ ଆବେଦନ କରିଥିଲେ । କିନ୍ତୁ ବ୍ୟାଙ୍କ ସେଥିରେ ଏକମତ ନହୋଇ କିସ୍ତି ଖିଲାପର ସୁଯୋଗ ନେଇ ହିତାଧିକାରୀଙ୍କ ଉପରେ ଏନ୍‌ପିଆଇ କେସ୍ କରିବା ସହିତ ୩୩ଲକ୍ଷ ଟଙ୍କା ଭରଣା ନକଲେ ଲୋନ୍ ପାଇଁ ବନ୍ଧକ ଥିବା ଘରବାରି ଓ ଫାର୍ମହାଉସକୁ ସିଜ୍ କରାଯିବା ପାଇଁ ଚଞ୍ଚକତା ପୂର୍ବକ ଅଦାଲତ ଜରିଆରେ ନୋଟିସ୍ କରିଥିଲେ ଏବଂ ହିତାଧିକାରୀଙ୍କୁ ଏହାର ସମାଧାନ ପାଇଁ କୌଣସି ସୁଯୋଗ ଦେଇନଥିଲେ ଏବଂ ଗୁରୁବାର ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ତାଙ୍କ ବାସଗୃହ ଓ ଫାର୍ମହାଉସକୁ ସିଜ୍ କରାଯିବା ସମୟରେ ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ଓ ଅଞ୍ଚଳ ପକ୍ଷରୁ ବିରୋଧ କରାଯାଇଥିଲା । ଅପରପକ୍ଷରେ ବ୍ୟାଙ୍କର ଏଭଳି ଜୁଲମକୁ ନେଇ ରଘୁନାଥପୁର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି ।

# ପୁଣିଥରେ ବଦଳିଲା ସରକାରୀ ବିଦ୍ୟାଳୟର ନାମ




କୋରାପୁଟ (ଭାସ୍କର ନ୍ୟୁଜ୍) : କୋରାପୁଟ ଲାଣ୍ଡିଗୁଡାସ୍ଥିତ ସରକାରୀ ମହାବିଦ୍ୟାଳୟର ପୁଣିଥରେ ନାଁ ବଦଳିଛି । ଗତ ୧୬ତାରିଖ ଦିନ ଏହାକୁ ରାଜ୍ୟ ସରକାର ସରକାରୀ ବିଜ୍ଞପ୍ତି ମାଧ୍ୟମରେ ସରକାରୀ ଡିଏଭି ମହାବିଦ୍ୟାଳୟ ନାମରେ ନାମିତ କରିଛନ୍ତି । ଦୀର୍ଘଦିନର ଦାବି ପରେ କଲେଜ ତା'ର ପୂର୍ବ ନାମ ଫେରି ପାଇଥିବାରୁ କଲେଜରେ ଖୁସିର ଲହରି ଖେଳିଯାଇଛି । ସୂଚନାଯୋଗ୍ୟ ଯେ, ସରକାରୀ ମହାବିଦ୍ୟାଳୟ ପ୍ରଥମେ ଡିଏଭି ମହାବିଦ୍ୟାଳୟ ପରେ ୨୦୧୨ ମସିହାରେ ସରକାର ଡିଏଭି ନାଁକୁ ପରିବର୍ତ୍ତନ କରି ସରକାରୀ ମହାବିଦ୍ୟାଳୟ ନାମରେ ନାମିତ କରିଥିଲେ । ଡିଏଭି କଲେଜ ଆଲୁମିନା ଆସୋସିଏସନ୍ ତରଫରୁ ପୁରାତନ ଛାତ୍ରମାନେ ଏକ ରେଜିଷ୍ଟ୍ରିଭୁକ୍ତ ଆଲୁମିନି ଗଠନ କରି କଲେଜର ଅଗ୍ରଗତିରେ ସହଭାଗୀ ହେବା ସହ ମାର୍ଗଦର୍ଶନ କରି ଆସୁଥିଲେ । ୨୦୧୨ ମସିହାରେ ସରକାର ଡିଏଭି ମହାବିଦ୍ୟାଳୟର ନାମ ପରିବର୍ତ୍ତନ କରିଥିଲେ । ୧୯୬୮ ମସିହାରେ ଦୟାନନ୍ଦ ଆଙ୍ଗ୍ଲୋବେଦିକ୍ କଲେଜ ପରିଚାଳନା କମିଟି ବା ଡିଏଭି ଦ୍ୱାରା ଏହା କୋରାପୁଟର ଶିକ୍ଷା ଉନ୍ନୟନ ସମିତିର ସହାୟତାରେ ପ୍ରତିଷ୍ଠା ହୋଇଥିଲା । ଏହାକୁ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ୧୯୮୨ ମସିହାରେ ହାତକୁ ନେଇଥିଲେ । ଏଥିରେ ପୂର୍ଣ୍ଣାଙ୍ଗ ଡିଗ୍ରୀ କୋର୍ସ ସହ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଏହି ଅନୁଷ୍ଠାନର ନାମ ପରିବର୍ତ୍ତନ କରି ସରକାରୀ ମହାବିଦ୍ୟାଳୟ ରଖାଯାଇଥିଲା । କିନ୍ତୁ ମୂଳରୁ ଏହା ଡିଏଭି କଲେଜ ଥିବାରୁ ପୁଣିଥରେ କଲେଜକୁ ଡିଏଭି ନାଁ ଯୋଡିବା ପାଇଁ ଆଲୁମିନାର ସଦସ୍ୟମାନଙ୍କ ସହିତ ବିଭିନ୍ନ ସଂଗଠନ ତରଫରୁ ଦାବି କରାଯାଇଥିଲା । ଦାବିର ଯଥାର୍ଥତାକୁ ଉପଲବ୍ଧ କରି ଗତ ୧୬ ତାରିଖ ଦିନ ଏହାକୁ ରାଜ୍ୟ ସରକାର ବିଜ୍ଞପ୍ତି ମାଧ୍ୟମରେ ସରକାରୀ ଡିଏଭି ମହାବିଦ୍ୟାଳୟ ନାମରେ ନାମିତ କରିଛନ୍ତି । ଯାହାକୁ ନେଇ ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟ ଠାରେ ଡିଏଭି କଲେଜ ଆଲୁମିନା ଆସୋସିଏନ ତରଫରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ସରକାରଙ୍କ ଏହି ନିଷ୍ପତିରେ ଖୁସି ବ୍ୟକ୍ତ କରିବା ସହ ଆଲୁମିନାର ସଦସ୍ୟମାନେ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଆସନ୍ତା ଅଗଷ୍ଟ ୧୦ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା କଲେଜର ପ୍ରତିଷ୍ଠା ଦିବସକୁ ଭବ୍ୟ ଭାବରେ ଆୟୋଜିତ କରାଯିବ ବୋଲି ଆଲୁମିନାର ସଦସ୍ୟ ଅଯୋଧ୍ୟାନାଥ ସାମଲ କହିଛନ୍ତି । ଏହି କଲେଜକୁ କିପରି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରିଣତ କରାଯିବ ସେଥିପାଇଁ ଉଦ୍ୟମ ଜାରି ରହିବ ବୋଲି ସେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ପୌର ପରିଷଦର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଶରତ ପଟ୍ଟନାୟକ, ମନୋରଞ୍ଜନ ରାଉତରାୟ, ରୂପକ ତୁରୁକ, କାମାକ୍ଷା ପ୍ରସାଦ ମାଝି, ତାରିଣୀ ପାତ୍ର, ଡ. ପ୍ରୀତିଧାର ସାମଲ, ରମେଶଚନ୍ଦ୍ର ବିଶ୍ୱାଳଙ୍କ ସମେତ ଡିଏଭି କଲେଜ ଆଲୁମିନା ଆସୋସିଏନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଯୁବକଙ୍କ ଆତ୍ମହତ୍ୟା

କୋଷାଗୁମୁଡା(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ୍ ଅନ୍ତର୍ଗତ ଚିର୍ମା ଗ୍ରାମର ପଦ୍ମନ ଧାଙ୍ଗଡାମାଝୀ(୩୪) ପିତା ଦୀନବନ୍ଧୁ ଧାଙ୍ଗଡାମାଝୀ (୬୦)ଙ୍କର ଆଜି ସନ୍ଦେହଜନକ ଭାବରେ ମୃତ୍ୟୁ ଘଟିଛି । କୌଣସି ପାରିବାରିକ କଳହ ଯୋଗୁଁ କିଛିଦିନ ହେଲା ପଦ୍ମନ ଘରେ ନିଜ ପରିବାର ସାଙ୍ଗରେ ନରହି ନିଜ ସମ୍ପର୍କୀୟଙ୍କ ଘରେ ରହିଆସୁ ଥିଲେ । ସୂଚନା ଅନୁଯାୟୀ କାଲି ସନ୍ଧ୍ୟାରୁ ନିଜ ମୋଟର ସାଇକେଲ (ହିରୋ ଏଚ୍‌ଏଫ୍ ଡିଲକ୍ସ ଓଡି ୧୦ଡ୍ୱାଇ୫୫୯୬)ରେ ଘରୁ ବାହାରକୁ ଯାଇଥିବା ବେଳେ ଆଉ ଘରକୁ ଫେରିନଥିଲେ । ଆଜି ସକାଳେ ଗାଁରୁ ପ୍ରାୟ ତିନି କିଲମିଟର ଦୂରରେ ଥିବା ନିଜ ଚାଷ ଜମିର ଏକ ଆକାଶିଆ ଗଛ ଡ଼ାଳରେ ପଦ୍ମନଙ୍କ ଝୁଲନ୍ତା ମୃତଦେହକୁ ଗାଁର କିଛି ଲୋକ ଦେଖି ତାଙ୍କ ପରିବାରକୁ ଜଣାଇଥିଲେ । ପରିବାରର ଲୋକ ନିଜ ସଂପର୍କୀୟଙ୍କ ସହ ଯାଇ କୋଡିଙ୍ଗା ଥାନା ଅଧିକାରୀଙ୍କୁ ଜଣାଇଥିଲେ । ସୂଚନା ପାଇ କୋଡ଼ିଙ୍ଗା ଥାନା ଅଧିକାରୀ, ଏଏସ୍‌ଆଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଠାବ କରି ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ (ଏସ୍‌ପି)ଙ୍କୁ ଜଣାଇ ଥିଲେ । ନବରଙ୍ଗପୁର ଏସ୍‌ପି, ପାପଡ଼ାହାଣ୍ଡି ଏସ୍‌ଡିପିଓ, କଳାହାଣ୍ଡି ସାଇଣ୍ଟିଫିକ ଟିମ୍ ସହ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇ ଥିଲେ । ପରେ କୋଡ଼ିଙ୍ଗା ଥାନା ଅଧିକାରୀ ଉକ୍ତ ଘଟଣାକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ।

# ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ



କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଟାଉନ ଥାନା ସମ୍ମୁଖରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ନେତାମାନେ ଏକତ୍ରିତ ହୋଇଥିଲେ । ସମସ୍ତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନଗର ସଭାପତି ସୁରେଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କିସିସି ବ୍ୟାଙ୍କ ସଭାପତି ଇ.ଈଶ୍ୱର ଚନ୍ଦ୍ର ପାଣିଗ୍ରାହି, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଯୋଗଦେଇ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ଏଥିସହ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଏବଂ ପ୍ରତିମୂର୍ତ୍ତିରେ ନିଆଁ ଲଗାଇବା ଘଟଣାକୁ ନିନ୍ଦା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୁ ଦଳାଇ, ନଗର ମହିଳା ସଭାନେତ୍ରୀଙ୍କ ସହ ସମସ୍ତ କାଉନସିଲର ଯୋଗଦେଇଥିଲେ । ଶେଷରେ କାଦମ୍ବିନୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସକାଳେ ସହରର ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

# କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ସାମୂହିକ ବ୍ରତୋପନୟନ



ଗୁଣପୁର (ଭାସ୍କର ନ୍ୟୁଜ୍): ଗୁଣୁପୁର କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ସ୍ଥାନୀୟ କନ୍ୟାକା ପରମେଶ୍ୱରୀ ମନ୍ଦିର ପରିସରରେ ସାମୂହିକ ବ୍ରତପୋନୟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିବ ବୋଲି ସଂଘ ପକ୍ଷରୁ ଜଣାପଡିଛି । ଶୁକ୍ରବାର ପ୍ରଥମ ଦିବସରେ ବୈଶ୍ୟ ସଂଘର କୁଳ ପୁରହିତ ଭେଙ୍କେଟ ନାଗଭୂଷଣ ରିତିନିତି ଅନୁଯାୟୀ ପୂଜାପାଠ ଓ ମନ୍ତ୍ର ଉଚ୍ଚାରଣ କରି ଉପସ୍ଥିତ ୧୧୫ଜଣଙ୍କୁ ଶରୀରରେ ପଇତା ଧାରଣ କରାଇଥିଲେ । ତେବେ ବ୍ରତପୋନୟନର ଶେଷ ଦିବସରେ ପଇତାଧାରଣ କରିଥିବା ବୈଶ୍ୟ ଯୁବକଙ୍କୁ କୁଳପୁରହିତ ଗୁରୁମନ୍ତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ବ୍ରତୋପନୟନ କାର୍ଯ୍ୟକ୍ରମରେ ଗୁଣପୁର ସହରର ବୈଶ୍ୟ ସଂଘର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ବୈଶ୍ୟ ସଂଘ ସଭାପତି ଏସ୍ ବାବା ପ୍ରସାଦ, ଉପସଭାପତି ପି ନାଗରାଜୁ, ସଂପାଦକ ପି ସାଇକ୍ରିଷ୍ଣା ଓ ସହ ସଂପାଦକ ଏ ଭେଙ୍କେଟରାଓ ପରିଚାଳନା କରିଥିଲେ ।

# ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶା ବରପୁତ୍ର ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ବଡ଼ମାଲସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଏପ୍ରିଲ ୧୭ ହେଉଛି ଓଡ଼ିଶା ର ପୂର୍ବତନ ମୁଖ୍ୟମନ୍ତ୍ରୀ, ଦୁର୍ଦ୍ଧର୍ଷ ପାଇଲଟ୍, ଜାତୀୟ ନେତା ତଥା ଭାରତରେ ଶିଳ୍ପ ବିକାଶର ମୂଳଦୁଆ ପକାଇଥିବା ଓଡ଼ିଶା ପୁଅ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଦିବସ । ଅମର ଓଡ଼ିଶା ବରପୁତ୍ର ଓଡ଼ିଶା ପ୍ରଦେଶ ସଙ୍ଗେ ସଙ୍ଗେ ଭାରତ ବର୍ଷ ପାଇଁ ମଧ ଚିର ସ୍ମରଣୀୟ । ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ଜୀବନୀ ଦେଶ ପାଇଁ ତଥା ରାଜ୍ୟ ଓ ଜିଲ୍ଲାବାସୀଙ୍କ ପାଇଁ ପ୍ରେରଣା ଦାୟକ ଅଟେ । ଆଜିର ଏହି ପବିତ୍ର ପୁଣ୍ୟ ତିଥିରେ ଉପସ୍ଥିତ ନବ ନିର୍ବାଚିତ ଜିଲ୍ଲା ଅଧ୍ୟକ୍ଷ ହରିଶ୍ ଗଣତ୍ରା ଦୂରଦୃଷ୍ଟି ସମ୍ପନ୍ନ ବରପୁତ୍ର ବିଜୁ ବାବୁଙ୍କ ଜୀବନୀ ବିଷୟରେ ଉଲ୍ଲେଖ କରି ଝାରସୁଗୁଡ଼ା ବିଜୁ ପରିବାରକୁ ଏକାଠି ନେଇ ରାଜନୀତି ପରିବେଶରେ କୁଶଳ ଅଗ୍ରଗତି କରିବେ ବୋଲି କହିଛନ୍ତି । ଆଜିର କାର୍ଯ୍ୟକ୍ରମ ରେ ତାପସ ରାୟ ଚୌଧୁରୀ, ରଘୁମଣି ପଟେଲ, ଦାମୋଦର ନାଥ,ଦିଗାମ୍ବର ଭୋଇ, ଚୁଡ଼ାମଣି ବଡେଇ,ଅଶୋକ ଦାସ, ପ୍ରଶାନ୍ତ ଜେନା, ତୁଳସୀ ଦାସ, ଶଶୀ ତିୱାରି, ଲାଲା ଶର୍ମା,ଗଜାନନ୍ଦ ତିୱାରୀ, ଆଲୋକ ପ୍ରଧାନ, ଲିଙ୍ଗରାଜ ମହାପାତ୍ର, ଚିତ୍ରେଣୀ ପଟେଲ, ଗୀତାଞ୍ଜଳି ପଣ୍ଡା, ଦୀପା ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଦେଓମାଳି ସୁରକ୍ଷା ପାଇଁ ପ୍ରଶାସନର ତତ୍ପରତା

କୋରାପୁଟ(ଭାସ୍କର ନ୍ୟୁଜ୍): ଦେଓମାଳି ପର୍ଯ୍ୟଟନ ସ୍ଥଳର ସୁରକ୍ଷା ନିମନ୍ତେ ପ୍ରଶାସନ ତତ୍ପରତା ପ୍ରକାଶ କରିଛି । ପ୍ରଦୂଷଣ କମାଇବା ପାଇଁ କଟକଣା ଜାରି କରିଛି । ରାତି ୮ଟା ଠାରୁ ସକାଳ ୫ଟା ପର୍ଯ୍ୟନ୍ତ ରହିବା ସହ ପଲିଥିନ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି ଜିଲ୍ଲାପାଳ ଭି କୀର୍ତ୍ତି ଭାସନ । ସେହିପରି ଦେଓମାଳି ଓ ତଳମାଳି ଅଞ୍ଚଳର ସାମଗ୍ରୀକ ବିକାଶ ପାଇଁ ୨୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି । ଏଠାରେ ପୋଲିସ ଫାଣ୍ଡି ଆରମ୍ଭ ହୋଇଥିବା କହିଛନ୍ତି । ସ୍ୱଚ୍ଛତା ରଖିବା ପାଇଁ ପୂର୍ବରୁ ୯ଟି ଗାଁରୁ ୯ଜଣ ରହିଥିଲେ । ଆଗକୁ ୩୦ଜଣ ନିଯୁକ୍ତି ହେବେ । ସରକାରୀ କିମ୍ବା ସରକାରୀ ସ୍ୱୀକୃତି ପ୍ରାପ୍ତ ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଇକୋ-କଟେଜ ଏବଂ କ୍ୟାମ୍ପ ସାଇଟ୍ ଗୁଡିକରେ ରହିବା ପାଇଁ ପୂର୍ବରୁ ବୁକିଂ କରିଥିବା ପର୍ଯ୍ୟଟକଙ୍କୁ ରାତିରେ ରହିବାକୁ ଅନୁମତି ମିଳିବ । ପ୍ରଶାସନ ଦ୍ୱାରା ନିର୍ଦ୍ଦିଷ୍ଟ ଭାବେ ଅନୁମତି ନଥିଲେ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀଙ୍କୁ ପାହାଡ଼ ଉପରେ ରାତ୍ରୀଯାପନ କରିବାକୁ ଅନୁମତି ଦିଆଯିବ ନାହିଁ । ଦେଓମାଳିରେ ଏକକ-ବ୍ୟବହୃତ ପ୍ଲାଷ୍ଟିକ ବହନ କରିବାକୁ ପରିଦର୍ଶକଙ୍କୁ ନିଷେଧ କରାଯାଇଛି । ଉଲ୍ଲଙ୍ଘନକାରୀଙ୍କୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଅନୁଯାଇ ଦଣ୍ଡିତ କରାଯିବ । ସମସ୍ତ ପର୍ଯ୍ୟଟକଙ୍କୁ ନିର୍ଦ୍ଦିଷ୍ଟ ଡଷ୍ଟବିନରେ ଅଳିଆ ପକାଇବାକୁ ପଡିବ । ଆଖପାଖରେ କାର୍ଯ୍ୟ କରୁଥିବା ଟୁର ଅପରେଟର ଏବଂ ବିକ୍ରେତାମାନେ ଉପଯୁକ୍ତ ଅଳିଆ ନିଷ୍କାସନ ନିଶ୍ଚିତ କରିବେ । ପରିଷ୍କାର ପରିଚ୍ଛନ୍ନତା ମାନଦଣ୍ଡ ବଜାଇ ରଖିବେ । ପଟାଙ୍ଗି ବ୍ଲକ ପ୍ରଶାସନ ଏବଂ ସମ୍ପୃକ୍ତ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ନିର୍ଦ୍ଦେଶକୁ କଡାକଡ଼ି ଭାବେ ପାଳନ କରାଯିବ । ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଥିବା ବ୍ୟକ୍ତି ପରିବେଶ ସୁରକ୍ଷା ଆଇନ ୧୯୮୬ର ଧାରା ୧୫ର ବ୍ୟବସ୍ଥା ଅନୁଯାଇ କାର୍ଯ୍ୟାନୁଷ୍ଠାନ ସମ୍ମୁଖୀନ ହେବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ।

# ମଦର ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ




କଣାସ (ଭାସ୍କର ନ୍ୟୁଜ୍): କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ ମଦର ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ପବ୍ଲିକ ସ୍କୁଲର ଆଜି ୬ଷ୍ଠ ତମ ବାର୍ଷିକ ଉତ୍ସବ ସେବାଞ୍ଚଳ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ସୁବର୍ଣ୍ଣ କେଶରୀ ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସଭାରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ଡ. ଅଜୟ କୁମାର ବାରିକ, ମୁଖ୍ୟବକ୍ତା ଭାବେ ୟଙ୍ଗ ଇଣ୍ଡିଆର ପ୍ରତିଷ୍ଠାତା ଏନ.ଏ.ସାହା. ଆନସାରୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଣାସ ଥାନା ଆଇ.ଆଇ.ସି ପ୍ରମୋଦ କୁମାର ଯୁଝାରସିଂହ, ପ୍ରମୋଦ ହରିଚନ୍ଦନ, ସୟ କୁମାର ପାତ୍ର, ଇଂ. ଶିବାନନ୍ଦ ପରିଡା, ଶାନ୍ତିଲତା ସାମନ୍ତରାୟ, ସୁଷମା ବେହେରା, ଦେବରାଜ ବେହେରା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ କଣାସ ବ୍ଲକରେ ଏହି ଇଂଲିଶ ମିଡିୟମ ସ୍କୁଲଟି ପ୍ରଥମ ହୋଇ ହୋଇଥିବାରୁ ସମସ୍ତଙ୍କର ସହଯୋଗ କାମନା କରିବା ସହିତ ଏହି ସ୍କୁଲଟି ପୁରୀ ଜିଲ୍ଲାରେ କିପରି ଆଦର୍ଶ ବିଦ୍ୟାଳୟ ଭାବେ ଠିଆ ହେବ ସମସ୍ତଙ୍କର ପ୍ରଚେଷ୍ଟା ରହିବା ଦରକାର ବୋଲି କହିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ବିଦ୍ୟାଳୟର ନୂତନ ଗୃହ ନିର୍ମାଣ କରିବା ପାଇଁ ଏକେ.କେ.ଏସ.ଏସ ତରଫରୁ ଦୁଇ ଏକର ଜମି ପ୍ରଦାନ କରାଯାଇଥିବା ପ୍ରତିଷ୍ଠାତା ଶ୍ରୀ ବଳିୟାରସିଂହ ପ୍ରକାଶ କରିଥିଲେ । ନୂତନ ଭାବେ ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରାଯାଇଥିଲା ବିଦ୍ୟାଳୟର ଅଧକ୍ଷା ନୀଳିମା ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷାବିତ ସୁଶାନ୍ତ କୁମାର ନରେନ୍ଦ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ପାଖରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ରଜନୀକାନ୍ତ ପାଢ଼ୀ, ସୁଜାତା ବାହୁବଳେନ୍ଦ୍ର, ସଂଯୁକ୍ତା ପ୍ରଧାନ, ରାଧାଶ୍ୟାମ ବିଶ୍ୱାଳ ଏବଂ କୃପାସିନ୍ଧୁ ପାଇକରାୟ ପୂର୍ଣ୍ଣ ସହଯୋଗ କରିଥିଲେ ।

# ପିଏମ୍‌ଶ୍ରୀ ହାଇସ୍କୁଲ୍‌ର ବାର୍ଷିକ କ୍ରୀଡା ପ୍ରତିଯୋଗିତା



ନିଆଳି (ଭାସ୍କର ନ୍ୟୁଜ୍ ) : ପିଏମ୍‌ଶ୍ରୀ ନିଆଳି ହାଇସ୍କୁଲ୍‌ରେ ୭୮ତମ ବାର୍ଷିକ କ୍ରୀଡା ଉତ୍ସବ ୨୦୨୫ ୧୬ ତାରିଖ ବୁଧବାର ଦିନ ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ନିଆଳି ବ୍ଲକ୍ ମଣ୍ଡଳ ଶିକ୍ଷା ଅଧିକାରିଣୀ ଜ୍ୟୋସ୍ନାରାଣୀ ମହାପାତ୍ର, ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ଛବି ମଲ୍ଲିକ, ସମ୍ମାନୀତ ଅତିଥି ନିଆଳି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରଞ୍ଜନ ପଣ୍ଡା, ନିଆଳି ହାଇସ୍କୁଲ୍‌ର ପୂର୍ବତନ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସେକ୍ ହ୍ୟୁମାୟୁନ୍ ଯୋଗ ଦେଇଥିଲେ । ବିଦ୍ୟାଳୟର ଖେଳ ଶିକ୍ଷକ ସ୍ୱାଧୀନ କୁମାର ବସ୍ତିଆ କ୍ରୀଡା ବିବରଣୀ ପାଠ କରିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ଜିଲ୍ଲା ଓ ରାଜ୍ୟସ୍ତରୀୟ କ୍ରୀଡାରେ ଯୋଗଦେଇ ବିଭିନ୍ନ ବିଭାଗରେ ପୁରସ୍କୃତ ହୋଇଛନ୍ତି । ସ୍ନେହଲତା ଦେଇ ଆବାହକ ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ସରପଞ୍ଚ ଜ୍ୟୋତି ରଞ୍ଜନ ମଲ୍ଲିକ, ତ୍ରିଲୋଚନ ବେହେରା, ସେକ୍ ହସନ୍ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିଥିଲେ ।

# ଇଂ.ପ୍ରଶାନ୍ତ କୁମାରଙ୍କୁ ସେବା ସମ୍ମାନ



ଫୁଲନଖରା (ଭାସ୍କର ନ୍ୟୁଜ୍): ସାଂସ୍କୃତିକ ସଂଗଠନ ଆରାଧ୍ୟା କଲଚରାଲ ଏକାଡେମୀ ବ୍ରାହ୍ମଣଝରିଲୋ ଫୁଲନଖରା ପକ୍ଷରୁ ସାମାଜିକ ସଙ୍ଗଠନ ଆଦର୍ଶ ଯୁବ ସଂଘ ଭାରତ ବରେଣ୍ୟ ସଂପାଦକ ବିଶିଷ୍ଟ ରକ୍ତଦାତା ତଥା ସମାଜସେବୀ ଇଂ.ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ସମାଜସେବା, ଜ୍ଞାନ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ତଥା ବୈଷୟିକ ଜ୍ଞାନକୌଶଳ ଦିଗରେ ଉଚ୍ଚସ୍ତରୀୟ ଗବେଷଣା, ରକ୍ତଦାନ, ପରିବେଶ ସୁରକ୍ଷା, ଧାର୍ମିକ କାର୍ଯ୍ୟ ଆଦି ବିଭିନ୍ନ ଦିଗରେ ଉଲ୍ଲେଖନୀୟ କୃତିତ୍ୱ ନେଇ ସେବା ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି । ସେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଉପକଣ୍ଠ ବାଣପୁର ନିବାସୀ ବରିଷ୍ଠ ସମାଜସେବୀ ବିଶ୍ୱମ୍ଭର ପଣ୍ଡା ଓ ଧର୍ମପ୍ରାଣା ଦମୟନ୍ତୀ ପଣ୍ଡାଙ୍କ ସୁପୁତ୍ର ଅଟନ୍ତି ଓ ଅଧୁନା ସୁନ୍ଦରଗଡ ଜିଲ୍ଲା ଗୋପାଳପୁର ଠାରେ ଅବସ୍ଥାନ କରୁଛନ୍ତି । ସେ ରାଜ୍ୟ ଓ ରାଜ୍ୟ ବାହାରେ ଓଡିଆ ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର କରିବା, ମେକାନିକାଲ ବିଭାଗରେ ଜଣେ ସୁଦକ୍ଷ ଖ୍ୟାତିସମ୍ପନ୍ନ ଯନ୍ତ୍ରୀ ଭାବେ ବହୁ ଉଚ୍ଚାଙ୍ଗ ଜାତୀୟ ଘରୋଇ ଉଦ୍ୟୋଗ ମାନଙ୍କରେ ଉଚ୍ଚପଦ ପଦବୀରେ କାର୍ଯ୍ୟ କରିବା ସହ ଟେକ୍ନୋଲୋଜି ବିକାଶ ଦିଗରେ ସାଧନାରତ ଏବଂ ବହୁବିଧ ସମାଜସେବାରେ ସମର୍ପିତ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ।

# ନିହଲପ୍ରସାଦରେ ଖଣିମାଫିଆଙ୍କ ଆତଙ୍କରାଜ

## ଉପଜିଲ୍ଲାପାଳ ଓ ପୋଲିସ୍ ଉପରେ ପଥରମାଡ଼, ୧୦ରୁ ଉର୍ଦ୍ଧ୍ୱଙ୍କ ନାମରେ ମାମଲା

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଗଁଦିଆ ତହସିଲ୍ ଅନ୍ତର୍ଗତ ନିହଲ୍‌ପ୍ରସାଦ ଥାନାର ନିଶ୍ଚିନ୍ତା ପାହାଡ଼ରୁ ଦୈନିକ ଶହ ଶହ ଟ୍ରକ୍‌ରେ କଳା ମୁଗୁନି ପଥର ଦିନ ଦି'ପ୍ରହରରେ ନିହଲପ୍ରସାଦର ନିଶ୍ଚିନ୍ତା ପାହାଡ଼ରେ ଖଣି ମାଫିଆମାନେ କଳା ମୁଗୁନି ପଥର ଲୁଟ୍ କରିବା ନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରସାରିତ ହେବା ପରେ ଜିଲ୍ଲା ପ୍ରଶାସନ ତତ୍ପର ହୋଇ ଉଠିଥିଲା । ଗୁରୁବାର ଦିନ ଉପ ଜିଲ୍ଲାପାଳ ବିବୁଧ ଗଡ଼ନାୟକଙ୍କ ନେତୃତରେ ମାଇନିଂ ଅଧିକାରୀ ଓ ପୋଲିସ୍ ନିଶ୍ଚିନ୍ତା ପାହାଡ଼ରେ ଚଢାଉ କରି ମୁଗୁନି ପଥର ଭର୍ତ୍ତି ଟ୍ରାକ୍ଟର୍, ପଥର ଖୋଳା ମେସିନ୍ ଜବତ୍ କରି ନିହଲ୍‌ପ୍ରସାଦ ଥାନାକୁ ଆଣୁଥିବା ସମୟରେ ରାସ୍ତା ଉପରେ ୧୦ରୁ ଉର୍ଦ୍ଧ୍ୱ ଖଣି ମାଫିଆ ଅଟକାଇବା ସହ ପ୍ରବଳ ପଥର ମାଡ଼ କରି ଗାଡ଼ି ଛଡ଼େଇ ନେଇଥିବାର ଜଣାପଡ଼ିଛି । ପୋଲିସ୍ ପକ୍ଷରୁ ନିହଲପ୍ରସାଦ ଅଞ୍ଚଳର ତାପସ ସାହୁ, ହିମାଂଶୁ ସାହୁ, ସୁବାଶ ଦାସ, ଦିଲ୍ଲୀପ୍ ବାରିକ୍, ମଦନ ବାରିକ୍ ଓ ବାତୁଲ ପାଣ୍ଡବଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏ ସମ୍ପର୍କରେ ଉପ ଜିଲ୍ଲାପାଳ ଶ୍ରୀ ଗଡ଼ନାୟକ କୁହନ୍ତି ଯେ, ଆଜି ନିହଲପ୍ରସାଦର ନିଶ୍ଚିନ୍ତା ପାହାଡ଼ ଅଞ୍ଚଳରେ ଯୁଗ୍ମ ଚଢାଉ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଯାଇଥିବା ବେଳେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।



ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଫାଣ୍ଡିବର ଛକ ସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ୩୦ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି। ଫାଣ୍ଡିବର ଯଜ୍ଞ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଯଜ୍ଞରେ ଇନ୍ଦାଲୋ ଓ ହରିଅଙ୍କ ପଞ୍ଚାୟତବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ବିଶ୍ୱଶାନ୍ତି ମହାଞ୍ଚର ଗତକାଲି ଅଙ୍କୁରାରୋପଣ ଓ ଭାଗବତ ସପ୍ତାହ ପାଠାରମ୍ଭ ହୋଇଯାଇଛି। ଆଜି ପବିତ୍ର ଲୁଣାନଦୀରୁ ଶତାଧିକ ଭକ୍ତ ପୂଜାର୍ଚ୍ଚନା କରି ଶୁଭକଳସ ଶୋଭାଯାତ୍ରାରେ ଯଜ୍ଞ ସ୍ଥଳକୁ ନେଇଥିଲେ। ପୂର୍ବାହ୍ନରେ ଯଜ୍ଞାଧିବାସ ହୋଇଥିବା ବେଳେ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ସାତଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ଯଜ୍ଞରେ ଶୁକ୍ରବାର ମଣ୍ଡଳାଦିପୂଜା, ଅଗ୍ନିସ୍ଥାପନ, ଆହୂତି ଆରମ୍ଭ, ବିଷ୍ଣୁ ସହସ୍ରନାମ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ସେହିପରି ଶନିବାର ଆହୂତି, ଗୀତାଯଜ୍ଞ ଓ ସନ୍ଧ୍ୟାରେ ଭଜନ ସନ୍ଧ୍ୟା, ରବିବାର ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞର ଶୁଭାଧିବାସ, ପୂର୍ବାହ୍ନରେ ରୁଦ୍ର ଯଜ୍ଞ ଓ ଆହୂତି, ସୋମବାର ନାମଯଜ୍ଞ ଉଦ୍‌ଯାପନ, ପରେ ଚଣ୍ଡିଯଜ୍ଞ, ଆହୂତି ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ବେଳେ ମଙ୍ଗଳବାର ସମସ୍ତ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଆହୂତି, ସନ୍ଧ୍ୟାରେ ପୂର୍ଣ୍ଣାହୂତି, ଚରୁଅନ୍ନ ବଣ୍ଟନ ଓ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ଯଜ୍ଞ କମିଟିର କର୍ମକର୍ତ୍ତାଙ୍କ ତରଫରୁ ସନାତନ କର ସୂଚନା ପ୍ରଦାନ କରିଛନ୍ତି। ଏହି ଯଜ୍ଞରେ ପ୍ରଫୁଲ୍ଲ କୁମାର ନାୟକ ଓ ନମିତା ନାୟକ କର୍ତ୍ତାକର୍ତ୍ତୀ ଭାବେ କାର୍ଯ୍ୟ ନିର୍ବାହ କରୁଥିବା ବେଳେ ଇନ୍ଦାଲୋ ଓ ହରିଅଙ୍କ ଦୁଇ ପଞ୍ଚାୟତର ଜନସାଧାରଣ ଏହି ଯଜ୍ଞ କାର୍ଯ୍ୟ ପରିଚାଳନା କରୁଛନ୍ତି।



### ଗ୍ରାମ୍ୟ ଉନ୍ନୟନ ବିଭାଗ ସାଜିଛି ଜାଲି ଠିକାଦାରଙ୍କ ଚରାଭୂଇଁ !

## ନୂତନ ରାସ୍ତା ନିର୍ମାଣର ୧୫ ଦିନରେ ପିଚୁ ଉପରେ ଉଠିଲାଣି ଘାସ



କୋରେଇ, (ଭାସ୍କର ନ୍ୟୁଜ୍) : ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋରେଇର ବିଭିନ୍ନ ରାସ୍ତାକୁ ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଯାହା ବର୍ତ୍ତମାନ କିଛି ରାସ୍ତା ଅଧାପନ୍ତରିଆ ହୋଇ ପଡିରହିଥିବା ବେଳେ କିଛି ରାସ୍ତାକୁ ତରବରିଆ ଭାବେ କାର୍ଯ୍ୟ ଶେଷ କରାଯାଉଥିବା ଦେଖିବାକୁ ମିଳୁଛି। କିନ୍ତୁ ଦୁଃଖର ବିଷୟ ତରବରିଆ ଭାବେ ରାସ୍ତା ଗୁଡ଼ିକର କାର୍ଯ୍ୟ ସରିଥିବା ବେଳେ ଖୁବ୍ ନିମ୍ନମାନର କାର୍ଯ୍ୟ ହୋଇଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ କୋରେଇ ବ୍ଲକ ନବୋଦୟ ବିଦ୍ୟାଳୟ ଠାରୁ ଜାତୀୟ ରାଜପଥକୁ ସଂଯୋଗ କରିଥିବା ରାସ୍ତାର କାର୍ଯ୍ୟ ସରିଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁଁ ପିଚୁ ଫଟେଇ ଘାସ ଉଠିବା ଦେଖିବାକୁ ମିଳୁଛି। ସରକାର ରାସ୍ତା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅସାଧୁ ସରକାରୀ ବାବୁ ନିଜର ପ୍ୟାକେଟ ଗରମ କରିବା ପାଇଁ ନିମ୍ନମାନର କାର୍ଯ୍ୟକୁ ଠିକାଦାରଙ୍କ ସହ ମିଶି ଜନସାଧାରଣଙ୍କ ଟିକସ ପଇସାକୁ ହରିଲୁଟ କରୁଥିବା ଅଭିଯୋଗ ହେଉଛି। ଏହି ରାସ୍ତାଟି ନୂତନ ଭାବେ କାର୍ଯ୍ୟ ହେଉଥିବାରୁ ଅନେକ ସ୍ଥାନରେ ନୂଆ କରି ମାଟି ପଡ଼ି ଥିବାବେଳେ ବିନା ଭାଇବ୍ରେଟରରେ ହାଲକା ମାଟି ଉପରେ ପିଚୁ ହୋଇଥବାରୁ ଏ ରାସ୍ତାର ସ୍ଥାୟୀତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ପିଚୁ କାର୍ଯ୍ୟ ସମୟରେ ସରକାରୀ ବାବୁ ଅନୁପସ୍ଥିତ ଥିବାରୁ ଯେଉଁ ସ୍ତରରେ ପିଚୁ ପଡ଼ିବା କଥା ଠିକାଦାର ମନଇଚ୍ଛା କାର୍ଯ୍ୟ କରିଥିବା ଅଭିଯୋଗ ହେଉଛି। ଏହି ପିଚୁ କାର୍ଯ୍ୟ କୁଆଡେ ଦିନରେ ନହୋଇ ରାତିରେ ହୋଇଥିବା ସେଠିକାର ଲୋକମାନେ କହୁଛନ୍ତି । ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକୁ ପରିଚାଳନା ଓ ତଦାରଖ ପାଇଁ କନିଷ୍ଠ ଯନ୍ତ୍ରୀମାନଙ୍କୁ ସରକାର ନିଯୁକ୍ତି ଦେଇଥିବା ବେଳେ ଏମାନେ ସରକାରଙ୍କ କଥାକୁ କମ୍ ଠିକାଦାରଙ୍କ କଥାକୁ ଅଧିକ ଗୁରୁତ୍ୱ ଦେଉଥିବା ଆଲୋଚନା ହେଉଛି। ପାଣିକୋଇଲି ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରୁ ମାତ୍ର କିଛି ଦୂରରେ ଏହି ରାସ୍ତା କାର୍ଯ୍ୟ ହୋଇଥିବା ବେଳେ ସରକାରୀ ଅଧିକାରୀଙ୍କ ଭୂମିକା ସନ୍ଦେହ ସୃଷ୍ଟି କରୁଛି। ଶୁଣିବାକୁ ମିଳୁଛି କୁଆଡେ ପଣିକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗରେ ଥିବା କନିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ମୋଟାଅଙ୍କର ଅର୍ଥ କାରବାର ଫଳରେ ରାସ୍ତାର ଅବସ୍ଥା ଏହିଭଳି ହେଉଛି। ବଡ଼ କଥା ବିଭାଗରୁ ଟେଣ୍ଡର ପାଇଥିବା ଠିକାଦାର ନିଜେ କାର୍ଯ୍ୟ ନକରି ପେଟି ଠିକାଦାରମାନଙ୍କୁ କାର୍ଯ୍ୟ ଦେଇ ଯେନତେନ ପ୍ରକାର କାର୍ଯ୍ୟ କରି ଅଫିସରମାନଙ୍କୁ ହାତ କରି ବିଲ୍ କରି ନେଉଛନ୍ତି। ପେଟି ଠିକାଦାର ମାନେ ରାଜନୈତିକ ପୃଷ୍ଠ ପୋଷକତାରେ ରହି ନିର୍ଭୟରେ କଳାକୁ ଧଳା କରୁଥିବା ଚାରିଆଡେ ଚର୍ଚ୍ଚା ହେଉଛି। ଉଚ୍ଚ କର୍ତ୍ତୃପକ୍ଷ, ଯାଜପୁର ଜିଲ୍ଲାପାଳ, କୋରେଇ ବିଧାୟକ ଏଥିପ୍ରତି ଦୃଷ୍ଟି ପ୍ରଦାନ କରି ରାସ୍ତାଟିକୁ ଯାଞ୍ଚ କରିବା ସହିତ ଠିକାଦାରଙ୍କ ଲାଇସେନ୍ସ ରଦ୍ଦ କରିବା ସହିତ ତାଙ୍କୁ କଳା ତାଲିକା ଭୁକ୍ତ କରିବା ପାଇଁ ଦୃଢ଼ ଦାବି ହେଉଛି।

### ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା, ଦ୍ୱିତୀୟ ପର୍ଯ୍ୟାୟରେ ଅଯୋଧ୍ୟା

## ବାରଣାସି ଅଭିମୁଖେ ଯାତ୍ରା କଲେ ୧୯୬ ବରିଷ୍ଠ ନାଗରିକ



ବାରିପଦା, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ରାଜ୍ୟର ବରିଷ୍ଠ ନାଗରିକ ବିଶେଷ କରି ଯେଉଁମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟା ହେତୁ ତୀର୍ଥଯାତ୍ରାରୁ ବଞ୍ଚିତ ହେଉଥିଲେ ସେମାନେ ବିଭିନ୍ନ ତୀର୍ଥ ସ୍ଥାନ ଦର୍ଶନ କରିବା ପାଇଁ ସୁଯୋଗ ପାଉଛନ୍ତି ଏବଂ ରାଜ୍ୟ ସରକାରଙ୍କ ଉକ୍ତ ଯୋଜନା ବରିଷ୍ଠ ନାଗରିକଙ୍କ ପାଇଁ ବେଶ ସହାୟକ ହେବା ସହିତ ସେମାନଙ୍କ ମନରେ ଆନନ୍ଦ, ଉତ୍ସାହ ଆଣିଦେଇପାରିଛି। ଚଳିତ ବର୍ଷ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ଦ୍ୱିତୀୟ ପର୍ଯ୍ୟାୟରେ ୧୯୬ଜଣ ବରିଷ୍ଠ ନାଗରିକ ଏହି ତୀର୍ଥ ଯାତ୍ରା ପାଇଁ ମନୋନୀତ ହୋଇ ଆଜି ଅପରାହ୍ନ ୪ଘଟିକା ସମୟରେ ବାରିପଦା ସ୍ଥିତ ଷ୍ଟାଡିଅମ ବାରିପଦା ଠାରୁ ଅଯୋଧ୍ୟା -ବାରଣାସି ଅଭିମୁଖେ ତୀର୍ଥ ଯାତ୍ରା ଆରମ୍ଭ କରିଛନ୍ତି । ଏହି ଅବସରରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ଶ୍ରୀମତୀ ସତ୍ୟଭାମା ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକ ତଥା ତୀର୍ଥଯାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଫୁଲମାଳ ପିନ୍ଧାଇ ସମ୍ମାନ ଭରା ଶୁଭେଚ୍ଛା ଜଣାଇଥିଲେ। ତତ୍‌ସହିତ ସେମାନଙ୍କ ଏହି ଆଧାତ୍ମିକ ତୀର୍ଥଯାତ୍ରାର ମଙ୍ଗଳ କାମନା କରି ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ପ୍ରକାଶ ଥାଉକି ସମ୍ପୃକ୍ତ ବ୍ଲକ ପ୍ରଶାସନ ତରଫରୁ ସେମାନଙ୍କୁ ମୟୂରଭଞ୍ଜ ଏଥେଲେଟିକ ଆସୋସିଏସନ କନଫରେନ୍ସ ହଲ୍ ନିକଟରେ ପହଞ୍ଚା ଯିବା ପରେ ସେମାନଙ୍କ ଯାତ୍ରା ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଅନ୍ୟାନ୍ୟ ଆନୁସାଙ୍ଗିକ ଔପଚାରିକ ବ୍ୟବସ୍ଥାକୁ ସମ୍ପନ୍ନ କରାଯିବା ପରେ ୦୫ ଗୋଟି ବସ୍ ଯୋଗେ ଦାୟିତ୍ୱ ସମ୍ପନ୍ନ ୫ଜଣ ନୋଡାଲ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଆଜି ବାଲେଶ୍ୱର ଠାରେ ରାତ୍ର ରହଣି ପରେ ଆସନ୍ତା କାଲି ତା୧୮.୦୪.୨୦୨୫ରିଖ ସେମାନେ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା-ବାରଣାସି ଅଭିମୁଖେ ଯାତ୍ରା କରିବେ। ଯାତ୍ରା ସମୟ ରେ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଯୁକ୍ତ ହୋଇଥିବା ୫ଜଣ ନୋଡାଲ ଅଧିକାରୀ ଯାତ୍ରା ସମୟରେ ନିୟମିତ ସମୟ ବ୍ୟବଧାନରେ ଜିଲ୍ଲା ପ୍ରଶାସନ ସହିତ ଯୋଗାଯୋଗ କରିବା ସହିତ ହ୍ୱାଟ୍ସଅପ୍ ଗ୍ରୁପ ଜରିଆରେ ଫଟୋ ଓ ତଥ୍ୟ ଅବଗତ କରାଇବେ। ଉକ୍ତ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଶେଷ ହେଲାପରେ ପୁଣି ସ୍ୱତନ୍ତ୍ର ଟ୍ରେନ ଯୋଗେ ବାଲେଶ୍ୱର ରେଳ ଷ୍ଟେସନକୁ ୨୩-୦୪-୨୦୨୫ ରିଖ ପ୍ରତ୍ୟାବର୍ତ୍ତନ କରିବେ ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ବ୍ୟବସ୍ଥା କରାଯାଇଥିବା ବସ୍ ଯୋଗେ ସେମାନଙ୍କୁ ପୁଣି ବାଲେଶ୍ୱରରୁ ବାରିପଦା ଅଣାଯିବ ଏବଂ ବାରିପଦାରେ ପହଞ୍ଚିବା ପରେ ସମ୍ପୃକ୍ତ ବ୍ଲକ ପ୍ରଶାସନଙ୍କ ତରଫରୁ କରାଯାଇଥିବା ବ୍ୟବସ୍ଥା ଅନୁସାରେ ସେମାନଙ୍କୁ ନିଜ ନିଜ ଘରକୁ ପହଞ୍ଚାଇବା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ତରଫରୁ ଆନୁସାଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ, ଅନନ୍ତ ପ୍ରସାଦ ସେଠି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ ଅନ୍ୟାନ୍ୟ ପଦାଧିକାରୀଙ୍କ ସମେତ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସର୍ଟ ସର୍କିଟରେ ପୋଡ଼ିଗଲା ଗୁହାଳ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଯଅଁରାବାରିମୂଳ ଗ୍ରାମରେ ବିଦ୍ୟୁତ୍ ସଟସର୍କିଟରୁ ଅଗ୍ନିକାଣ୍ଡ ଘଟି ଗ୍ରାମର ମହେନ୍ଦ୍ର ସାହୁଙ୍କ ଗୁହାଳ ଘର ଜଳିଯାଇଛି । ନିକଟରେ ଯାଇଥିବା ବିଦ୍ୟୁତ୍ ତାରରେ ସର୍ଟ ସର୍କିଟ୍ ଘଟି ନିଆଁ ଗୁହଳ ଘର ଉପରେ ପଡ଼ିଥିଲା । ଫଳରେ ହଠାତ୍ ଗୁହାଳଟି ଜଳି ଉଠିଥିଲା। ସୌଭାଗ୍ୟକୁ ଏହି ସମୟରେ ଗାଇମାନେ ବାହାରେ ବନ୍ଧା ହୋଇଥିବାରୁ ବର୍ତ୍ତି ଯାଇଥିଲେ। ଗ୍ରାମବାସୀ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇନଥିଲା। ଖବର ପାଇ ଘଟଣା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

## ଲିଭର ରୋଗରେ ପୀଡିତା ପ୍ରଭାତୀଙ୍କୁ ଆର୍ଥିକ ସହାୟତା



କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ବଳେଇପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚକୁଳିଆ ଗ୍ରାମର ଲିଭର ଜନିତ ରୋଗରେ ପୀଡିତା ପ୍ରଭାତୀ ମହାନ୍ତିଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା’ ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନାଯୋଗ୍ୟ କି, ପ୍ରଭାତୀ କିଛି ମାସ ହେବ ଲିଭର ଜନିତ ରୋଗରେ ପୀଡିତ ହୋଇ ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସାରତ। ସେ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି ଏବଂ ସ୍ୱାମୀ ପରଘରେ ମୁଲ ମଜୁରୀ କରି ପରିବାର ପ୍ରତିପୋଷଣ କରନ୍ତି। ବର୍ତ୍ତମାନ ଅର୍ଥାଭାବରୁ ଏହି ଦୁଃଖୀ ପରିବାର ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଛନ୍ତି। ଏବେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା’ ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ଜୀବନଜ୍ୟୋତି ଜୟସିଂ, ସୁଧାକର ମହାନ୍ତି, ବାବାଜୀ ରାଉତ ଏବଂ ସତ୍ୟବ୍ରତ ଦାସ ପ୍ରମୁଖ ପ୍ରଭାତୀଙ୍କ ବାସଭବନରେ ପହଞ୍ଚି ତାଙ୍କ ପରିବାରକୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା’ ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ପ୍ରଭାତୀଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି।

## ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଆକାଶ



କୋରେଇ, (ଭାସ୍କର ନ୍ୟୁଜ୍) : ଆଜି ଲୋକପ୍ରିୟ ବିଧାୟକ ଆକାଶ ଦାସ ନାୟକ ଗୋଳେଇପୁର ପଞ୍ଚାୟତରେ ଏକ ମାରାଥନ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରାୟ ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆଜି ସକାଳୁ ପ୍ରଥମେ ଏକ ବିଶାଳ ମଟର ସାଇକେଲ ଶୋଭା ଯାତ୍ରାରେ ବିଧାୟକ ଆକାଶ ଆସି ରାମପୁର ଶଗଡି ଠାରେ ଗୋଳେଇପୁର-ସୋଡି-ନରପଦା-ମାସୁଦପୁର ଗ୍ରାମ ଉନ୍ନୟନ ବିଭାଗ ରାସ୍ତାର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବଡ଼ ତ୍ରିଲୋଚନପୁର ଠାରେ ଖରସ୍ରୋତା ନଦୀର ବାମ ପଟ ବନ୍ଧର ସୁଦୃଢ଼ୀକରଣ ସହିତ ପଥର ପ୍ୟାକିଙ୍ଗ ପାଇଁ ପ୍ରାୟ ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରକଳ୍ପର ଶୁଭ ପକାଇଥିବା ବେଳେ ପରେ ପରେ ମାସୁଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଲୁସି ମହାରଣା, ଡାକ୍ତର ସାଗରୀକା ଜେନା ଓ ଅନ୍ୟ ମେଡିକାଲ କର୍ମଚାରୀଙ୍କ ଉପସ୍ଥିତିରେ ବିଧାୟକ ନୂତନ ଗୃହର ଶୁଭ ପକାଇଥିଲେ। ପରେ ପରେ ବିଧାୟକ ମେଡିକାଲ ବୁଲି ଦେଖିବା ସହିତ କୋରେଇର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ଉନ୍ନତିକରଣ କରିବା ପାଇଁ ବକ୍ତବ୍ୟରେ କହିଥିଲେ। ଆଜିର କାର୍ଯ୍ୟକ୍ରମକୁ ଗୋଳେଇପୁର ପଞ୍ଚାୟତ ସରପଞ୍ଚ ସସ୍ମିତା ମାଝୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପିନାକ ରଞ୍ଜନ ଦାସ, ଯୁବନେତା ଲକ୍ଷ୍ମୀଧର କରଣ, ହରେକୃଷ୍ଣ ସାହୁ, କାର୍ତ୍ତିକ ସାହୁ, ଅନାମ ମହାପାତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ କୋରେଇର ବିଭିନ୍ନ ପଞ୍ଚାୟତରୁ ବିଜେପିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ଫାଣ୍ଡିବରରେ ୩୦ତମ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଫାଣ୍ଡିବର ଛକ ସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ୩୦ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି। ଫାଣ୍ଡିବର ଯଜ୍ଞ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଯଜ୍ଞରେ ଇନ୍ଦାଲୋ ଓ ହରିଅଙ୍କ ପଞ୍ଚାୟତର ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ବିଶ୍ୱଶାନ୍ତି ମହାଞ୍ଚର ଗତକାଲି ଅଙ୍କୁରାରୋପଣ ଓ ଭାଗବତ ସପ୍ତାହ ପାଠାରମ୍ଭ ହୋଇଯାଇଛି। ଆଜି ପବିତ୍ର ଲୁଣାନଦୀରୁ ଶତାଧିକ ଭକ୍ତ ପୂଜାର୍ଚ୍ଚନା କରି ଶୁଭକଳସ ଶୋଭାଯାତ୍ରାରେ ଯଜ୍ଞ ସ୍ଥଳକୁ ନେଇଥିଲେ। ପୂର୍ବାହ୍ନରେ ଯଜ୍ଞାଧିବାସ ହୋଇଥିବା ବେଳେ ସନ୍ଧ୍ୟାରେ



ଭଜନ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ସାତଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ଯଜ୍ଞରେ ଶୁକ୍ରବାର ମଣ୍ଡଳାଦିପୂଜା, ଅଗ୍ନିସ୍ଥାପନ, ଆହୂତି ଆରମ୍ଭ, ବିଷ୍ଣୁ ସହସ୍ରନାମ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ସେହିପରି ଶନିବାର ଆହୂତି, ଗୀତାଯଜ୍ଞ ଓ ସନ୍ଧ୍ୟାରେ ଭଜନ ସନ୍ଧ୍ୟା, ରବିବାର ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞର ଶୁଭାଧିବାସ। ପୂର୍ବାହ୍ନରେ ରୁଦ୍ର ଯଜ୍ଞ ଓ ଆହୂତି, ସୋମବାର, ନାମଯଜ୍ଞ ଉଦ୍‌ଯାପନ, ପରେ ଚଣ୍ଡିଯଜ୍ଞ, ଆହୂତି ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ବେଳେ ମଙ୍ଗଳବାର ସମସ୍ତ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଆହୂତି, ସନ୍ଧ୍ୟାରେ ପୂର୍ଣ୍ଣାହୂତି, ଚରୁଅନ୍ନ ବଣ୍ଟନ ଓ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ଯଜ୍ଞ କମିଟିର କର୍ମକର୍ତ୍ତାଙ୍କ ତରଫରୁ ସନାତନ କର ସୂଚନା ପ୍ରଦାନ କରିଛନ୍ତି। ଏହି ଯଜ୍ଞରେ ପ୍ରଫୁଲ୍ଲ କୁମାର ନାୟକ ଓ ନମିତା ନାୟକ କର୍ତ୍ତାକର୍ତ୍ତୀ ଭାବେ କାର୍ଯ୍ୟ ନିର୍ବାହ କରୁଥିବା ବେଳେ ଇନ୍ଦାଲୋ ଓ ହରିଅଙ୍କ ଦୁଇ ପଞ୍ଚାୟତର ଜନସାଧାରଣ ଏହି ଯଜ୍ଞ କାର୍ଯ୍ୟ ପରିଚାଳନା କରୁଛନ୍ତି।

## କାଳ ବୈଶାଖୀର ତାଣ୍ଡବରେ ଭାଙ୍ଗିଲା ଘର, ଉଡିଗଲା ସ୍କୁଲଛାତ






କରଞ୍ଜିଆ,(ଭାସ୍କର ନ୍ୟୁଜ୍) : କାଳ ବୈଶାଖୀ ତାଣ୍ଡବଲୀଳା ରଚିଛି ଗୁରୁବାର ସନ୍ଧ୍ୟା ୬ଘଟିକା ସମୟରେ କରଞ୍ଜିଆ ବ୍ଲକ ଅନ୍ତର୍ଗତ ଶରଧା ଗ୍ରାମରେ। ହଠାତ୍ କଳାହାଣ୍ଡିଆ ମେଘ ଘୋଟିଆସିବା ସହ ବର୍ଷା ଓ ପ୍ରବଳ ମାତ୍ରାରେ ପବନ ବହିବା ଯୋଗୁଁ ଶରଧା ଉଚ୍ଚପ୍ରାଥମିକ ବିଦ୍ୟାଳୟର ସମ୍ପୂର୍ଣ୍ଣ ଛାତ ଉଡିଯାଇଛି । ଏଥିସହିତ ମଧ୍ୟାହ୍ନ ଭୋଜନ ଚାଉଳ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷ ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି। ସେହିପରି ନିକଟରେ ଥିବା ଏକ ଘର ଉପରେ ଏକ ବଡ଼ ଗଛ ପଡ଼ିଯିବାରୁ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହିତ ଘରେ ଥିବା ମା’ ଝିଅଙ୍କ ସମେତ ଗୃହ ପାଳିତ ପଶୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ଶୁକ୍ରବାର ଅପରାହ୍ନ ସମୟରେରେ ପୁଣି କାଳ ବୈଶାଖୀର ତାଣ୍ଡବଲୀଳା ଦେଖିବାକୁ ମିଳିଛି। ଶୁକ୍ଲି ଏବଂ ରରୁଆ ବ୍ଲକରେ ଅନେକ ସ୍ଥାନରେ ପ୍ରବଳ ବର୍ଷା ସହିତ କୁଆ ପଥର ମାଡ଼ ଦେଖିବାକୁ ମିଳିଛି । ରରୁଆଁ ଓ ଶୁକ୍ରୁଳି ବ୍ଲକରେ କାଳବୈଶାଖୀର ତାଣ୍ଡବଲୀଳା, ପ୍ରବଳ ବର୍ଷା ସାଙ୍ଗକୁ କୁଆପଥର ମାଡ଼ରେ ବ୍ୟାପକ ପନିପରିବା ଚାଷ ନଷ୍ଟ ସହ କାଳ ବୈଶାଖୀର ପବନରେ ଉଡେଇ ନେଲା ୧୦ରୁ ଉର୍ଦ୍ଧ୍ୱ ଘରର ଆଜବେଷ୍ଟସ, ରାସ୍ତାରେ ପଡିଲା ଗଛ, ଶୁକ୍ଲି ବ୍ଲକ୍ ନାଉପଡ଼ା ପ୍ରାଥମିକ ବିଦ୍ୟାଳୟର ଘର ଆଜବେଷ୍ଟସ ସମ୍ପୂର୍ଣ୍ଣ ଭାବେ ଉଡ଼ି ଯାଇଥିବା ବେଳେ ଗାଁର ଅନେକ ଲୋକଙ୍କ ଘରର ଆଜବେଷ୍ଟସ ଉଡିଯାଉଥିବା ଦେଖିବାକୁ ମିଳିଛି ।

## ସଠଙ୍ଗାରେ ବ୍ରହ୍ମାଣ୍ଡ ଶାନ୍ତି ମହାଯଜ୍ଞ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ କୋରିଗାଁ ପଞ୍ଚାୟତ ସଠଙ୍ଗା ଶ୍ରୀ ଶ୍ରୀ ହନୁମାନଜୀଉଙ୍କ ତୃତୀୟ ବାର୍ଷିକ ମହୋତ୍ସବ ଓ ବ୍ରହ୍ମାଣ୍ଡ ଶାନ୍ତି ମହାଯଜ୍ଞ ଶନିବାର ଆରମ୍ଭ ହୋଇଛି। ଗ୍ରାମର ଶ୍ରୀ ହନୁମାନ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଗୁରୁବାର ଦୀକ୍ଷାଗ୍ରହଣ, ମଣ୍ଡଳାଧିବାସ, ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ବୈତରଣୀ ନଦୀରୁ ଜଳଘଟ ଉତ୍ତୋଳନ କରାଯାଇ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଶିଶିକାନ୍ତ ବେହେରା ଓ ଜୁଲି ବେହେରା କର୍ତ୍ତା ଓ କର୍ତ୍ତୀ ଭାବେ ସଙ୍କଳ୍ପ କରଥିଲେ। ସତାଭ୍‌ଗ କର୍ମ, ସୂର୍ଯ୍ୟପୂଜା, ସାଲା ପୂଜା, ମଣ୍ଡଳ ପୂଜା, ତୁଳସୀ ଅର୍ଚ୍ଚନ, ଷୋଡଶପୋଚାର ପୂଜା ଓ ଅଗ୍ନିସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁମାନେ ବ୍ରାହ୍ମାଣ୍ଡ ଶାନ୍ତି ମହାଯଜ୍ଞ ଆରମ୍ଭ କରିଥିବା ଜଣାଯାଇଛି। ସଠଙ୍ଗ, ବିରୋଳି, ଆନନ୍ଦପୁର ଆଦି ଗ୍ରାମବାସୀ ଏହି ମହୋତ୍ସବ ପାଳନ କରୁଥିବା ଜଣାଯାଇଛି। ରବିବାର ଏହାର ପୂର୍ଣ୍ଣାହୂତି ହେବ।





## ଜାତୀୟ ରାଜପଥ ଉପରେ ଖାଲ, ଦୁର୍ଘଟଣା ଘଟିବା ଆଶଙ୍କା


ବୋଲଗଡ, (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ଠାରୁ ବୋଲଗଡ ରାସ୍ତା ମଧ୍ୟରେ ଖାଲ ସୃଷ୍ଟି ହୋଇ ଦୁର୍ଘଟଣା ଘଟିବା ଆଶଙ୍କା ଦେଖା ଦେଇଛି। ଯାହା କି ପ୍ରତ୍ୟେକ ଦିନ ରାଜପଥ ଉପରେ ଯାତ୍ରୀବାହୀ ବସ୍, ମାଲ ପରିବହନ କରୁଥିବା ଟ୍ରକ, ରୋଗୀବୁହା ଯାନ, ଲଘୁ ଓ ଭାରିଯାନ ସହ ସାଧାରଣ ପଥଚାରୀମାନେ ଦିବା ଏବଂ ରାତ୍ରରେ ଯାତାୟାତ କରିଥାନ୍ତି। ଏହି ଖାଲ ଯୋଗୁଁ କେତେବେଳେ ଦୁର୍ଘଟଣା ଘଟାଇ ଧନ ଓ ଜୀବନ ଚାଲିଯିବ ତାହା କହି ହେଉନାହିଁ। ଏଥିପାଇଁ ଜାତୀୟ ରାଜପଥ ପ୍ରଶସ୍ତିକରଣ ବିଭାଗ ଦୃଷ୍ଟି ଦେଇ ବିଭିନ୍ନ ସ୍ଥାନରେ ହୋଇଥିବା ଖାଲକୁ ତୁରନ୍ତ ମରାମତି କରିବାକୁ ଜନସାଧାରଣ ଦାବି କରିଛନ୍ତି ।

## ରାଶିଫଳ


**ଶନିବାର, ୧୯ ଏପ୍ରିଲ ୨୦୨୫**



**ମେଷ :** ଦିନଟି ଲାଭଦାୟକ ହେବ। ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଆଜିର ଦିନଟି ଭଲ ଆକାରରେ କଟିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ।




**ବୃଷ :** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ।



**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବ। ପାର୍ଟି ଏବଂ ପିକନିକ୍ ଉପଭୋଗ କରିବେ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରିପାରନ୍ତି। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।



**କର୍କଟ :** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ଅନାବଶ୍ୟକ ନକାରାତ୍ମକତା ଦେଖାଯିବ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ। ଯେ କୌଣସି ବ୍ୟକ୍ତିଙ୍କ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ।




**କନ୍ୟା :** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।



**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ।



**ମକର :** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ ।



**କୁମ୍ଭ:** ଆଜି ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ।



**ମୀନ :** ବ୍ୟବସାୟ ଲାଭଦାୟକ ହେବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଉପୁଜିପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବଲାଙ୍ଗୀର(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକ ଅଧୀନସ୍ଥ କୁରୁଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭରତବାହାଲ ଗ୍ରାମ ଠାରେ ଯୋଗଜନ୍ମା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସକୁ ମନେପକାଇ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଯୋଗଜନ୍ମା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ରେ ଯୋଗଦେଇ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ଯୁବନେତା ନିହାର ରଞ୍ଜନ ବେହେରା,ସରପଞ୍ଚ ଅନିତା ସେଟ,ସମିତି ସଭ୍ୟା ଯଶୋବନ୍ତି ସେଠ୍ ପ୍ରମୁଖ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ବିଜୁବାବୁଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମର ଆବାହକ ଥିଲେ ରାଜ୍ୟପୁରସ୍କାର ପ୍ରାପ୍ତ ପ୍ରକୃତିବନ୍ଧୁ ଶିକ୍ଷକ ଦିଗାମ୍ବର ନାଏକ । ଧନ୍ୟବାଦ ଦେଇଥିଲେ ଅର୍ଣ୍ଣପୂର୍ଣ୍ଣା ପଟେଲ। ବିଜୁ ଜନତା ଦଳର ବୟୋଜ୍ୟେଷ୍ଠ ସଭ୍ୟ ବିଶି କେଶନ ପଟେଲ, ପାଲି ଗାଁର ଶତାଧିକ ମହିଳା ଓ ପୁରୁଷ ପୁଷ୍ପ ସୁମନ ଅର୍ପଣ କରି ବିଜୁ ବାବୁ ଅମର ରହେ ସ୍ଲୋଗାନ ଦେଇ ସଭା ସାଙ୍ଗ କରିଥିଲେ ।



# ଦୁଇଦିନିଆ ନୀତି ଆୟୋଗ ଏଫ୍‌ଏଲ୍‌ଏନ୍ ତାଲିମ







ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ, ସମଗ୍ର ଶିକ୍ଷା, ମାଲକାନଗିରି ଦ୍ୱାରା ଜିଲ୍ଲାର ୧୩୦ ଟି ନିତି ଆୟୋଗ ଅଧିନସ୍ଥ ବିଦ୍ୟାଳୟର ଏଫ୍‌ଏଲଏନ୍ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦୁଇଦିନିଆ ତାଲିମ ଆଜି ଉଦଯାପିତ ହୋଇଯାଇଛି । ପ୍ରଥମ ଦିନରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଦ୍ୱାରା ଧୂପ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରାଯାଇଥିଲା ।ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଉମାପ୍ରସାଦ ଦାସ ଉପସ୍ଥିତ ଥିଲେ। ତାଲିମର ଏଫ୍‌ଏଲଏନ୍, ଏନ୍‌ଇପି-୨୦୨୦ , ଶିଶୁ ବାଟିକା ଓ ନିପୁଣ ଓଡିଶା ସଂପର୍କରେ ଆଲୋଚନା କରାଯାଇଥିଲା। ଅଂଶଗ୍ରହଣକାରୀଙ୍କ ଦ୍ୱାରା ଦୁଇଦିନ ଧରି ଶିକ୍ଷଣ କାର୍ଯ୍ୟ ଉପସ୍ଥାପନା କରାଯାଇଥିଲା ।ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ପ୍ରଥମ ଦିନ ପାଞ୍ଚ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଜିଲ୍ଲାପାଳ ମହୋଦୟ ଓ ପ୍ରକଳ୍ପ ପ୍ରଶାସକ, ଆଇ.ଟି.ଡି.ଏ., ମାଲକାନଗିରି ହଲଧର ଶବର ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ । ପୁରସ୍କାର ସ୍ୱରୂପ ଏକ ଚାରାବୃକ୍ଷ, ଉପଢୌକନ ଓ ଆର୍ଥିକ ରାଶି ୧୦ ହଜାର ଟଙ୍କା ପ୍ରଦାନ କରା ଯାଇଥିଲା। ଦ୍ୱିତୀୟ ଦିନ ମଧ୍ୟ ସେହିପରି ପାଞ୍ଚ ଜଣ ଅଂଶଗ୍ରହଣ କାରୀଙ୍କୁ ପୂର୍ବଦିନ ପରି ଜିଲ୍ଲା ଶିକ୍ଷାଧିକାରୀ ତଥା ପ୍ରକଳ୍ପ ସଂଯୋଜକ, ଉପସ୍ଥିତ ରହି ମାର୍ଗଦର୍ଶନ ସହ ପୁରସ୍କାର ପ୍ରଦାନ କରିଥିଲେ ।ପୁରସ୍କୃତ ହୋଇଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ଗୁଡିକ ହେଲା-ପ୍ରଶାନ୍ତ କୁମାର ସାହୁ, କିଆଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାଥିଲି , ମମତା ବେହେରା, ଉଦୁଲିବେଡା, ଉଚ୍ଚ ବିଦ୍ୟାଳୟ, ମାଥିଲି , ଭି.ସନ୍ତୋଷୀ, ଆର୍ଶିର୍ବାଦ କଲୋନୀ, ପ୍ରାଥମିକ ବିଦ୍ୟାଳୟ, ମାଲକାନଗିରି , ରଞ୍ଜିତା ଦାସ, ଉ.ପ୍ରା.ବିଦ୍ୟାଳୟ, ଏମ୍.ଭି-୭ ,ମାଲକାନଗିରି , ସୁଜାତାରାଣୀ ସରକାର, ଉଚ୍ଚ ବିଦ୍ୟାଳୟ, କାଙ୍ଗୁରୁକୋଣ୍ଡା, କାଲିମେଳା , ଶିବାନୀ ନାୟକ, ଉଚ୍ଚ ବିଦ୍ୟାଳୟ, କାଲଦାପାଲ୍ଲୀ, ପଡ଼ିଆ , ସୁପ୍ରଭା ବିଶ୍ୱାଳ, ଉ.ପ୍ରା. ବିଦ୍ୟାଳୟ, ପାଣ୍ଡ୍ରାଗୁଡ଼ା, ଖଇରପୁଟ , ବାବ୍ ଲୁ ସଞ୍ଜୟ ସାହୁ, ଉ.ପ୍ରା ବିଦ୍ୟାଳୟ, କଣ୍ଡେଲ, କୋରୁକୋଣ୍ଡା , ସସ୍ମିତା ପଣ୍ଡା, ଉ.ପ୍ରା ବିଦ୍ୟାଳୟ, ଟେମ୍ପରାରୀ କଲୋନୀ, ଚିତ୍ରକୋଣ୍ଡା, ବିଚିତ୍ରମୟୀ ନାୟକ, ଆଶ୍ରମସ୍କୁଲ ପୋଟ୍ରେଲ, କୋରୁକୋଣ୍ଡା । ତେବେ ଏହି କାର୍ଯ୍ୟକ୍ରମରେ ସାଧନକର୍ମୀ ଭାବେ ପ୍ରମୋଦ କୁମାର ସେନାପତି, ରାମକୃଷ୍ଣ ପାଢୀ, ପ୍ରମୋଦ କୁମାର ଦାସ ଓ ପ୍ରମୋଦ କୁମାର ବାରିକ ଯୋଗ ଦେଇଥିଲେ। ଜିଲ୍ଲା ଶୈକ୍ଷିକ ସଂଯୋଜକ ଶେଷ ଶଙ୍କର ମହାଲିକ,ଶୈକ୍ଷିକ ପରାମର୍ଶଦାତା ସୀତାରାମ ଗୌଡ ସଂପୂର୍ଣ୍ଣ ତାଲିମକୁ ପରିଚାଳନା କରିଥିବା ବେଳେ ସତ୍ୟବ୍ରତ ମିଶ୍ର, କାଳୁ ଚରଣ ମହାରଣା ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବ୍ଲକ୍ ଅଫିସରେ ଲୋକଙ୍କୁ ମିଳୁନି ପାନୀୟ ଜଳ !

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ୧୧୫ ଗୋଟି ଗ୍ରାମକୁ ନେଇ ବ୍ଲକ ଗଠିତ ହୋଇଛି। ଲୋକଙ୍କ ପାଇଁ ପାଣି ବୁନ୍ଦାଏ ପିଇବା ପାଇଁ ମିଳୁନାହିଁ। ବିଭିନ୍ନ ଯୋଜନା ନାଁରେ ବ୍ଲକକୁ କୋଟି କୋଟି ଟଙ୍କାର ମଞ୍ଜୁରୀ

## ଯୋଜନା ନାଁରେ କୋଟି କୋଟି ଟଙ୍କା ଯାଉଛି କୁଆଡେ ?

ଖଡ଼ିଆଳ ବ୍ଲକରେ ୨୬ ଗୋଟି ଗ୍ରାମ ପଂଚାୟତ ରହିଅଛି । ପ୍ରାୟତଃ ଆଦିବାସୀ, ହରିଜନ ଓ ପଛୁଆ ବର୍ଗ ର ଗରିବ ଶ୍ରେଣୀର ଲୋକେ ହିଁ ଏଠାରେ ବସବାସ କରିଥାନ୍ତି। ଯାହାଙ୍କ ପାଖରେ ବ୍ଲକକୁ ଆସିଲେ ପିଇବା ପାଇଁ ଦଶ ଟଙ୍କିଆ ପାଣି ବୋତଲ ଖଣ୍ଡେ କିଣିବା ପାଇଁ ବି କଷ୍ଟ। ଲୋକେ ବ୍ଲକ କୁ କୋଡିଏ କିଲୋମିଟରରୁ ଆସିଥାନ୍ତି ପ୍ରଚଣ୍ଡ ଖରାରେ। ହେଲେ ବ୍ଲକରେ ହୋଇ ଆସୁଛି। ହେଲେ ବ୍ଲକ ଅଫିସ ରେ ଥଣ୍ଡା ପାଣି ଟିକେ ପିଇବାକୁ ମିଳୁନି। ଅନ୍ୟପଟେ ରାଜ୍ୟ ସରକାର ଲୋକଙ୍କୁ ପିଇବା ପାଣି କେମିତି ଅସୁବିଧା ନ ହେବ ସେନେଇ ଜିଲ୍ଲା ଓ ବ୍ଲକରେ ବାରମ୍ବାର ମିଟିଙ୍ଗ କରି ସଚେତନ କରାଉଛନ୍ତି। ହେଲେ ଖଡ଼ିଆଳ ବ୍ଲକରେ ତାର ଫଳ ଶୂନ୍ୟ। ଖାଲି କାଗଜ କଲମ ରେ ଲୋକଙ୍କୁ ସୁବିଧା ମିଳୁଛି ।ବ୍ଲକ କୁ ଆସୁଥିବା ଲୋକେ ଭୀଷଣ ଖରାର ପ୍ରକୋପରେ ଶୋଷ ମେଣ୍ଟେଇବାକୁ ବ୍ଲକ ଅଫିସରେ ଚାତକ ପକ୍ଷୀ ପରି ଚାହିଁ ରହୁଛନ୍ତି ।ତେଣୁ ଖଡ଼ିଆଳ ବ୍ଲକ ଅଫିସ ସମ୍ମୁଖରେ ତୁରନ୍ତ ପିଇବା ପାଇଁ ଥଣ୍ଡା ପାଣିର ବ୍ୟବସ୍ଥା କରିବାକୁ ଲୋକଙ୍କ ମଧ୍ୟରେ ଦାବି ହେଉଛି। ଏନେଇ ଜିଲ୍ଲା ଡିଆର ଡିଏପିଡି ଲମ୍ବୋଦର ଧାରୁଆଙ୍କୁ ଯୋଗାଯୋଗ କରିବାରୁ ମୁଁ ସାଙ୍ଗେ ସାଙ୍ଗେ ଖଡ଼ିଆଳ ବିଡ଼ିଓଙ୍କୁ ଜଣାଉଛି ବୋଲି ପ୍ରକାଶ କରିଥିଲେ।





# ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଗାନ୍ଧୀ ଛକ ସ୍ଥିତ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବାଚସ୍ପତି ଓ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ବାସଭବନ ଠାରେ ବୌଦ୍ଧ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ମହାନ୍ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଉକ୍ତ ଅବସରରେ ଆୟୋଜିତ ସଭା ତଥା ଆଲୋଚନାଚକ୍ରରେ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଅମାତ୍, ଜିଲ୍ଲା ପରିଷଦ ଅଧକ୍ଷା ପ୍ରଭାସୀନୀ ଦାସ ଓ ସଭାରେ ଅଧକ୍ଷତା କରୁଥିବା ବରିଷ୍ଠ ବିଜେଡି ନେତା ପ୍ରଦୀପ୍ତ କୁମାର ସାହୁ ମଞ୍ଚାସୀନ ଥିଲେ। ମଞ୍ଚାସୀନ ଅତିଥିଙ୍କ ସମେତ ବରିଷ୍ଠ ବିଜେଡି ନେତା ଅଶୋକ କୁମାର ସାହୁ, ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ସୁବୋଧ କୁମାର ପ୍ରଧାନ ଓ ଅବକାଶ ସାହୁ, ବିଜୁ ପଟ୍ଟନାୟକଙ୍କ ଆଦର୍ଶ ଓ ମହନୀୟ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସୀତାଂଶୁ ମହାକୁଡ଼, ସନ୍ତୋଷ ପ୍ରଧାନ ପ୍ରମୁଖ ଶତାଧିକ ବିଜେଡି ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ ।

# ପାତ୍ରପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ପାତ୍ରପୁଟ ଏସଏସ ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବ୍ରଜବଲ୍ଲଭ ବ୍ରହ୍ମା ଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟ କ୍ରମ ହୋଇ ଥିବାବେଳେ ମୁଖ୍ୟ ଅତିଥି ଭାବେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଯୋଗ ଦେଇ ଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋୟୀ, ପାତ୍ରପୁଟ ସରପଞ୍ଚ ଶିବାନନ୍ଦ ପ୍ରଧାନୀ,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗ ମୋହନ ମାଝି , ବିଦ୍ୟାଳୟର ଉପଦେଷ୍ଟା ପିତାମ୍ବର ବିଶୋୟୀ, କୁଜା ଜାନୀଗୁଡ଼ା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରମଣୀ ରଂଜନ ଗରଡ଼ା,ଅଞ୍ଚଳ ଗୁମା ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ ମଞ୍ଚାସୀନ ରହିଥିଲେ। ପ୍ରଥମେ ଅତିଥିମାନେ ବିଦ୍ୟାଦାତା ବିଘ୍ନ ବିନାଶକ ଗଣେଶଙ୍କୁ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହା ପରେ ବିଦ୍ୟାଳୟ ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରି ଥିଲେ । ପ୍ରଧାନ ଶିକ୍ଷକ ବ୍ରଜବଲ୍ଲଭ ବ୍ରହ୍ମା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରି ଥିଲେ । ଛାତ୍ର ଛାତ୍ରୀମାନଙ୍କ ଛାତ୍ର ଜୀବନରେ ରହି ଥିବା କର୍ତ୍ତବ୍ୟ ଗୁଡ଼ିକ ପାଳନ କରି କୃତିତ୍ୱ ହାସଲ କରିବା , କଠିନ ପରିଶ୍ରମ କରି ଜୀବନରେ କିଛି କରି ଦେଖେଇବା ,ଭଲଭାବେ ପାଠ ପଢି ବାପା ମାଁ ,ନିଜ ରୁଚି ମାଧ୍ୟମରେ ଅନ୍ତର୍ନିହିତ ଗୁଣ କୁ ପ୍ରଦର୍ଶନ କରି କୃତିତ୍ୱ ହାସଲ କରିବା ,ନିଜ ବିଦ୍ୟାଳୟ ତଥା ଅଞ୍ଚଳ ର ନାମ ରଖିବା ପାଇଁ ଅତିଥି ମାନେ ଛାତ୍ର ଛାତ୍ରୀ ମାନଙ୍କୁ ନିଜ ଅଭିଭାଷଣ ମାଧ୍ୟମରେ ବୁଝାଇବା ସହ ପରାମର୍ଶ ଦେଇଥିଲେ । ଗୀତ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ କର୍ତ୍ତବ୍ୟ ଓ ଗୁରୁଦାୟିତ୍ୱ ବିଷୟରେ ମୁଖ୍ୟ ବକ୍ତା ଶ୍ରୀ ସାହୁ ବଖାଣି ଥିଲେ । କୃତି ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଥିଲା ।ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟ କ୍ରମକୁ ବିଦ୍ୟାଳୟ ର ଶିକ୍ଷକ ବିନୋଦ ତରାସିଆ ଓ ବାବୁଲା ଗରଡା ପରିଚାଳନା କରି ଥିବାବେଳେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ , ଛାତ୍ର ଛାତ୍ରୀ ଓ ସମସ୍ତ କର୍ମଚାରୀ ପୂର୍ଣ୍ଣ ସହଯୋଗ କରି ଥିଲେ ।



# ମୃତ ଶିଶୁର ପରିବାରକୁ ସାନ୍ତ୍ୱନା ଜଣାଇଲା ପ୍ରଶାସନ

ବୌଦ୍ଧ (ଭାସ୍କର ନ୍ୟୁଜ୍): ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ ସରସରା ଗ୍ରାମ ପଞ୍ଚାୟତ ନାରାୟଣପୁର ଗ୍ରାମରେ ପହଞ୍ଚି ପାଣିରେ ବୁଡି ସାନ ବାଗବର ଗ୍ରାମରେ ମୃତ୍ୟୁବରଣ କରିଥିବା ଶିଶୁର ପରିବାରକୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ନାରାୟଣପୁର ଗ୍ରାମର ନକୁଳ ମହାକୁଡଙ୍କ ଦୁଇ ବର୍ଷର ଝିଅ କାଜଲ୍ ବାପା ମାଆଙ୍କ ସହ ମାମୁଁ ଘର ସାନ ବାଗବର ଗ୍ରାମକୁ ବୁଲି ଯାଇଥିବାବେଳେ ଏକ ପାଣି ଭର୍ତ୍ତି ଡେକଚିରେ ପଡି ମୃତ୍ୟୁବରଣ କରିଥିଲା। ଉକ୍ତ ଘଟଣାରେ ଶୋକ ସଂତପ୍ତ ପରିବାରକୁ ସମବେଦନା ଜଣାଇବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ ନାରାୟଣପୁର ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମ ବେଦନା ଜଣାଇଥିଲେ । ଉପ ଜିଲ୍ଲାପାଳଙ୍କ ସହ ବୌଦ୍ଧ ତହସିଲଦାର ଅନୀତା କୁମାରୀ ସାହୁ ଓ ସଦର ରାଜସ୍ୱ ନିରୀକ୍ଷକ ଅନୀଲ୍ ପ୍ରଧାନ ଏବଂ କର୍ମଚାରୀମାନେ ଉଭୟ ସାନ ବାଗବର ଓ ନାରୟଣପୁର ଗ୍ରାମରେ ଉପସ୍ଥିତ ଥିଲେ। ପରେ ହରଭଙ୍ଗା ବିଡ଼ିଓ ଶରତ କୁମାର ସେଠୀ ମଧ୍ୟ ତାଙ୍କ ନାରାୟଣପୁରରେ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାର ୩ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ । ସରକାରୀ ନିୟମ ଅନୁଯାୟୀ ଅଧିକ କ୍ଷତିପୁରଣ ରାଶି ପ୍ରଶାସନ ପକ୍ଷରୁ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ ।



# ନାବାଳକକୁ ମାରଣାସ୍ତ୍ର ଦେଖାଇ ଧମକ ଅଭିଯୋଗ

## ■ ପିସ୍ତଲ ଜବତ, ଦୁଇ କୋର୍ଟଚାଲାଣ

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ଥାନା ଭାନପୁର ପଞ୍ଚାୟତ ଦାନାମାଲ ଗାଁ ନିକଟରେ ଜଣେ ନାବାଳକକୁ ମାରଣାସ୍ତ୍ର ଦେଖାଇ ଧମକ ଚମକ ସହିତ ଟଙ୍କା ଦାବୀ କରିବା ଅଭିଯୋଗ ରେ ଦୁଇ ଯୁବକକୁ ଖପ୍ରାଖୋଲ ପୋଲିସ ଗୁରୁବାର ସନ୍ଧ୍ୟା ରେ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି। କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତ ଦୁଇଜଣ ହେଲେ ପାଇକମାଲ ଥାନା କେର୍ମେଲାବାହାଲ ଗାଁ ର ଅମର ବାଗ (୧୯) ଓ ଖପ୍ରାଖୋଲ ଥାନା ଜଳିଆବାହାଲ ଗାଁ ର ବିକାଶ ମହାନନ୍ଦ (୧୯) ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ ଗୁରୁବାର ମଧ୍ୟାହ୍ନ ରେ ଦାନାମାଲ ଗାଁ ର ନାବାଳକ ରାମେଶ୍ୱର ପାତ୍ର (୧୬) କୁ ଅଭିଯୁକ୍ତ ଦୁଇଜଣ ମୋବାଇଲରେ କଲ କରି ଦାନାମାଲ୍ କଲେଜ ପାଖକୁ ଡାକିଥିଲେ। ସେଠାରେ ରାମେଶ୍ୱର ସହିତ୍ ଅଭିଯୁକ୍ତ ମାନଙ୍କ ବଚସା ହୋଇଥିବା ବେଳେ ରାମେଶ୍ୱରର ମୋବାଇଲ ଲୁଟି ନେବା ସହିତ ଗାଳିଗୁଲଜ ଦେଇ ଛାତିରେ ପିସ୍ତଲ ଦେଇ ହତ୍ୟା ଧମକ ଦେଇଥିବା ବେଳେ ରାମେଶ୍ୱର ପାଟି କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକ ଅଭିଯୁକ୍ତଙ୍କୁ କାବୁ କରି ଖପ୍ରାଖୋଲ ପୋଲିସ କୁ ଖବର ଦେଇଥିଲେ। ଖପ୍ରାଖୋଲ ପୋଲିସ ସଦଳେବଳେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଏକ ଏୟାର ପିସ୍ତଲ ଓ ମୋଟର ସାଇକେଲ ଜବତ କରିଥିଲେ। ନାବାଳକ ର ଅଭିଯୋଗକୁ ଭିତ୍ତି କରି ଖପ୍ରାଖୋଲ ପୋଲିସ କେସ ନମ୍ବର ୮୬/୨୫ ରେ ୨୯୬,୩୫୧(୨) ଭାରତୀୟ ନ୍ୟାୟ ସଂହିତା ଓ ୨୮ ଆର୍ମ ଏକ୍ଟ ଅନୁସାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦୁଇଜଣଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଏସ ଆଇ ଲିଙ୍ଗରାଜ କିଷାନ ପ୍ରକାଶ କରିଛନ୍ତି । ପୁରୁଣା କଳିକୁ ନେଇ ଘଟଣା ଘଟିଥିବା ପୋଲିସ ପ୍ରାରମ୍ଭିକ ସୂଚନା ଦେଇଛି।





# କୋଇମେଟଲା ପଞ୍ଚାୟତରେ ମନରେଗା ଯୋଜନା ବାଟବଣା

## ଶ୍ରମିକଙ୍କ ବଦଳରେ ମେସିନ କରୁଛି କାମ, ଟଙ୍କା ପାଇବ କିଏ ?

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ମନରେଗା (ଏମଜିଏନଆରଜିଏ) ଯୋଜନାରେ ଶ୍ରମିକ ବଦଳରେ ମେସିନ ଦ୍ୱାରା କାର୍ଯ୍ୟ କରାଇବା ଏକ ପ୍ରକାର ପ୍ରଥାର ରୂପ ନେଇଯାଇ ଥିବା ସହ ଏ ନେଇ ପୂର୍ବରୁ ବହୁ ଥର ବିଭିନ୍ନ ଗଣ ମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଛି। ଏହା ସତ୍ତ୍ୱେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ କିଛି ସ୍ଥାନୀୟ କୁଜି ନେତା ବା କର୍ମୀ ମାନଙ୍କ ଯୋଗୁଁ ବର୍ତ୍ତମାନ ମନରେଗା କାର୍ଯ୍ୟରେ ମେସିନ ଲାଗିବା ବନ୍ଦ ହେବା ବଦଳରେ ଦିନକୁ ଦିନ ବଢିବାରେ ଲାଗିଛି । କେନ୍ଦ୍ର ସରକାରଙ୍କ ଏହି ଯୋଜନା ଲୋକଙ୍କୁ ବାର୍ଷିକ ୧୦୦ ଦିନର ରୋଜଗାର ଯୋଗାଇବା ପାଇଁ ହୋଇଥିବା ବେଳେ ଏହା କିନ୍ତୁ ନିଜର ମୂଳ ଲକ୍ଷ୍ୟରୁ ଓହରି ମେସିନ ମାଲିକ ମାନଙ୍କୁ ରୋଜଗାର ଯୋଗଉଥିବା ଅଭିଯୋଗ ହୋଇ ଆସୁଛି। କିଛି ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ କୋଇମେଟଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏମ.ପି.ଭି -୬୨ ଗ୍ରାମ ର ତିନିଟି ରାସ୍ତା ନିର୍ମାଣ କୁ ନେଇ । ସୂଚନା ମୁତାବକ ଏମ.ପି.ଭି -୬୨ ଗ୍ରାମ ଠାରୁ କର୍ମକାର ସାହି ରାସ୍ତା, ଏମ.ପି.ଭି -୬୨ ଗ୍ରାମ ର ମନ୍ଦିର ଠାରୁ ଜାମାଇ ଗୁଡା ରାସ୍ତା ଏବଂ ଏମ.ପି.ଭି -୬୨ ଗ୍ରାମ ଠାରୁ ପାଲ ସାହି ରାସ୍ତା ୨୦୨୪-୨୫ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ବିନା ଫଳକରେ କରାଯାଉଛି। ଏଥିମଧ୍ୟରୁ ପାଲ ସାହି ରାସ୍ତା କୋଡ଼ ନଂ (୨୪୩୧୦୧୦୦୧୧/ଆର୍ ସି/ /୧୦୬୦୭୬୮୩), ଏମ.ପି.ଭି -୬୨ ଗ୍ରାମ ମନ୍ଦିର ଠାରୁ ଜାମାଇ ଗୁଡା ରାସ୍ତା କୋଡ଼ ନଂ(୨୪୩୧୦୧୦୦୧୧/ଆର୍ ସି/ ୧୦୬୦୭୬୮୭) ୩. ୮୪ ଲକ୍ଷ ଟଙ୍କା ବ୍ୟୟ ଅଟକଳର ରାସ୍ତା କାମ ହୋଇଛି । ଗୋଟିଏ ଦିନରେ ମେସିନ ଲଗାଇ ସାରିଦେଲେ ୩ ଟି ଯାକ ରାସ୍ତା। କିନ୍ତୁ କାହା ଆଦେଶ ରେ କାମ ହେଲା ତାହା ସାମ୍ନା କୁ ଆସୁ ନାହିଁ । କିଛି ବଡ଼ବଡିଆ ନେତା ନା ଅଫିସର ତାହା ଜଣା ପଡିନାହିଁ। ସ୍ଥାନୀୟ କିମ୍ବା ପଞ୍ଚାୟତ ଅର୍ନ୍ତଗତ ଶ୍ରମିକଙ୍କ ଦ୍ୱାରା ଏହି କାର୍ଯ୍ୟ କରିବା ନିୟମାବଳିରେ ରହିଥିବା ସତ୍ତ୍ୱେ ଅତ୍ୟାଧିକ ଲାଭବାନ ହେବାକୁ ଲକ୍ଷ୍ୟ ରଖି ବେଆଇନ୍ ଭାବେ ଶ୍ରମିକ ବଦଳରେ ମେସିନ ଦ୍ୱାରା କାମ କରଯାଇଥିବା ଜଣାପଡ଼ିଛି । ସ୍ଥାନୀୟ କିଛି ପ୍ରଭାବ ଶାଳି ବ୍ୟକ୍ତି ବିଶେଷ ଓ ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା ବିନା ଏପରି ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟ ସମ୍ଭବ ହେବ ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।ତେବେ ଏହି ରାସ୍ତା କାମ ଶ୍ରମିକ ଦ୍ୱାରା କାର୍ଯ୍ୟ ହୋଇଥିଲେ ସ୍ଥାନୀୟ ଲୋକେ ମଜୁରୀ ପାଇ ଆତ୍ମନିର୍ଭରଶୀଳ ହୋଇ ପାରିଥାନ୍ତେ, ଯାହାକି ମେସିନ୍ ଦ୍ୱାରା ମାତ୍ର ଗୋଟିଏ ଦିନରେ କାମ ଶେଷ କରି ଠିକାଦାର ମୋଟା ଅଙ୍କର ଅର୍ଥ ଲାଭକରିବା ଭଳି ଚିତ୍ର ସମ୍ନାକୁ ଆସିଛି । ସବୁଠୁ ବଡ଼ କଥା ଠିକାଦାର ମେସିନ୍ ଦ୍ୱାରା ମାତ୍ର ଗୋଟିଏ ଦିନରେ କାମ ଶେଷ କରି ସ୍ଥାନୀୟ ଜବ କାର୍ଡଧାରୀଙ୍କ ଆକାଉଣ୍ଟକୁ ଅସାଧୁ ଉପାୟରେ ଅର୍ଥ ପୈଠ କରି ଲାଭବାନ ହେବେ ନାହିଁ ତ ! ତାହା ବର୍ତ୍ତମାନ ଦେଖିବାକୁ ବାକି ରହିଲା।



## ପିଏମଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବଲାଙ୍ଗୀର(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଗୁଡ଼ଭେଲା ବ୍ଲକ୍ ଅନ୍ତର୍ଗତ ପି.ଏମ.ଶ୍ରୀ. ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ , କପସିଲା ଠାରେ ବାର୍ଷିକ ଉତ୍ସବ ୨୦୨୪-୨୫ ଅନୁଷ୍ଠିତ ହୋଇଯାଇଛି। ଗୁଡ଼ଭେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ନମିତା ରାଣୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ କୁମ୍ଭାର, ସମ୍ମାନୀତ ଅତିଥି ଭାବରେ ତୁଷୁରା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ଅଜୟ ଜୟସ୍ୱାଲ, ୧୦ ନମ୍ବର ୱାର୍ଡ କାଉନସିଲର ବବିତା ସାହୁ, ଅବସରପ୍ରାପ୍ତ ଅଧକ୍ଷ, ଆଞ୍ଚଳିକ ମହାବିଦ୍ୟାଳୟ ରକ୍ଷୁଡା ର ପ୍ରଦୀପ କୁମାର ସାହୁ ଓ ବିଶିଷ୍ଟ ସମ୍ମାନୀତ ଅତିଥି ଭାବରେ ଆସିଷ୍ଟାଣ୍ଟ କମିଶନର, ଜିଏସଟି ବରଗଡ ର ଖଗେଶ୍ୱର ରଣା ଯୋଗଦେଇ ମଞ୍ଚାସୀନ ଥିଲେ। ଏହି ବିଦ୍ୟାଳୟରେ ପଢ଼ିଥିବା ପୁରାତନ ଛାତ୍ର ଓଡ଼ିଶା ପ୍ରଶାସନିକ ଅଧିକାରୀ ଖଗେଶ୍ୱର ରଣାଙ୍କୁ ଅତିଥିଗଣ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ବିଦ୍ୟାଳୟ ତରଫରୁ ଏହି କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ହେମକାନ୍ତି ରଣା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଗୁଡଭେଲାର ରମେଶ ଚନ୍ଦ୍ର ସାମର୍ଥ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁଡଭେଲାର ସୁରେନ୍ଦ୍ର ସୁନା , ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଗୁଡଭେଲାର ବିପିନ ବାଗ ,ଗ୍ରାମ୍ୟ କମିଟି ସଦସ୍ୟ ନବ ସାହୁ , ଅବସରପ୍ରାପ୍ତ ଶିକ୍ଷକ ରଞ୍ଜିତ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭକ୍ତ ରଞ୍ଜନ ଭୋଇ, ସହକାରୀ ଶିକ୍ଷକ ପୁରନ ମେହେରଙ୍କୁ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ମେହେର ଧନ୍ୟବାଦ ଜ୍ଞାପନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଭାରତୀ ମହାପାତ୍ର, ସନ୍ଧ୍ୟାରାଣୀ ପ୍ରଧାନ, ସହକାରୀ ଶିକ୍ଷକ ତହସିଲ ଭୋଇ, ମୌସମ ମେହେର, ସ୍ନେହାଶିଷ ତ୍ରିପାଠୀ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀ ଶ୍ରାବଣୀ ରଣା ଓ ବର୍ଷା କୁମ୍ଭାରଙ୍କ ଉପସ୍ଥାପନା ରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତୁଷୁରାର ବିଶିଷ୍ଟ କଳାକାର ବଡ଼ ସାନ ଘୁଡୁକା ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ଏହି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ/ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ଗଣ ମଧ୍ୟ ଉପସ୍ଥିତ ରହିଥିଲେ । କପସିଲା ଗ୍ରାମର ଗ୍ରାମବାସୀଗଣ ବିପୁଳ ସଂଖ୍ୟାରେ ଯୋଗଦାନ୍ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବାରେ ସହଯୋଗ କରିଥିଲେ ।

# ବିଜୁ ବାବୁଙ୍କ ଶ୍ରାଦ୍ଧବାର୍ଷିକ ପାଳିତ

ମାଲକାନଗିରି ( ଭାସ୍କର ନ୍ୟୁଜ୍): ପ୍ରବାଦ ପୁରୁଷ ତଥା ମହାନ ଦେଶପ୍ରେମୀ, ଅଗଷ୍ଟ ବିପ୍ଳବୀ ଯୋଦ୍ଧା, ରାଜନୀତିଜ୍ଞ, ଆଧୁନିକ ଓଡ଼ିଶାର ଅଗ୍ରଣୀ ସ୍ଥପତି ବିଜୁ ବାବୁଙ୍କ ୨୮ତମ ତିରୋଧାନ ଦିବସକୁ ଆଜି ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ପାଳନ କରାଯାଇଛି । ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମିଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ଲାଠିଆଗୁଡା ଠାରେ ବିଜୁ ବାବୁଙ୍କର ୨୮ତମ ତିରୋଧାନ ଦିବସକୁ ପାଳନ କରି ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଗଲା । ଆଜିର କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ବିଜେଡି ବରିଷ୍ଠ ନେତା ଗୋପାଳ କୃଷ୍ଣ ପଣ୍ଡା ,ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ ,ପୌର ପରିଷଦ ଅଧକ୍ଷ ମନୋଜ କୁମାର ବାରିକ ,ଜିଲ୍ଲା ପରିଷଦ ଉପାଧକ୍ଷ ପତିତପାବନ ବୈଦ୍ୟ ,ପୂର୍ବତନ ଓକିଲ ସଂଘ ସଭାପତି ଲମ୍ବଧର ତୁରୁକ, ବିଜେଡି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ନେତା ଘନଶ୍ୟାମ ମାଡକାମୀ ,ପୌର ପରିଷଦ ଉପାଧକ୍ଷା କବିତା ମହନ୍ତ ,ମାଲକାନଗିରି ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମୀ ,କରୁକୋଣ୍ଡା ବ୍ଲକ ଅଧକ୍ଷ ଜିତୁ ବୁରୁଡ଼ି ,ଯୁବ ନେତା ରବି ରାଜେଶ ,ସଦା ପୂଜାରୀ , କଣ୍ଟେଶ ପୋଟଲା , ମହିଳା ନେତ୍ରୀ ପ୍ରଶାନ୍ତି ଲତା ବିଶୋଇ , ଯୁବ ନେତା ତଥା ସରପଞ୍ଚ ସୁଦର୍ଶନ କୋପେ , ଯୁବ ନେତା ସୁବାଷ ବୁରୁଦା ,ଶଙ୍କର ପାଣିଗ୍ରାହୀ , ଟି .ବାଲା ,ପ୍ରଫୁଲ୍ଲ ପଣ୍ଡା ,ଡି.ଦାନମ୍ ,ବିଶ୍ୱନାଥ ରେଡ୍ଡୀ ,ଶଙ୍କର ହଲଦାର ,ରାଜେନ୍ଦ୍ର କୁଳଦୀପ ,ମଙ୍ଗଳା ପାଙ୍ଗି, ବି.କାମେଶ୍ୱର ରାଓ ,ସତ୍ୟ ସ୍ୱାଇଁ ,ତ୍ରିଲୋଚନ ଚୌଧୁରୀ,କେ.ରାହୁଲ ପ୍ରମୁଖ ଙ୍କ ସହିତ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଭା ପରିଚାଳନା କରିଥିଲେ ଯୁବ ବିଜେଡି ନେତା ସର୍ବ କୁମାର ବିଶୋଇ ଏବଂ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଯୁବ ବିଜେଡି ନେତା ଗାନ୍ଧୀ କୁମାର ପଣ୍ଡା ।



# ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ସାଂଗଠନିକ ବୈଠକ





ବରଗଡ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ସମ୍ମିଳନୀ କକ୍ଷ ରେ ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ସାଂଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି ।ସଂଗଠନ ର ଅଧକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀଙ୍କ ଅଧକ୍ଷତା ରେ ପଣ୍ଡିତ ଆରୁଣୀ କୁମାର ଶାସ୍ତ୍ରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ନୂଆଁପଡ଼ା ଓ କଳାହାଣ୍ଡି ଜିଲ୍ଲା ର କମିଟି ର ସଭାପତି ସଂପାଦକ ଓ ସକ୍ରିୟ ସଦସ୍ୟ ବୃନ୍ଦ ଯୋଗ ଦେଇ ଜିଲ୍ଲା ସ୍ତରୀୟ ସ୍ଥିତି ଉପସ୍ଥାପନ କରିଥିବା ବେଳେ ସଂଗଠନ ମନ୍ତ୍ରୀ ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦକ ରାଜ୍ କୁମାର ବରାଡ ସଂପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ପର୍ଯ୍ୟବେକ୍ଷକ ପଣ୍ଡିତ ଦୀନମଣି ବାରିକ ଓ ଶିବ ପ୍ରସାଦ ପାତ୍ର ଯୋଗଦେଇ ଉପସ୍ଥିତ ସଦସ୍ୟ ମାନଙ୍କୁ ସାଂଗଠନିକ ମନ୍ତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ବ୍ଲକ କମିଟି ଓ ଜିଲ୍ଲା କମିଟିର ସ୍ଥିତି ଅନୁଧ୍ୟାନ କରିଥିଲେ ।ବରଗଡ଼ ଜିଲ୍ଲା ପ୍ରତି ବ୍ଲକ ରେ ଆର୍ଯ୍ୟ ସମାଜ ର ସଂଗଠନ ଗଠନ ପାଇଁ ପଦକ୍ଷେପ ନିଆଯାଇଥିଲା ଏହି ଅବସରରେ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦ ସରସ୍ୱତୀ ଦୁଇ ଶତ ବାର୍ଷିକୀ ଜନ୍ମ ଜୟନ୍ତୀ ସାରା ଭାରତ ବର୍ଷରେ ପାଳିତ ହେଉଥିବା ବେଳେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭଟଲି ଛକରୁ ଡାଙ୍ଗ ପର୍ଯ୍ୟନ୍ତ ରାସ୍ତାକୁ ମହର୍ଷି ଦୟାନନ୍ଦ ସରସ୍ୱତୀ ମାର୍ଗ ଭାବେ ଘୋଷଣା କରିବା ଓ ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ପାଇଁ ବରଗଡ଼ ସହରରେ ଏକ ସରକାରୀ ଜାଗା ଯୋଗାଇବା ପାଇଁ ସ୍ଥାନୀୟ ଜନ ପ୍ରତିନିଧି ଓ ଜିଲ୍ଲାପାଳ ତଥା ପୌର ପରିଷଦ ସହିତ ଯୋଗାଯୋଗ କରି ବିହିତ ପଦକ୍ଷେପ ନେବାକୁ ଜିଲ୍ଲା ସଭାପତି ପୂର୍ଣ୍ଣାନନ୍ଦ ଶାସ୍ତ୍ରୀ ଙ୍କୁ କ୍ଷମତା ପ୍ରଦାନ କରାଯାଇଥିଲା ।ଅନ୍ୟ ମାନଙ୍କ ମଧ୍ୟରେ ବିଶ୍ୱନାଥ ଆଚାର୍ଯ୍ୟ ଅଶୋକ ମେହେର ବୈସାଖୁ ସେଟ୍ ଯଶୋବନ୍ତ ପଟେଲ,ଚୈତନ୍ୟ ଭୋଇ ମହେନ୍ଦ୍ର କୁମାର ସାହୁ ,କପିଳେଶ୍ୱର ବାଗ ,ଅଗସ୍ତି ସାହୁ ସଚ୍ଚିଦାନନ୍ଦ ପଣ୍ଡା ରବି ଶଙ୍କର ପ୍ରଧାନ ଶିବାଜି ପ୍ରଧାନ ଗୌର ନାଏକ ହୃଷି କେଶ ନାଏକ ପ୍ରମୁଖ ଉପସ୍ଥିତ ରହି ସାଂଗଠନିକ ସ୍ଥିତି ଉପସ୍ଥାପନ କରିଥିଲେ ।ପଣ୍ଡିତ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।



ବୋଲଗଡ (ଭାସ୍କର ନ୍ୟୁଜ): ବେଗୁନିଆ ସଦର ମହକୁମାର ପୋଷ୍ଟ ଅଫିସ ଛକ ଠାରୁ ବଡ଼ବେରଣା ଗ୍ରାମ୍ୟ ଉନ୍ନୟନ ରାସ୍ତା ମରଣଯନ୍ତା ପାଲଟିଥିବାରୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି। ଯାହା ଫଳରେ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବ୍ୟାପିବାରେ ଲାଗିଛି । ସୂଚନା ଅନୁଯାୟୀ ବେଗୁନିଆ -ବଡ଼ବେରଣା ଗ୍ରାମ୍ୟ ଉନ୍ନୟନ ରାସ୍ତାଟି ୪.୦୨ କିମି ରହିଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧ କୋଟି ୯୩ ଲକ୍ଷ ୭୦ ହଜାର ଟଙ୍କା ଅନୁଦାନରେ ଠିକାଦାର ସଂସ୍ଥା ଦ୍ୱାରା ୨୦୧୭ ମସିହାରେ କାର୍ଯ୍ୟ ଆରମ୍ଭ ହୋଇ ୨୦୨୨ ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା। ତେବେ ପାଞ୍ଚ ବର୍ଷ ଭିତରେ ରକ୍ଷଣା ବେକ୍ଷଣ ଓ ମରାମତି ପାଇଁ ଧାର୍ଯ୍ୟ ସମୟ ଶେଷ ହୋଇ ଯାଇଥିବାରୁ ବର୍ତ୍ତମାନ ପରିପ୍ରେକ୍ଷିରେ ରାସ୍ତାରେ ବିଭିନ୍ନ ସ୍ଥାନରେ ଛୋଟ ଓ ବଡ଼ ଖାଲଖମାରେ ଭର୍ତ୍ତି ହୋଇ ଯାଇଥିବାରୁ ଦିବା ଏବଂ ରାତ୍ରରେ ଦୁର୍ଘଟଣା ମାନ ଘଟୁଥିବାରୁ ଜନ ସାଧାରଣଙ୍କ ମନରେ ଭୟ ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ପ୍ରତ୍ୟହ ଲଘୁ ଓ ଭାରୀଯାନ, ଜନ ସାଧାରଣ,ପଥଚାରୀ,ଛାତ୍ରଛାତ୍ରୀ, ଚିକିତ୍ସାଳୟ,ହାଟ,ସମସ୍ତ କାର୍ଯ୍ୟାଳୟକୁ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ ଓ ବିକ୍ରୟ ପାଇଁ ଯାତାୟାତ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଯୁଦ୍ଧ କାଳୀନ ଭିତ୍ତିରେ ମରାମତି କରିବାକୁ କଂଗ୍ରେସ ଦଳର ସଂଖ୍ୟା ଲଘୁ ସଂପ୍ରଦାୟର ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ,ସାମ୍ବାଦିକ ଭଗବାନ ପଣ୍ଡା, ସମାଜସେବୀ କାଳନ୍ଦୀ ଚରଣ ମହାପାତ୍ର, ଅଜୟ କୁମାର ମହାପାତ୍ର,ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ ଓ ଶିକ୍ଷାବିତ ଗୌର ଚରଣ ପ୍ରହରାଜ ସମେତ ବହୁ ବ୍ୟକ୍ତି ଦାବି କରିଛନ୍ତି।

# ଅକ୍ଷୟ ତୃତୀୟା ସୁଦ୍ଧା ଶେଷ ହେବ ରତ୍ନଭଣ୍ଡାରର ମରାମତି



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ରତ୍ନ ଭଣ୍ଡାରର ମରାମତି ଏବଂ ସଂରକ୍ଷଣ ଏକ ମାସ ମଧ୍ୟରେ ସମାପ୍ତ ହେବ । ଅର୍ଥାତ ଆଗାମୀ ଅକ୍ଷୟ ତୃତୀୟା (ଅପ୍ରେଲ ୩୦) ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ମରାମତି କାର୍ଯ୍ୟ ସମାପ୍ତ ହେଲା ପରେ ମହାପ୍ରଭୁଙ୍କର ସୁନା ଏବଂ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହେବ । ଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରର ମରାମତି ଏବଂ ସଂରକ୍ଷଣ କାମ ଆସନ୍ତା ଏକ ମାସ ମଧ୍ୟରେ ସମାପ୍ତ ହେବ ।ଏନେଇ ଯାଞ୍ଚ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହା ମଧ୍ୟ 'ମନ୍ଦିର ପ୍ରଶାସନ ଏବଂ ଏଏସଆଇ କାର୍ଯ୍ୟର ଶୀଘ୍ର ସମାପ୍ତି ପାଇଁ ସମସ୍ତ ପ୍ରୟାସ କରୁଛନ୍ତି । ଯାହାକି ଆହୁରି ୭୫ ଏବଂ ୧୦୦ ବର୍ଷ ପାଇଁ ଭଣ୍ଡାରର ଗଠନକୁ ସୁରକ୍ଷିତ ରଖିପାରିବ । ଭିତର ଭଣ୍ଡାରର ମରାମତି ପ୍ରାୟ ସମ୍ପୂର୍ଣ୍ଣ ହୋଇଛି । ଭିତର ଏବଂ ବାହାର ଭଣ୍ଡାରକୁ ସଂଯୋଗ କରୁଥିବା ପାଞ୍ଚଟି ଜର୍ଜ୍ଜ ବିମ୍ କୁ ଦୃଢ଼ ଷ୍ଟିଲ ବିମ୍ ସହିତ ବଦଳାଯାଇଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ।ସେ ଆହୁରି କହିଛନ୍ତି ଯେ ବାହାର ଭଣ୍ଡାରର କାମ ଆରମ୍ଭ ହୋଇଛି । 'ଆସନ୍ତା ରଥଯାତ୍ରା ପାଇଁ ରାତିସାରେ ହେଉଥିବା ଯୋଗୁଁ କାମ ବେଳେବେଳେ ପ୍ରଭାବିତ ହେଉଛି । ତଥାପି, ପ୍ରାୟ ପ୍ରତିଦିନ ପ୍ରାୟ ୩-୪ ଘଣ୍ଟା କାମ କରାଯାଉଛି । ସ୍ନାନ ପୂର୍ଣ୍ଣିମା ପରେ ଏବଂ ପହଁଚି ସେବା ସମୟରେ ଆମେ କୌଣସି କାମ କରିପାରିବୁ ନାହିଁ । ତେଣୁ ଅକ୍ଷୟ ତୃତୀୟା (ଏପ୍ରିଲ ୩୦) ସୁଦ୍ଧା କାମ ସମାପ୍ତ କରିବାକୁ ପ୍ରୟାସ ଜାରି ରହିଛି ।

# ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟରେ ଜଙ୍ଗଲ ଜମିର ତ୍ୱରିତ ମଞ୍ଜୁରି

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏକ ସାପ୍ତାହିକ ସମୀକ୍ଷା ବୈଠକ ଜଙ୍ଗଲ ବିଭାଗର ମୁଖ୍ୟ ଦପ୍ତର ଠାରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ନୋଡାଲଙ୍କର ଅଧ୍ୟକ୍ଷତାରେ ସମ୍ପୃକ୍ତ ବିଭାଗ ମାନଙ୍କ ସହ ଆୟୋଜନ କରି ପ୍ରକଳ୍ପ ମାନଙ୍କରେ ଥିବା ଜଂଗଲ ଜମିର ମଞ୍ଜୁରୀ ସଂକ୍ରାନ୍ତରେ ରହିଥିବା ବିଭିନ୍ନ ସମସ୍ୟାର ତ୍ୱରିତ ଏବଂ ସୁଚାରୁ ସମାଧାନର ବ୍ୟବସ୍ଥା କରିବାପାଇଁ ନିଷ୍ପତି ନିଆଯାଇଛି । ଏହି କ୍ରମରେ ଆଜି ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କର ଅଧ୍ୟକ୍ଷତାରେ ପ୍ରଥମ ସମୀକ୍ଷା ବୈଠକ, ଜଙ୍ଗଲ ବିଭାଗର ମୁଖ୍ୟ ଦପ୍ତର ଠାରେ ଆୟୋଜିତ ହୋଇଯାଇଛି । ଆଜିର ସମୀକ୍ଷା ବୈଠକରେ କେନ୍ଦ୍ର ସରକାରଙ୍କର ଅଧୀନସ୍ଥ ରେଳ ମନ୍ତ୍ରାଳୟର ଛଅଗୋଟି (୬), ଗ୍ୟାସ ଅଥରିଟି ଅଫ ଇଣ୍ଡିଆର ଏକଗୋଟି (୧), ଇଣ୍ଡିଆନ ଅଏଲ କର୍ପୋରେସନର ଏକଗୋଟି (୧), ରାଜ୍ୟ ସରକାରଙ୍କର ଅଧୀନସ୍ଥ ଏକଲବ୍ୟ ମଡ଼େଲ ରେସିଡେନ୍ସିଆଲ ସ୍କୁଲର ଆଠଗୋଟି (୮), ଜଳ ସମ୍ପଦ ବିଭାଗର ତିନିଗୋଟି (୩), ଓଡିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନର ସାତଗୋଟି (୭), ଏହିଭଳି ସର୍ବମୋଟ ୨୬ ଗୋଟି ପ୍ରକଳ୍ପର ଅଗ୍ରଗତି ଏବଂ ଜଙ୍ଗଲ ଜମିର ଚୂଡାନ୍ତ ମଞ୍ଜୁରୀ ଦିଗରେ ରହିଥିବା ସମସ୍ୟା ବାବଦରେ ବିଶଦ ଆଲୋଚନା କରାଯାଇ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସମୟସୀମା ନିର୍ଦ୍ଧାରଣ କରାଗଲା । ଆଗାମୀ ସପ୍ତାହଗୁଡିକରେ ଏହି ସମୀକ୍ଷା ବୈଠକ ପ୍ରତ୍ୟେକ ମଙ୍ଗଳବାର ଦିନ ଅନୁଷ୍ଠିତ କରାଯାଇ ଉପରୋକ୍ତ ପ୍ରକଳ୍ପ ଏବଂ ନୂତନ ପ୍ରକଳ୍ପଗୁଡିକରେ ସଂପୃକ୍ତ ଜଙ୍ଗଲ ଜମିର ଚୂଡାନ୍ତ ମଞ୍ଜୁରୀକୁ ତ୍ୱରିତ ଗତିରେ ଏବଂ ସୁଚାରୁ ଭାବେ କରିବା ନିମନ୍ତେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ମୁଖ୍ୟ ସଚିବ ପ୍ରକାଶ କରିଛନ୍ତି ।

# ୟୁନିଫାଏଡ଼ ଅଟୋମେସନ ଆଟେଣ୍ଡାନ୍ସ ବ୍ୟବସ୍ଥା ଅସମ୍ଭବ: ଏସ୍‌ଟିଏଫ୍‌ଆଇ

କଟକ,(ଭାସ୍କର ନ୍ୟୁଜ): ବିଦ୍ୟାଳୟ ଗୁଡିକରେ ୟୁନିଫାଏଡ଼ ଅଟୋମେସନ ଆଟେଣ୍ଡାନ୍ସ ବା ଏକୀକୃତ ସ୍ୱୟଂଚାଳିତ ଉପସ୍ଥାନ ଲାଗୁ କରିବା ବର୍ତ୍ତମାନ ସମ୍ଭବ ନୁହେଁ ବୋଲି ଭାରତର ବିଦ୍ୟାଳୟ ଶିକ୍ଷକ ମହାସଂଘ(ଏସଟିଏଫଆଇ) କୋଷାଧ୍ୟକ୍ଷ ତଥା ଓଡ଼ିଶା ବିଦ୍ୟାଳୟ ଶିକ୍ଷକ ମହାସଂଘର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି ଏକ ପ୍ରେସ ବିବୃତ୍ତିରେ କହିଛନ୍ତି । ରାଜ୍ୟ ସରକାର ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଲାଗୁ କଲା ପରେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ଦୈନିକ ଉପସ୍ଥାପନକୁ ୟୁନିଫାଏଡ଼ ଅଟୋମେସନ ଆଟେଣ୍ଡାନ୍ସ ମାଧ୍ୟମରେ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ତେବେ ଏହା ବର୍ତ୍ତମାନ ସ୍ଥିତିରେ ଓଡ଼ିଶାରେ କେବେ ସମ୍ଭବ ନୁହେଁ ବୋଲି ଶ୍ରୀ ମହାନ୍ତି କହିବା ସହିତ ସରକାରଙ୍କ ଏତାଦୃଶ ନିଷ୍ପତ୍ତିକୁ ତୀବ୍ର ନିନ୍ଦା କରିଛନ୍ତି । ବାସ୍ତବତାକୁ ଅନୁଭବ ନକରି ବିଦ୍ୟାଳୟମାନଙ୍କର ଭିତ୍ତିଭୂମିକୁ ନ ସଜାଡ଼ି ରାଜ୍ୟ ସରକାର ଏହି ବ୍ୟବସ୍ଥା ଲାଗୁ କଲେ, ତାହା ପୁନଶ୍ଚ ଏକ ପ୍ରହସନରେ ପରିଣତ ହେବ ବୋଲି ଓଷ୍ଟାର ସଭାପତି ଅକ୍ଷୟ ମିଶ୍ର, ସାଧାରଣ ସଂପାଦକ ରଂଜନ ଦାଶ, ବିକ୍ରମ ଦାସ, ସୁକାନ୍ତ ବେହେରା, ବ୍ରହ୍ମାନନ୍ଦ ମହାରଣା ଓ ବିଭୁ ପ୍ରସାଦ ସାହୁ ପ୍ରମୁଖ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

**OFFICE OF THE MUNICIPAL COUNCIL, TALCHER**
**DIST :- ANGUL**

Phone No.- (06760) 240259 E-Mail ID : e.o.talcher@gmail.com

No. 1324 / Date. 15.04.2025 C-116

**QUOTATION CALL NOTICE**

The Executive Officer, Talcher Municipality on behalf of Talcher, Dist- Angul invites sealed quotations from the intending registered firms / bidders, contractors & supplier for **"Electrification, Borewell with Overhead Tank, Sanitary Fitting and Supplying/Fitting of Play Equipments at AWC Building in W. No - 08 & 9 under Talcher Municipality"**. The prescribed quotation schedule can be obtained from the Engineer Section of Talcher Municipality on payment of Rs. 1,500/- (Rupees One Thousand Five Hundred) only (non-refundable) in shape of cash in favour of the Executive Officer, Talcher Municipality from date **17.04.2025 to date 25.04.2025 up to 1.00 PM.** during office hour except holidays.

The quotation paper along with all documents should reach the undersigned by person on or before date **28.04.2025 up to 9.30 PM**. and this office will in no way, be responsible for any delay in receipt of the quotation documents. The quotation will be opened on the **same date at 12.00 Noon** in presence of the quotationer or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the quotations without assigning any reason thereof.

Sd/-Executive Officer
Talcher Municipality

**OIPR 13077/11/0041/2526**

# ପୁରୀ ଚନ୍ଦନ ଯାତ୍ରାରେ ବାଣ ମନା

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଚନ୍ଦନ ଯାତ୍ରାରେ ବାଣ ମନା। ବାଣ ଫୁଟାଇବାକୁ ନିଷେଧ କରାଯାଇଛି ଚନ୍ଦନ ଯାତ୍ରାରେ। ପୁରୀ ଚନ୍ଦନ ଯାତ୍ରା ବେଳେ ଇନ୍ସ୍ୟୁରାନ୍ସ ବ୍ୟବସ୍ଥା ରହିବ। ଏହି ସୂଚନା ଦେଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ।ଭକ୍ତ ଓ ସେବାୟତଙ୍କ ପାଇଁ ରହିବ ଇନ୍ସ୍ୟୁରାନ୍ସ ବ୍ୟବସ୍ଥା ରହିଛି। ସବୁଠୁ ବଡ଼ କଥା ଏଥର ବାଣ ବ୍ୟବହାର ହୋଇପାରିବ ନାହିଁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି ।ଚନ୍ଦନ ଯାତ୍ରା ନୀତି ନିର୍ଘଣ୍ଟକୁ ଛତିଶା ନିଯୋଗର ଅନୁମୋଦନ ମିଳିଛି। ନରେନ୍ଦ୍ର ପୁଷ୍କରିଣୀ ବାହାରେ ହେବ ୨ଟି ଫାଷ୍ଟଏଡ୍ ସେଣ୍ଟର' ରହିବ। ଅନ୍ୟପଟେ ଭିତର ରତ୍ନଭଣ୍ଡାର କାମ ସରିଛି, ବାହାର ରତ୍ନଭଣ୍ଡାର କାମ ଜାରି ରହିଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

**AFFIDAVIT**

By virtue of an affidavit sworn before The Executive Magistrate, Champua, dated 16.04.2025, I Kartikeswar Sethy, Address: village-Rugudi, Po- Chamakpur, PS- Champua, Dist-Keonjhar, Odisha, PIN-758041, declare that I have changed my name from Karttik Sethi to Kartikeswar Sethy. Henceforth I shall be known as Kartikeswar Sethy for all purposes.
**Sd/- Kartikeswar Sethy**

# ଅକ୍ଷୟ ତୃତୀୟ ପାଇଁ ନୀତି ନିର୍ଘଣ୍ଟ



ପୁରୀ (ଭାସ୍କର ନ୍ୟୁଜ) : ଏପ୍ରିଲ ୩୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ସହ ୨୧ ଦିନ ବ୍ୟାପି ବାହାର ଚନ୍ଦନ ଯାତ୍ରା ଆରମ୍ଭ ହେବ। ନୀଳାଦ୍ରି ଭକ୍ତ ନିବାସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଅକ୍ଷୟ ତୃତୀୟ ପାଇଁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ନୀତି ସବ୍ କମିଟିରେ ଚୁଡାନ୍ତ ହୋଇଥିବା ନୀତି ନିର୍ଘଣ୍ଟକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ଭକ୍ତମାନେ କିଭଳି ସୁନ୍ଦର ଭାବେ ଦର୍ଶନ କରିପାରିବେ ସେ ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ନୀତି ନିର୍ଘଣ୍ଟ ଅନୁଯାୟୀ ଅକ୍ଷୟ ତୃତୀୟା ଦିନ ଅପରାହ୍ନ ୩ଟା ରେ ଦ୍ୱାଦଶ ଯାତ୍ରା ଓ ନକ୍ଷତ୍ର ବନ୍ଦାପନା, ଅପରାହ୍ନ ୩.୩୦ ରେ ବିମାନକୁ ଦିଅଁ ବିଜେ, ଅପରାହ୍ନ ୪ଟା ରେ ରଥ ଆଜ୍ଞାମାଳ ବିଜେ ଓ ବିମାନ ଉଠିବ। ରାତ୍ର ୧୦ଟା ରେ ଚନ୍ଦନ ଠାକୁର ବାହୁଡ଼ା ବିଜେ କରିବା ନେଇ ନୀତି ନିର୍ଘଣ୍ଟ ଚୁଡାନ୍ତ ହୋଇଛି। ତେବେ ସମସ୍ତ ନୀତି କାନ୍ତି ଯେଭଳି ଶୃଙ୍ଖଳିତ ଭାବେ ସମ୍ପାଦନା ହୋଇପାରିବ ସେନେଇ ସମସ୍ତ ସେବାୟତ ନିଯୋଗଙ୍କ ସହଯୋଗ ଲୋଡିଥିଲେ ମୁଖ୍ୟ ପ୍ରଶାସକ। ସେହିପରି ଗତବର୍ଷ ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ନରେନ୍ଦ୍ର ପୁଷ୍କରିଣୀରେ ବାଣ ବିସ୍ଫୋରଣରେ ୧୭ ଜଣଙ୍କର ମୃତ୍ୟୁ ଘଟିଥିଲା। ଏଣୁ ଚଳିତ ବର୍ଷ ନରେନ୍ଦ୍ର ପୁଷ୍କରିଣୀରେ ଯେଭଳି କୌଣସି ଅଘଟଣ ନଘଟେ ସେନେଇ ଆତସବାଜି ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। ଭକ୍ତ ଓ ସେବାୟତଙ୍କ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇନସ୍ୟୁରାନ୍ସ ବ୍ୟବସ୍ଥା ମଧ୍ୟ କରାଯାଇଛି। ସୁରକ୍ଷା କୁ ଦୃଷ୍ଟିରେ ରଖି ଚନ୍ଦନଯାତ୍ରା ସମୟରେ ଫାଷ୍ଟ ଏଡ୍ ବ୍ୟବସ୍ଥା କରାଯିବ। ସେହିପରି ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଏଏସଆଇ ପକ୍ଷରୁ ଜାରି ରହିଛି। ମରାମତି କାର୍ଯ୍ୟ ଶେଷ ହେବା ପରେ ଭିତର ଓ ବାହାର ରତ୍ନଭଣ୍ଡାରର କବାଟକୁ ସୁନା ଓ ରୂପା ଛାଉଣୀ କରାଯିବା ନେଇ ଯୋଜନା ରଖିଛି ଶ୍ରୀମନ୍ଦିର ପ୍ରଶାସନ। ଏନେଇ ବିଭିନ୍ନ ସେବାୟତ ନିଯୋଗର ମତାମତ ନିଆଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ବୈଠକ ଶେଷ ହେବା ପରେ ସେବାୟତ ପରିବାରର ବିଭିନ୍ନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ନିଳାଦ୍ରୀ ଭକ୍ତ ନିବାସରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ, ଛତିଶା ନିଯୋଗର ସେବାୟତ ସଦସ୍ୟଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଇଡି ଅଫିସ ଘେରିବ ଯୁବ କଂଗ୍ରେସ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ତଥା ସାଂସଦ ସୋନିଆ ଗାନ୍ଧୀ ଏବଂ ଅନ୍ୟ କଂଗ୍ରେସ ନେତାଙ୍କ ବିରୁଦ୍ଧରେ ପ୍ରବର୍ତନ ନିର୍ଦ୍ଦେଶାଳୟ ଯେଉଁ ଚାର୍ଜସିଟି ଦାଖଲ କରିଛି ଏହା ଅଗଣତାନ୍ତ୍ରିକ ଏବଂ ରାଜନୈତିକ ପ୍ରତିହିଂସାକୁ ପ୍ରମାଣିତ କରୁଛି । ମୋଦି ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ରାହୁଲ ଗାନ୍ଧୀଙ୍କ ସ୍ୱରକୁ ଚପାଇ ଦେବାକୁ ଷଡଯନ୍ତ୍ର ହୋଇଛି । ବିରୋଧି ଦଳକୁ ଦୁର୍ବଳ କରିବାକୁ ମୋଦି ସରକାରୀ କଳର ଅପବ୍ୟବହାର କରିଛନ୍ତି। ମୋଦି ସରକାରଙ୍କ ପ୍ରତିହିଂସା, ମନମାନି ଓ ସରକାରୀ କଳର ଅପବ୍ୟବହାର ବିରୁଦ୍ଧରେ ଆସନ୍ତାକାଲି (ଶନିବାର) ଭୁବନେଶ୍ୱର ସ୍ଥିତ ଇଡି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ମୁକେଶ ଦେଶମୁଖ ଯୋଗଦାନ କରିବେ।

# ସୋଆ ପ୍ରତିଷ୍ଠାତା ସଭାପତି ଓ ସ୍ପେନ୍ ରାଷ୍ଟ୍ରଦୂତଙ୍କ ସୌଜନ୍ୟମୂଳକ ସାକ୍ଷାତ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜ ରଞ୍ଜନ ନାୟକ ଏବଂ ସ୍ପେନ୍‌ର ରାଷ୍ଟ୍ରଦୂତ ହିଜ ଏକ୍ସିଲେନ୍ସି ଜୁଆନ୍ ଆନ୍‌ଟୋନିଓ ମାର୍ଚ ପୁଜୋଲଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା ହୋଇଛି ।ସ୍ପେନର ରାଷ୍ଟ୍ରଦୂତ ଭାବେ ସେ ଏକା ସଙ୍ଗେ ଭାରତ, ଭୁଟାନ, ନେପାଳ, ଶ୍ରୀଲଙ୍କା ଏବଂ ମାଳଦ୍ୱୀପକୁ ପ୍ରତିନିଧିତ୍ୱ କରୁଛନ୍ତି । ଶୁକ୍ରବାର ବିଶ୍ୱବିଦ୍ୟାଳୟ ମୁଖ୍ୟ କାର୍ଯ୍ୟାଳୟରେ ପ୍ରଫେସର ନାୟକଙ୍କ ସହ ସାକ୍ଷାତ ସମୟରେ ଦୁଇ ଦେଶ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ପ୍ରସଙ୍ଗ ସହ ଆଲୋଚନା କରିବା ସହ ସୋଆରେ ସ୍ପାନିଶ ଭାଷାର ଶିକ୍ଷାକୁ ନେଇ ମଧ୍ୟ ଆଲୋଚନା କରିଥିଲେ । ଏହି ସାକ୍ଷାତ ଆଲୋଚନା ସମୟରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉପସ୍ଥିତ ଥିଲେ ।

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING) CAD-157
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

**No.-CHEP/TW-53 (Vol.-III)/1375 Date: 16.04.2025**

**TENDER CALL NOTICE NO.-CHEP-05/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Reputed Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-refundable) | EMD in Rs. (Refundable) |
|---|---|---|
| Supply of BLDC AC Ceiling Fans, Stabilizers, FRP & Aluminium Ladders, Skytuch Telescopic Pruning Saw Hand Operator and Bush Cutter Machine for CHEP, Chiplima | Rs.2,360/- (Rs.2,000/- + GST @18%) | 3,900/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.22.04.2025 up to 10:30 AM of dtd.05.05.2025**.

**OIPR 04006/11/0072/2526** Sd/- C & P Head, CHEP, Chiplima

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶାରେ ପ୍ରଧାନମନ୍ତ୍ରୀଙ୍କ...

ଏହାପରେ ତାଙ୍କର ଏହି ଗସ୍ତ ସମୟରେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସରକାରଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ.ମିଶ୍ର ଶୁକ୍ରବାର ରାତିରେ ସମ୍ବଲପୁରରେ ରହିବେ। ଶନିବାର ସକାଳେ ସେ ସମ୍ବଲପୁର ଆଇଆଇଏମ୍‌ର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଏହାସହ ପର୍ଯ୍ୟଟନ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ ପ୍ରକଳ୍ପ ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

## କେନ୍ଦ୍ରୀୟ ଡେପୁଟେସନରେ...

ଏଥିପୂର୍ବରୁ ସେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ପୂର୍ବରୁ ସେ ସ୍ୱତନ୍ତ୍ର ରିଲିଫ କମିଶନର ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ସେହିପରି ସଂସ୍କୃତି ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ଗ୍ରହଣ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନକୁ ସେ ଉତ୍ତମ ଭାବେ ପରିଚାଳନା କରିଥିଲେ। ନିର୍ବାଚନ ସମୟରେ ତ୍ରୁଟିପାଇଁ ସେ କିଛି ଅଧିକାରୀ ଓ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ୧୯୯୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ସନ୍ତୋଷ ଷଡ଼ଙ୍ଗୀଙ୍କୁ ମଧ୍ୟ ନୂତନ ଦାୟିତ୍ୱ ଅର୍ପଣ କରାଯାଇଛି। ଶ୍ରୀ ଷଡ଼ଙ୍ଗୀ କେନ୍ଦ୍ର ସରକାରଙ୍କ ନ୍ୟୁ ଆଣ୍ଡ ରିନ୍ୟୁବଲ୍ ଏନର୍ଜୀ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ୧୯୯୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ରଞ୍ଜନ ଚୋପ୍ରାଙ୍କୁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ଦିଆଯାଇଛି।

## ବର୍ଷିଲା, ଭାଙ୍ଗିଲା...

ପଞ୍ଚାୟତର ପଦ୍ମପୁର ଗ୍ରାମର ଚାଷୀ ଦୀପ୍ତିରଞ୍ଜନ ବାରିକଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିବାବେଳେ ବାଲେଶ୍ୱର ଜିଲ୍ଲା ରେମୁଣା ଜଗନ୍ନାଥପୁର ଗାଁରେ ଆଉଜଣେ ବ୍ୟକ୍ତିଙ୍କର ବଜ୍ରପାତରେ ମୃତ୍ୟୁ ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ଯେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀର ପ୍ରଭାବ ରହିବ। ଏଥିପାଇଁ ବହୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ସମେତ ପ୍ରାୟ ୧୫ଟି ଜିଲ୍ଲାରେ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ବୋହିବ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଶୁକ୍ରବାର ସକାଳେ ଟ୍ୱିନସିଟି କଟକ ଓ ଭୁବନେଶ୍ୱରରେ ମଧ୍ୟ କାଳବୈଶାଖୀ ତାଣ୍ଡବ ରଚିଛି। ହଠାତ୍ ପୂର୍ବାହ୍ନରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ। ଦିନରେ ସୃଷ୍ଟି ହୋଇଥିବା ସନ୍ଧ୍ୟାର ଭ୍ରମ। ୪୦ରୁ ୫୦ କିମି ବେଗରେ ପବନ ବୋହିବା ସହ ପ୍ରବଳ ବର୍ଷା ମଧ୍ୟ ହୋଇଥିଲା। ଫଳରେ ରାଜଧାନୀ ଭୁବନେଶ୍ୱର ଓ କଟକର ତଳି ଅଞ୍ଚଳରେ ପାଣି ଜମିଥିବା ସୂଚନା ମିଳିଛି।

## ଭଗବତ ଗୀତା...

ଏକ ଐତିହାସିକ ମୁହୂର୍ତ୍ତ" ବୋଲି ବର୍ଣ୍ଣନା କରିଛନ୍ତି। "ଶ୍ରୀମଦ୍ ଭଗବଦ୍ ଗୀତା ଏବଂ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଏବେ ୟୁନେସ୍କୋର ମେମୋରୀ ଅଫ୍ ଦି ୱାର୍ଲଡ ରେଜିଷ୍ଟରରେ ସାମିଲ ହୋଇଛି । ଏହି ବିଶ୍ୱବ୍ୟାପୀ ସମ୍ମାନ ଭାରତର ଅନନ୍ତ ଜ୍ଞାନ ଓ କଳାତ୍ମକ ପ୍ରତିଭାକୁ ଉତ୍ସବ କରେ," ଶେଖାୱତ ପୋଷ୍ଟ କରିଛନ୍ତି। "ଏହି ଅନନ୍ତ କୃତିଗୁଡ଼ିକ କେବଳ ସାହିତ୍ୟିକ ସମ୍ପଦ ନୁହେଁ-ଏହା ଦାର୍ଶନିକ ଓ ସୌନ୍ଦର୍ଯ୍ୟବୋଧମୂଳକ ଭିତ୍ତି, ଯାହା ଭାରତର ବିଶ୍ୱଦୃଷ୍ଟିକୋଣ ଏବଂ ଆମେ କିପରି ଚିନ୍ତା କରୁଛୁ, ଅନୁଭବ କରୁଛୁ, ଜୀବନ ଯାପନ କରୁଛୁ ଏବଂ ପ୍ରକାଶ କରୁଛୁ ତାହା ଗଢ଼ିଛି ।" ଗୀତା ଏବଂ ନାଟ୍ୟଶାସ୍ତ୍ରର ସାମିଲ ହେବା ସହିତ, ଭାରତର ଏବେ ୟୁନେସ୍କୋର ପ୍ରତିଷ୍ଠିତ ମେମୋରୀ ଅଫ୍ ଦି ୱାର୍ଲଡ ରେଜିଷ୍ଟରରେ ୧୪ଟି ପ୍ରବେଶ ରହିଛି, ଯାହା ବିଶ୍ୱବ୍ୟାପୀ ଗୁରୁତ୍ୱପୂର୍ଣ୍ଣ ଦଲିଲମୂଳକ ଐତିହ୍ୟର ସଂରକ୍ଷଣ ଲକ୍ଷ୍ୟ ରଖିଛି ।

## ଟେକ୍ନୋଲୋଜି...

ଭାରତୀୟ ଇଲେକ୍ଟ୍ରିକ୍ ଯାନ ବଜାରରେ ପ୍ରବେଶ କରିବା ପାଇଁ ସୁଯୋଗ ଅନୁସନ୍ଧାନ କରୁଥିବାବେଳେ ମୋଦୀଙ୍କ ଆଲୋଚନା ଆଗକୁ ଫଳପ୍ରଦ ହେବ ବୋଲି କୁହାଯାଉଛି। ଚଳିତବର୍ଷ ୱାଶିଂଟନ ଡିସିରେ ହୋଇଥିବା ପୂର୍ବ ବୈଠକକୁ ଆଧାର କରି ଉଭୟଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା କରାଯାଇଥିଲା। ଭାରତରେ ଦ୍ରୁତଗତିରେ ବିକଶିତ ହେଉଥିବା ଟେକ୍-ଇକୋ ସିଷ୍ଟମ ଏବଂ ମସ୍କଙ୍କ ଉଦ୍ୟମରେ ହେଉଥିବା କଟିଂଏଜ୍ ଇନୋଭେସନ ଉପରେ ଆଲୋକପାତ କରାଯାଇଥିଲା। ଆଲୋଚନା ପରେ ମୋଦୀ ତାଙ୍କ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟକରି ଲେଖିଛନ୍ତି ଯେ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ କ୍ଷେତ୍ରରେ ଆମେ ଉଭୟ ସହଯୋଗର ଅପାର ସମ୍ଭାବନା ଉପରେ ଆଲୋଚନା କଲୁ। ଭାରତ ଏହି କ୍ଷେତ୍ରଗୁଡ଼ିକରେ ଆମେରିକା ସହିତ ଆମର ସହଭାଗିତାକୁ ଆଗକୁ ବଢାଇବା ନିମନ୍ତେ ପ୍ରତିବଦ୍ଧ ବୋଲି ସେ କହିଥିଲେ। ଚଳିତବର୍ଷ ଫେବୃଆରୀରେ ପ୍ରଧାନମନ୍ତ୍ରୀ ମୋଦୀ ଦୁଇଦିନିଆ ଆମେରିକା ଗସ୍ତରେ ଯାଇ ମସ୍କଙ୍କୁ ଭେଟିଥିଲେ। ଟେସ୍‌ଲା ଏବେ ଭାରତରେ ପ୍ରବେଶ କରିବା ଅପେକ୍ଷାରେ ରହିଛି। ଆସନ୍ତା କିଛିମାସ ମଧ୍ୟରେ ଟେସ୍‌ଲା ଆମେରିକାରୁ ହଜାର ହଜାର କାର୍ ଆମଦାନୀ କରି ଭାରତରେ ବିକ୍ରି କରିବ।

# ବର୍ଷା ଦିନ ପୂର୍ବରୁ ପ୍ରତି ୱାର୍ଡରେ ମୁଖ୍ୟ ଓ ଶାଖା ଡ୍ରେନ ସଫେଇ ଦାବି

କଟକ,(ଭାସ୍କର ନ୍ୟୁଜ): ବର୍ଷା ଦିନର ଯଥେଷ୍ଟ ପୂର୍ବରୁ କଟକ ସହରର ପ୍ରତି ୱାର୍ଡରେ ମୁଖ୍ୟ ଓ ଶାଖା ଡ୍ରେନ ଗୁଡ଼ିକ ସଫେଇ କରିବାକୁ କଂଗ୍ରେସ ପକ୍ଷରୁ ଦାବୀ କରାଯାଇଛି । କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ପ୍ରତିବର୍ଷ ବର୍ଷା ଦିନ ପାଖେଇ ଆସିଲା ବେଳକୁ ସିଏମସି ପକ୍ଷରୁ ତରବରିଆ ଭାବରେ ସହରର ଡ୍ରେନ ଗୁଡ଼ିକ ସଫେଇ କାର୍ଯ୍ୟ ଆରମ୍ଭ ହୁଏ । ଫଳରେ ଠିକଣା ଢଙ୍ଗରେ ସଫେଇ ହେଉ ନଥିବାରୁ ବର୍ଷା ଦିନେ କଟକ ସହରରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୁଏ । ବର୍ତମାନ ଅସରାଏ ବର୍ଷା ହେବାରୁ ବେହାଲ ଅବସ୍ଥା । ଯଦି ଏହିଭଳି ପରିସ୍ଥିତି ରହେ ତେବେ ଲଗାଣ ବର୍ଷା ହେଲେ କଟକ ସହରରେ ଲୋକଙ୍କ ଘର ଭିତରେ ପାଣି ପଶିବା ସୁନିଶ୍ଚିତ । ପ୍ରତି ୱାର୍ଡ ରେ ଡ୍ରେନ ସଫେଇ ପାଇଁ ଆବଶ୍ୟକୀୟ ପର୍ଯ୍ୟାପ୍ତ ଶ୍ରମିକଙ୍କ ଅଭାବ ଯୋଗୁଁ ୱାର୍ଡ ର ସମସ୍ତ ଡ୍ରେନ ସଫେଇ ହୋଇପାରୁନାହିଁ । ଡ୍ରେନ ଗୁଡ଼ିକର ଜଳ ନିଷ୍କାସନ ର ମୁଖ୍ୟ ସୋଟ ମୁହଁ ସଫେଇ ହେଉ ନଥିବାରୁ ଡ୍ରେନ ରେ ବର୍ଷା ଜଳ ସଠିକ୍ ଭାବରେ ନିଷ୍କାସିତ ହୋଇନପାରି ଜଳବନ୍ଦୀ ଅବସ୍ଥା ସୃଷ୍ଟି କରୁଛି । ଏଣୁ ବର୍ଷା ଦିନର ଅବ୍ୟବହିତ ପୂର୍ବରୁ ସିଏମସି କର୍ତ୍ତୃପକ୍ଷ କଟକ ସହରର ସମସ୍ତ ୱାର୍ଡ ରେ ଆବଶ୍ୟକୀୟ ସଫେଇ କର୍ମଚାରୀ ଲଗେଇ ମୁଖ୍ୟ ଓ ଶାଖା ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ କରାଯିବା କୁ ବରିଷ୍ଠ କଂଗ୍ରେସ୍ ନେତା ତଥା କଟକ ନଗର(ଜିଲ୍ଲା) କଂଗ୍ରେସ ର ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଦାବୀ କରିଛନ୍ତି ନଚେତ୍ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କହିଛନ୍ତି ।

# ମଇ ୨୦ରେ ଟ୍ରେଡ୍ ୟୁନିୟନ ପକ୍ଷରୁ ଦେଶବ୍ୟାପୀ ହରତାଳ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡେରେସନ ମାନଙ୍କ ପକ୍ଷରୁ ଲୋହିଆ ଏକାଡେମୀ ଠାରେ ରାଜ୍ୟସ୍ତରୀୟ ସମିଳନୀରେ ୨୦ ମେ ରେ ଦେଶବ୍ୟାପି ହରତାଳକୁ ସଫଳ କରିବା ଲାଗି ଆଇଏନଟିୟୁସି, ଏଆଇଟିୟୁସି, ଏଚଏମଏସ, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲ୍‌ପିଏଫ୍ ଓ ସ୍ୱାଧୀନ ଫେଡେରେସନ ସମୂହ ଡାକରା ଦେଇଛନ୍ତି। ଶ୍ରମିକ ନେତ୍ରି ପ୍ରଣତି ମିଶ୍ର, ଶ୍ରମିକ ନେତା ଦୁଷ୍ମନ୍ତ ଦାସ, ଗୌରାଙ୍ଗ ପାଣିଗ୍ରାହୀ, କୃଷ୍ଣ ଚନ୍ଦ୍ର ପାତ୍ର, ମହେନ୍ଦ୍ର ପରିଡା,ଲକ୍ଷ୍ମୀପ୍ରିୟା ଦୋରା ରାଜକିଶୋର ମଲ୍ଲିକ ଓ ମାୟାଧର ନାଏକଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଚାଳନା କରିଥିଲା ବେଳେ ପ୍ରତେକ ସଂଗଠନର ଶ୍ରମିକ ନେତା ମାନେ ତାଙ୍କର ବକ୍ତବ୍ୟରେ ବିଜେପି ସରକାର ତୁରନ୍ତ ଶ୍ରମ କୋଡ଼କୁ ବାତିଲ କରିବା, ଶ୍ରମିକ ନେତା ମାନଙ୍କୁ ମିଥ୍ୟା ମୋକଦମାରେ ଫସାଇ ଗିରଫ ଦାରି କୁ ବନ୍ଦ କରିବା ବି ଏନ ଏସ ର ୧୧୧ ଧାରାକୁ ଶ୍ରମିକ ନେତା ମାନଙ୍କ ଲାଗି ପ୍ରୟୋଗରୁ ନିବୃତ ରହିବା, ସ୍ଥାଇ ନିଯୁକ୍ତି ପ୍ରଦାନ, ସର୍ବନିମ ମଜୁରୀ ପ୍ରତି ୫ ବର୍ଷରେ ନିର୍ଧାରଣ କରିବା ଉପରେ ଗୁରୁତ୍ୱ ଦେଇଥିବାବେଳେ ଧର୍ମ, ଜାତି, ରଙ୍ଗ, ସମ୍ପ୍ରଦାୟ ଓ ଭାଷା ଏବଂ ସଂସ୍କୃତିକ ଉପରକୁ ଉଠି ଶ୍ରମଜୀବୀ ମଣିଷ ମାନେ ଏକତାବଧ ଭାବେ ସେମାନଙ୍କ ନ୍ୟାୟ ପୂର୍ଣ୍ଣ ଦାବି ହାସଲ ଲାଗି ଲଢେଇ ଜାରି ରଖିବାକୁ କହିଥିଲେ।

# ବିଶ୍ୱ ଐତିହ୍ୟ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ବିଶ୍ୱ ଐତିହ୍ୟ ଦିବସର ଶୁଭକାମନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ସନାତନ ସ୍ମାରକ ଏବଂ ପୌରାତତ୍ତ୍ୱିକ ସ୍ଥଳୀଗୁଡ଼ିକ ଆମର ବିଭୂତିମୟ ଇତିହାସର ଗର୍ବିତ ସ୍ମୃତିଚିହ୍ନ ଭାବେ ଦୃଢ଼ ଭାବରେ ଦଣ୍ଡାୟମାନ ରହିଛି । ଆନ୍ତର୍ଜାତୀୟ ସ୍ମାରକ ଏବଂ ଐତିହ୍ୟ ସ୍ଥଳୀ ଦିବସରେ ଆସନ୍ତୁ, ଏହି ସନାତନ ଐତିହ୍ୟକୁ ସୁରକ୍ଷିତ ରଖିବା ଏବଂ ପାଳନ କରିବା ପାଇଁ ପ୍ରତିଶ୍ରୁତି ନେବା ।

GOVERNMENT OF ODISHA C-121
e-Procurement Notice, Angul Municipality office, Angul
Bid Identification No.- EO/AGLM-02/ 2025-26
**Bid Identification No. 2025_ORULB_112571**
e-mail ID- angulmunicipality@gmail.com
No. 1206 Date 17.04.2025

1. Number of Works : 07 (seven) numbers of civil works
2. Approximate estimated cost : Rs.**1.82 to 16.88 lakhs** (excluding GST)
3. Period of completion : 03 (Three) calendar months
4. Date & Time of availability of bid document In the portal : **Dt. 19.04.2025 at 10.00 A.M.**
5. Last date / Time for receipt of bid in the portal : **Dt. 29.04.2025 up to 5.00 P.M.**
6. Date of opening Bid : **Dt. 30.04.2025 at 11.00 A.M.**
7. Name and address of the Office Inviting Bid : **Executive Officer, Angul Municipality, Angul**
8. The bidders have to participate in **ONLINE** bidding only. Further details can be seen from the e-procurement portal https:/tendersodisha.gov.in

Sd/-S.P. Tripathy
Executive Officer
Angul Municipality

**OIPR 13085/11/0032/2526**

ZILLA SWASTHYA SAMITI, MAYURBHANJ E-33
Office of the CDM&PHO-cum- District Mission Director, NHM, Mayurbhanj, Odisha, 757001

Advt. No. 1340 / NHM /2025-26 Dt:17.04.2025

**Request for Proposal for Outsourcing of Housekeeping Services at Government Health Institutions under Nirmal Scheme**

Sealed proposals as per prescribed RFP document are invited from interested eligible bidders for the **Outsourcing of Housekeeping Services at Government Health Institutions of Mayurbhanj District**. The eligible criteria, the details requirement of the said services and the formats for submission of proposals are set forth in the RFP documents which can be downloaded from the website https://mayurbhanj.odisha.gov.in/. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o: CDM & PHO, Mayurbhanj. Proposal(s) complete in all respect should reach the undersigned on or before **01.00 PM** of **07.05.2025** through Regd/Speed Post & Courier and the same will be opened on **08.05.2025** at **11.00AM** in the NHM Conference Hall, O/o the CDM & PHO, Mayurbhanj. The undersigned reserves the right to reject any or all the tender(s) without assigning any reason thereof.

Sd/-
Chief District Medical& Public Health Officer
Mayurbhanj

**OIPR 10020/11/0028/2526**

ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL),
BALIMELA HYDRO ELECTRIC PROJECT,
AT/POST: BALIMELA, DIST. MALKANGIRI, PIN-764051(ODISHA)
E-mail : unit.head_balimela@yahoo.com/ bhep.balimela@gmail.com
**'e'-Procurement Notice** CAD-159

**NOTICE INVITING TENDER NO. BHEP/04/2025-26 DATED 11 .04.2025**

The Unit Head, Balimela Hydro Electric Project, Balimela, Dist- Malkangiri invites percentage rate bids in **double cover** system i.e. Cover-I (Technical Bid) & Cover II (Price bid) for the work through e-procurement from eligible contractors as detailed in the table below.


| Sl. No. | Name of the Work | Approx. Estimated cost In Rs. | EMD In Rs. | Class of Contractor | Cost of bid documents In Rs. | Period of Completion |
|---|---|---|---|---|---|---|
| 01 | Extension of boundary wall at SGM office front 11/0.4 KV Sub-station, BHEP, Balimela | 6,63,992.00 | 7,000.00 | 'C' & 'D' class Civil Contractors registered with the state Govt./Central Govt./MES/ Railways | 4,000/- + GST @ 18% = 4,720/- | 90 days |

*Availability of bid document in the portal:* ***From 11:00 Hrs of 21.04.2025 to 02.05.2025 (Up to 12:00 Hrs)***
*Last date & time of submission of bid:* ***Up to 12:00 Hrs of 02.05.2025***
*The date & Time of opening of the bid:* ***11:00 Hrs onwards of 03.05.2025***
*(Only Technical bid)*
***Further details can be seen from the e-procurement portal*** *https://tendersodisha.gov.in*

Sd/- Unit Head,
BHEP, Balimela

**OIPR 04019/11/0077/2526**

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: ଆଜି ସାରା ବିଶ୍ୱରେ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଉଛି। ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟକୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ଏପ୍ରିଲ ୧୮ ତାରିଖରେ ଏହି ଦିବସ ପାଳନ କରାଯାଏ। ଗତ କିଛି ବର୍ଷ ଧରି ବିଶ୍ୱ ଐତିହ୍ୟ ତାଲିକାରେ ଭାରତ କ୍ରମାଗତ ଭାବରେ ନିଜର ଉପସ୍ଥିତି ଜାହିର କରିଛି। ଗତବର୍ଷ ଜୁଲାଇରେ ଆସାମରୁ ଆସିଥିବା ଆହୋମ ବଂଶର ମାଉଣ୍ଡ-କବର ପ୍ରଣାଳୀକୁ ଏକ ସାଂସ୍କୃତିକ ସମ୍ପତ୍ତି ଭାବରେ ଏହି ତାଲିକାରେ ସାମିଲ କରାଯାଇଥିଲା। ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ୪୩ଟି ସ୍ଥାନ ଥିବା ବେଳେ ୟୁନେସ୍କୋର ଅସ୍ଥାୟୀ ତାଲିକାରେ ଆଉ ୬୨ଟି ସ୍ଥାନ ରହିଛି। ୧୯୮୩ ମସିହାରେ ଆଗ୍ରା ଦୁର୍ଗ, ତାଜମହଲ, ଅଜନ୍ତା ଗୁମ୍ଫା ଏବଂ ଏଲୋରା ଗୁମ୍ଫା ତାଲିକାଭୁକ୍ତ ହେବା ପରେ ଦେଶର ଯାତ୍ରା ଆରମ୍ଭ ହୋଇଥିଲା। ବିଶ୍ୱ ଐତିହ୍ୟ ଦିବସ ଅବସରରେ ଆଜି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଦେଶର ସମସ୍ତ ଏଏସଆଇ ସଂରକ୍ଷିତ ସ୍ମାରକୀରେ ମାଗଣାରେ ପ୍ରବେଶ ପାଇଁ ଅନୁମତି ଦିଆଯାଇଥିଲା।

## ଆଇଏସ୍ଏସ୍ ଯାତ୍ରା କରିବେ ଶୁଭାଂଶୁ ଶୁକ୍ଲା



ନୂଆଦିଲ୍ଲୀ : ଭାରତର ଅନ୍ତରୀକ୍ଷ କାର୍ଯ୍ୟକ୍ରମରେ ଗଗନଯାନ ମାଇଲଷ୍ଟୋନ ସାବ୍ୟସ୍ତ ହେବ। ଏହି ଯାତ୍ରାର ସମୟସୀମା ଘୋଷଣା କରି କେନ୍ଦ୍ର ସରକାର କହିଛନ୍ତି ଯେ ଗଗନ ଯାତ୍ରୀ ଅର୍ଥାତ ମହାକାଶ ଯାତ୍ରୀ ଗ୍ରୁପ କ୍ୟାପଟ୍ଟେନ ଶୁଭାଂଶୁ ଶୁକ୍ଲା ଆସନ୍ତା ମାସ (ମେ ମାସ)ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସଏସ୍) ଉଦ୍ଦେଶ୍ୟରେ ଯାତ୍ରା କରିବେ। କେନ୍ଦ୍ରୀୟ ମହାକାଶ ଓ ପ୍ରଯୁକ୍ତି ମନ୍ତ୍ରୀ ଡା. ଜିତେନ୍ଦ୍ର ସିଂହ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ 'ଆଗାମୀ ମାସରେ ଜଣେ ଭାରତୀୟ ମହାକାଶଚାରୀଙ୍କୁ ନେଇ ଅନ୍ତର୍ଜାତୀୟ ମହାକାଶ ମିସନ ନିର୍ଦ୍ଧାରିତ ହୋଇଛି,ଏଣୁ ଭାରତ ନିଜର ମହାକାଶ ଯାତ୍ରାରେ ଏକ ନିର୍ଣ୍ଣାୟକ ଅଧ୍ୟାୟ ଲେଖିବାକୁ ପ୍ରସ୍ତୁତ। ଇସ୍ରୋ ନୂଆ ସୀମା ନିର୍ଦ୍ଧାରଣ କରିବା ସହିତ ଜଣେ ଭାରତୀୟ ମହାକାଶ ଯାତ୍ରୀଙ୍କୁ ମହାକାଶ ମିସନରେ ପଠାଇବାକୁ ପ୍ରସ୍ତୁତ। ଏଥିପାଇଁ ଗତ ୮ ମାସ ହେଲା ନାସା ଓ ଘରୋଇ ଅନ୍ତରୀକ୍ଷ କମ୍ପାନୀ ଏକ୍ସିଓମ ସ୍ପେସ୍ ସହିତ ପ୍ରଶିକ୍ଷଣ ନେଉଥିବା ଗ୍ରୁପ କ୍ୟାପଟ୍ଟେନ ଶୁକ୍ଲା ଏକ ଘରୋଇ ବାଣିଜ୍ୟିକ ମିସନରେ ଆଇଏସଏସ ନିମନ୍ତେ ଉଡାଣ କରିବାକୁ ଯାଉଛନ୍ତି। ଏଥି ଲାଗି ଭାରତ ୬୦ ନିୟୁତ ଡଲାରରୁ ଅଧିକ ପୈଠ କରିଛି। ଏହି ମିସନକୁ ସ୍ପେସ୍-ଏକ୍ସ ଫାଲକନ ୯ ରକେଟ ଦ୍ୱାରା ଲଞ୍ଚ କରାଯିବ ଓ ୪ ଜଣିଆ ଏକ ଦଳ ସ୍ପେସ୍-ଏକ୍ସ କ୍ରୁ ଡ୍ରାଗନ କ୍ୟାପସୁଲରେ ବସିବ। ଏହା ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ଷ୍ଟେସନରୁ ଉଡାଣ କରିବ। ଲକ୍ଷ୍ନୌର ବାସିନ୍ଦା ଶୁଭାଂଶୁ ଶୁକ୍ଲାଙ୍କ ବୟସ ୪୦ ବର୍ଷ ଓ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ତାଙ୍କୁ ଏହି ମିସନ ଲାଗି ସବୁଠୁ ଯୁବ ମହାକାଶ ଯାତ୍ରୀ ରୂପେ ଚୟନ କରିଛି। ଏକ୍ସିଓମ-୪ମିସନ କମାଣ୍ଡର ନାସାର ପୂର୍ବତନ ମହାକାଶ ଯାତ୍ରୀ ପେଗୀ ହ୍ୱିଟସନ ରହିବେ। ଅନ୍ୟ ଦୁଇ ଜଣ କ୍ରୁ ମେମ୍ବରଙ୍କ ମଧ୍ୟରେ ପୋଲାଣ୍ଡର ସ୍ଲାଭୋଜ ଉଜନାସ୍କି ଓ ହଙ୍ଗେରୀର ଟିବୋର କାପୁ ଅଛନ୍ତି। ଗ୍ରୁପ କ୍ୟାପଟ୍ଟେନ ଶୁକ୍ଲା ମିସନରେ ପାଇଲଟ ଭୂମିକା ନିର୍ବାହ କରିବେ।

## ବିବାହ କଲେ କେଜ୍‌ରିୱାଲଙ୍କ ଝିଅ



ନୂଆଦିଲ୍ଲୀ: ଆମ ଆଦମୀ ପାର୍ଟି(ଆପ)ର ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଝିଅ ହର୍ଷିତା କେଜ୍‌ରିୱାଲ ଶୁକ୍ରବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ସମ୍ଭବ ଜୈନଙ୍କ ହାତ ଧରିଛନ୍ତି ସେ। ଏହି ହାଇପ୍ରୋଫାଇଲ୍ ବିବାହ ଦିଲ୍ଲୀର କପୁରଥଲା ହାଉସରେ ଅନୁଷ୍ଠିତ ହୋଇଛି। ପୂର୍ବରୁ ୧୭ ଏପ୍ରିଲରେ ଦିଲ୍ଲୀର ଶାଙ୍ଗ୍ରି-ଲା ହୋଟେଲରେ ମେହେନ୍ଦୀ ଏବଂ ଅନ୍ୟାନ୍ୟ ରୀତିନୀତି ଅନୁଷ୍ଠିତ ହୋଇଥିଲା। ଏଥିରେ କେବଳ ସୀମିତ ଲୋକ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏବଂ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡ଼ିଆ ଉପସ୍ଥିତ ଥିଲେ। ହର୍ଷିତା କେଜରିୱାଲ ଏବଂ ସମ୍ଭବ ଜୈନଙ୍କ ବିବାହ ପରେ, ଏବେ ରିସେପ୍ସନ କାର୍ଯ୍ୟକ୍ରମ ୨୦ ଏପ୍ରିଲରେ ଅନୁଷ୍ଠିତ ହେବ। ଦୁହେଁ ଆଇଆଇଟିରେ ଏକାଠି ପଢିଛନ୍ତି।

## ସୁହାଗ ଚଳଚ୍ଚିତ୍ରରେ ଛତିଶଗଡ ସଂସ୍କୃତି ଏବଂ ପାରିବାରିକ ମୂଲ୍ୟବୋଧର ଜୀବନ୍ତ ଚିତ୍ର : ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶୁକ୍ରବାର ରାଜଧାନୀ ରାୟପୁରସ୍ଥିତ ମିଗ୍‌ନେଟି ମଲ୍ଲରେ ଥିବା ସିନେମାହଲ୍‌ରେ ପ୍ରଦର୍ଶିତ ସୁହାଗ ଚଳଚ୍ଚିତ୍ରକୁ ମନଭରି ଉପଭୋଗ କରିଥିଲେ। ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ ଅନୁଜ ଶର୍ମାଙ୍କ ଅଭିନୟ ମୁଖ୍ୟମନ୍ତ୍ରୀଙ୍କୁ ଭାବପ୍ରବଣ କରିପକାଇଥିଲା। ପୂର୍ବରୁ ଏହି ଫିଲ୍ମର ମୁଁ ଟ୍ରେଲର ଦେଖିଥିଲି ଏବଂ ଆଜି ସଂପୂର୍ଣ୍ଣ ଫିଲ୍ମ ଦେଖିବାର ସୌଭାଗ୍ୟ ପାଇଲି। ଏହି ଚଳଚ୍ଚିତ୍ରରେ ଛତିଶଗଡର ସଂସ୍କୃତି ଓ ପାରିବାରିକ ମୂଲ୍ୟବୋଧକୁ ଜୀବନ୍ତଭାବେ ଚିତ୍ରଣ କରାଯାଇଛି। ଏହି ଅବସରରେ କ୍ୟାବିନେଟ୍ ଶ୍ୟାମବିହାରି ଜୟସ୍ୱାଲ, ସାଂସଦ ରୂପକୁମାରୀ ଚୌଧୁରୀ, ବିଧାୟକ କିରଣଦେବ୍ ସିଂହଙ୍କ ସମେତ ବହୁ ଜନପ୍ରତିନିଧି ଓ ନିଗର ଅଧକ୍ଷମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ସୁହାଗ ଏକ ପାରିବାରିକ ଚଳଚ୍ଚିତ୍ର। ଭାରତର ପାରିବାରିକ ସଂସ୍କୃତି ଉପରେ ଏହା ନିର୍ମିତ। ଏହା ଛତିଶଗଡବାସୀଙ୍କ ମନକୁ କିଣିପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସେ କହିଥିଲେ ସେହି ସୁହାଗକୁ ନେଇ ପ୍ରତି ପରିବାର ଆଗକୁ ବଢ଼ିବାର ସହ ନିଜର ସଂସ୍କୃତିକୁ ବଜାୟ ରଖିବା ପାଇଁ ପ୍ରସ୍ତୁତି ରହିବା ଆବଶ୍ୟକ। ଏହି ଅବସରରେ ସେ ଚଳଚ୍ଚିତ୍ରର କଳାକାର, ନିର୍ଦ୍ଦେଶକ ଏବଂ ପୁରା ୟୁନିଟ୍‌କୁ ପ୍ରଶଂସା କରିବା ସହ ଏହା ଦର୍ଶକଙ୍କ ମନକୁ ଛୁଇଁବ ବୋଲି କହିଥିଲେ। ସେ ପୁଣି କହିଥିଲେ ଛତିଶଗଡ ସରକାର ଫିଲ୍ମ ସିଟିର ନିର୍ମାଣ ପାଇଁ ପ୍ରସ୍ତାବ ରଖିଛନ୍ତି ଖୁବ୍ ଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ।

## ବିଶ୍ୱର ଶ୍ରେଷ୍ଠ ୧୦୦ ହସ୍ପିଟାଲ୍ ମଧ୍ୟରେ ସାମିଲ୍ ହେଲା ଦିଲ୍ଲୀ ଏମ୍ସ

ନୂଆଦିଲ୍ଲୀ: ବିଶ୍ୱର ୧୦୦ ଶ୍ରେଷ୍ଠ ହସ୍‌ପିଟାଲ୍‌ରେ ସ୍ଥାନ ପାଇଲା ଦିଲ୍ଲୀ ଏମ୍ସ। 'ବିଶ୍ୱର ଶ୍ରେଷ୍ଠ ହସ୍ପିଟାଲ୍ ୨୦୨୫' ରିପୋର୍ଟରେ ଏହି ସୂଚନା ମିଳିଛି। ନ୍ୟୁଜୱିକ୍ ଏବଂ ଷ୍ଟାଟିଷ୍ଟାର ଏହି ଗ୍ଲୋବାଲ ରିପୋର୍ଟରେ ଏମ୍ସ ଦିଲ୍ଲୀକୁ ୧୦୦ରୁ ୯୭ତମ ସ୍ଥାନରେ ରଖାଯାଇଛି। ୨୦୨୩ ମସିହାରେ ଦିଲ୍ଲୀ ଏମ୍ସ ୧୨୨ତମ ସ୍ଥାନରେ ଥିବା ବେଳେ ୨୦୨୪ରେ ୧୧୩ତମ ସ୍ଥାନକୁ ଉତ୍ତୀର୍ଣ୍ଣ ହୋଇଥିଲା। ଅର୍ଥାତ୍ ଦୁଇ ବର୍ଷ ମଧ୍ୟରେ ଦିଲ୍ଲୀ ଏମ୍ସ ୨୫ ସ୍ଥାନ ଉପରକୁ ଉଠିଛି। ବିଶ୍ୱର ୩୦ଟି ଦେଶର ୨,୪୦୦ରୁ ଅଧିକ ହସ୍ପିଟାଲର କାର୍ଯ୍ୟଦକ୍ଷତା ଆଧାରରେ ଏହି ରାଙ୍କିଂ ପ୍ରସ୍ତୁତ କରାଯାଇଛି। ସେହିପରି ଶୀର୍ଷ ୨୫୦ ମଧ୍ୟରେ ଭାରତର ଅନ୍ୟ ୩ ହସ୍‌ପିଟାଲ୍‌ରେ ସାମିଲ ହୋଇଛନ୍ତି। ଗୁରୁଗ୍ରାମର ମେଦାନ୍ତ - ଦି ମେଡିସିଟି ତାଲିକାରେ ୧୪୬ ତମ ସ୍ଥାନ ମିଳିଥିବା ବେଳେ ଚଣ୍ଡିଗଡ଼ର ପୋଷ୍ଟଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ଏଜୁକେସନ୍ ଆଣ୍ଡ୍ ରିସର୍ଚ୍ଚ (ଚଏଓଗରଜ)୨୨୮ତମ ସ୍ଥାନରେ ରଖାଯାଇଛି। ସେହିପରି ଗତ ବର୍ଷ, ଏହି ଦୁଇଟି ହସ୍ପିଟାଲ ଯଥାକ୍ରମେ ୧୬୬ତମ ଏବଂ ୨୪୬ତମ ସ୍ଥାନରେ ଥିଲେ। ବିଶ୍ୱର ଶ୍ରେଷ୍ଠ ହସ୍‌ପିଟାଲ୍ ୨୦୨୫ ରାଙ୍କିଂ ଆମେରିକାର ମାୟୋ କ୍ଲିନିକ୍ ପ୍ରଥମ ସ୍ଥାନରେ ରହିଛି। ଏହାପରେ, କ୍ଲିଭଲ୍ୟାଣ୍ଡ କ୍ଲିନିକ୍ (ଆମେରିକା), ଟୋରଣ୍ଟୋ ଜେନେରାଲ୍ ହସ୍ପିଟାଲ୍ (କାନାଡା), ଜନ୍ସ ହପକିନ୍ସ ହସ୍ପିଟାଲ୍ (ଆମେରିକା) ଏବଂ କାରୋଲିନ୍ସକା ୟୁନିଭର୍ସିଟି ହସ୍ପିଟାଲ୍ (ସ୍ୱିଡେନ୍) ଶ୍ରେଷ୍ଠ ପାଞ୍ଚଟିରେ ସ୍ଥାନରେ ରହିଛନ୍ତି। ମେଡିକାଲ ଟୁରିଜମରେ ବି ଭାରତରେ ନାଁ ସାମିଲ୍ ହୋଇଛି।

## ମଧ୍ୟପ୍ରଦେଶରେ ପତଞ୍ଜଳି ପକ୍ଷରୁ କୃଷିକ୍ରାନ୍ତିର ଶଙ୍ଖ ନାଦ

# କୃଷିମଣ୍ଡଳ ସ୍ଥାପନ କରିବ ପତଞ୍ଜଳି : ଆଚାର୍ଯ୍ୟ ବାଳକୃଷ୍ଣ

पतंजलि®
प्रकृति का आशीर्वाद



ରିୱା: ମଧ୍ୟପ୍ରଦେଶରେ କୃଷି ଆଧାରିତ ମଣ୍ଡଳି ସ୍ଥାପନ କରିବ ପତଞ୍ଜଳି। ଫଳରେ ଏଠାରେ କୃଷି କ୍ଷେତ୍ରରେକ୍ରାନ୍ତିର ଶଙ୍ଖନାଦ ବାଜି ପାରିବ ବୋଲି କହିଛନ୍ତି ଆଚାର୍ଯ୍ୟ ବାଳକୃଷ୍ଣ। ସେ କହିଛନ୍ତି ମଧ୍ୟପ୍ରଦେଶର ଜମିଗୁଡିକ ଖୁବ୍ ଉର୍ବର ଓ ଏହା କୃଷମାନଙ୍କ ପାଇଁ ବେଶ ଲାଭଦାୟକ। ତେଣୁ ଏହି ରାଜ୍ୟର କୃଷିମାନଙ୍କ ସମୃଦ୍ଧି ପାଇଁ ପତଞ୍ଜଳି ନୂଆ ପ୍ରୟାସ ଆରମ୍ଭ କରିଛି। ମଧ୍ୟପ୍ରଦେଶର ଉପମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ଶୁକ୍ଲା ଏବଂ ଅନ୍ୟ ବିଭାଗ ସହ ଆଲୋଚନା କରାଯାଇ ମଉଗଞ୍ଜଠାରେ ଜମି ଅଧିଗ୍ରହଣ କରାଯାଇଛି। ପତଞ୍ଜଳି ଯୋଗପୀଠ ପକ୍ଷରୁ ମହାମନ୍ତ୍ରୀ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ନାମରେ ଏହି ଜମି କ୍ରୟ କରାଯାଇଛି। ଶଦ୍ଧେୟ ରାଜମଦେବଜୀଙ୍କ ମାର୍ଗଦର୍ଶନରେ ମଧ୍ୟପ୍ରଦେଶରେ କୃଷକମାନଙ୍କ ବିକାଶ ପାଇଁ ପତଞ୍ଜଳି ସଂକଳ୍ପ ନେଇଛି ବୋଲି ବାଳକୃଷ୍ଣ କହିଥିଲେ। ସେ କହିଥିଲେ ପତଞ୍ଜଳି ରାଷ୍ଟ୍ରଭାବନା ଏବଂ ସାମାଜିକ ଦାୟିତ୍ୱବୋଧ ମାଧ୍ୟମରେ ଲୋକ କଲ୍ୟାଣ ଯୋଜନାଗୁଡିକୁ ହାତକୁ ନେଇ କାର୍ଯ୍ୟ କରାଯାଉଛି। ପତଞ୍ଜଳି ବିନ୍ଧ୍ୟ କ୍ଷେତ୍ରରେ ମଧ ଉଦ୍ୟୋଗିକ କ୍ଷେତ୍ରରେ ନିବେଶ କରିବାକୁ ଆଶା ବାନ୍ଧିଛି। ଏଥିସହ ଅନ୍ୟ ରାଜ୍ୟର କୃଷକମାନଙ୍କ ବିକାଶ ପାଇଁ ମଧ ପତଞ୍ଜଳି ଉଦ୍ୟମ ଜାରି ରଖିବ ବୋଲି ବାଳକୃଷ୍ଣ କହିଥିଲେ। ସେ କହିଥିଲେ ମଧ୍ୟପ୍ରଦେଶରେ ଯେଉଁ କୃଷିମଣ୍ଡଳ ସ୍ଥାପନ କରାଯିବ ଫସଲର ବିବିଧିକରଣ, ପ୍ରଶିକ୍ଷଣ କ୍ଷେତ୍ର, ବିହନ ଉତ୍ପାଦନ ପ୍ରମୁଖ ସ୍ଥାନ ପାଇଛି। ସେ ଆହୁରି କହିଥିଲେ ଏହି ପରିଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ କୃଷକମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ଆର୍ଥିକ ସହାୟତା ମଧ ଯୋଗାଇ ଦିଆଯିବ। ଫଳରେ ସେମାନେ ଅଧିକ ଉତ୍ପାଦନ କରିବା ସହ ଆତ୍ମ ନିର୍ଭରଶୀଳ ହୋଇପାରିବେ ବୋଲି ବାଳକୃଷ୍ଣ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆର୍‌ଏମ୍‌ପିଆଇଡିସି ଲିମିଟେଡର କାର୍ଯ୍ୟକାରୀ ନିର୍ଦ୍ଦେଶକ ୟୁକେ ତିୱାରୀ, ମହାପ୍ରବନ୍ଧକ ନଭେନ୍ଦୁ ଶୁକ୍ଲା, ଇଞ୍ଜିନିୟର କେକେ ଗର୍ଗ ଉପସ୍ଥିତ ଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଏକ ନୂତନ ଯୁଗର ସ୍ମାର୍ଟଫୋନ ବ୍ରାଣ୍ଡ ଇନ୍‌ଫିନିକ୍ସ ଭାରତରେ ଏହାର ଫ୍ଲାଗସିପ ଡିଭାଇସ ନୋଟ ୫୦ଏସ ୫ଜି+ର ଶୁଭାରମ୍ଭ ଘୋଷଣା କରିଛି। ଭାରତର ସବୁଠାରୁ ପତଳା ସ୍ମାର୍ଟଫୋନ ଭାବେ ନୂଆ ଶିଳ୍ପ ମାନଦଣ୍ଡ ସ୍ଥିର କରିଥିବା ଏହି ଫୋନରେ ଏକ ୧୪୪ଏଚଜେଡ କର୍ଭଡ ଆମୋଲେଡ ଡିସ୍‌ପ୍ଲେ ରହିଛି। ଏହି ଫ୍ଲାଗସିପ ଡିଭାଇସ ସ୍ମାର୍ଟଫୋନ ଡିଜାଇନ ଓ ଟେକ୍ନୋଲୋଜି କ୍ଷେତ୍ରରେ ଭବିଷ୍ୟତ ଆଡକୁ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତିର ପ୍ରତିନିଧିତ୍ୱ କରୁଛି। ମିଡିଆଟେକର ଡାଇମେନସିଟି ୭୩୦୦ ଅଲ୍ଟିମେଟ ଚିପସେଟ୍ ଓ ଏକ ୫୫୦୦ ଏମଏଏଚ ବ୍ୟାଟେରୀ ଦ୍ୱାରା ପରିଚାଳିତ ଏହି ସ୍ମାର୍ଟଫୋନ ସାରା ଦିନ ସୁଗମ କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ। ଏହି ଶୁଭାରମ୍ଭ ଅବସରରେ ଇନଫିନିକ୍ସ ଇଣ୍ଡିଆର ସିଇଓ ଅନିଶ କପୁର କହିଛନ୍ତି, 'ନିକଟରେ ଲଂଚ ହୋଇଥିବା ଆମର ନୋଟ ୫୦ଏକ୍ସ ୫ଜି+ ପାଇଁ ଆମେ ଏକ୍ସଓଏସ ୧୫ର ଶୁଭାରମ୍ଭ କରି ଉପଭୋକ୍ତାଙ୍କ ମତାମତ ଆଧାରରେ ସଫ୍ଟୱେୟାରକୁ ଅପଗ୍ରେଡ କରିଛୁ। ନୋଟ ୫୦ଏସ ୫ଜି+ ସହିତ ଆମେ ଏକ ପ୍ରିମିୟମ ସିଏମଏଫ, ଚମତ୍କାର ପ୍ରଦର୍ଶନ ଓ ସେଗମେଂଟର ସବୁଠାରୁ ପତଳା ୧୪୪ଏଚଜେଡ କର୍ଭଡ ଆମୋଲେଡ ଡିସ୍‌ପ୍ଲେ ସହ ଉତ୍କୃଷ୍ଟତାର ସ୍ତରକୁ ଉନ୍ନତ କରିଛୁ। ଇନ୍‌ଫିନିକ୍ସ ନୋଟ ୫୦ଏସ ୫ଜି+ ୩ଟି ପ୍ରିମିୟମ କଲର ଯଥା ମାରାଇନ ଡ୍ରିଫ୍ଟ ବ୍ଲୁ (ଭେଗାନ ଲେଦର, ସେଂଟ-ଟେକ୍), ଟାଇଟାନିୟମ ଗ୍ରେ (ମେଟାଲିକ ଫିନିଶ) ଓ ବର୍ଗଣ୍ଡି ରେଡ (ମେଟାଲିକ ଫିନିଶ)ରେ ଉପଲବ୍ଧ।

## ଖିମଜୀ ଜୁଏଲର୍ସର 'ଦି ଗ୍ରାଣ୍ଡ୍ ଅକ୍ଷୟ ତୃତୀୟା ସେଲ୍'




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ପବିତ୍ର ଅକ୍ଷୟ ତୃତୀୟାର ଉତ୍ସାହ ଉଦ୍ଦୀପନାକୁ ପାଳନ କରିବା ପାଇଁ ଓଡ଼ିଶାର ସର୍ବପୁରାତନ ଏବଂ ସବୁଠାରୁ ବିଶ୍ୱସନୀୟ ଜୁଏଲର ଖିମଜୀ ଜୁଏଲର୍ସ ଏହାର ବହୁ ପ୍ରତୀକ୍ଷିତ ଅକ୍ଷୟ ତୃତୀୟା ସେଲ୍ ଆରମ୍ଭ ସମ୍ପର୍କରେ ଘୋଷଣା କରିଛି । ଏହି ସେଲରେ ସୁନା ଓ ହୀରା ଅଳଙ୍କାର ଗଢା ମଜୁରୀ ଉପରେ ଫ୍ଲାଟ ୫୦ ପ୍ରତିଶତ ରିହାତି ଏବଂ ହୀରା ଉପରେ ମାଗଣା ବୀମା ପ୍ରଦାନ କରୁଛି । ଗ୍ରହକମାନେ ଏଥିରେ ସାମିଲ ହେବା ସହିତ ଉଲ୍ଲେଖନୀୟ ସଞ୍ଚୟ ଉପଭୋଗ କରିବା ନିମନ୍ତେ ଏହି ଅନନ୍ୟ ସଫିଂ ଉତ୍ସବରେ ଯୋଗଦେବାକୁ ସମସ୍ତଙ୍କୁ ସାଦର ଆମନ୍ତ୍ରଣ କରାଯାଉଛି। ଏହି ସ୍ୱତନ୍ତ୍ର ଅଫର ଖିମଜୀ ଜୁଏଲର୍ସର ଭୁବନେଶ୍ୱର, ବ୍ରହ୍ମପୁର, କଟକ, ପୁରୀ, ଝାରସୁଗୁଡା ଏବଂ ରାଉରକେଲା ଆଦି ସହରରେ ଥିବା ଷ୍ଟୋରଗୁଡିକରେ ଉପଲବ୍ଧ ହେଉଛି, ଯାହା ଗ୍ରାହକଙ୍କୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମନଲୋଭା ଗହଣା କ୍ରୟ କରିବାର ସୁଯୋଗ ପ୍ରଦାନ କରୁଛି। ୮୯ ବର୍ଷର ପରମ୍ପରା ଥିବା ଏବଂ ଓଡ଼ିଶାର ସର୍ବାଧିକ ବିଶ୍ୱସନୀୟ ଜୁଏଲର ବ୍ରାଣ୍ଡ୍ ଭାବରେ ଖିମଜୀ ଜୁଏଲର୍ସ ତାହାର ଆକର୍ଷଣୀୟ ଡିଜାଇନ ନିମନ୍ତେ ସୁପରିଚିତ ଯାହାକୁ ପିଢି ପରେ ପିଢି ଅତି ନିଖୁଣ ଭାବରେ ପ୍ରସ୍ତୁତ କରାଯାଇଆସୁଛି। ମିତେଶ ଖିମଜୀ, ମ୍ୟାନେଜିଂ ଡାଇରେକ୍ଟର, ଖିମଜୀ ଜୁଏଲର୍ସ ଏହି ଅନନ୍ୟ ଅଫର ପଛରେ ଥିବା ଭାବପ୍ରବଣତା ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, ଓଡ଼ିଶା ବଜାରରେ ଆମେ ଯୋଗାଇ ଦେଉଥିବା ଏହା ଅନ୍ୟତମ ସର୍ବବୃହତ ସେଲ୍ ହୋଇଛି, ଯେଉଁଥିରେ ପୂର୍ଣ୍ଣାଙ୍ଗ ସୁନା ଓ ହୀରା ଅଳଙ୍କାର ବର୍ଗର ଗଢା ମଜୁରୀ ଉପରେ ଫ୍ଲାଟ ୫୦% ରିହାତି ପ୍ରଦାନ କରାଯାଉଛି । ଆମେ ଅକ୍ଷୟ ତୃତୀୟା ପାଳନ କରିବା ସମୟରେ ଆମେ ଆମର ବହୁମୂଲ୍ୟ ଗ୍ରାହକଙ୍କୁ ଏହି ଅନନ୍ୟ ଅଫର୍ ଯୋଗାଇଦେଇ ଖୁସି ଅନୁଭବ କରୁଛୁ । ଏଥିସହିତ ଆମେ ଆନନ୍ଦର ସହିତ ଜୀବନବ୍ୟାପୀ ବାୟ ବ୍ୟାକ ଗ୍ୟାରେଣ୍ଟି ପ୍ରଦାନ କରୁଛୁ। ଖିମଜୀ ଜୁଏଲର୍ସ ଅତୁଳନୀୟ ଗୁଣବତ୍ତା ଓ ସେବା ଯୋଗାଣ ନିମନ୍ତେ ନିଜର ପ୍ରତିବଦ୍ଧତା ପାଇଁ ସେହି ମହାନ ହୃଦୟଗୁଡିକରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଯାହା ଓଡ଼ିଶାରେ ଏହାର ସର୍ବାଧିକ ବିଶ୍ୱସନୀୟ ଜୁଏଲର ମାନ୍ୟତାକୁ ସୁଦୃଢ କରିଛି।

## ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍ ପକ୍ଷରୁ ମୂଲ୍ୟ ହ୍ରାସ ଘୋଷଣା



ନୂଆଦିଲ୍ଲୀ: ଜୟ ଇ-ବାଇକ୍ ଓ ଜୟ ଇ-ରିକ୍ ବ୍ରାଣ୍ଡ୍ ନାମରେ ଇଲେକ୍ଟ୍ରିକ୍ ଯାନ ନିର୍ମାଣ କରୁଥିବା ଭାରତର ଅଗ୍ରଣୀ ସଂସ୍ଥା ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍ ପକ୍ଷରୁ ଏହାର ବ୍ୟାପକ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ମଡେଲ୍‌ରେ ଉଲ୍ଲେଖନୀୟ ମୂଲ୍ୟ ହ୍ରାସ ଘୋଷଣା କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଲକ୍ଷ୍ୟ ହେଉି ଇଲେକ୍ଟ୍ରିକ୍ ଗମନାଗମନକୁ ଅଧିକ ଲୋକଙ୍କ ପାଖରେ ପହଂଚାଇବା ଓ ଦେଶରେ ଇଭି ଗ୍ରହଣୀୟତାକୁ ବଢ଼ାଇବା। କମ୍ପାନି ବଜାରରେ ଏହାର ଉପସ୍ଥିତି ସୁଦୃଢ଼ କରିବା ଏବଂ ଇଭି ଗ୍ରାହକଙ୍କ ଏକ ବ୍ୟାପକ ବର୍ଗକୁ ଆକର୍ଷିତ କରିବା ପାଇଁ କେତେକ ନିର୍ଦ୍ଦିଷ୍ଟ ମଡେଲ୍ ମୂଲ୍ୟରେ ୧୩,୦୦୦ ଟଙ୍କା ପର୍ଯ୍ୟ' ହ୍ରାସ ଘୋଷଣା କରାଯାଇଛି। ସଂଶୋଧିତ ମୂଲ୍ୟ କମ୍ପାନିର ମଡେଲ୍ ୱୁଲଫ ୩ଆଇଏଏଚ୍, ଜେନ୍ ନେକ୍ସଟ୍ ୩ ଆଇଏଏଚ୍, ଜେନ୍ ନେକ୍ସଟ୍ ନାନୁ ପ୍ଲସ୍, ୱୁଲଫ ପ୍ଲସ୍, ଜେନ୍ ନେକ୍ସଟ୍ ନାନୁ ଇକୋ ଓ ୱୁଲଫ ଇକୋ ଉପରେ ଲାଗୁ ହୋଇଛି। ୱୁଲଫ ୩ଆଇଏଏଚ୍‌ର ହ୍ରାସ ମୂଲ୍ୟ ୫୭୭୪୯, ଜେନ୍ ନେକ୍ସଟ୍ ୩ଆଇଏଏଚ୍‌ର ହ୍ରାସ ମୂଲ୍ୟ ୫୬୬୯୯, ଜେନ୍ ନେକ୍ସ ନାନୁ ପ୍ଲସ୍‌ର ହ୍ରାସ ମୂଲ୍ୟ ୭୩୬୦୪, ୱୁଲଫ ପ୍ଲସ୍‌ର ହ୍ରାସ ମୂଲ୍ୟ ୭୪୬୫୪, ଜେନ୍ ନେକ୍ସଟ ନାନୁ ପ୍ଲସ୍‌ର ହ୍ରାସ ମୂଲ୍ୟ ୬୭୩୦୪ ଓ ୱୁଲଫ ଇକୋର ହ୍ରାସ ମୂଲ୍ୟ ୬୮୩୫୪ଟଙ୍କା ରହିଛି। ଇଲେକ୍ଟ୍ରିକ୍ ଯାନର ବର୍ଦ୍ଧିତ ପୋର୍ଟଫୋଲିଓ ଓ ଗ୍ରାହକ ପ୍ରଥମ ଦୃଷ୍ଟିକୋଣକୁ ନେଇ ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍ ଇଭି ଶିଳ୍ପରେ ଏହାର ସ୍ଥିତିକୁ ସୁଦୃଢ଼ କରିବା ଜାରି ରଖିଛି। ଏହି ଗ୍ରାହକ କୈନ୍ଦ୍ରୀକ ନିଷ୍ପତିଗୁଡ଼ିକ ମୂଲ୍ୟ, ନବସୃଜନ ଓ ଦାୟିତ୍ୱବାନ ପରିବହନ ବିକଳ୍ପ ପ୍ରଦାନ କରିବା ପାଇଁ ବ୍ରାଣ୍ଡ୍‌ର ସମର୍ପଣକୁ ପ୍ରତିଫଳିତ କରୁଛି।

## ହେଲ୍ ଏନର୍ଜି ଡ୍ରିଙ୍କ୍ ପକ୍ଷରୁ ପୁରସ୍କାର ଘୋଷଣା




ମୁମ୍ବାଇ : ବିଶ୍ୱର ଅନ୍ୟତମ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଏନର୍ଜି ଡ୍ରିଙ୍କ ବ୍ରାଣ୍ଡ ହେଲ୍ ଏନର୍ଜି ଡ୍ରିଙ୍କ୍ ଭାରତରେ ଏହାର ଭବ୍ୟ ଏବଂ ଆକର୍ଷଣୀୟ ବିଶ୍ୱ ଉପଭୋକ୍ତା ପ୍ରତିଯୋଗିତା ଆରମ୍ଭ କରିଛି। ଆନ୍ତର୍ଜାତିକ ବଜାରରେ ଚମତ୍କାର ସଫଳତା ପରେ ହେଲ୍ ଏନର୍ଜି ଡ୍ରିଙ୍କ୍ ଏବେ ଭାରତରେ ଗ୍ରାହକଙ୍କୁ ଏଥିରେ ଅଂଶଗ୍ରହଣ କରିବାକୁ ଆମନ୍ତ୍ରଣ କରୁଛି ଏବଂ ଦୈନିକ ଏବଂ ସାପ୍ତାହିକ ୧୦,୦୦୦ରୁ ଅଧିକ ପୁରସ୍କାର ଜିତିବାର ସୁଯୋଗ ଆଣିଛି। ଏହାବ୍ୟତୀତ ପ୍ରତିଯୋଗୀମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଗ୍ରାଣ୍ଡ ପୁରସ୍କାର ନିମନ୍ତେ ଡ୍ର ପାଇଁ ଯୋଗ୍ୟ ବିବେଚିତ ହେବେ। ବିଳାସପୂର୍ଣ୍ଣ କାର୍ ଠାରୁ ଆରମ୍ଭ କରି ଆଇଫୋନ୍ ପର୍ଯ୍ୟନ୍ତ ପୁରସ୍କାର ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଅଭିନେତା ତଥା ହେଲ୍ ଏନର୍ଜି ଡ୍ରିଙ୍କ୍ ର ଗ୍ଲୋବାଲ୍ ବ୍ରାଣ୍ଡ୍ ଆମ୍ବାସଡର୍ ମିକେଲେ ମୋରୋନେଙ୍କ ସହ ରାତ୍ରୀ ଭୋଜନ କରିବାର ସୁଯୋଗ ସହ ଏହି ଅଭିଯାନ 'ହେଲ' ପକ୍ଷରୁ ପ୍ରତିଶ୍ରୁତି ଦେଇଛି। ଗ୍ରାଣ୍ଡ ପୁରସ୍କାର : ଏକ ନୂଆ ବିଳାସପୂର୍ଣ୍ଣ କାର୍, ସାପ୍ତାହିକ ପୁରସ୍କାର: ଆଇଫୋନ୍ ୧୬, କେବିନ୍ ଟ୍ରଲି ବ୍ୟାଗ୍, ୧.୨ ଲିଟର ଷ୍ଟାଇଲିସ୍ କୁଲ୍ କପ୍ ଏବଂ କିଛି ଭାଗ୍ୟଶାଳୀ ବିଜେତାଙ୍କୁ ମୁମ୍ବାଇରେ ମିକେଲେ ମୋରୋନେଙ୍କ ସହ ସ୍ୱତନ୍ତ୍ର ରାତ୍ରୀ ଭୋଜନ ପାଇଁ ନିମନ୍ତ୍ରଣ। ଦୈନିକ ପୁରସ୍କାର: ଡିଜାଇନର ବ୍ୟାଗ୍ ଏବଂ ଷ୍ଟାଇଲିସ୍ ସ୍ନିକର। ୦୭ ଏପ୍ରିଲ ୨୦୨୫ ରୁ ୩୦ ମେ ୨୦୨୫ ପର୍ଯ୍ୟନ୍ତ ସାରା ଦେଶରେ ଉପଭୋକ୍ତାମାନେ ହେଲ୍ ଏନର୍ଜି ଡ୍ରିଙ୍କ ପ୍ରୋମୋସନାଲ କ୍ୟାନ୍-ହେଲ୍ କ୍ଲାସିକ୍, ହେଲ୍ ୱାଟରମେଲନ ଏବଂ ହେଲ୍ ଆପଲ୍ ର କ୍ରୟ ମାଧ୍ୟମରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏହି ପ୍ରମୋସନଲ କ୍ୟାନରେ ମିକେଲେ ମୋରୋନେଙ୍କ ଆଇକନିକ ଟାଟୁ ରହିଛି, ଯେଉଁଥିରେ ପୌରାଣିକ ଫିନିକ୍ସ, ଦୁଇଟି ଖଣ୍ଡା ଏବଂ ଆହୁରି ଅନେକ କିଛି ରହିଛି । ହେଲ୍ ଏନର୍ଜି ହଙ୍ଗେରି ଲିମିଟେଡ୍ ର ମାର୍କେଟିଂ ଡାଇରେକ୍ଟର ଆଡ୍ରିଏନ୍ ପୋପୋଭିକ୍ସ ଏହି ଉନ୍ମୋଚନ ଅବସରରେ ନିଜର ମତ ବ୍ୟକ୍ତ କରି କହିଛନ୍ତି, 'ଭାରତ ହେଉଛି ଆମର ସବୁଠାରୁ ଗତିଶୀଳ ବଜାର ଯେଉଁଠାରେ ବିପୁଳ ଅଭିବୃଦ୍ଧି ସମ୍ଭାବନା ରହିଛି। ଏହି ଅଭିଯାନ ବ୍ରାଣ୍ଡ ପାଇଁ ଏକ ମାଇଲଖୁଂଟ, ଯାହା ଭାରତରେ ଆମର ପ୍ରଥମ ବୃହତ ଅଭିଯାନ। ଆମର ବିଶ୍ୱ ବଜାରରେ ଏହି ଅଭିଯାନର ସଫଳତାକୁ ଆଧାର କରି ଆମେ ଉତ୍ସାହିତ। ୱିନ୍ ୱିଥ୍ ହେଲ୍ ଅଭିଯାନ ସମ୍ପର୍କରେ ହେଲ୍-ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ର ନିର୍ଦ୍ଦେଶକ ଉନ୍ନୀକାନନ ଗଙ୍ଗାଧରନ୍ କହିଛନ୍ତି, 'ଭାରତରେ ହେଲ୍ ଏନର୍ଜି ଡ୍ରିଙ୍କ୍ ପାଇଁ ଆମର ସର୍ବବୃହତ ଗ୍ରାହକ ଅଭିଯାନ ଆରମ୍ଭ କରି ଆମେ ବେଶ୍ ଆନନ୍ଦିତ। ୱିନ୍ ୱିଥ୍ ହେଲ୍ ଅଭିଯାନ ଟିଭି ଏବଂ ଡିଜିଟାଲ୍ ବିଜ୍ଞାପନ, ପ୍ରଭାବଶାଳୀ ଅଭିଯାନ ଏବଂ ଏକ ଦୃଢ଼ ସୋସିଆଲ ମିଡିଆ ଉପସ୍ଥିତି ସହିତ ଏକ ସାହସିକ ମାର୍କେଟିଂ ପ୍ରୋତ୍ସାହନ ଦ୍ୱାରା ସମର୍ଥିତ ଯାହା ଦ୍ୱାରା କେହି ଯେପରି ହେଲ ସହିତ ଜିତିବାର ସୁଯୋଗ ହାତଛଡ଼ା ନ କରିବାକୁ କୁହାଯାଇଛି।

## ନୂଆ ସ୍ମାର୍ଟଫୋନର ଶୁଭାରମ୍ଭ କଲା ଆସେର



ନୂଆଦିଲ୍ଲୀ : ଇଣ୍ଡକାଲ ଟେକ୍ନୋଲଜିସ୍ ଭାରତରେ ଆସେର ବ୍ରାଣ୍ଡ ଅଧିନରେ ଆସେର ଇନ କର୍ପୋରେଟେଡ଼ ସହିତ ଟ୍ରେଡ୍ ମାର୍କ ଲାଇସେନ୍ସ ଚୁକ୍ତି ବଦ୍ଧ ହୋଇ ଏହାର ଦୁଇଟି ସ୍ମାର୍ଟଫୋନର ଶୁଭାରମ୍ଭ ଘୋଷଣା କରିଛି। ଏହି ଜ୍ଞାନକୌଶଳ ଅଗ୍ରଣୀ ବୈଷୟିକ କମ୍ପାନୀ ଷ୍ଟାଟଅପ୍ ନବୀନ ତମ ତଥା ଉଚ୍ଚ କାର୍ଯ୍ୟଦକ୍ଷ ଇଲେକ୍‌ଟ୍ରୋନିକ୍ସରେ ଝଡ଼ ସୃଷ୍ଟିକାରୀ ଭାବେ ଜଣାଶୁଣା ରହି ଭାରତୀୟ ସ୍ମାର୍ଟଫୋନ ବଜାରରେ ଏହାର ପ୍ରତିଦ୍ୱନ୍ଦିତା ଘୋଷଣା କରିବା ସହିତ ପ୍ରମୁଖ ମନ୍ତବ୍ୟ ପ୍ରଦାନକାରୀ ଭାବରେ ପ୍ରିମିୟମ ଡ଼ିଜାଇନ ତଥା ଉନ୍ନତମାନର ବିଶେଷତ୍ୱକୁ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏହାର ସୁପରଜେଡ଼ ଏକ୍ସ ଶୃଙ୍ଖଳର ଦୁଇଟି ମଡ଼େଲର ଭର୍ଚୁଆଲ କାର୍ଯ୍ୟକ୍ରମରେ ଶୁଭାରମ୍ଭ କରିଛି। ଏହି ରୂପରେଖ ମଧ୍ୟରେ ଆସେର ସୁପର ଜେଡ଼ଏକ୍ସ ଏବଂ ଆସେର ସୁପରଜେଡ଼ ଏକ୍ସ ପ୍ରୋ ସମସ୍ତ ପ୍ରିମିୟମ ବିଶେଷତ୍ୱକୁ ନେଇ ଡ଼ିଜାଇନ ସହିତ ଆସିବା ସହିତ ଏକ ପ୍ରତିଯୋଗୀ ମୂଳକ ମୂଲ୍ୟ ବିନ୍ଦୁ ତଥା ଆଧୁନିକତମ ଜ୍ଞାନକୌଶଳକୁ ସୁନିଶ୍ଚିତ କରିଛି ଯାହାକି ସମଗ୍ର ଭାରତୀୟ ଗ୍ରାହକମାନଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇପାରିଛି। ଆନନ୍ଦ ଦୁବେ, ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ, ଇଣ୍ଡକାଲ ଟେକ୍ନୋଲଜିସ, ନିଜର ଉତ୍ସାହ ବ୍ୟକ୍ତ କରି କହିଛନ୍ତି, 'ଏହା ଇଣ୍ଡକାଲ ଇତିହାସରେ ଆମ ପାଇଁ ଏକ କିର୍ତ୍ତିମାନ ସ୍ଥାପନର ଦିବସ ଅଟେ ଯାହାସହିତ ଆମେ ଏକ ଶୁଭାରମ୍ଭ କରି ଆମର ଏକ ବିରାଟ ଗ୍ରାହକ ମାନଙ୍କ ଉନ୍ନତମାନର ଉତ୍ପାଦନର ଶ୍ରେଣୀ ପ୍ରଦାନ କରିପାରିଛୁ। ଉପସଭାପତି, ଗ୍ଲୋବାଲ ଷ୍ଟ୍ରାଟେଜିକ୍ ଆଲାଏନସେସ ଆଟ ଆସେର ଇନକର୍ପୋରେଟେଡ଼ ଏଥିରେ ନିଜକୁ ସାମିଲ କରି ମତବ୍ୟକ୍ତ କରି କହିଛନ୍ତି, '୧୯୮୭ ମସିହାରୁ ଏହାର ସ୍ଥାପନା ପରଠାରୁ, ଆସେର ବ୍ରାଣ୍ଡରଏହି ଅଭିଯାନ ଜନସାଧାରଣ ତଥା ଜ୍ଞାନକୌଶଳ ମଧ୍ୟରେ ରହିଥିବା ଦୂରତାକୁ ଭାଙ୍ଗି ଚାଲିଛି। ଶିଳ୍ପଭିତ୍ତିକ ମହତ୍ୱପୂର୍ଣ୍ଣ ଅଭିବୃଦ୍ଧିକୁ ନେଇ ଇଣ୍ଡକାଲରଏହି ଶୁଭାରମ୍ଭ ଏକ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇପାରିଛି।

## ତନିସ୍କ ପକ୍ଷରୁ ସ୍ୱତନ୍ତ୍ର ବିବାହ ଗହଣା 'ରିବା'



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଅକ୍ଷୟ ତୃତୀୟା ଅବସରରେ ତନିସ୍କର ସ୍ୱତନ୍ତ୍ର ବିବାହ ଉପ-ବ୍ରାଣ୍ଡ 'ରିବା' ଏହାର ଆକର୍ଷଣୀୟ ବ୍ରାଇଡାଲ ଗହଣା ସମ୍ଭାର ସହ ଆଗାମୀ ଗ୍ରୀଷ୍ମକାଳୀନ ଭାରତୀୟ ବିବାହକୁ ପାଳନ କରିବାକୁ ପ୍ରସ୍ତୁତ। ଭାରତର ବିବିଧ ବିବାହ ପରମ୍ପରା ଉପରେ ଗଭୀର ଜ୍ଞାନ ରଖିଥିବା ତନିସ୍କର ରିବା କଲେକ୍ସନ ବିଭିନ୍ନ ସମ୍ପ୍ରଦାୟ କନ୍ୟାମାନଙ୍କ ପାଇଁ ପ୍ରସ୍ତୁତ ଅଳଙ୍କାରର ଏକ ବ୍ୟାପକ ରେଞ୍ଜ୍ ପଦାନ କରୁଛି। ହଳଦୀ ଏବଂ ମେହେନ୍ଦିଠାରୁ ଆରମ୍ଭ କରି ସଙ୍ଗୀତ ଏବଂ ବିବାହ ଦିନ, ସମସ୍ତ ବିବାହ ଉତ୍ସବ ଲାଗି ତନିସ୍କର ଏ କଲେକ୍ସନ ଉପଯୁକ୍ତ। 'ରିବା' ବ୍ୟକ୍ତିଗତ ଅଭିବ୍ୟକ୍ତି ସହିତ ଐତିହ୍ୟକୁ ମିଶ୍ରଣ କରି ବଧୂମାନଙ୍କୁ ସେମାନଙ୍କ ଅନନ୍ୟ ବିବାହ କାହାଣୀ ପ୍ରସ୍ତୁତ କରିବାକୁ ସଶକ୍ତ କରିଥାଏ। ପ୍ରତ୍ୟେକ ମୁହୂର୍ତ୍ତ ଯେପରି କାଳଜୟୀ ସୌନ୍ଦର୍ଯ୍ୟ ସହ ପ୍ରତିଧ୍ୱନିତ୍ୱ ହୁଏ ସେଥିପାଇଁ ବିବାହ ଅନୁଭୂତିକୁ ଅନନ୍ୟ କରିବା ପାଇଁ ପ୍ରତିବଦ୍ଧ 'ରିବା'। ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡର ନୋଥ, ମହାରାଷ୍ଟ୍ରର ଥୁସି ନେକ୍‌ଲେସ୍ ଏବଂ ଟୋଡ୍ ବ୍ୟାଙ୍ଗେଲ୍ସ ଇତ୍ୟାଦି। ପ୍ରତ୍ୟେକ ବଧୂଙ୍କ ବ୍ୟକ୍ତିଗତ ଷ୍ଟାଇଲ ଏବଂ ସାଂସ୍କୃତିକ ଐତିହ୍ୟକୁ ପତ୍ର ଫି ଳିତ କରୁଥିବ। ଗହଣା କଲେକ୍ସନ ର ଗ୍ୟାରେଣ୍ଟି ପଦାନ କରୁଛି 'ରିବା' କଲେକ୍ସନ । ଏଥିସହିତ ପରମ୍ପରାକୁ ସମସାୟମିକ ସୁନ୍ଦରତା ସହ ମିଶ୍ରଣ କରୁଥିବା ଏକ ବ୍ରାଣ୍ଡ ଭାବେ 'ରିବା'ର ସ୍ଥିତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ। ଅକ୍ଷୟ ତୃତୀୟ ନୂଆ ଆର ମ୍ଭର ପ୍ରତୀକ। ତେଣୁ ଏ କଲେକ୍ସନ ପରମ୍ପରା, ସ୍ୱତବତା ଏବଂ ଦୀର୍ଘକାଳୀନ ମୂଲ୍ୟକୁ ସହଜରେ ମିଶ୍ରଣ କରିପାରୁଥିବା ଗହଣାର ବର୍ଦ୍ଧିତ ଚାହିଦାକୁ ପୂରଣ କରୁଛି। ବିବାହ ହେଉଛି ଗଭୀର ଭାବେ ବ୍ୟକ୍ତିଗତ। ନୂତନ ସମ୍ଭାରଗୁଡ଼ିକର ଲଞ୍ଚ ପରିପ୍ରେକ୍ଷୀରେ ତନିସ୍କର ଚିଫ୍ ମାର୍କେଟିଂ ଅଧିକାରୀ ପେଲ୍‌କୀ ସେରିଙ୍ଗ୍ କୁହନ୍ତି, ଆମେ ଗ୍ରୀଷ୍ମକାଳୀନ ବିବାହ ଋତୁରେ ପାଦ ଥାପୁଛୁ। ଏଭଳି ଏକ ସମୟରେ ତନିସ୍କର 'ରିବା' ଆଧୁନିକତା ସହ ଐତିହ୍ୟକୁ ମିଶ୍ରଣ କରୁଥିବା ବିବାହ ଗହଣାର ବର୍ଦ୍ଧିତ ଚାହିଦା ପୂରଣ ନେଇ ଏହାର ଯାତ୍ରା ଜାରି ରଖିଛି। ଅକ୍ଷୟ ତୃତୀୟ ଅବସରରେ ଆମ 'ରିବାଗୋଲ୍‌ଡେନ୍ ଆଡ୍‌ଭାଣ୍ଟେଜ୍' ସ୍କିମ୍ ଏବଂ ସର୍ବୋତ୍ତମ ସୁନା ଦର ଚଳିତବର୍ଷ ୨.୭ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ସହାୟକ ହୋଇଛି। ଆଞ୍ଚଳିକ ଡିଜାଇନ୍ ଏବଂ ପ୍ରାକୃତିକ ହୀରା ଚାହିଦା ସହ 'ରିବା' ଆଧୁନିକ ବଧୂଙ୍କ ବହୁବିଧ ଆବଶ୍ୟକତାକୁ ପୂରଣ କରୁଛି। 'ରିବା'ର ଅନନ୍ୟ କାରିଗରୀଙ୍କୁ ଅନୁଭବ କରିବା ପାଇଁ ତନିସ୍କ ବିବାହ କରିବାକୁ ଯାଉଥିବା ବଧୂ ଏବଂ ସେମାନଙ୍କ ପରିବାରକୁଆମନ୍ତ୍ରଣ କରୁଛି। ଏହାସହିତ ଷ୍ଟୋରରେ ଆକର୍ଷଣୀୟ ଅଫର ମଧ ରହିଛି। ନିକଟସ୍ଥ ତନିସ୍କ ଷ୍ଟୋରକୁ ଯାଇ କି ମ୍ବା ଅନ୍‌ଲାଇନ୍ ଗ୍ରାହକବିଶାଳ ସମ୍ଭାରରୁ ନିଜ ମନ ପସନ୍ଦର ଗହଣାକୁ ବ୍ରାଉଜ୍ କରିପାରିବେ। ଷ୍ଟୋର ପକ୍ଷରୁ ଆକର୍ଷଣୀୟ ଅଫର ରହିଛି।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ : ଇଣ୍ଡିଆନ ପ୍ରିମିୟର ଲିଗ୍ର ୩୩ତମ ମ୍ୟାଚରେ ମୁହାଁମୁହିଁ ହୋଇଥିଲେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ । ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିଲା ଏହି ମ୍ୟାଚ୍ । ସମସ୍ତଙ୍କ ନଜର ମୁମ୍ବାଇ ଇଣ୍ଡିଆନ୍ସର ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ଉପରେ ରହିଥିଲା। ହିଟମ୍ୟାନ୍ ଭାବରେ ପ୍ରସିଦ୍ଧ ରୋହିତ ଶର୍ମା ଏହି ମ୍ୟାଚ୍ରେ ମଧ ଖେଳି ନଥିଲେ ବଡ଼ ଇନିଂସ । କିନ୍ତୁ ଯେପର୍ଯ୍ୟନ୍ତ ରୋହିତ କ୍ରିଜରେ ରହିଥିଲେ, ସେ ଫ୍ୟାନ୍ସଙ୍କ ମନୋରଞ୍ଜନ କରିଥିଲେ । ରୋହିତ ଏହି ମ୍ୟାଚ୍ରେ ୧୬ ବଲ୍ରେ ୨୬ ରନ୍ କରିଥିଲେ । ଯେଉଁଥିରେ ରହିଥିଲା ୩ଟି ବଡ଼ ଛକା। ଏହି ଇନିଂସ ମଧ୍ୟରେ ରୋହିତ ଶର୍ମା ଏକ ବଡ଼ ରେକର୍ଡ କରିଛନ୍ତି । ହିଟ୍ମ୍ୟାନ୍ ଆଇପିଏଲ୍ରେ ବର୍ତ୍ତମାନ ୱାଙ୍ଖେଡେ ଷ୍ଟାଡିୟମରେ ୧୦୦ଟି ଛକା ମାରିଥିବା ପ୍ରଥମ ବ୍ୟାଟର ହୋଇଛନ୍ତି । ଆଇପିଏଲରେ ରୋହିତଙ୍କ ଏହି ଗ୍ରାଉଣ୍ଡରେ ଏବେ ୧୦୨ଟି ଛକା ହୋଇଛି। ଏହା ସହିତ ରୋହିତ ହେଉଛନ୍ତି ଚତୁର୍ଥ ବ୍ୟାଟର ଯିଏ ଆଇପିଏଲରେ ଗୋଟିଏ ଗ୍ରାଉଣ୍ଡରେ ୧୦୦ କିମ୍ବା ତା'ଠାରୁ ଅଧିକ ଛକା ମାରିଛନ୍ତି। ରୋହିତ ଶର୍ମାଙ୍କ ପୂର୍ବରୁ କେବଳ ବିରାଟ କୋହଲି, କ୍ରିସ୍ ଗେଲ୍ ଏବଂ ଏବି ଡିଭିଲିୟର୍ସ ଆଇପିଏଲରେ ଏପରି କରିପାରିଛନ୍ତି । ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ କୋହଲି-ଏବି-ଗେଲ୍ ଏହି ସଫଳତା ହାସଲ କରିଛନ୍ତି। ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ କୋହଲି ଏପର୍ଯ୍ୟନ୍ତ ଆଇପିଏଲ ମ୍ୟାଚରେ ୧୩୦ଟି ଛକା ମାରି ସାରିଛନ୍ତି । ଯେତେବେଳେ କି ଗେଲ୍ ୧୨୭ ଏବଂ ଡିଭିଲିୟର୍ସ ୧୧୮ ଛକା ମାରି ଲିଷ୍ଟରେ ରହିଛନ୍ତି ।

**୩୪ତମ ମ୍ୟାଚ୍ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ପଞ୍ଜାବ କିଙ୍ଗ୍ସ**

# ପଞ୍ଜାବ କିଙ୍ଗ୍ସ ୫ୱିକେଟ୍ରେ ବିଜୟୀ



କ୍ଷବଙ୍ଗାଲୁରୁ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୪ତମ ମ୍ୟାଚ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଂଜାବ କିଙ୍ଗ୍ସ ମଧ୍ୟରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍କୁ ପଞ୍ଜାବ କିଙ୍ଗ୍ସ ୫ୱିକେଟରେ ଜିତି ନେଇଛି। ବର୍ଷା ହେବାରୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଯାହାଫଳରେ ଟସ୍ ପଡିବା ବିଳମ୍ବ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍କୁ ୧୪-୧୪ ଓଭର କରାଯାଇଥିଲା। ଟସ୍ ଜିଣି ପଂଜାବ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଲା ପରେ ବେଙ୍ଗାଲୁରୁ ବ୍ୟାଟିଂ କରିଥିଲା। ରଜତ ପାଟିଦାରଙ୍କ ନେତୃତ୍ୱରେ ବେଙ୍ଗାଲୁରୁ ୧୪ ଓଭରରେ ୯ଟି ୱିକେଟ୍ ହରାଇ ୯୫ ରନ୍ ସଂଗ୍ରହ କରିଥିଲା। ଫଳରେ ପଂଜାବ କିଙ୍ଗ୍ସକୁ ଏହି ମ୍ୟାଚ୍ ଜିତିବା ପାଇଁ ୯୬ ରନ୍ ଲକ୍ଷ୍ୟ ମିଳିଥିଲା। ବେଙ୍ଗାଲୁରୁ ପାଇଁ ଟିମ୍ ଡେଭିଡ୍ ସର୍ବାଧିକ ବ୍ୟକ୍ତିଗତ ରନ୍ ସ୍କୋର କରିଛନ୍ତି। ସେ ୨୬ ବଲ୍ରେ ଅପରାଜିତ ୫୦ ରନ୍ କରିଥିଲେ, ଯେଉଁଥିରେ ୫ ଚୌକା ଏବଂ ୩ ଛକା ସାମିଲ ଥିଲା। ଫିଲ୍ ଲୁଣ ୪, ବିରାଟ କୋହଲି ୧, ରଜତ ପାଟିଦାର ୨୩, ଲିଆମ୍ ଲିଭିଙ୍ଗଷ୍ଟୋନ୍ ୪, ଜିତେଶ ଶର୍ମା ୨ ଏବଂ କ୍ରୁନାଲ ପାଣ୍ଡ୍ୟା ମାତ୍ର ୧ ରନ୍ ସ୍କୋର କରିପାରିଥିଲେ। ପଞ୍ଜାବ କିଙ୍ଗ୍ସର ବୋଲରମାନେ ଘାତକ ବୋଲିଂ କରିଥିଲେ। ବେଙ୍ଗାଲୁରୁର ଦଳୀୟ ସ୍କୋର ୪୨ ରନ୍ ବେଳକୁ ଆଗଧାଡ଼ିର ୭ ଜଣ ଖେଳାଳିଙ୍କୁ ଆଉଟ୍ କରିଦେଇଥିଲେ। ଦଳ ପକ୍ଷରୁ ଅର୍ଶଦୀପ ସିଂହ, ହରପ୍ରୀତ ବ୍ରାର, ଯୁଜବେନ୍ଦ୍ର ଚହଲ ଏବଂ ମାର୍କୋ ଜାନସେନ ଦୁଇଟି ଲେଖାଏଁ ୱିକେଟ ନେଇଥିଲେ। ୯୬ରନ୍ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା ପଞ୍ଜାବ କିଙ୍ଗସ୍। ପଞ୍ଜାବ କିଙ୍ଗସ୍ ମାତ୍ର ୧୨.୧ ଓଭରରେ ୫ ୱିକେଟ ହରାଇ ୯୮ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ପ୍ରିୟାସ ଆର୍ଯ୍ୟ ୧୬, ପ୍ରଭସିମରଣ ସିଂ ୧୩, ଅଧିନାୟକ ଶ୍ରେୟାସ ଆୟର ୭, ୱିକେଟକିପର ଜୋସ୍ ଇଙ୍ଗ୍ଲିସ୍ ୧୪, ନେହାଲ ୱାଧେର ସର୍ବାଧିକ ୩୩ ରନ୍ କରି ଅପରାଜିତ ରହିଥିଲେ। ସେହିପରି ଶଶାଙ୍କ ସିଂ ୧ ଓ ମାର୍କସ ଷ୍ଟୋନିସ୍ ୭ରନ କରିଥିଲେ। ବେଙ୍ଗାଲୁରୁ ପକ୍ଷରୁ ଭୁବନେଶ୍ୱର କୁମାର ୨ୱିକେଟ, ଜୋସ୍ ହାଜେଲଉଡ୍ ୩ ୱିକେଟ ଅକ୍ତିଅକାର କରିଥିଲେ।

**ଓଡ଼ିଶା ହକି ପାଇଁ ଅଶୁଭ ୨୦୨୫**

# ବି' ଡିଭିଜନ୍କୁ ଖସିଲା ପୁରୁଷ ଦଳ

HOCKEY ASSOCIATION OF ODISHA

ରାଉରକେଲା (ଭାସ୍କର ନ୍ୟୁଜ୍) : ୨୦୨୪ରେ ଓଡ଼ିଶା ହକି ଟିମ୍ ନୂଆ ଇତିହାସ ରଚିଥିଲା। କିନ୍ତୁ ୨୦୨୫ ଓଡ଼ିଶା ହକି ପାଇଁ ଅତ୍ୟନ୍ତ ଖରାପ ବର୍ଷ ସାବ୍ୟସ୍ତ ହେଉଛି। ବର୍ଷର ପ୍ରଥମ ୪ ମାସରେ ଓଡ଼ିଶା ହକିକୁ ତିନିତିନିଟି ବଡ଼ ଝଟ୍କା ଲାଗିଛି। ଫେବ୍ରୁଆରି ମାସରେ ଉତ୍ତରାଖଣ୍ଡରେ ଆୟୋଜିତ ଜାତୀୟ କ୍ରୀଡ଼ାରେ ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ଦଳ ସେମିଫାଇନାଲରେ ପ୍ରବେଶ କରିପାରି ନଥିଲେ। ଏହାପରେ ମାର୍ଚ୍ଚ ମାସରେ ହରିୟାଣାର ପଞ୍ଚକୁଲାରେ ଆୟୋଜିତ ୧୫ତମ ବରିଷ୍ଠ ମହିଳା ଜାତୀୟ ହକି ପ୍ରତିଯୋଗିତାରେ ପଦକ ଜିତିବାର ପ୍ରବଳ ଦାବିଦାର ଓଡ଼ିଶା ପଦକ ତ ଦୂରର କଥା କ୍ୱାର୍ଟର ଫାଇନଲରେ ବି ସ୍ଥାନ ପାଇପାରିଲା ନାହିଁ। ଯାହାଫଳରେ ଦଶମ ସ୍ଥାନରେ ରହିଥିଲା। ଆଉ ଏବେ ଓଡିଶା ହକିକୁ ସବୁଠୁ ବଡ଼ ଝଟ୍କା ଲାଗିଛି। ଉତ୍ତରପ୍ରଦେଶର ଝାନ୍ସିରେ ଅନୁଷ୍ଠିତ ୧୫ତମ ବରିଷ୍ଠ ପୁରୁଷ ଜାତୀୟ ହକି ପ୍ରତିଯୋଗିତାରେ ଗତ (୧୪ତମ) ସଂସ୍କରଣର ବିଜେତା ଓଡିଶା ଦଳ 'ବି' ଡିଭିଜନ୍କୁ ଖସିଯାଇଛି। ଓଡ଼ିଶା ୩ ଦଳୀୟ ଗ୍ରୁପ୍ ପର୍ଯ୍ୟାୟରେ ମଧ୍ୟପ୍ରଦେଶ ଓ ପଞ୍ଜାବ ବିପକ୍ଷରେ ସମାନ ୨-୩ ବ୍ୟବଧାନରେ ପରାସ୍ତ ହୋଇ କ୍ୱାର୍ଟରଫାଇନାଲରୁ ବଞ୍ଚିତ ହୋଇଥିଲା। ଏହା ପରେ ମୋଟ ୧୨ଟି ଦଳ ଖେଳିଥିବା 'ଏ' ଡିଭିଜନ୍ରେ ଏକାଦଶ ସ୍ଥାନରେ ରହି ଆସନ୍ତା ବର୍ଷ ପାଇଁ 'ବି' ଡିଭିଜନ୍କୁ ଖସି ଯାଇଛି। ଓଡ଼ିଶାର ପଡ଼ୋଶୀ ତଥା ଅନ୍ୟତମ ହକି ଶକ୍ତିକେନ୍ଦ୍ର ଝାଡ଼ଖଣ୍ଡ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ ସବୁଠୁ ତଳେ ଦ୍ୱାଦଶ ସ୍ଥାନରେ ରହି 'ବି' ଡିଭିଜନ୍କୁ ଖସିଛି। ଓଡ଼ିଶାର କିମ୍ବଦନ୍ତୀ ତାରକା ଦିଲୀପ ତିର୍କି ଏବଂ ଝାଡ଼ଖଣ୍ଡର ଭୋଳାନାଥ ସିଂହ ଯଥାକ୍ରମେ ହକି ଇଣ୍ଡିଆର ସଭାପତି ଓ ସଂପାଦକ ଭାବେ ଜାତୀୟସ୍ତରରେ ହକିର ଉନ୍ନତି ପାଇଁ କାର୍ଯ୍ୟ କରୁଥିଲାବେଳେ ସେମାନଙ୍କ ନିଜନିଜ ରାଜ୍ୟରେ ଏହି ଖେଳର ଅଧୋପତନ କ୍ରୀଡ଼ାପ୍ରେମୀଙ୍କ ଚିନ୍ତାର କାରଣ ହୋଇଛି।

# କ୍ରୀଡ଼ା ପାଇଁ ୪ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ ଓଡ଼ିଶା ସରକାର



ଭୁବନେଶ୍ୱର: ଓଡ଼ିଶା ସରକାର ଆଗାମୀ ପାଞ୍ଚ ବର୍ଷରେ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ୪,୧୨୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବୁଧବାର କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟରେ ପାଞ୍ଚ ଦିନିଆ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍ଘାଟନ ସମୟରେ ଏହି ଘୋଷଣା କରିଛନ୍ତି। ଭଲିବଲ, କ୍ରିକେଟ୍, ଫୁଟବଲ୍ ଏବଂ ଆଥଲେଟିକ୍ସ ଆଦି ବିଭିନ୍ନ କ୍ରୀଡ଼ା ପାଇଁ ଆଧୁନିକ ସୁବିଧା ରାଜ୍ୟର ପ୍ରତ୍ୟେକ ବ୍ଲକରେ ସୃଷ୍ଟି କରାଯିବ। କ୍ରୀଡ଼ା ବିକାଶ ପାଇଁ ପାଞ୍ଚ ବର୍ଷରେ ମୋଟ ୪,୧୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବ୍ଲକ ସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ, ଲକ୍ଷ ଲକ୍ଷ କ୍ରୀଡ଼ାବିତ୍ ଫୁଟବଲ୍, ଆଥଲେଟିକ୍ସ, ହକି ଏବଂ ବ୍ୟାଡମିଣ୍ଟନ ଚାମ୍ପିଅନସିପରେ ଏହି ଟ୍ରଫି ପାଇଁ ଭାଗ ନେବେ। ସେ ଆହୁରି କହିଛନ୍ତି, ସରକାର ଚଳିତ ବର୍ଷର ବଜେଟରେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପାଇଁ ୧,୩୧୯ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ପ୍ରତ୍ୟେକ ପଇସା ଓଡ଼ିଶାର ଯୁବ ପ୍ରତିଭାଙ୍କ ବିକାଶ ପାଇଁ ଖର୍ଚ୍ଚ କରାଯିବ। କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଏବଂ କୋରାପୁଟକୁ ରାଜ୍ୟର କ୍ରୀଡ଼ା କେନ୍ଦ୍ର ଭାବେ ବିକଶିତ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଟ୍ରଫି ସମୁଦାୟ ସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ଏବଂ ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରିବା ପାଇଁ ଏକ ବୈପ୍ଳବିକ ପଦକ୍ଷେପ ଭାବେ ଆରମ୍ଭ କରାଯାଇଛି।

# ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିଅନ୍ସିପ୍ ଉଦ୍ଘାଟିତ




ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଡେଭଲପ୍ମେଣ୍ଟ କମିଟି, ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଓ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସହଯୋଗରେ, ୟୋନେକ୍ସ ସନରାଇଜ ଅଲ୍ ଓଡ଼ିଶା ରାଜ୍ୟ ବାଳକ ବାଳିକା ସବ୍-ଜୁନିୟର (U15) ଏବଂ ଜୁନିଅର (U19) ରାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ବାରିପଦାସ୍ଥିତ ଇଣ୍ଡୋର ଷ୍ଟାଡିୟମ ଠାରେ ଉଦଘାଟିତ ହୋଇ ଯାଇଛି। ଉଦ୍ଘାଟନୀ ଉତ୍ସବରେ ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଆରମ୍ଭ କରିଥିଲେ। ମଞ୍ଚରେ ଉପସ୍ଥିତ ଅତିଥି ମାନେ ହେଲେ ନିଳୀନ କୁମାର, ସମ୍ପାଦକ, ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ, କିଶୋର କୁମାର ବିଶ୍ୱାଳ, ସଭାପତି, ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ, ବିଭୁତି ଭୂଷଣ ଦାସ, ସମ୍ପାଦକ ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ତଥା ଟୁର୍ଣ୍ଣାମେଣ୍ଟର ଅର୍ଗାନାଇଜିଂ ସେକ୍ରେଟାରୀ, ପ୍ରଦୀପ କୁମାର ମହାନ୍ତି, କୋଷାଧକ୍ଷ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ, ଜୟପ୍ରକାଶ ସିଂ, ସହ ସମ୍ପାଦକ, ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ, ମନୋରଞ୍ଜନ ପଣ୍ଡା, ସମ୍ପାଦକ ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ତଥା ଟୁର୍ଣ୍ଣାମେଣ୍ଟର ପର୍ଯ୍ୟବେକ୍ଷକ, ସ୍ୱାଧୀନ ମିଶ୍ର, ଟୁର୍ଣ୍ଣାମେଣ୍ଟର ମୁଖ୍ୟ ରେଫରୀ, ସୁବାଶ ଚନ୍ଦ୍ର ସାହୁ, ଟେକନିକାଲ ଅଫିସିଆଲ ଓ ସଂଯୋଜକ, ରବୀନ୍ଦ୍ର ବେହେରା ପ୍ରମୁଖ।ସାରା ଓଡ଼ିଶାରୁ ସମୁଦାୟ ୧୬୨ ସବ୍-ଜୁନିୟର ଓ ଜୁନିଅର ଉଭୟ ବାଳକ ଓ ବାଳିକା ପ୍ରତିଯୋଗୀ ବିଭିନ୍ନ ବର୍ଗର ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ବେଳେ ମୟୂରଭଞ୍ଜରୁ ୨୨ ଜଣ ପ୍ରତିଯୋଗୀତା ପାଇଁ ଉପସ୍ଥିତ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସବୁ ବର୍ଗରୁ ଓଡ଼ିଶାର ଶୀର୍ଷ ମାନ୍ୟତା ପ୍ରାପ୍ତ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ଅଂଶଗ୍ରହଣ କରି ଥିବା ସମସ୍ତ ଖେଳାଳି ଅଲ ଇଣ୍ଡିଆ ରଙ୍କିଙ୍ଗ ରେ ଉନ୍ନତି କରିବା ସହ ଟୁର୍ଣ୍ଣାମେଣ୍ଟର ବିଭିନ୍ନ ବର୍ଗରେ ନିର୍ଧାରିତ ପୁରସ୍କାର ରାଶି (ସମୁଦାୟ ୧,୨୪,୦୦୦ (ଏକ ଲକ୍ଷ ଚବିଶ ହଜାର) ପାଇବାକୁ ପ୍ରତିଯୋଗୀତା କରିବେ। ଆଜି ପ୍ରଥମ ଦିନରେ ବାଳକ ବିଭାଗ ସିଙ୍ଗସ, ବାଳିକା ବିଭାଗ ସିଙ୍ଗସ ଓ ଡବସର ପ୍ରଥମ ଓ ଦ୍ୱିତୀୟ ରାଉଣ୍ଡ ଖେଳ ହେବା ନିର୍ଧାରିତ ହୋଇଅଛି ବୋଲି କିଶୋର କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି।

# ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍ଘାଟିତ




ଭବାନୀପାଟଣା (ଭାସ୍କର ନ୍ୟୁଜ୍): ଭବାନୀପାଟଣା ତାରିଣୀ ମନ୍ଦିର ରୋଡ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲଠାରେ ଶୁକ୍ରବାର କଳାହାଣ୍ଡି ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍ଘାଟିତ ହୋଇଯାଇଛି। କଳାହାଣ୍ଡି ଚେସ୍ ଏକାଡେମୀ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଏଥିରେ ସଫଳ ପ୍ରତିଯୋଗୀଙ୍କୁ ଆସନ୍ତା ଏପ୍ରିଲ ୩୦ରେ ପୁରସ୍କୃତ କରାଯିବ ବୋଲି ଏକାଡେମୀର ପ୍ରତିଷ୍ଠାତା ତଥା ଅଧକ୍ଷ ଶିବରାମ ନାୟକ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ୨ ଦିନ ଧରି ଅନୁଷ୍ଠିତ ହେବ। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଏସିଆଇ ବ୍ରାଞ୍ଚ ମ୍ୟାନେଜର ସୁମିତ ନାଗ, ସିନିୟର ନ୍ୟାଶନାଲ ଆର୍ବିଟର ରବୀନ୍ଦ୍ର ସାହୁ, ଶିକ୍ଷାବିତ୍ ଅରୁଣ ପାଣିଗ୍ରାହୀ, କଳାହାଣ୍ଡି ଚେସ୍ ସଂଘ ସଭାପତି ହେମନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଚେସ୍ ଖେଳ ହେଉଛି ମସ୍ତିଷ୍କର ବ୍ୟାୟାମଶାଳା ବୋଲି ଅତିଥିମାନେ କହିଥିଲେ। ଚେସ୍ ଏକାଡେମୀ ଅଧକ୍ଷ ନାୟକ ସଭା ପରିଚାଳନା କରିଥିବାବେଳେ ଏକାଡେମୀର ବହୁ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗୁଜୁରାଟ ଟାଇଟାନ୍ସରେ ସାମିଲ ହେଲେ ଶନାକା



ନୂଆଦିଲ୍ଲୀ: ଗୁଜୁରାଟ ଟାଇଟାନ୍ସ ଗ୍ଲେନ୍ ଫିଲିପ୍ସଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରିଛି। ଗୁଜୁରାଟ ଶ୍ରୀଲଙ୍କା ଖେଳାଳି ଦାସୁନ୍ ଶନାକାଙ୍କୁ ଦଳରେ ସାମିଲ କରିଛି । ୨୦୨୫ ଆଇପିଏଲରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍ ସମୟରେ ଫିଲିପ୍ସ ଆହତ ହୋଇଥିଲେ। ଏହା ପରେ ଦଳ ଶନାକାଙ୍କୁ ସୁଯୋଗ ଦେଇଥିଲା। ଶନାକା ଜଣେ ଅଲରାଉଣ୍ଡର ଏବଂ ଅନେକ ଥର ତାଙ୍କର ଚମତ୍କାର ପ୍ରଦର୍ଶନ ଦେଖାଇଛନ୍ତି। ବ୍ୟାଟିଂ ଏବଂ ବୋଲିଂରେ ତାଙ୍କର ଏକ ଭଲ ରେକର୍ଡ ଅଛି। ସୂଚନାଯୋଗ୍ୟ ଫିଲ୍ଡିଂ କରିବା ସମୟରେ ଗ୍ଲେନ୍ ଫିଲିପ୍ସଙ୍କୁ ଆଘାତ ଲାଗିଥିଲା । ତାଙ୍କର ଆଘାତ ଏତେ ଗମ୍ଭୀର ଯେ ସେ ସମଗ୍ର ସିଜିନରୁ ବାଦ ପଡ଼ିଥିଲେ । ତେଣୁ ଗୁଜୁରାଟ ଏବେ ଗ୍ଲେନ୍ ଫିଲିପ୍ସଙ୍କ ସ୍ଥାନରେ ଶନାକାଙ୍କୁ ଦଳରେ ସାମିଲ କରିଛି। ତାଙ୍କୁ ଦରମା ଭାବରେ ୭୫ ଲକ୍ଷ ଟଙ୍କା ମିଳିବ। ଶନାକା ଏପର୍ଯ୍ୟନ୍ତ କେବଳ ଥରେ ଆଇପିଏଲରେ ଖେଳିପାରିଛନ୍ତି। ସେ ଆଇପିଏଲ ୨୦୨୩ରେ ଗୁଜରାଟରେ ଥିଲେ। ଏହି ସିଜିନରେ ସେ ୩ଟି ମ୍ୟାଚ୍ ଖେଳିଥିଲେ। ଶାନାକାଙ୍କ ଟି-୨୦ ରେକର୍ଡ ବହୁତ ଭଲ ରହିଛି। ସେ ଏପର୍ଯ୍ୟନ୍ତ ୨୪୩ଟି ମ୍ୟାଚ୍ ଖେଳି ସାରିଛନ୍ତି। ଏହି ସମୟ ମଧ୍ୟରେ ସେ ୪୪୪୯ ରନ କରିଛନ୍ତି। ଶନାକା ଟି-୨୦ରେ ୩ଟି ଶତକ ଏବଂ ୧୬ଟି ଅର୍ଦ୍ଧଶତକ ମାରିଛନ୍ତି। ଏହା ସହିତ ସେ ୯୧ଟି ୱିକେଟ ମଧ ନେଇଛନ୍ତି। ଶନାକା ୧୦୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ମଧ ଖେଳିଛନ୍ତି। ସେ ଏଠାରେ ୧୪୫୬ ରନ୍ କରିଛନ୍ତି। ଏହା ସହିତ, ୩୩ଟି ୱିକେଟ ମଧ ନେଇଛନ୍ତି। ସେ ଶ୍ରୀଲଙ୍କା ପାଇଁ ୭୧ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି।

# ପରାଗଙ୍କ ବ୍ୟାଟ୍ ଚେକିଂ ନେଇ ଚର୍ଚ୍ଚା



ମୁମ୍ବାଇ : ଆଇପିଏଲ୍ ମ୍ୟାଚ୍ରେ ଦିନକୁ ଦିନ ନୂଆ ନିୟମ ଦେଖିବାକୁ ମିଳୁଛି । ସେ ବଲ୍ ଚେଞ୍ଜ ହେଉ ଆଉଟ୍ ସିଷ୍ଟମ। ତେବେ ଆଶ୍ଚର୍ଯ୍ୟର କଥା ଏଇ କିଛିଦିନ ହେବ ନଜର ଆସିଛି ନୂଆ ନିୟମ। ମ୍ୟାଚ ଅଧାରେ ହଠାତ୍ ଅମ୍ପାୟାର ଆସୁଛନ୍ତି, ଆଉ ବ୍ୟାଟରଙ୍କ ବ୍ୟାଟ୍ ଚେକ୍ କରୁଛନ୍ତି । ପ୍ରତିଟି ମ୍ୟାଚ୍ ପୂର୍ବରୁ ସବୁ ବ୍ୟାଟରଙ୍କ ବ୍ୟାଟ୍ ଚେକ୍ କରିବା ବାଧତାମୂଳକ ହୋଇଛି। ଗତ କିଛିଦିନ ତଳେ ଅମ୍ପାୟାରଙ୍କ ପ୍ରଥମ ଟାର୍ଗେଟ ଥିଲେ ମୁମ୍ବାଇ ଇଣ୍ଡିଆନ୍ସର କ୍ୟାପ୍ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା । ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳା ଯାଉଥିବା ମ୍ୟାଚ ଅଧାରେ ଏଭଳି ଘଟଣା ଘଟିଥିଲା। ହାର୍ଦ୍ଦିକଙ୍କ ବ୍ୟାଟ ନେଇ ଏହାକୁ ଏକ ବ୍ୟାଟ ଗଜ ସେପର ଭର୍ତ୍ତି କରିଥିଲେ। ଆଉ ଅମ୍ପାୟାର ଚେକ କରିବା ପରେ ହାର୍ଦ୍ଦିକଙ୍କୁ ବ୍ୟାଟିଂ ପାଇଁ ଅନୁମତି ମିଳିଥିଲା। ପଞ୍ଜାବ ବିପକ୍ଷ ବ୍ୟାଟିଂରେ କୋଲକାତାର ଦୁଇ ଅଭିଜ୍ଞ ବ୍ୟାଟର ଫେଲ୍ ମାରିଥିଲେ । ସୁନୀଲ ନାରିନ ଓ ରଘୁବଂଶୀଙ୍କ ସହ ଅନ୍ୟ ଜଣେ ବ୍ୟାଟରଙ୍କ ବ୍ୟାଟ୍ ଚେକ୍ ହୋଇଥିଲା । ତେବେ ଫ୍ୟାକ୍ଟ ଚେକ୍ରେ ଫେଲ ମାରିଥିଲେ ନାରିନ ଓ ରସେଲ୍। ସେହିଭଳି ବୁଧବାର ଥିଲା ରୟାଲ୍ସ ଓ ଦିଲ୍ଲୀ ମୁକାବିଲା। ଏହି ସୁପର ଓଭରରେ ପ୍ରତି ବ୍ୟାଟର ଆସିଥିଲେ ସ୍କାନରକୁ । ଜଣ ଜଣ କରି ସବୁ ବ୍ୟାଟରଙ୍କ ବ୍ୟାଟ୍ ଚେକ୍ କରିଥିଲେ ଅମ୍ପାୟାର । ତେବେ ପରାଗ ଏହି ଚେକ୍ରେ ଫେଲ୍ ହୋଇଥିଲେ । କିଛି ସମୟ ପାଇଁ ଅମ୍ପାୟାର ଓ ପରାଗଙ୍କ ମଧ୍ୟରେ ହୋଇଥିଲା କଥା କଟାକଟି । ଯାହାର ଭିଡିଓ ବି ଭାଇରାଲ ହୋଇଥିଲା। ସୂଚନା ଥାଉକି, ଆଇପିଏଲ୍ ପୂର୍ବରୁ ବିସିସିଆଇ ପକ୍ଷରୁ ଏକ ନୂତନ ନିୟମ ଅଣାଯାଇଛି । ତେଣୁ ବ୍ୟାଟରଙ୍କୁ ମିଳୁଥିବା ଏଭଳି ଫାଇଦାକୁ ହ୍ରାସ କରିବା ପାଇଁ ବିସିସିଆଇ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

# ସୁଟିଂ ବିଶ୍ୱକପ୍: ସୁରୁଚିଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ



ଲିମା (ପେରୁ): ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ସୁଟିଂ ବା ବନ୍ଧୁକ ଚାଳନା ବିଶ୍ୱକପ୍ରେ ୨ୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ସୁରୁଚି ସିଂହ। କ୍ରମାଗତ ୨ୟ ଦିନରେ ସୁରୁଚିଙ୍କ ଏହା ୨ୟ ସ୍ୱର୍ଣ୍ଣ। ସୌରଭ ଚୌଧୁରୀଙ୍କ ସହ ମିଶି ସୁରୁଚି ମିଶ୍ରିତ ଦଳଗତ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଛନ୍ତି। ବୁଧବାର ରାତିରେ ହୋଇଥିବା ସ୍ୱର୍ଣ୍ଣପଦକ ମୁକାବିଲାରେ ସୁରୁଚି-ସୌରଭ ମୋଟ ୧୭ ପଏଣ୍ଟ ହାସଲ କରିଥିବା ବେଳେ ରୌପ୍ୟପଦକ ଜିତିଥିବା ଚୀନର କ୍ୱିଆନ୍ଜୁନ ୟାଓ ଓ କାଇ ହୁଙ୍କ ଯୋଡ଼ି ୯ ପଏଣ୍ଟ ପାଇଥିଲେ। ଏହି ଇଭେଣ୍ଟର କାଂସ୍ୟପଦକ ମୁକାବିଲାରେ ଭାରତର ଅନ୍ୟ ନାମୀ ଯୋଡ଼ି ମନୁ ଭାକର-ରବିନ୍ଦର ସିଂହ ପରାସ୍ତହୋଇ ପୋଡିୟମ୍ ଫିନିସ୍ରୁ ବଞ୍ଚିତ ହୋଇଥିଲେ। ୨ଟି ଅଲିମ୍ପିକ୍ସ ପଦକ ବିଜୟିନୀ ମନୁ ଭାକର ଓ ରବିନ୍ଦର ଫାଇନାଲରେ ମାତ୍ର ୬ ପଏଣ୍ଟ ସ୍କୋର କରିଥିବା ବେଳେ କାଂସ୍ୟ ପଦକ ଜିତିଥିବା ଚୀନ୍ ଯୋଡ଼ି ୧୬ ପଏଣ୍ଟ ସ୍କୋର କରିଥିଲେ। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ସୁରୁଚି ସିଂହ ଓ ସୌରଭ ଚୌଧୁରୀ ମୋଟ ୫୮୦ ପଏଣ୍ଟ ସ୍କୋର କରିଥିଲେ। ୫୮୫ ପଏଣ୍ଟ ସହ ଚୀନ୍ର ଯୋଡ଼ି କ୍ୱିଆନ୍ଜୁନ ୟାଓ ଓ କାଇ ହୁ ପ୍ରଥମ ସ୍ଥାନରେ ରହିଥିଲେ। ଫାଇନାଲରେ ଚୀନ ଯୋଡ଼ି ଏକଦା ୬-୨, ୮-୪ ପଏଣ୍ଟରେ ଆଗୁଆ ଥିଲେ ହେଁ ସୁରୁଚି-ସୌରଭ ଲଢୁଆ ପ୍ରତ୍ୟାବର୍ତ୍ତନ କରି ୧୭-୯ ପଏଣ୍ଟରେ ଜିତି ନେଇଥିଲେ। ହରିୟାଣାରର ବାସିନ୍ଦା ୧୮ ବର୍ଷ ବୟସ୍କା ସୁରୁଚି ସିଂହ କ୍ରମାଗତ ୨ଟି ବିଶ୍ୱକପ୍ରେ ସ୍ୱର୍ଣ୍ଣପଦକ ଜିତି ପାରିଛନ୍ତି। ଗତ ସପ୍ତାହରେ ସେ ବ୍ୟୁନସ୍ ଆଇରିସ୍ ବିଶ୍ୱକପ୍ରେ ମଧ ସ୍ୱର୍ଣ୍ଣପଦକ ଜିତିଥିଲେ। ସୂଚନାଯୋଗ୍ୟ ବୁଧବାର ସକାଳେ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମଧ ସୁରୁଚି ସ୍ୱର୍ଣ୍ଣପଦକ ଜିତି ପାରିଥିଲେ। ଫାଇନାଲରେ ଭାରତର ସୁଟିଂ ତାରକା ମନୁ ଭାକରଙ୍କୁ ସୁରୁଚି ପରାସ୍ତକରି ସ୍ୱର୍ଣ୍ଣ ଜିତିଥିଲେ।

# ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ପ୍ୟାଟ କୁମିନ୍ସ



ନୂଆଦିଲ୍ଲୀ: ଆଇପିଏଲ ୨୦୨୫ରେ, ଗୁରୁବାର ସନରାଇଜର୍ସ ହାଇଦ୍ରାବାଦ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିଥିଲା। ୱାଙ୍ଖଡେରେ ଖେଳାଯାଇଥିବା ମ୍ୟାଚରେ ପ୍ୟାଟ କୁମିନ୍ସଙ୍କ ଅଧିନାୟକତ୍ୱରେ ଦଳ ଏକ ଶୋଚନୀୟ ପରାଜୟ ବରଣ କରିଥିଲା। ଏହି ପରାଜୟ ଆଇପିଏଲ୍ର ପ୍ଲେଅଫରେ ପହଞ୍ଚିବା ଆଶାକୁ ଏକ ଶକ୍ତ ଧକ୍କା ଦେଇଛି। ଏହି ସମୟରେ ପ୍ୟାଟ କୁମିନ୍ସଙ୍କ ସହ ଜଡିତ ଏକ ବଡ଼ ଖବର ସାମ୍ନାକୁ ଆସୁଛି। ତାଙ୍କ ସ୍ତ୍ରୀ ଇନଷ୍ଟାଗ୍ରାମରେ ଏକ ଷ୍ଟୋରୀ ଅପଲୋଡ କରିଛନ୍ତି। ଏହି କାରଣରୁ, ଲୋକମାନେ ଅନୁମାନ କରୁଛନ୍ତି ଯେ ଟୁର୍ଣ୍ଣାମେଣ୍ଟର ମଝିରେ କମିନ୍ସ ତାଙ୍କ ଦେଶକୁ ଫେରି ଯାଉଛନ୍ତି। ପ୍ୟାଟ କମିନ୍ସଙ୍କ ପତ୍ନୀ ବେକି ବୋଷ୍ଟନ ତାଙ୍କ ଅଫିସିଆଲ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଷ୍ଟୋରୀ ଅପଲୋଡ କରିଛନ୍ତି। ଯେଉଁଥିରେ ଏକ ଫଟୋ ଅଛି ଯାହା ତଳେ ଏକ କ୍ୟାପସନ ଲେଖାଯାଇଛି। ଫଟୋରେ ବେକିଙ୍କ ସ୍ୱାମୀ କମିନ୍ସ ତାଙ୍କ ସହିତ ଦେଖାଯାଉଛନ୍ତି। ଦୁହେଁ ବିମାନବନ୍ଦରରେ ଠିଆ ହୋଇଛନ୍ତି। ବେକି କମିନ୍ସଙ୍କ ବେକରେ ହାତ ଛନ୍ଦିଥିବାର ଦେଖାଯାଉଛି। ସେ ଫଟୋ ତଳେ ଲେଖିଛନ୍ତି, 'ଭାରତକୁ ବିଦାୟ।'ବା ଗୁଡ ବାୟ ଇଣ୍ଡିଆ। ଆମେ ଏହି ସୁନ୍ଦର ଦେଶକୁ ଆସି ପ୍ରକୃତରେ ଉପଭୋଗ କଲୁ। ପ୍ୟାଟ କୁମିନ୍ସଙ୍କ ପତ୍ନୀ ବେକି ବୋଷ୍ଟନଙ୍କ ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହା ସହିତ, ଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ପ୍ରକୃତରେ, ଫଟୋ ତଳେ ବେକି ଯାହା ଲେଖିଛନ୍ତି, ସେଥିରୁ ଜଣାପଡୁଛି ଯେ ସେ ଏବଂ ତାଙ୍କ ସ୍ୱାମୀ ସେମାନଙ୍କ ଦେଶକୁ ଫେରୁଛନ୍ତି। ଏପରି ପରିସ୍ଥିତିରେ, ପ୍ରଶଂସକମାନେ ଅନୁମାନ କରୁଛନ୍ତି ଯେ କମିନ୍ସ ଆଇପିଏଲ ମଝିରେ ଛାଡି ଦେଉଛନ୍ତି। ତଥାପି, ବର୍ତ୍ତମାନ ଏ ବିଷୟରେ କୌଣସି ସରକାରୀ ସୂଚନା ପ୍ରକାଶ କରାଯାଇ ନାହିଁ। କୁମିନ୍ସ ଯଦି ସତରେ ସ୍ୱଦେଶ ପ୍ରତ୍ୟାବର୍ତନ କରିବେ ତେବେ ଆଇପିଏଲ ନୂତନ ନିୟମ ଅନୁସାରେ ଦଣ୍ଡିତ ହେବେ। ସେ ୨ବର୍ଷ ଧରି ଆଇପିଏଲ ଖେଳିପାରିବେ ନାହିଁ। ଅଧିନାୟକ କୁମିନ୍ସ ୭ ମ୍ୟାଚ ଖେଳି ୬ଟି ଇନିଂସରେ ୬୪ ରନ କରିଥିଲେ । ସେ ୭ଟି ୱିକେଟ ମଧ ନେଇଛନ୍ତି। ଓଭରାଲ ଆଇପିଏଲରେ କୁମିନ୍ସ ୬୫ ମ୍ୟାଚରେ ୭୦ ୱିକେଟ ନେବା ସହ ୫୭୯ ରନ କରିଛନ୍ତି। ଚଳିତ ସଂସ୍କରଣରେ ହାଇଦ୍ରାବାଦର ପ୍ରଦର୍ଶନ ଭଲ ରହି ନାହିଁ । ଦଳ ୭ ଟି ମ୍ୟାଚରେ ମାତ୍ର ୨ଟି ବିଜୟ ହାସଲ କରିଛି।

# ୩୩ବର୍ଷରେ ପଦାର୍ପଣ କଲେ ରାହୁଲ

ମୁମ୍ବାଇ : କେ.ଏଲ୍ ରାହୁଲ ବର୍ତ୍ତମାନ ଆଇପିଏଲ୍ ୨୦୨୫ରେ ବ୍ୟସ୍ତ ଅଛନ୍ତି। ଏଥର ରାହୁଲ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳୁଛନ୍ତି। ଏହି ସିଜିନ୍ରେ ନୂଆ ଫ୍ରାଞ୍ଚାଇଜ୍ ପାଇଁ ସେ ନିଜ ପରଫର୍ମାନ୍ସ ବହୁତ ଭଲ ଭାବରେ କରୁଥିବା ନଜର ଆସିଛନ୍ତି । କିନ୍ତୁ ବଡ ପ୍ରଶ୍ନ ହେଉଛି ତାଙ୍କ ମା କାହିଁକି ତାଙ୍କ ସହ କଥା ହେବା ବନ୍ଦ କଲେ ୧୮ ଏପ୍ରିଲ ୨୦୨୫ରେ ୩୩ ବର୍ଷ ବୟସରେ ପାଦ ଥାପିଛନ୍ତ। ଏହି ସମୟରେ କେ.ଏଲ୍ ରାହୁଲଙ୍କ ଜୀବନ ସହିତ ଏହା ଏକ ବଡ ସତ୍ୟ ସାମ୍ନାକୁ ଆସିଛି। ଏହି ଆଜିର ନୁହେଁ, କିନ୍ତୁ ସେହି ଦିନ ଗୁଡ଼ିକର ଯେତେବେଳେ ସେ କ୍ରିକେଟ୍ ନୂଆ ନୂଆ ଶିଖୁଥିଲେ। ରାହୁଲ, ୧୫ ବର୍ଷ ଏପରି କିଛି କରିଥିଲେ ଯାହା ତାଙ୍କ ମା ପାଇଁ ହଜମ କରିବା କଷ୍ଟକର ଥିଲା । ଯାହା ପରେ ସେ ପୁଅ ସହିତ କଥା ହେବା ବନ୍ଦ କରି ଦେଇଥିଲେ। କେ.ଏଲ୍ ରାହୁଲ ପିଲାଦିନରୁ ଖେଳକୁ ଭଲ ପାଉଥିଲେ। ସେ ସବୁ ପ୍ରକାର ଖେଳ ଖେଳୁଥିଲେ। ରାହୁଲଙ୍କ ପିତା କେ.ଏନ୍ ଲୋକେଶ ଏବଂ ମାତା ରାଜେଶ୍ୱରୀ ଉଭୟ ଏକାଡେମିକ୍ କ୍ଷେତ୍ର ସହିତ ଜଡିତ ଅଛନ୍ତି। ପିତା ମଧ ସୁନୀଲ ଗାଭାସ୍କରଙ୍କ ଜଣେ ବଡ଼ ପ୍ରଶଂସକ ଥିଲେ। ଏଭଳି ପରିସ୍ଥିତିରେ ତାଙ୍କ ପୁଅ ଖେଳିବାରେ ତାଙ୍କର କୌଣସି ଆପତ୍ତି ନଥିଲା।

# ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍ର ଦ୍ୱାଦଶ ଦିନ




ବାରିପଦା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ତଥା ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ଫୁଟବଲ ଏସୋସିଏସନ, ଓଡିଶାର ସହଯୋଗରେ ଜିଲ୍ଲା ସ୍ତରୀୟ ୧୫ ବର୍ଷରୁ କମ ଫୁଟବଲ ଟୁର୍ଣ୍ଣାମେଣ୍ଟ - 'ମୁଖ୍ୟମନ୍ତ୍ରୀ କପ'ର ଦ୍ୱାଦଶ ଦିନର ୧ମ ସେମିଫାଇନାଲ ମ୍ୟାଚରେ ଫିଉଚର ଷ୍ଟାର ସ୍ପୋର୍ଟସ ରଘୁନାଥ ଏମ ଜି ସି କୁ ୨-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଫିଉଚର ଷ୍ଟାର ତରଫରୁ ମନୋଜ ମୁର୍ମୁ ଓ ହରି ମୁର୍ମୁ ଗୋଟିଏ ଲେଖାଏଁ ଏବଂ ରଘୁନାଥ ଦଳ ତରଫରୁ ସଂଜୀବ ମୁର୍ମୁ ଗୋଟିଏ ଗୋଲ ସ୍କୋର କରିଥିଲେ। ୨ୟ ସେମିଫାଇନାଲ ମ୍ୟାଚରେ ଶାନ୍ତିନିକେତନ ଯୁବକ କ୍ଲବ ଡ୍ରାଗନ ଯୁବକ ସଙ୍ଘକୁ ଟାଇ ବ୍ରେକର ଜରିଆରେ ୪-୩ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଉକ୍ଳମଣୀ ବେହେରା ମ୍ୟାଚ ରେଫେରି ଏବଂ ବାପୁନ କୁମାର ମହାନ୍ତ,ରବୀନ୍ଦ୍ର ନାଥ ଟୁଡୁ, ସମ୍ରାଟ ହେମ୍ବ୍ରମ, ରତ୍ନାକର ସୋରେନ, ଶାନ୍ତନୁ କୁମାର ନାୟକ, ଯୁଗ ସେଙ୍ଗେଲ ସୋରେନ ଖେଳ ପରିଚାଳନା କରିଥିଲେ। ୧ମ ମ୍ୟାଚରେ ଅତିଥି ଭାବେ ଯୋଗ ଦେଇ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ମନୋଜ କୁମାର ସାଓ, ଫାଓ ଉପ ସଭାପତି ଅସିତ ପତି, ଫୁଟବଲ କୋଚ ଅବନୀ ମୋହନ ମହାନ୍ତି, ବରିଷ୍ଠ କ୍ରୀଡ଼ାବିତ ନନ୍ଦଲାଲ ମହାପାତ୍ର ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଶନିବାର ଅପରାହ୍ନ ସାଢେ ୩ ଟା ବେଳେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଓ ଡ୍ରାଗନ ଯୁବକ ସଙ୍ଘ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ମୟୁରଭଞ୍ଜ ଏଥଲେଟକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାଶ ଜଣାଇଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା





ଛୋଟ ପିଲାଙ୍କ ପାଇଁ ଖାଦ୍ୟ ଯେତିକି ଜରୁରୀ ଶୋଇବା ମଧ୍ୟ ସେତିକି ଆବଶ୍ୟକ। କିନ୍ତୁ ଅଭିଭାବକମାନେ ଅଚିନ୍ତାରେ ପିଲାଙ୍କୁ ଶୁଆଉଥିବା ଗଦିରେ ବିଷାକ୍ତ କେମିକାଲ ଥିବା ଷ୍ଟଡିରୁ ଜଣାପଡ଼ିଛି । ପିଲାଙ୍କ ଗଦିକୁ ନେଇ କରାଯାଇଥିବା ୨ଟି ଅଧ୍ୟୟନ ମୁତାବକ, ଗଦିରେ ଥିବା ବିଷାକ୍ତ କେମିକାଲ ଶିଶୁଙ୍କ ମସ୍ତିଷ୍କକୁ ପ୍ରଭାବିତ କରିବା ସହ ହରମୋନାଲ ଡିସଅଡର କରୁଥିବା ଜଣାପଡ଼ିଛି । ୬ ମାସର ଶିଶୁ ଓ ୪ ବର୍ଷର ପିଲା ଶୋଉଥିବା ଗଦିକୁ ନେଇ ବୈଜ୍ଞାନିକ ପରୀକ୍ଷା କରିଛନ୍ତି । ଯେଉଁଥିରୁ ବିଷାକ୍ତ ପଦାର୍ଥ ମିଳିଛି । ଶିଶୁଙ୍କ ବ୍ୟତୀତ ପିଲାମାନେ ଶୋଉଥିବା ଶେଯରେ ଅଧିକ ପରିମାଣର ବିଷାକ୍ତ ରସାୟନିକ ପଦାର୍ଥ ମିଳିଥିବା କହିଛନ୍ତି ୟୁନିଭର୍ସିଟି ଅଫ୍ ଟୋରୋଣ୍ଟର ଆର୍ଥ ସାଇନ୍ସ ଡିପାର୍ଟମେଣ୍ଟ ପ୍ରଫେସର ମିରିଅମ ଡାଇମଣ୍ଡ କହିଛନ୍ତି। ଏହି କେମିକାଲ, ପିଲାଙ୍କ ମସ୍ତିଷ୍କକୁ ପ୍ରଭାବିତ କରିବା ସହ କମ୍ ବୟସରେ ପିଲାଙ୍କଠାରେ ମେଦବହୁଳତା ଦେଖାଯିବା, ବଡି ହିଟ୍ ଯୋଗୁ ହରମୋନାଲ୍ ଡିସଅଡର ଦେଖିବାକୁ ମିଳିଥାଏ । ପିଲାଙ୍କ ଶେଯରୁ ଫଥାଲେଟ୍ସ ନାମକ ବିଷାକ୍ତ ରସାୟନିକ ମିଳିଛି । ଯାହା ପ୍ଲାଷ୍ଟିକକୁ ଅଧିକ ନମନୀୟ ଏବଂ ଦୀର୍ଘସ୍ଥାୟୀ କରିବା ପାଇଁ ବ୍ୟବହାର କରାଯାଏ । ସାମ୍ପୁ, ମେକଅପ୍, ପରଫ୍ୟୁମ ଏବଂ ପିଲାଙ୍କ କଣ୍ଟେଇରେ ଏହି କେମିକାଲ ବ୍ୟବହାର କରାଯାଏ । ଶିଶୁମାନଙ୍କୁ ଏ ପ୍ରକାର ବିପଦରୁ ରକ୍ଷା କରିବା ପାଇଁ ପିଲାଙ୍କୁ ବିନା ଗଦିରେ ଶୋଇବା ଅଭ୍ୟାସ କରାଇବା ଆବଶ୍ୟକ ।

## ରଜନୀକାନ୍ତଙ୍କ 'କୁଲି'ରେ ଅମୀରଙ୍କ ଏଣ୍ଟ୍ରି

ବର୍ତ୍ତମାନ ବଲିଉଡ୍ ଅଭିନେତାଙ୍କ ଦକ୍ଷିଣ ଡେବ୍ୟୁର ଏକ ବଡ଼ ଧାରା ଚାଲିଛି। ସଞ୍ଜୟ ଦତ୍ତ ଏବଂ ବବି ଦେଓଲ ସମେତ ଅନେକ ପ୍ରସିଦ୍ଧ ଅଭିନେତା ସାଉଥକୁ ମୁହାଁଇଛନ୍ତି ଏବଂ ଏବେ ମିଷ୍ଟର ପରଫେକ୍ସନିଷ୍ଟ ଅମୀର ଖାନଙ୍କ ନାମ ମଧ୍ୟ ଏହି ତାଲିକାରେ ସାମିଲ ହୋଇଛି। ଅମୀର ଖାନ ଖୁବ୍ ଶୀଘ୍ର ରଜନୀକାନ୍ତ ଏବଂ ନାଗାର୍ଜୁନଙ୍କ ସହ ଦକ୍ଷିଣ ଫିଲ୍ମ 'କୁଲି'ରେ ନଜର ଆସିବେ। ରଜନୀକାନ୍ତଙ୍କ 'କୁଲି'କୁ ନେଇ ଫିଲ୍ମ ଇଣ୍ଡଷ୍ଟ୍ରିରେ ଏକ ବଡ଼ ଚର୍ଚ୍ଚା ଚାଲିଛି। ଦର୍ଶକ ଅଭିନେତାଙ୍କ ଆଗାମୀ ଫିଲ୍ମ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। 'କୁଲି'ରେ ରଜନୀକାନ୍ତଙ୍କ ସହ ନଜର ଆସୁଥିବା କନ୍ନଡ ଅଭିନେତା ଉପେନ୍ଦ୍ର ଫିଲ୍ମରେ ସୁପରଷ୍ଟାର ଅମୀରଙ୍କ ଏଣ୍ଟ୍ରିକୁ କନଫର୍ମ କରିଛନ୍ତି। ଏହି ଫିଲ୍ମରେ ଅମୀର ଖାନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ । ଏହା ପ୍ରଥମ ଥର ଯେ ଅମୀର 'ଥଲାଇଭା' ରଜନୀକାନ୍ତଙ୍କ ସହ ସ୍କ୍ରିନ୍ ସେୟାର କରିବେ। ଉପେନ୍ଦ୍ର ରାଓ ତାଙ୍କ ଫିଲ୍ମ ୪୫ର ପ୍ରମୋସନ ସମୟରେ 'କୁଲି' ବିଷୟରେ କଥା ହୋଇଥିଲେ। ସେ 'ଥଲାଇଭା' ରଜନୀକାନ୍ତଙ୍କ ସହ କାମ କରିବାର ଅଭିଜ୍ଞତା ମଧ୍ୟ ସେୟାର କରିଥିଲେ। ଏହି ସମୟରେ ସେ ବଲିଉଡ ସୁପରଷ୍ଟାର ଅମୀର ଖାନ ମଧ୍ୟ ଏହି ଫିଲ୍ମରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି ବୋଲି କହିଥିଲେ। ହେଲେ ସେ କେବଳ ଏକ କ୍ୟାମିଓ ଭୂମିକାରେ ନଜର ଆସିବେ। ଏହା ସହିତ, ନାଗାର୍ଜୁନ ମଧ୍ୟ 'କୁଲି'ର ଏକ ଅଂଶ ହେବେ। ଲୋକେଶ କନାଗରାଜଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଅଗଷ୍ଟ ୧୪ରେ ମୁକ୍ତିଲାଭ କରିବାକୁ ଯାଉଛି।



## ଘରେ କରନ୍ତୁ ପାଠାଗାର

*ଘରେ ପାଠାଗାର କରିବା ଏକ ଉତ୍ତମ ଚିନ୍ତାଧାରା। ଏହା କେବଳ ଘରର ଶୋଭା ବୃଦ୍ଧି କରି ନ ଥାଏ, ବରଂ ଏହା ଜ୍ଞାନ ଏବଂ ମନୋରଞ୍ଜନର ଉତ୍ତମ ମାଧ୍ୟମ ହୋଇପାରିବ। ତେବେ ଘରେ କିଭଳି ପାଠାଗାର ତିଆରି କରିବେ, ସେ ସମ୍ପର୍କରେ ଜାଣିବା ।*

- ■ ପାଠାଗାର ତିଆରି ଲାଗି ଘରର ଏକ ଶାନ୍ତ ସ୍ଥାନକୁ ବାଛନ୍ତୁ । ଯେଉଁନି ପଢ଼ିବା ବେଳେ କୌଣସି ସମସ୍ୟା ସୃଷ୍ଟି ନ ହେବ ।
- ■ ବହି ସଂଖ୍ୟା ଅନୁସାରେ ଥାକ ତିଆରି କରନ୍ତୁ । କାନ୍ଥରେ ଲଗାଇପାରିବେ ନଚେତ ଷ୍ଟାଣ୍ଡିଂ ବହି ଥାକ କିଣିପାରିବେ ।
- ■ ବହିର ଲେଖକ ଓ ବିଷୟ ଅନୁସାରେ ସେସବୁକୁ ବ୍ୟବସ୍ଥିତ ରଖନ୍ତୁ। ଏଭଳି କରିବା ଦ୍ୱାରା ମନପସନ୍ଦର ବହି ମିଳିବା ସହଜ ହୁଏ ।
- ■ ଡିଜିଟାଲ ବହି ପଢୁଥିଲେ, ଟାବଲେଟ୍ ନଚେତ ଇ-ରିଡର ରଖନ୍ତୁ ।
- ■ ପାଠାଗାରରେ ସର୍ବଦା କଲମ୍, ପେନସିଲ ଓ ନୋଟବୁକ୍ ରଖନ୍ତୁ ।
- ■ ନିଜ ପସନ୍ଦରେ ପାଠାଗାରକୁ ସଜାନ୍ତୁ। କୃତ୍ରିମ ଗଛ ଓ କଳାକୃତିରେ ଏହାକୁ ସଜାଇପାରିବେ ।
- ■ ପାଠାଗାରରେ ବସି ଲେଖିବା ପାଇଁ ଟେବଲ ଓ ଚେୟାର୍ ରଖନ୍ତୁ ।



## ତରକାରୀରେ ଅଧିକ ଲୁଣ ପଡିଗଲେ ଆପଣାନ୍ତୁ ଏହି ଉପାୟ



*ତରତର ହୋଇ ରାନ୍ଧିଲାବେଳେ ବେଳେବେଳେ ଖାଇବାରେ ଲୁଣ ଅଧିକ ହୋଇଯାଏ । ସେତେବେଳେ ପୂରା ଖାଇବା ତ ଫୋପାଡି ପାରିବା ନାହିଁ, କିଛି ଏମିତି ଉପାୟ ଅଛି ଯାହା ଦ୍ୱାରା ଲୁଣ ପରିମାଣ ଠିକ୍ ହୋଇଯିବ ।*

- ◆ ତରକାରୀରେ ଲୁଣର ମାତ୍ରା କମ୍ କରିବା ପାଇଁ ସେଥିରେ କିଛି ଲେମ୍ବୁରସ୍ ଓ ସାମାନ୍ୟ ମାତ୍ରାରେ ଭିନେଗାର ପକାନ୍ତୁ। ଲୁଣର ମାତ୍ରାକୁ କମ୍ ହୋଇଯିବ ।
- ◆ ଅଟା ଗୁଳା ତରକାରୀରେ ପକାଇଦେଲେ ଲୁଣ କମ୍ ହୋଇଯାଏ। ମନେରଖନ୍ତୁ ତରକାରୀ ପ୍ରସ୍ତୁତ ହୋଇଯିବା ପରେ ଅଟା ଗୁଳାକୁ ବାହାର କରିଦେବେ ।
- ◆ ତରକାରୀରେ ଯଦି ଲୁଣ ଅଧିକ ହୋଇଯାଏ ତେବେ ସେଥିରେ କଞ୍ଚାଆଳୁକୁ କାଟି ପକାଇ ଦିଅନ୍ତୁ। ତରକାରୀକୁ ଦେଖିକି ସେହି ମାତ୍ରା ଅନୁସାରେ ଆଳୁ ଖଣ୍ଡେ ଅବା ୨ଖଣ୍ଡ ପକାନ୍ତୁ। ତରକାରୀ ପ୍ରସ୍ତୁତ ହୋଇଯିବା ପରେ ଆଳୁକୁ ବାହାର କରିଦିଅନ୍ତୁ। ଲୁଣର ମାତ୍ରା ଠିକ୍ ହୋଇଯିବ ।
- ◆ କୌଣସି ତରକାରୀରେ ଲୁଣର ମାତ୍ରା କମ୍ କରିବା ପାଇଁ ଆଉ କିଛି ଅଧିକ ପରିବା କିମ୍ବା ଡାଲି ପକାଇ ଦିଅନ୍ତୁ। କିନ୍ତୁ ସ୍ୱାଦ ଠିକ୍ ଲାଗିବ।
- ◆ ଆଳୁ, ଫୁଲକୋବି, ପନୀର, ଲାଉ ଆଦି ବିଭିନ୍ନ ପ୍ରକାର ତରକାରୀରେ ଲୁଣ ଅଧିକ ହୋଇଗଲେ ସେଥିରେ ଅଳ୍ପ କିଛି ଫ୍ରେସ କ୍ରିମ୍ ପକାନ୍ତୁ। ଲୁଣ ମାତ୍ରା କମ୍ ହୋଇଯିବ ।
- ◆ ଏହି ସବୁ ପଦ୍ଧତିରେ ତରକାରୀରୁ ଲୁଣର ମାତ୍ରା କମ୍ କରାଯାଇ ପାରିବ ।



## ୨୨ ବର୍ଷ ବୟସରେ ଇତିହାସ ରଚିଥିଲେ ଲାରା

ବଲିଉଡ୍ ଅଭିନେତ୍ରୀ ଲାରା ଦତ୍ତାଙ୍କୁ କିଏ ବା ନଜାଣେ। ସେ ତାଙ୍କ କ୍ୟାରିଅରରେ ଅନେକ ଫିଲ୍ମରେ କାମ କରିଥିଲେ, କିନ୍ତୁ ଆଜି ମଧ୍ୟ ସେ ତାଙ୍କର ପୁରୁଣା କାହାଣୀ ଯୋଗୁଁ ଖୁବ୍ ଚର୍ଚ୍ଚାରେ ଅଛନ୍ତି । ଲାରା ଦତ୍ତାଙ୍କୁ ଫିଲ୍ମ ଇଣ୍ଡଷ୍ଟ୍ରିର ଟ୍ୟାଲେଣ୍ଟେଡ୍ ଏବଂ ସୁନ୍ଦରୀ ଅଭିନେତ୍ରୀଙ୍କ ମଧ୍ୟରେ ଗଣନା କରାଯାଏ । ଲାରା ଭାରତରେ ଦ୍ୱିତୀୟ ମହିଳା, ଯିଏ ମିସ୍ ୟୁନିଭର୍ସ ଟାଇଟଲ୍ ଜିତି ଭାରତ ପାଇଁ ଗୌରବ ଆଣିଛନ୍ତି। ଏହା ପରେ, ସେ ବଲିଉଡରେ ଏଣ୍ଟ୍ରି କଲେ ଏବଂ ଅନେକ ହିଟ୍ ଫିଲ୍ମରେ ନଜର ଆସିଲେ । ଅକ୍ଷୟ କୁମାର ଏବଂ ପ୍ରିୟଙ୍କା ଚୋପ୍ରାଙ୍କ 'ଅନ୍ଦାଜ' ସହିତ ଡେବ୍ୟୁ କରିବା ପେର ସେ ରାତାରାତି ସୁପରଷ୍ଟାର ହୋଇଗଲେ । ଏହି ଫିଲ୍ମର ଏକ ଗୀତର ସୁଟିଂ ସମୟରେ ଲାରା ଦତ୍ତାଙ୍କ ସହିତ ଏପରି ଏକ ଘଟଣା ଘଟିଥିଲା ଯେ ସେ ମୃତ୍ୟୁ ମୁଖରୁ ଅଳ୍ପକେ ବଞ୍ଚି ଯାଇଥିଲେ । ସେହି ସମୟରେ ଅକ୍ଷୟ ଜରେ ରିୟଲ ଲାଇଫ୍ ହିରୋ ହୋଇ ତାଙ୍କ ଜୀବନ ବଞ୍ଚାଇଥିଲେ । ଲାରା ଦତ୍ତା ୨୦୦୦ ମସିହାରେ ମିସ୍ ୟୁନିଭର୍ସ ଟାଇଟଲ ଜିତିବା ପେର ଚଳଚ୍ଚିତ୍ର ଜଗତରେ ପାଦ ଦେଇଥିଲେ । ସେ ୨୨ ବର୍ଷ ବୟସରେ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଇତିହାସରେ ସବୁଠାରୁ ଅଧିକ ନମ୍ବର ରଖି ଏକ ରେକର୍ଡ ମଧ୍ୟ ସୃଷ୍ଟି କରିଥିଲେ । ଏଥି ସହ, ସେ ତାଙ୍କ ସହ ପ୍ରତିଯୋଗୀ ଏବଂ ମିସ୍ ୱାର୍ଲ୍ଡ ପ୍ରିୟଙ୍କା ଚୋପ୍ରାଙ୍କ ସହ 'ଅନ୍ଦାଜ' ଫିଲ୍ମ ମାଧ୍ୟମରେ ବହୁ ଚର୍ଚ୍ଚାରେ ରହିଥିଲେ । ଏହି ଚଳଚ୍ଚିତ୍ର ପାଇଁ ଲାରାଙ୍କୁ ବେଷ୍ଟ ଫିମେଲ୍ ଡେବ୍ୟୁ ପାଇଁ ଫିଲ୍ମଫେୟାର ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥି ସହ ଫିଲ୍ମର ଫେମସ୍ ଗୀତ 'ରବ୍ବା ଇସ୍କ ନା ହୋଭେ' ବହୁତ ପପୁଲାର ହୋଇଥିଲା । କିନ୍ତୁ ଏହାର ସୁଟିଂ ପଛର କାହାଣୀ ବହୁତ କମ୍ ଲୋକ ଜାଣନ୍ତି । ଜାଣି ରଖନ୍ତୁ ଯେ ଏହି ଗୀତର ସୁଟିଂ ସମୟରେ ଲାରାଙ୍କ ଜୀବନ ଯାଇଥାନ୍ତା । ତା'ପରେ ଅକ୍ଷୟ କୁମାର ତାଙ୍କ ଜୀବନ ବଞ୍ଚାଇଥିଲେ । ଲାରା ନିଜେ ଏକ ଇଣ୍ଟରଭ୍ୟୁରେ ଏହି କାହାଣୀଟି କହିଥିଲେ । ଆପାଣମାନେ ଜାଣିଛନ୍ତି କି ଲାରା ବହୁତ ଦିନ ଧରି ଫିଲ୍ମରୁ ଦୂରରେ ଅଛନ୍ତି। କିନ୍ତୁ ସେ ତାଙ୍କ ଚମତ୍କାର କ୍ୟାରିଅରରେ ଅନେକ ହିଟ୍ ଫିଲ୍ମରେ କାମ କରିଛନ୍ତି । 'ଅନ୍ଦାଜ' ପରେ ସେ ମସ୍ତି', 'ବରଦାସ୍ତ', 'ଇନ୍ସାନ', 'କାଲ', 'ନୋ ଏଣ୍ଟ୍ରି', 'ଜିନ୍ଦା', 'ଭାଗମ୍ ଭାଗ', 'ପାର୍ଟନର୍', 'ବିଲ୍ଲୁ' ଏବଂ 'ଡନ୍ ୨' ଭଳି ଫିଲ୍ମରେ ମଧ୍ୟ ନଜର ଆସିଛନ୍ତି । କିନ୍ତୁ ତାଙ୍କୁ ବଲିଉଡରେ ଆଶା କରାଯାଉଥିବା ସଫଳତା ମିଳିନାହିଁ । ଫିଲ୍ମ ବ୍ୟତୀତ, ଅଭିନେତ୍ରୀଙ୍କୁ ଟିଭି ଶୋ' 'କୌନ ବନେଗା ଶିଖରବତୀ'ରେ ମଧ୍ୟ ଦେଖିବାକୁ ମିଳିଥିଲା । ଏଥି ସହ ସେ ୨୦୧୧ ମସିହାରେ ଟେନିସ୍ ଖେଳାଳି ମହେଶ ଭୂପତିଙ୍କୁ ବିବାହ କରିଥିଲେ ।

## ଦ୍ୱିତୀୟ ଥର ବାପା ହେବେ ଅରବାଜ

ବଲିଉଡ ଅଭିନେତା ଅରବାଜ ଖାନ। ନିକଟରେ ତାଙ୍କ ପତ୍ନୀ ଶୁରା ଖାନଙ୍କ ସହ କ୍ଲିନିକ୍ ବାହାରେ ଦେଖିବାକୁ ମିଳିଥିଲା। ଏହା ପରେ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ତାଙ୍କ ଭିଡିଓ ପୋଷ୍ଟ କରିବା ସମୟରେ ଶୁରା ଖାନ ଗର୍ଭବତୀ ଥିବା ଦାବି କରାଯାଇଛି। ଅରବାଜ ଏବଂ ଶୁରାଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି। ୫୭ ବର୍ଷ ବୟସରେ, ଅରବାଜ ଖାନ ଡିସେମ୍ବର ୨୦୨୩ରେ ସେଲିବ୍ରିଟି ମେକଅପ୍ ଆର୍ଟିଷ୍ଟ ଶୁରା ଖାନଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ପ୍ରଥମ ପତ୍ନୀ ମଲାଇକାଙ୍କ ଠାରୁ ଗୋଟିଏ ପୁଅ ଅଛି। ଅରବାଜ ଖାନ ଏବଂ ଶୁରା ଖାନଙ୍କ ଭାଇରାଲ ଭିଡିଓରେ, ଶୁରା ଖାନ ତାଙ୍କ ବେବି ବମ୍ପକୁ ଢିଲା ପୋଷାକରେ ଲୁଚାଉଥିବାର ଦେଖିବାକୁ ମିଳିଛି। କିନ୍ତୁ ସମସ୍ତ ପ୍ରୟାସ ସତ୍ତ୍ୱେ, କ୍ୟାମେରାରେ ତାଙ୍କ ବେବି ବମ୍ପ ସ୍ୱଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ଏହି ଭିଡିଓ ଭାଇରାଲ ହେବା ପରେ, ପ୍ରଶଂସକମାନେ ଅରବାଜ ଏବଂ ଶୁରାଙ୍କୁ ଅଭିନନ୍ଦନ ଜଣାଉଛନ୍ତି। କିନ୍ତୁ ଅରବାଜ ଖାନ କିମ୍ବା ତାଙ୍କ ପରିବାର ପକ୍ଷରୁ ଏହି ଖବରର କୌଣସି ସୂଚନା ମିଳିନାହିଁ। କିଛି ଦିନ ପୂର୍ବରୁ, ଖାନ ପରିବାର ଦ୍ୱାରା ଆୟୋଜିତ 'ଇଦ୍ ପାର୍ଟି' ସମୟରେ, ଶୁରାଙ୍କ ଗର୍ଭଧାରଣ ବିଷୟରେ ଆଲୋଚନା ହୋଇଥିଲା। ଅରବାଜ ୩୧ ବର୍ଷ ବୟସରେ ମଲାଇକା ଆରୋରାଙ୍କୁ ବିବାହ କରିଥିଲେ। ୨୭ ବର୍ଷର ବିବାହ ପରେ ସେମାନେ ଦୁହେଁ ଅଲଗା ହୋଇଯାଇଥିଲେ। ଏବେ ତାଙ୍କ ପୁଅ ଅରାହାନ୍ ଖାନଙ୍କୁ ୨୩ ବର୍ଷ ହୋଇଛି। ମଲାଇକାଙ୍କ ଠାରୁ ଅଲଗା ହେବା ପରେ, ଅରବାଜ ୨୦୨୩ରେ ଶୁରା ବିବାହ କରିଥିଲେ ଏବଂ ଏବେ ୫୭ ବର୍ଷ ବୟସରେ ସେ ପୁଣି ଥରେ ବାପା ହେବାକୁ ଯାଉଛନ୍ତି। ଏହି ଖବରରେ ଅରବାଜଙ୍କ ସହିତ ସଲମାନ ଖାନଙ୍କ ପ୍ରଶଂସକମାନେ ମଧ୍ୟ ଖୁସି ଦେଖାଯାଉଛନ୍ତି। ୧୪ ଏପ୍ରିଲରେ ଭାଇଜାନଙ୍କୁ ପୁଣି ଥରେ ଧମକ ମିଳିବାରୁ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଭୟ ଦେଖାଦେଇଥିଲା, କିନ୍ତୁ ଏବେ ସଲମାନ ପୁଣି ଥରେ ଦାଦା ହେବାକୁ ଯାଉଛନ୍ତି। ଏହି ଖବର ଶୁଣି ସେମାନେ ବହୁତ ଖୁସି ଥିବା ପରି ମନେ ହେଉଛି।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

## ଆବାସ ଯୋଜନା ସର୍ଭେରେ ମନମାନି

# ବିଡିଓଙ୍କ ନିକଟରେ ଫେରାଦ ହେଲେ ହିତାଧିକାରୀ



କୋକସରା, (ଭାସ୍କର ନ୍ୟୁଜ୍): ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ହିତାଧିକାରୀ ଚୟନ ନିମନ୍ତେ ସର୍ଭେ କାର୍ଯ୍ୟ ଜାରି ରହିଛି। ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିବ। ଏଥିରୁ ବାଦ୍ ପଡ଼ିଥିବା ଓ ସମାଜର ଦୁର୍ବଳ ବର୍ଗର ସବୁ ଲୋକଙ୍କୁ ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବ। ଏଥିପାଇଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଘରକୁ ଘର ଯାଇ ବ୍ଲକ୍ ଓ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସମେତ କର୍ମଚାରୀମାନେ ସର୍ଭେ କରୁଛନ୍ତି। ହେଲେ ଏହି ସର୍ଭେ କାର୍ଯ୍ୟରେ ମଧ୍ୟ ଅଧିକାରୀ ମାନଙ୍କ ମନମାନି ଚାଲିଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରି କୋକସରା ବ୍ଲକ୍ କାଶିବାହାଲ ଗ୍ରାମ ପଞ୍ଚାୟତ ନୂଆପଡାର ୩୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ବିଡ଼ିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ହେଲା କାଶିବାହାଲ ଗ୍ରାମ ପଞ୍ଚାୟତର ବିଭିନ୍ନ ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ହିତାଧିକାରୀ ଚୟନ ନିମନ୍ତେ ସର୍ଭେ କାର୍ଯ୍ୟ ସରିଥିବାବେଳେ ଆଜି ପର୍ଯ୍ୟନ୍ତ ନୂଆପଡାରେ ସର୍ଭେ ହୋଇପାରିନାହିଁ। ଯାହାକୁ ନେଇ ହିତାଧିକାରୀମାନେ ବାରମ୍ବାର ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟ କର୍ମଚାରୀମାନଙ୍କୁ ଜଣାଇ ଥିଲେ ମଧ୍ୟ ସେମାନେ ଉକ୍ତପଡାରେ ସର୍ଭେ କରୁନାହାନ୍ତି ଏବଂ ମନମାନି କରୁଛନ୍ତି। ଫଳରେ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ ପଡିବା ନେଇ ଆଶଂକା କରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗ୍ରାମର ଶୋଭାସିନୀ ଶବରଙ୍କ ନେତୃତ୍ୱରେ ମହିଳାମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସେଠାରେ କାଶିବାହାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦେଖିବା ପରେ ମହିଳାମାନେ ଘେରି ଯାଇ ତାଙ୍କୁ ପ୍ରଶ୍ନ କରିବା ଆରମ୍ଭ କରିଥିଲେ। ଅନ୍ୟପଟେ ଅଧିକାରୀ ଜଣକ ସେମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଅସମର୍ଥ ହୋଇଥିଲେ। କିଛି ସମୟ ପାଇଁ ବ୍ଲକ୍ କାର୍ଯ୍ୟାଳୟ ଭିତରେ ହୋହାଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ଅସନ୍ତୋଷ ହିତାଧିକାରୀମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀଙ୍କ ନିକଟରେ ପହଞ୍ଚି ଆବାସ ଯୋଜନା ସର୍ଭେ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ଅବହେଳା କରୁଥିବା ନେଇ ଅଭିଯୋଗ କରିଥିଲେ। ବିଡ଼ିଓ ମାଝୀ ଅଭିଯୋଗକୁ ଗୁରୁତ୍ୱ ଦେଇ ତୁରନ୍ତ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଡାକି ସର୍ଭେ ପାଇଁ ପଠାଇଥିଲେ। ଏହାପରେ ମହିଳାମାନେ ଶାନ୍ତ ହୋଇ ଫେରିଥିଲେ।

# ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, କଳାହାଣ୍ଡିର ବାର୍ଷିକ ସାଂସ୍କୃତିକ ଉତ୍ସବ 'ଅନୁଗୁଞ୍ଜ-୨୦୨୫' ଏକ ମନୋଜ୍ଞ ପରିବେଶ ମଧ୍ୟରେ ଗତ ଦୁଇଦିନ ଧରି ଅନୁଷ୍ଠିତ ହୋଇ ଯାଇଅଛି। ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ସଂଧ୍ୟା ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ.ଶୁଭ୍ରାଂଶୁ ଶେଖର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ଉପସ୍ଥିତ ଥିଲାବେଳେ ମୁଖ୍ୟବକ୍ତା ଭାବେ ଏନ୍‌ଆଇଟିଟିଆର, କଲିକତାର ନିର୍ଦ୍ଦେଶକ ତଥା କଳାହାଣ୍ଡି ଯାନ୍ତ୍ରିକ ମହାବିଦ୍ୟାଳୟ ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ପ୍ରଫେସର ଡ. ଦେବୀପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ବିପିୟୁଟିର ଭାଇସ୍ ଚାନ୍ସଲେର୍ ପ୍ରଫେସର ଅମୀୟ କୁମାର ରଥ,କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍,ଏଡିସନାଲ୍ ସେକ୍ରେଟାରୀ, ଏସ୍ ଡି ଟି ଇ.ଓଡିଶା, ସୁକାନ୍ତ କୁମାର ପ୍ରଧାନ, କଳାହାଣ୍ଡି ଇଞ୍ଜିନିୟରିଂ କଲେଜ ଡିନ୍ ଛାତ୍ର କଲ୍ୟାଣ, ଡ.ଚିତ୍ତରଞ୍ଜନ ଦାଶ, ରେଜିଷ୍ଟ୍ରାର୍ ଡ. ବସନ୍ତ କୁମାର ସ୍ୱାଇଁ, ସାଂସ୍କୃତିକ କମିଟିର ଉପସଭାପତି ପ୍ରଫେସର ଲକ୍ଷ୍ମୀ ନାରାୟଣ ରାଉତ ଉପସ୍ଥିତ ଥିଲେ। ରେଜିଷ୍ଟ୍ରାର୍ ଡ. ବସନ୍ତ କୁମାର ସ୍ୱାଇଁ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ମଞ୍ଚ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ପ୍ରଫେସର ଡ.ପ୍ରିୟା ଏବଂ ଅତିଥି ପ୍ରଫେସର ଉତ୍କଳିକା ବଳିୟାର ସିଂ। ସଭା କାର୍ଯ୍ୟ ପରେ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନିମନ୍ତ୍ରିତ ଅତିଥି, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ମନଭରି ଏହାର ମଜା ନେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାଟି ଥିଲା ବେଶ୍ ନିଆରା। ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଶୁଭ୍ରାଂଶୁ ଶେଖର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବୁର୍ଲା ଯାନ୍ତ୍ରିକ ମହାବିଦ୍ୟାଳୟର ପ୍ରଫେସର ସିଦ୍ଧାର୍ଥ ପଣ୍ଡା ଉପସ୍ଥିତ ଥିଲେ। ଓଲିଉଡର ସଙ୍ଗୀତ ତାରକା ମୃଣ୍ମୟ ଏମ୍‌ଏସ୍‌ଓ ନଭ୍ୟା ଜଇତିଙ୍କ ମନଛୁଆଁ ସଙ୍ଗୀତ ତଥା ଡିଜେ ଅଶୋକଙ୍କ ମିଉଜିକ୍ ସହ ଖୁବ୍ ଝୁମିଥିଲେ ଛାତ୍ରଛାତ୍ରୀ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ଦୁଇଦିନର ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ସଫଳତାର ସହ ଶେଷ କରିବାରେ ଡ.ପ୍ରିୟା ଏସ୍,ଡ. ସୁବିଦିତା ପଟ୍ଟନାୟକ, ଡ. ଏସ୍ କେ ଭୋଇ,ପ୍ରଫେସର ଏମ୍ କେ. ନାଥ, ଡ. ସସ୍ମିତା ନାୟକ, ଡ.ଆର୍ ପି ନାୟକ, ପ୍ରଫେସର ଜେ କେ ନାଏକ, ଡ.ଏସ୍ କେ ମହାନ୍ତ, ଉତ୍କଳିକା ବଳିୟାର ସିଂ,କେ ପି ବିଶ୍ୱାଳ ଓ ଡ. ଏଲ୍ ସ୍ୱାଇଁ ପ୍ରମୁଖ ସାଂସ୍କୃତିକ କମିଟିର ସଦସ୍ୟ ଭାବେ ରହି ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ତାଲିମ ଶିବିର




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର କର୍ଲାମୁଣ୍ଡା ବ୍ଲକ୍ ସମ୍ମିଳନୀ କକ୍ଷରେ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ଏକ ବ୍ଲକ୍‌ସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ତାଲିମ ଶିବିରରେ ଶ୍ରୀକାନ୍ତ ଦଳେଇ, ଉପ ନିର୍ଦ୍ଦେଶକ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ କଳାହାଣ୍ଡି, କ୍ଷୁଦ୍ର ଯୋଜନା ଓ ଜୀବନ ଜୀବିକା ବିଶେଷଜ୍ଞ ଡ.କୁମୁଦିନୀ ମିଶ୍ର ତାଲିମ ପ୍ରଦାନ କରିଥିଲେ ଏବଂ ଏହି ତାଲିମ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶେଷକରି ନିରନ୍ତର ବିକାଶର ଲକ୍ଷ୍ୟ, ଦାରିଦ୍ର୍ୟମୁକ୍ତ, କ୍ଷୁଧାମୁକ୍ତ, ସୁସ୍ଥ ଓ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ ଓ ପରିମଳ, ସୁଲଭ ଓ ସ୍ୱଚ୍ଛ ଶକ୍ତି, ମର୍ଯ୍ୟାଦାସମ୍ପନ୍ନ କାର୍ଯ୍ୟ ଓ ଅର୍ଥନୈତିକ ବିକାଶ, ଶିଳ୍ପ ଉଦ୍ଭାବନ ଓ ଭିତ୍ତିଭୂମି, ଅସମାନତା ହ୍ରାସ, ସହର ଓ ଜନ ସମୁଦାୟର ସ୍ଥାୟିତ୍ୱ, ଦୀର୍ଘସ୍ଥାୟୀ ଉତ୍ପାଦନ, ଜଳବାୟୁଭିତ୍ତିକ କାର୍ଯ୍ୟପନ୍ଥା, ଜଳ ଭିତରର ଜୀବନ, ସ୍ଥଳଭାଗରେ ଜୀବନ, ଲକ୍ଷ୍ୟ ହାସଲ ନିମନ୍ତେ ସହଭାଗିତାକୁ କି ଭଳି ବିଭିନ୍ନ ବିଭାଗ, ଅନୁଷ୍ଠାନ ଜରିଆରେ ଯୋଜନା ପ୍ରସ୍ତୁତ କରି ସଫଳ କରାଯାଇପାରିବ ସେ ଦିଗରେ ତାଲିମ ପ୍ରଦାନ କରାଯାଇଥିଲା। ବ୍ଲକ୍ ଅଧ୍ୟକ୍ଷା କୁନି ସାହୁ, ବ୍ଲକ୍ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର କୁମାର ସାମଲ, ସୁରେଶ ଚୌଧୁରୀ, ମହେନ୍ଦ୍ର ରଣା, ଜିଲ୍ଲା ପରିଷଦ ସଭ୍ୟ, ନରେନ୍ଦ୍ର ନାଏକ ଓ କାର୍ତ୍ତିକ ପଧାନ, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ଜିଲ୍ଲା ଯୋଜନା, କଳାହାଣ୍ଡି ପ୍ରମୁଖ ଯୋଗଦେଇଥିବା ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ସମସ୍ତ ବ୍ଲକ୍‌ସ୍ତରୀୟ ବିଭାଗୀୟ ଅଧିକାରୀ, ସରପଞ୍ଚ , ସମିତି ସଭ୍ୟ ଓ ସଭ୍ୟା ଏବଂ ଏନ୍‌ଜିଓ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ, କଳାହାଣ୍ଡିର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା। ନରେନ୍ଦ୍ର ନାଏକ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭତ୍ତା ଅପେକ୍ଷାରେ ୨ ଦିବ୍ୟାଙ୍ଗ





ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଦିବ୍ୟାଙ୍ଗମାନଙ୍କ ଥଇଥାନ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ଯୋଜନାରେ ଦିବ୍ୟାଙ୍ଗଙ୍କୁ ପ୍ରାଥମିକତା ଦେବାକୁ ନିୟମ ରହିଛି। ସମସ୍ତ ମୌଳିକ ସୁବିଧା ତ୍ୱରାନ୍ୱିତ ଭାବେ ଯୋଗାଇ ଦେବାକୁ ନିର୍ଦ୍ଦେଶ ବି ରହିଛି। ହେଲେ ଧର୍ମଗଡ଼ ବ୍ଲକ ଟେଣ୍ଡାପାଲି ପଞ୍ଚାୟତ ଘଣ୍ଟିଗୁଡା ଗ୍ରାମର ଦୁଇ ଦିବ୍ୟାଙ୍ଗ ଭତ୍ତା ପାଇବାରେ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି। ସେଥିମଧ୍ୟରେ ଜଣେ ନାବାଳକ ବଧିର ହୋଇଥିବା ବେଳେ ଅନ୍ୟ ଜଣେ ପରିତ୍ୟକ୍ତା ଅନ୍ଧ ମହିଳା ଅଟନ୍ତି। କେଶୁ ମାଝୀ (୮)ଜନ୍ମରୁ ବଧିର ଥିବା ବେଳେ ୮୨ପ୍ରତିଶତ ଦିବ୍ୟାଙ୍ଗ ଅଟନ୍ତି। ଅତି ଗରିବ ଶ୍ରେଣୀରୁ ଲାଳିତ ପାଳିତ ହୋଇ ବଢ଼ିଛନ୍ତି। ବାପା ଦୁର୍ଯ୍ୟୋଧନ ମାଝୀ ଯା ଘରେ ତା ଘରେ ମୂଲ ଲାଗି ଯାହା ଆଣନ୍ତି ସେଥିରୁ ଚୁଲି ଜଳେ। ପିଲାଙ୍କ ଭତ୍ତା ଖଣ୍ଡିକ ପାଇଁ ପଞ୍ଚାୟତର ୱାର୍ଡ ମେମ୍ବର ଠାରୁ ସରପଞ୍ଚଙ୍କୁ ଗୁହାରି କରି ଶେଷରେ ନିରାଶ ହୋଇ ପଡିଛନ୍ତି। ଏପରିକି ଭତ୍ତା ପାଇଁ ଆବେଦନ କରିଥିଲେ ବି ମିଳି ନଥିବା କହି ଦୁଃଖ ପ୍ରକାଶ କରିଛନ୍ତି। ସେହିଭଳି ଉକ୍ତ ଗ୍ରାମର ସ୍ୱାମୀ ପରିତ୍ୟକ୍ତା ମହିଳା ଚଞ୍ଚଳା ମାଝୀ (୩୫)ଙ୍କ ଗୋଟାଏ ଆଖିକୁ ଆଦୌ ଦେଖାଯାଉ ନାହିଁ। କେବଳ ଅନ୍ୟ ଆଖିରେ ଝାପସା ଦେଖା ଯାଉଥିବା କହନ୍ତି। ୩୬ପ୍ରତିଶତ ଦିବ୍ୟାଙ୍ଗ ଥିବା ପ୍ରମାଣପତ୍ରରେ ଉଲ୍ଲେଖ ରହିଛି। ଅନେକ ଥର ଭତ୍ତା ଖଣ୍ଡକ ପାଇଁ ଆବେଦନ କରିବା ସହ ସରପଞ୍ଚ ଓ ମେମ୍ବରଙ୍କୁ ଜଣାଇଛନ୍ତି। ଅତି ଦୁଃଖିନୀ। ହସ ଖୁସିରେ ହାତକୁ ଦି ହାତ ହୋଇ ଖୁସିରେ ରହିଥିଲେ। ହେଲେ କୌଣସି କାରଣରୁ ସ୍ୱାମୀ ହାତ ଛାଡିଦେଲେ ବୋଲି ବାପା ମାଆ ଘରେ ପଡି ରହିଛନ୍ତି। ଭତ୍ତା ଖଣ୍ଡକ ମିଳିଲେ ଅତି କମ୍‌ରେ ନିଜର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କିଣି ପାରନ୍ତେ ବୋଲି ପରିବାର ଲୋକେ କୁହନ୍ତି। ତୁରନ୍ତ ଉଭୟ ଦିବ୍ୟଙ୍ଗଙ୍କ ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଦିବ୍ୟାଙ୍ଗ ଭତ୍ତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ଦାବି।

# ଶିଶୁ ବିକାଶ ପ୍ରକଳ୍ପସ୍ତରୀୟ ପୋଷଣ ପକ୍ଷ ପାଳିତ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଧର୍ମଗଡ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବଡ଼ ବସୁଲ ଗ୍ରାମ ଠାରେ ପ୍ରକଳ୍ପ ସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଡ଼ ବସୁଲ ସରପଞ୍ଚ ମୁକୁନ୍ଦ ଶବର ଯୋଗ ଦେଇ କାର୍ଯ୍ୟକ୍ରମଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ୧ ହଜାର ଦିନର ଗୁରୁତ୍ୱ ଉପରେ ସୂଚନା ଦେବା ସହିତ ଶିଶୁମାନଙ୍କ ପୌଷ୍ଟିକ ଆହାର, ରକ୍ତହୀନତା ଦୂରୀକରଣ, ପୁଷ୍ଟିହୀନ ଶିଶୁଙ୍କୁ ଚିହ୍ନଟ ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଧରିତ୍ରୀ ପାଣିଗ୍ରାହୀ ମହିଳା ପରିଦର୍ଶିକା ସତ୍ୟ ପ୍ରିୟା ପାତ୍ର, ରୁପା ସାହୁ, ବୈଜନ୍ତି ମହାରଥା, ପୂର୍ଣ୍ଣିମା ସେନାପତି, ପୋଷଣ ସଂଯୋଜିକା ସରିତା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଗ୍ରାମର ମହିଳା ଓ ଅଙ୍ଗନବାଡି କର୍ମୀମାନଙ୍କୁ ନେଇ ଏକ ସଚେତନ ଶୋଭାଯାତ୍ରା କରାଯାଇଥିଲା।



# ଲାଞ୍ଜିଗଡ-ବେନଗାଁ ରାସ୍ତା ଅବସ୍ଥା ଶୋଚନୀୟ



ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡଠାରୁ ବେନଗାଁକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଲାଞ୍ଜିଗଡଠାରୁ ବାନୀଗାଁ, ବୀରସିଙ୍ଗେର, ପାଜିବାହାଲି, ପଦ୍ମଥୋପା ଦେଇ ବେନଗାଁକୁ ସଂଯୋଗ କରୁଥିବା ଏହି ୧୨ କିମି ବିଶିଷ୍ଟ ରାସ୍ତା ନିର୍ମାଣ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ସତେ ଯେମିତି ଭୁଲି ଯାଇଛି। ଲାଞ୍ଜିଗଡ ତଥା ଶିଳ୍ପାଞ୍ଚଳରୁ ଘାଟି ଅଞ୍ଚଳକୁ ସିଧାସଳଖ ଯୋଡୁଥିବା ଏହି ରାସ୍ତାର ଦୁରାବସ୍ଥା ଯୋଗୁଁ ଲୋକେ ଯାତାୟତ କରିବା ମୁସ୍କିଲ ହୋଇପଡିଛି। ଏପରିକି ଏହି ରାସ୍ତା ଦେଇ ଯାନବାହନ ସହିତ ରୋଗୀ ନେଇ ଯିବାଆସିବା କରିବାକୁ ଆମ୍ବୁଲାନ୍ସ ପାଇଁ ମଧ୍ୟ ଅସୁବିଧା ହେଉଛି। ଘାଟି ନିକଟରେ ରାସ୍ତା ସଂପୂର୍ଣ୍ଣ ଉଜୁଡି ଯାଇଥିବାବେଳେ ଏହାର ମରାମତି ମଧ୍ୟ କରାଯାଉ ନାହିଁ। ଲାଞ୍ଜିଗଡ ବ୍ଲକର ଘାଟି ଅଞ୍ଚଳରେ ଥିବା ବେନଗାଁ, ଲାଖବାହାଲି, ବିଜେପୁର, ପାହାଡ଼ପଦର, ମାଳିଯୁବାଙ୍ଗ ଆଦି ପଞ୍ଚାୟତର ୨୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଲାଞ୍ଜିଗଡ ଶିଳ୍ପାଞ୍ଚଳ ସମେତ ହାଟ ବଜାର ଓ ଡାକ୍ତରଖାନା ପାଇଁ ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବାବେଳେ ରାସ୍ତା କିନ୍ତୁ ଲୋକଙ୍କୁ ଗମନାଗମନରେ ସୁବିଧା କରିବା ପରିବର୍ତ୍ତେ ବାଧା ସାଜି ଉଭା ହୋଇଛି। ଯାହାଫଳରେ ବିପଦସଂକୁଳ ଏହି ରାସ୍ତା ପାଇଁ ଜନସାଧାରଣଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର ଶିବରଞ୍ଜନ ସାହୁ କରିଥିବାବେଳେ ତାଙ୍କର ରକ୍ଷଣାବେକ୍ଷଣ ଅବଧି ସରିନାହିଁ। କିନ୍ତୁ ନିମ୍ନମାନର ରାସ୍ତା କାମ ଯୋଗୁଁ ଏହି ରାସ୍ତା ଅଧା ଦିନରେ ଉଜୁଡି ଯାଇଥିବାବେଳେ ଏହାର ମରାମତି ଓ ରକ୍ଷଣାବେକ୍ଷଣକୁ ସେ ନଜର ଅନ୍ଦାଜ କରିଚାଲିଛନ୍ତି। ଏପରିକି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ବାରମ୍ବାର ତାଗିଦ କରୁଥିଲେ ହେଁ ସେ ଖାତିର କରୁନଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଅସିତ ଖଟୁଆଙ୍କୁ ପଚାରିବାରୁ ସେ ଠିକାଦାରଙ୍କ ଅବହେଳାକୁ ସ୍ୱୀକାର କରିବା ସହିତ ପ୍ରତି ଦୁଇମାସରେ ଆମେ ଫଟୋ ଉଠେଇ ରାସ୍ତା ଖରାପ ଅଛି ବୋଲି ରିପୋର୍ଟ ଦେଉଛୁ କିନ୍ତୁ ସେ ଆଦୌ ଖାତିର କରୁନାହାନ୍ତି ବୋଲି କହିଛନ୍ତି। ସେହିପରି ଠିକାଦାର ଶ୍ରୀ ସାହୁଙ୍କ ଦ୍ୱାରା ନିର୍ମିତ ଏହି ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ଅବଧି ଶେଷ ହୋଇନଥିବାରୁ ଏଥିପାଇଁ ତାଙ୍କୁ ପୁଣି ତାଗିଦ କରାଯିବ ବୋଲି ଶ୍ରୀ ଖଟୁଆ କହିଛନ୍ତି।

## କାମରେ ଆସୁନି ସାମୂହିକ ଶୌଚାଳୟ

# ନିର୍ମାଣ ଦିନୁ ଝୁଲୁଛି ତାଲା

ଧର୍ମଗଡ, (ଭାସ୍କର ନ୍ୟୁଜ୍): ଦିନ କୁ ଦିନ ଧର୍ମଗଡ଼ ବ୍ଲକ ଛିଲିପା ତେଲ ନଦୀ ସ୍ଥିତ ଜେନା ଡଙ୍ଗରର ଆକର୍ଷଣୀୟ ବୃଦ୍ଧି ପାଉଛି। ତମାମ ବର୍ଷ ସାରା ଲୋକେ ଏଠାରେ ପିକ୍‌ନିକ୍ ମନେଇବାକୁ ଆସୁଥିବା ନଜର ରହିଛି। ଏହାର ଉନ୍ନତୀକରଣ ନିମନ୍ତେ ବିଭିନ୍ନ ଯୋଜନାରୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ ହୋଇଥିଲେ ହେଁ କାମ ନିମ୍ନ ମାନର ହୋଇଥିବା ଯୋଗୁଁ ତାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନ ଉଠିଛି। ତେବେ ଲୋକଙ୍କ ସମାଗମ ସବୁବେଳେ ଲାଗି ରହିଥିବା ବେଳେ ସାଧାରଣଙ୍କ ପାଇଁ ଏଠାରେ ନିର୍ମାଣ ହୋଇଛି ସାମୂହିକ ଶୌଚାଳୟ। ହେଲେ ନିର୍ମାଣ ଦିନରୁ ତାଲା ବନ୍ଦ ପଡିଥିବା ନଜିର ରହିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଲୋକେ ଏଠାରେ ବିଭିନ୍ନ ସମୟରେ ଶୌଚ ପାଇଁ ହଇରାଣ ହରକତ ହେଉଥିବାବେଳେ ବାଧ ହୋଇ ଖୋଲା ପଡ଼ିଆରେ ଶୌଚ କରୁଥିବା ଅଭିଯୋଗ ହେଉଛି। ବିଶେଷ କରି



ମହିଳାଙ୍କ କ୍ଷେତ୍ରରେ ନାହିଁ ଥିବା ଅସୁବିଧା ହେଉଥିଲେ ହିଁ ନିର୍ମାଣ ଶୌଚାଳୟ କେଉଁ ସ୍ୱାର୍ଥରେ ନିର୍ମାଣ ହୋଇଛି ପ୍ରଶ୍ନ ଉଠିଛି। ଗୋଟାଏ ଅଟେ ସ୍ୱଚ୍ଛ ଭାରତ ମିଶନକୁ ଅଗ୍ରାଧିକାର ଦିଆ ଯାଇ ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ପରିବେଶ ସମେତ ସ୍ୱଚ୍ଛତା ଆଣିବାକୁ ସରକାର ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଉଥିଲେ ହିଁ ସମ୍ପୃକ୍ତ ଠିକାଦାର ଓ ପ୍ରଶାସନର ଲୋଲୁପ ଦୃଷ୍ଟି ଯୋଗୁଁ ସଫଳ ହୋଇ ପାରୁନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ତାଲା ବନ୍ଦ ହୋଇଥିବା ଶୌଚାଳୟ ଖୋଲିବାକୁ ସାଧାରଣ ରେ ଦାବି ହେଉଛି।


**AFFIDAVIT**

By virtue of an affidavit sworn before The Executive Magistrate, Bhawaniptna, Kalahandi dated.16.4.25, I Preeti Kaur, Daughter of Nirmal Singh, at near Lalbahadur Shastri Stadium, ward no.01, Nuapada, Bhawanipatna, Po/PS. Bhawanipatna Town.Dist. Kalahandi, Odisha,Pin-766001, I do solemnly affirm and state an outh as follows:- That my correct name is Preeti Kaur, D/o Nirmal Singh, resident of ward no.01, Bhawanipatna, Kalahandi. That my correct name is Preeti Kaur which is mentioned in my ICSE 10th certificate, New Delhi and my Birth certificate no.2379,dt.27.3.2012, misc.no.282 dt.24.3.2012. That my name has been wrongly mentioned as Preeti Kour in my Adhaar Card in stead of my correct name is Preeti Kaur vide Adhaar card no.4447 8562 2424.


**Preeti Kaur**
**Deponent**


# ରାଶିଫଳ


**ଶନିବାର, ୧୯ ଏପ୍ରିଲ ୨୦୨୫**



**ମେଷ :** ଦିନଟି ଲାଭଦାୟକ ହେବ। ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଆଜିର ଦିନଟି ଭଲ ଆକାରରେ କଟିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ।




**ବୃଷ :** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ।




**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବ। ପାର୍ଟି ଏବଂ ପିକନିକ୍ ଉପଭୋଗ କରିବେ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରିପାରନ୍ତି। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।




**କର୍କଟ :** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ଅନାବଶ୍ୟକ ନକାରାତ୍ମକତା ଦେଖାଯିବ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ। ଯେ କୌଣସି ବ୍ୟକ୍ତିଙ୍କ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ।




**କନ୍ୟା :** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।




**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ।



**ମକର :** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ ।



**କୁମ୍ଭ:** ଆଜି ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ।



**ମୀନ :** ବ୍ୟବସାୟ ଲାଭଦାୟକ ହେବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଉପୁଜିପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ପ୍ରସ୍ତୁତି


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯